

ଭାରତୀୟ ଦଳରେ ଅନୁଷ୍କା ନୂଆ ମୁହଁ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-266 ◆WEDNESDAY ◆25 MARCH 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୬୬ ◆ବୁଧବାର ◆୨୫ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ମାଡ଼ିଆସୁଛି ମହାବିପଦ

## ବିଶ୍ୱକୁ ଅଚଳ କରିଦେବ ଶକ୍ତି ସଙ୍କଟ



**ପୁଣି ଘାରିଲାଣି ଲକ୍ ଡାଉନ୍ ଭୟ**

■ ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପୁଣି ଘାରିଲାଣି ଲକ୍ ଡାଉନ୍ ଭୟ। ଏଥର କୋଭିଡ୍-୧୯ ଭଳି କୌଣସି ଭୂତାଣୁ ପାଇଁ ନୁହେଁ, ବରଂ ଶକ୍ତି ସଙ୍କଟ ଯୋଗୁଁ ଏଭଳି ଆଶଙ୍କା ସୃଷ୍ଟି ହୋଇଛି। ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ତେଲ ଓ ଗ୍ୟାସର ଗୁରୁତର ସଙ୍କଟ ଦେଖାଦେଇଛି। ଯୁଦ୍ଧ ଯୋଗୁଁ ହରମୁଜ ସମୁଦ୍ର ପଥ ବନ୍ଦ ରହିଛି। ଫଳରେ ଉପସାଗରରୁ ବାହାରକୁ ଯାଇପାରୁନି ଅଶୋଧିତ ତୈଳ ଓ ଗ୍ୟାସ। ଏଭଳି ସ୍ଥିତି ଆଉ କିଛି ଦିନ ଲାଗି ରହିଲେ ଭାରତରେ ମଧ୍ୟ ଲକ୍ ଡାଉନ୍ ଲାଗିପାରେ ଏବଂ ଏହାକୁ ଏନର୍ଜି ଲକ୍ ଡାଉନ୍ ବୋଲି କୁହାଯିବ। ଅନ୍ୟ ଦେଶମାନଙ୍କରେ ଏଭଳି ଲକ୍ ଡାଉନ୍ ଆରମ୍ଭ ହୋଇଗଲାଣି।

ପାକିସ୍ତାନ, ବାଂଲାଦେଶ, ଥାଇଲାଣ୍ଡ, ଭିଏତନାମ ଏବଂ ଫିଲିପାଇନ୍ସରେ ପେଟ୍ରୋଲ ଓ ଡିଜେଲର ଉତ୍କଟ ଅଭାବ ଦେଖାଦେଇଥିବାରୁ ଅଫିସ କାର୍ଯ୍ୟଦିବସ ହ୍ରାସ କରାଯିବା ସହିତ ୱାର୍କ ଫ୍ରମ୍ ହୋମ୍ ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। ପରିବହନ ପାଇଁ ଉଦ୍ଦିଷ୍ଟ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ କରିବା ପାଇଁ ସ୍କୁଲ ଓ କଲେଜ ବନ୍ଦ କରି ଦିଆଯାଇଛି ଏବଂ ଅନଲାଇନ୍ କ୍ଲାସ କରାଯାଉଛି। ପାକିସ୍ତାନରେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ସପ୍ତାହକୁ ୪ ଦିନ କରି ଦିଆଯାଇଛି। ୫୦ ଭାଗ କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫିଲିପାଇନ୍ସ ଓ ଭିଏତନାମରେ ମଧ୍ୟ ଅନୁରୂପ କଟକଣା ଜାରି କରାଯାଇଛି। ଥାଇଲାଣ୍ଡରେ ଏସି ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। କେବଳ ଏତିକି ନୁହେଁ, ଅନାବଶ୍ୟକ ଯାତ୍ରା ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଉପସାଗରୀୟ ଅଞ୍ଚଳରେ ବିମାନ ଯାତ୍ରା ଉପରେ କଟକଣା ଜାରି କରାଯାଇଥିବା ଜଣାପଡ଼ିଛି। ୟୁରୋପ ସମେତ ଜାପାନ ଓ ଦକ୍ଷିଣ କୋରିଆରେ ମଧ୍ୟ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପରିସ୍ଥିତି ଏମିତି ହେଲାଣି ଯେ ସଙ୍କଟର ପ୍ରଭାବ ଆମେରିକାରେ ଅନୁଭୂତ ହେବା ଆରମ୍ଭ କଲାଣି। ଭାରତରେ ମଧ୍ୟ ଏଭଳି ପରିସ୍ଥିତିର ସାମନା କରିବାକୁ ଯାଉଛି। ଦେଶରେ ବିଦ୍ୟୁତର ଅଭାବ ନଥିଲେ ମଧ୍ୟ ହର୍ମୁଜ ବନ୍ଦ ରହିଲେ ପେଟ୍ରୋଲ, ▶ପୃଷ୍ଠା-୭

## ସତର୍କ କରାଇଲେ ମୋଦୀ




**ସର୍ବଦଳୀୟ ବୈଠକ ଆଜି**

■ ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ଯୁଦ୍ଧର ଭୟାବହତା ଏବଂ ଭାରତରେ ଉପରେ ପଡୁଥିବା ପ୍ରଭାବ ବିଷୟରେ ସତର୍କ କରାଇଛନ୍ତି। ସେ କହିଛନ୍ତି ଯେ ଯଦି ଆମେରିକା-ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହେ, ତେବେ ଏହାର ପରିଣାମ ଭୟାବହ ହେବ। ଆଗାମୀ ସମୟ ଦେଶର ସବୁଠାରୁ ବଡ଼ ପରୀକ୍ଷା ନେବ। ହର୍ମୁଜ ପ୍ରଣାଳୀରେ ଆମର ଜାହାଜ ଏବଂ ଭାରତୀୟ କ୍ରୁ ସଦସ୍ୟମାନେ ଫସି ରହିଛନ୍ତି। ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ଆମର ବାଣିଜ୍ୟିକ ମାର୍ଗ ପ୍ରଭାବିତ ହେଉଛି। ଗ୍ୟାସ୍, ତେଲ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଉପରେ ଏହାର ପ୍ରଭାବ ପଡ଼ିଛି। ଭାରତ କୂଟନୈତିକ ସ୍ତରରେ ଜାହାଜ ଚଳାଚଳ ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରୁଛି। ▶ପୃଷ୍ଠା-୭

**ଉପଭୋକ୍ତା ଆଶ୍ୱସ୍ତ**

## ବଢ଼ିବନି ବିଜୁଳି ଦର

### ତୃତୀୟ ପକ୍ଷ ଅଡିଟ୍ କରିବେ ସ୍ମାର୍ଟ ମିଟର



**ବିତରକ କମ୍ପାନୀଗୁଡ଼ିକର ହେବ ସିଏଜି ଅଡିଟ**

**ପ୍ରଶାସନିକ ଖର୍ଚ୍ଚ କାଟ କରିବାକୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୨୪।୩ (ସମିସ): ବିଜୁଳି ଗ୍ରାହକଙ୍କୁ ମିଳିଛି ଆଶ୍ୱସ୍ତି। ବିତରକ କମ୍ପାନୀଗୁଡ଼ିକ ବିଜୁଳି ଶୁଳ୍କ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଗ୍ରହଣ କରିନାହାନ୍ତି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ବ ପ୍ରଚଳିତ ଶୁଳ୍କ ଅପରିବର୍ତ୍ତିତ ରଖିବାକୁ ବିତରକ କମ୍ପାନୀଙ୍କୁ ଓଇଆରସି ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ନିର୍ଦ୍ଦେଶକ(ନିୟାମକ ବ୍ୟାପାର) ପ୍ରିୟବ୍ରତ ପଟ୍ଟନାୟକ ବିସ୍ତୃତ ସୂଚନା ଦେଇଛନ୍ତି। ରାଜ୍ୟରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ପାରଦର୍ଶିତା ଆଣିବାକୁ ଓଇଆରସି ଏକାଧିକ ପଦକ୍ଷେପ ନେଇଛନ୍ତି। ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ଏଣିକି ଆସନ୍ତା ଆର୍ଥିକ ବର୍ଷରୁ ବିଦ୍ୟୁତ ବିତରକ କମ୍ପାନୀ କରୁଥିବା ସମସ୍ତ ଖର୍ଚ୍ଚର ସିଏଜି ଅଡିଟ ହେବ। ଏଥିପାଇଁ ଆୟୋଗ ସରକାରଙ୍କୁ ସୁପାରିସ କରିଛନ୍ତି। ସେହିପରି ୫୦ ପ୍ରତିଶତରୁ ଅଧିକ କ୍ଷତି ସହୁଥିବା ଫିଡର ଗୁଡିକରେ ସ୍ମାର୍ଟ ମିଟର ଲଗାଇବାକୁ ମଧ୍ୟ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ବାଣିଜ୍ୟିକ ଓ ପରିବହନ କ୍ଷତି ଅଧିକ ହେଉଥିବା ଅଞ୍ଚଳରେ ଟ୍ରାନ୍ସଫର୍ମର ସହ ବିଦ୍ୟୁତ ବିତରକ କମ୍ପାନୀ ଗୁଡ଼ିକ ସ୍ମାର୍ଟ ମିଟର ଲଗାଇବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍ମାର୍ଟ ମିଟରର ଗୁଣବତ୍ତାକୁ ନେଇ ବିଭିନ୍ନ ଅଭିଯୋଗ ହେଉଥିବା ବେଳେ ଏନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଆୟୋଗ। ସ୍ମାର୍ଟ ମିଟରର ସଫ୍ଟୱେୟାର ଅଡିଟ ତୃତୀୟ ପକ୍ଷ କମ୍ପାନୀ ଦ୍ୱାରା କରାଯିବ। ଯାହାକୁ ସାଧାରଣ ମିଟର ସହ ମେଳ କରାଯିବ। ଏହାଦ୍ୱାରା ସ୍ମାର୍ଟ ମିଟରର ବିଶ୍ୱସନୀୟତାକୁ ନେଇ ଉଠୁଥିବା ପ୍ରଶ୍ନରେ ▶ପୃଷ୍ଠା-୭


SIKSHA 'O' ANUSANDHAN (DEEMED TO BE UNIVERSITY)

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Data Science)
- Computer Science and Engineering (Cyber Security)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through JEE-Main, Please visit: www.soa.ac.in


**ନବୀନଙ୍କ ସିଧା ନିଶାଣ**

## ଇସ୍ତଫା ଦିଅନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ

**ଘରୋଇ ହସ୍ପିଟାଲ ଘଟଣାରେ ଧାଡ଼ି ଲଗାଇଥିଲେ କେନ୍ଦ୍ରମନ୍ତ୍ରୀ**

**ଘଟଣାର ୯ ଦିନ ପରେ ଜଣେ ବି କେନ୍ଦ୍ରମନ୍ତ୍ରୀ ଗଲେନାହିଁ ଏସ୍‌ସିବି**

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରଖିବ ବିଜେଡ଼ି**



■ ଭୁବନେଶ୍ୱର, ୨୪।୩ (ସମିସ): ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହରେ ଲାଗି ରହିଛି ଅଚଳାବସ୍ଥା। ସରକାର କିଛି ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରି ହାତ ଝାଡ଼ି ବସିଛନ୍ତି। ମାତ୍ର ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଭାବରେ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ଅଟଳ ରହିଛନ୍ତି ବିରୋଧୀ। ପୂର୍ବରୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବାବେଳେ ଆଜି ପୁଣି ତାହାକୁ ଦୋହରାଇଛନ୍ତି। ବିଧାନସଭା ପରିସରରେ ଗଣମାଧ୍ୟମକୁ ନବୀନ କହିଛନ୍ତି ଯେ ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟଣାକୁ ୯ ଦିନ ବିତିଗଲାଣି। ଏଥିରେ ୧୩ ଜଣ ରୋଗୀଙ୍କର ହୃଦୟବିଦାରକ ମୃତ୍ୟୁ ହୋଇଛି। ବିଡ଼ମ୍ବନା ହେଉଛି, ରାଜ୍ୟରେ ଏତେବଡ଼ ଘଟଣାଟିଏ ଘଟିବା ସତ୍ତ୍ୱେ ଜଣେ ବି କେନ୍ଦ୍ରମନ୍ତ୍ରୀ କଟକସ୍ଥିତ ଏସ୍‌ସିବି ଯାଇ ନାହାନ୍ତି। ଆମ ସରକାର ସମୟରେ ଏକ ଘରୋଇ ହସ୍ପିଟାଲରେ ଅଗ୍ନିକାଣ୍ଡ ହୋଇଥିଲା। ସେହି ସମୟରେ ଓଡ଼ିଶାକୁ କେନ୍ଦ୍ରମନ୍ତ୍ରୀମାନଙ୍କର ଧାଡ଼ି ଛୁଟିଥିଲା। ଏକାଧିକ କେନ୍ଦ୍ରମନ୍ତ୍ରୀ ନିଆଁ ଲାଗିଥିବା ସେହି ଘରୋଇ ହସ୍ପିଟାଲକୁ ଯାଇଥିଲେ। ମାତ୍ର ଏବେ ସେମାନେ କୁଆଡ଼େ ଗଲେ ? ଏସ୍‌ସିବି ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ରୋଗୀମାନଙ୍କ ପାଇଁ ଏ ସରକାର କେତେ ପରିମାଣରେ ଚିନ୍ତିତ ତାହା ଏହାକୁ ପ୍ରମାଣିତ କରିଛି। ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନିଅନ୍ତୁ ଓ ନିଜ ପଦରୁ ଇସ୍ତଫା ଦିଅନ୍ତୁ। ଏହି କଥାକୁ ମୁଁ ବାରମ୍ବାର ଦୋହରାଉଛି ଓ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଏହି ଦାବି କରି ଚାଲିଥିବି ବୋଲି ନବୀନ କହିଛନ୍ତି। ଯେ ପର୍ଯ୍ୟନ୍ତ ସରକାର ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ ନ କରିଛନ୍ତି ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ନ ଦେଇଛନ୍ତି; ସେ ପର୍ଯ୍ୟନ୍ତ ବିଜେଡି ପ୍ରତିବାଦ ଜାରି ରଖିବ ବୋଲି ନବୀନ ଚେତାଇ ଦେଇଛନ୍ତି।

**ସୁପ୍ରିମକୋର୍ଟଙ୍କ ରାୟ**

## ଧର୍ମ ବଦଳାଇଲେ ମିଳିବନି ଅନୁସୂଚିତ ଜାତି ମାନ୍ୟତା



**କେବଳ ହିନ୍ଦୁ, ବୌଦ୍ଧ, ଶିଖ ଏସ୍‌ସି ଜାତିର ଦାବି କରିପାରିବେ**

■ ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ସୁପ୍ରିମକୋର୍ଟ ଆଜି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କେବଳ ହିନ୍ଦୁ, ଶିଖ୍ ଏବଂ ବୌଦ୍ଧ ଧର୍ମର ଲୋକେ ଅନୁସୂଚିତ ଜାତି (ଏସ୍‌ସି) ମାନ୍ୟତା ପାଇପାରିବେ ବୋଲି କହିଛନ୍ତି। ଯଦି କେହି ଧର୍ମ ବଦଳାଇ ଖ୍ରୀଷ୍ଟିଆନ କିମ୍ବା ଅନ୍ୟ କୌଣସି ଧର୍ମ ଆପଣାନ୍ତି ତେବେ ସେ ଏସ୍‌ସି ମାନ୍ୟତା ହରାଇବେ। ୨୦୨୫ ମେ'ର ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟ ବିରୋଧରେ ଚିନ୍ଥଦା ଆନନ୍ଦ ଦାଏର କରିଥିବା ଆବେଦନ ଶୁଣାଣି କରି ଜଷ୍ଟିସ ପିକେ ମିଶ୍ରା ଏବଂ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଖ୍ରୀଷ୍ଟିଆନ ଧର୍ମ ଆପଣାଇ ଥିବା ଦଳିତ ବ୍ୟକ୍ତି ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅତ୍ୟାଚାର ନିରୋଧୀ ଆଇନ ଅଧୀନରେ ସଂରକ୍ଷଣ ପାଇଁ ଦାବି କରିପାରିବେ ନାହିଁ। ପୁଣିଥିରେ ଏହି ଅଧିକାର ପ୍ରାପ୍ତ କରିବା ପାଇଁ ସୁପ୍ରିମକୋର୍ଟ ତିନୋଟି ସର୍ତ୍ତ ମଧ୍ୟ ▶ପୃଷ୍ଠା-୭

## ସର୍ତ୍ତ ସହ ଯୁଦ୍ଧ ବନ୍ଦ ପାଇଁ ଇରାନ ସହମତ

■ତେହରାନ, ୨୪।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ଲାଗି ବଡ଼ ଧରଣର ଉଦ୍ୟମ ଆରମ୍ଭ ହୋଇଛି। ଗତକାଲି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଏହି ସୂଚନା ଦେଇଥିବା ବେଳେ ଆଜି ଇରାନ ମଧ୍ୟ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ଜଣାଇଛି। ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇ ଆମେରିକା ସହ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କେତେକ ସର୍ତ୍ତ ସହିତ ଯୁଦ୍ଧକୁ ଶୀଘ୍ର ଶେଷ କରିବା ପାଇଁ ଖାମନେଇ ସହମତି ପ୍ରକାଶ କରିଛନ୍ତି। ଇରାନର ବିଦେଶ ମନ୍ତ୍ରୀ ଅବାସ ଆରାଘଚି ଏନେଇ ମଧ୍ୟସ୍ଥି ଜରିଆରେ ଆମେରିକୀୟ ଦୂତ ଷ୍ଟିଭ୍ ୱିଟକଫଙ୍କୁ ସୂଚନା ଦେଇଛନ୍ତି। ସୁପ୍ରିମ ଲିଡର ଆଲୋଚନା ପାଇଁ ଅନୁମତି ଦେଇଥିବା ସେ କହିଛନ୍ତି। 'ଅଲ ଆରବିୟା' ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଇରାନର ପାୱାର ପ୍ଲାଣ୍ଟ ଏବଂ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣକୁ ୫ ଦିନ ପାଇଁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ। ଇରାନର ଜଣେ ବରିଷ୍ଠ ଅଧିକାରୀଙ୍କ ସହ ଚାଲିଥିବା ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରମ୍ପ କହିଥିଲେ। ଏହି ଅବଧି ମଧ୍ୟରେ ଇରାନ ସହ ଚୁକ୍ତି ହେବ ବୋଲି ଉଲ୍ଲେଖ କରିଥିଲେ। ମାତ୍ର ଇରାନ ଏଭଳି କୌଣସି ଆଲୋଚନାକୁ ହୋଇନାହିଁ ବୋଲି କହିଥିଲା। ଅନ୍ୟପକ୍ଷରେ ମିଳିଥିବା ଖବର ଅନୁଯାୟୀ ଇଜିପ୍ଟ, ତୁର୍କୀ ସହ ମିଶି ଇରାନ ଏବଂ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରିବାକୁ ପାକିସ୍ତାନ ପ୍ରୟାସ କରୁଛି। ▶ପୃଷ୍ଠା-୭

**ଆମେରିକା ସହ ଆଲୋଚନା ପାଇଁ ମୋଜତବା ପ୍ରସ୍ତୁତ**

**ମଧ୍ୟସ୍ଥତା କରିବାକୁ ପାକିସ୍ତାନର ଉଦ୍ୟମ**

**ମୋଦୀଙ୍କ ସହ କଥା ହେଲେ ଟ୍ରମ୍ପ**

**କ୍ଷେପଣାସ୍ତ୍ର ଭଣ୍ଡାରରେ ଭିଡିଓ ଜାରି କଲା ଇରାନ**


Hero

ବୁଝାବଣା ନାହିଁ, କେବଳ ନୂଆ HF-Deluxe



₹66,092* HF DELUXE SELF START ନୂଆ ଏକ୍ସ ଶୋରୁମ ମୂଲ୍ୟ

INDIA'S FIRST 5 YEAR WARRANTY *Conditions apply | କମ ଡାଉନ୍ ପେମେଣ୍ଟ ₹4,999* | କର୍ପୋରେଟ୍ ଅଫର୍ସ ₹1,800# ପର୍ଯ୍ୟନ୍ତ | ସୁଧର ହାର 7.99%* | Hero GoodLife Stand a chance to win Gold and Silver Coins and many more assured benefits* | TOLL FREE 1800 266 0018

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. *Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. #To avail corporate offer employee ID card is mandatory. *Scratch & Win Hero GoodLife Program. T&C Apply. *Ex-Showroom Price of Hf Deluxe Self Start in Bhubaneswar.

Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Jagatsinghpur: Sunny Autobikes - 9289233592, Angul: Parbati Hero - 9289922902, Balasore: Neelam Hero - 9289922519, Baripada: Aditya Hero - 9289922585, Bhadrak: Sanjib Hero - 9289922608, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Jaleswar: Sai Hero - 9289922844, Jatni: Vishal Hero - 9289922984, Keonjhar: Supreme Hero - 9289922182, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Behrampur: Lakshmi Motors - Dharma Nagar - 9289922184, Jeypore: Supreme Hero - 9289922183, Phulbani: Narayani Hero - 9289922991, Raygada: Ajit Hero - 9289922819, Bargarh: Aakash Hero - 9289922181, Bhawanipatna: Arundhati Hero - 9289922837, Bolangir: Arundhati Hero - 9289923033, Jharsuguda: Vijaylaxmi Hero - 9289922595, Rourkela: Dua Hero - 9289922179, Sambalpur: Sri Shyam Hero - 9289922484, Sonepur: Jai Jawan Hero - 9289922800, Sundergarh: Robotech Hero - 9289923063, Dhenkanal: Som Hero - 9289922614, Talcher: Tarini Hero - 9289922736.
Authorized HeroSure Dealers: Bhubaneshwar: Arundhati Motobikes - 7682841658, Rourkela: Dua Motors - 6372753989, Jeypore: Supreme Sales - 8144822656.

VML.5794.2025ODI

# ଚନ୍ଦକା ଥାନାରେ ରକ୍ତାକ୍ତ ସଂଘର୍ଷ; ଟାଙ୍ଗୀ ଥାନା ରଣକ୍ଷେତ୍ର

## ବଡ଼ ଭାଇକୁ ବ୍ଲେଡ୍‌ରେ କାଟିଲା ସାନ

ଭୁବନେଶ୍ୱର, ୨୪।୩ (ସମିସ): ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦ ଉଗ୍ରରୂପ ନେଇଛି। ଜମିବାଡ଼ି ବିବାଦରୁ ବଡ଼ ଭାଇକୁ ବ୍ଲେଡ୍‌ରେ ଆକ୍ରମଣ କରିଛି ସାନ। କେଉଁ ଗଳି କନ୍ଦିରେ ନୁହେଁ, ଖୋଦ୍ ପୁଲିସ ଉପସ୍ଥିତିରେ ଥାନା ଭିତରେ ଘଟିଛି ଏଭଳି ଘଟଣା। ଚନ୍ଦକା ଥାନା ଭିତରେ ଘଟିଥିବା ଏହି ଘଟଣା ରାଜଧାନୀର ଆଇନଶୃଙ୍ଖଳାକୁ ପଦାରେ ପକାଇବା ସହ କମିସନରେଟ୍ ପୁଲିସର 'ୱି କେୟାର ୱି ଡେୟାର୍' ନାରା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୩ଦିନ

### ପୁଲିସ ଦେଖଣାହାରୀ; ଭିଡିଓ ଭାଇରାଲ ପରେ ସଫେଇ

ଧରି ଘଟଣାକୁ ଚାପିବାକୁ ଉଦ୍ୟମ କରିଥିବା ବେଳେ ଭିଡିଓ ଭାଇରାଲ ପରେ ଏବେ ସଫେଇ ଦେଇଛି ପୁଲିସ।

ଅଭିଯୋଗ ଅନୁଯାୟୀ, ଦାରୁଠେଙ୍ଗର ପୀତବାସ ପାଲଟାସିଂହ ଦୁଇଟି ବିବାହ କରିଛନ୍ତି। ପ୍ରଥମ ପତ୍ନୀଙ୍କ ପୁଅ ସମୀର ଓ ଦ୍ୱିତୀୟ ପତ୍ନୀଙ୍କ ପୁଅ ସାଗର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ପୂର୍ବରୁ ମଧ୍ୟ ଦୁଇ ଭାଇ ଏକାଧିକଥର ହାତାହାତି ହୋଇଥିଲେ। ଗତ ଶନିବାର ରାତିରେ ମଧ୍ୟ ସେହି ଜମି ଭାଗବଣ୍ଟାକୁ ନେଇ ସମୀର ଓ ସାଗରଙ୍କ ମଧ୍ୟରେ ବଚସା ହୋଇଥିଲା। ଧୀରେଧୀରେ ଦୁଇଜଣ ହାତାହାତି ହେବା ସହ ମାରପିଟ୍ ହୋଇଥିଲେ। ସାଗର ଧାରୁଆ ଅସ୍ତ୍ରରେ ସମୀରଙ୍କ ଡାହାଣ ହାତକୁ ଆକ୍ରମଣ କରିଥିଲା। ଏଥିରେ ସମୀରଙ୍କ ଡାହାଣ ହାତ କଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା।

ରାତି ପ୍ରାୟ ସାଢ଼େ ୧୧ଟା ବେଳକୁ ପ୍ରଥମେ ସମୀର, ତାଙ୍କ ପତ୍ନୀ ଓ ଅନ୍ୟ ସମ୍ପର୍କୀୟମାନେ ଚନ୍ଦକା ଥାନାରେ




ପହଞ୍ଚିଥିଲେ। ଏହାର କିଛି ସମୟ ପରେ ଦ୍ୱିତୀୟ ପକ୍ଷ ବା ସାଗର ଓ ତାଙ୍କ ସମ୍ପର୍କୀୟ ମଧ୍ୟ ପହଞ୍ଚିଥିଲେ। ପୁଲିସ ଉପସ୍ଥିତିରେ ସାଗର ଥାନା ଭିତରେ ସମୀରଙ୍କୁ ଗାଳିଗୁଲଜ କରିଥିଲା। କେହି କିଛି ବୁଝିବା ଆଗରୁ ସମସ୍ତେ ସମୀରଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ସାଗର ଏହାରି ଭିତରେ ସମୀରଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିଥିଲା। ସମୀର ବଞ୍ଚିବାକୁ ଉଦ୍ୟମ କରୁଥିବା ବେଳେ ସେ ବାରମ୍ବାର ଆକ୍ରମଣ କରି ଚାଲିଥିଲା।

ଉଦ୍‌ବେଗଜନକ କଥା ହେଲା ଏସବୁ ପୁଲିସ ଉପସ୍ଥିତିରେ ଘଟିଥିଲା। ପୁଲିସ ଛଡ଼ାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନଥିଲା। କିଛି ସମୟ ପରେ ସବୁ କିଛି ନିୟନ୍ତ୍ରଣକୁ ଆସିଥିଲା। ରାଜଧାନୀର ଏକ ଥାନାରେ ଏଭଳି ଘଟଣା ଘଟିବା ଓ ପୁଲିସ ଦର୍ଶକ ଭଳି ବସି ଦେଖିବା, ପୁଲିସର ପାରିବାପଣିଆକୁ ପଦାରେ ପକାଇ ଦେଇଛି। ସେପଟେ, ଗତ ରବିବାର ଦିନ ପୁଲିସ ସାଗର, ସମୀର ସମେତ ଦୁଇ ପକ୍ଷର ୧୩ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ୩ଜଣ ମହିଳା ରହିଛନ୍ତି। ହେଲେ ଏ ସଂକ୍ରାନ୍ତୀୟ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସମୀରଙ୍କୁ ଆକ୍ରମଣ ସମୟରେ ପୁଲିସ କର୍ମଚାରୀମାନେ ଉପସ୍ଥିତି ଥିବା ସ୍ପଷ୍ଟ ଦେଖାଯାଉଛି। ଭିଡିଓ ଭାଇରାଲ ହେବା ପରେ ସଫେଇ ଦେଇଛି ପୁଲିସ। ଥାନା ପରିସରରେ ଛୁରାମାଡ଼ ହୋଇନାହିଁ, ସେମାନେ କେବଳ ଠେଲାପେଲା ହୋଇଥିଲେ ବୋଲି ପୁଲିସ କହିଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି, ପୁଲିସ ଉପସ୍ଥିତିରେ ଘଟିଥିବା ଏହି ଘଟଣାରେ କାହାରି ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯାଇନଥିବା ବେଳେ ଓଲଟି ସଫେଇ ଦେଉଛି।

## ପୁଲିସ ଲାଠିମାଡ଼ରେ ୧୦ ମହିଳା ଆହତ

ଟାଙ୍ଗୀ, ୨୪।୩ (ସମିସ): ଜଣେ ଅଭିଯୁକ୍ତକୁ ଛାଡ଼ିବା ଦାବିରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ପରିସର ରଣକ୍ଷେତ୍ର ପାଲଟିଛି। ପୁଲିସର ଲାଠି ମାଡ଼ରେ ୧୦ରୁ ଊର୍ଦ୍ଧ୍ୱ ମହିଳା ଆହତ ହୋଇଥିବା ବେଳେ ଉତ୍ତ୍ୟକ୍ତ ଲୋକଙ୍କ ପଥର ମାଡ଼ରେ ଆଇଆଇସିଙ୍କ ସହ ଦୁଇ ଏସ୍ଆଇ ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ଟାଙ୍ଗୀ ଥାନା ବୃଷବନ୍ଧ ପାହାଡ଼ରେ ବାରମ୍ବାର ବେଆଇନ ବ୍ଲାଷ୍ଟିଂ ଯୋଗୁଁ କୁଞ୍ଜୁରୀ ପଞ୍ଚାୟତ ଆଡିଆପଡ଼ା ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଏ ସଂପର୍କରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ହେଁ କୌଣସି ପ୍ରତିକାର ନ ହେବାରୁ ଏହାକୁ

### ଉତ୍ତ୍ୟକ୍ତଲୋକଙ୍କ ପଥର ମାଡ଼ରେ ଆଇଆଇସି ଓ ଦୁଇ ଏସ୍ଆଇ ଆହତ

ନେଇ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଥିଲା। ଏହି ଗଣ୍ଡଗୋଳକୁ ନେଇ ଆଡିଆପଡ଼ାର ଜଣେ ଠିକାଦାର ବସନ୍ତ ମହାରଥୀଙ୍କ ବିରୋଧରେ ୪ଟି ମକଦ୍ଦମା ରହିଥିଲା। ଆଜି ପୁଲିସ ତାଙ୍କୁ ଉଠାଇ ଆଣିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଗିରଫଦାରୀର ପ୍ରତିବାଦ ଏବଂ ବସନ୍ତଙ୍କୁ ଛାଡ଼ିବା ଦାବିରେ ଆଜି ଅପରାହ୍ଣ ପ୍ରାୟ ୪ଟାରେ ଆଡିଆପଡ଼ାର ଶତାଧିକ ମହିଳା ଟାଙ୍ଗୀ ଥାନା ଭିତରେ ପଶି ଧାରଣା ଦେଇଥିଲେ। ଏହି ସମୟରେ ପୁଲିସ ସହ ସେମାନଙ୍କ ଧସ୍ତାଧସ୍ତି ହେବାରୁ ଦୁଇ ମହିଳା ସତ୍ୟ ଦାସ ଓ ଜ୍ୟୋତ୍ସ୍ନା ମହାରଥୀ ଅଚେତ ହୋଇପଡ଼ିଥିଲେ। ଏହାଦେଖି ବିକ୍ଷୋଭରତ ଅନ୍ୟ ମହିଳାମାନେ ରାଗି ଯାଇଥିଲେ ଏବଂ ସେମାନେ ପୁଲିସକୁ ଅତର୍କିତ ଭାବେ ପାଣି ପାଉଚ୍ ମାଡ଼ କରିବା ଆରମ୍ଭ କରିଦେଇଥିଲେ। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବାରୁ ଆଇଆଇସି ରବୀନ୍ଦ୍ର ଭୁଜବଳଙ୍କ ସମେତ ସମସ୍ତ ପୁଲିସ ଅଫିସର୍ ଓ କର୍ମଚାରୀ ଲାଠି ଚାର୍ଜ କରିଥିଲେ। ଦୁଇଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ଥାନା ପରିସରରୁ ହଟାଇବା ପାଇଁ ଲାଠି ଧରି ଗୋଡ଼ାଇଥିଲେ। ଏହାର ଜବାବରେ ଗ୍ରାମବାସୀମାନେ ମଧ୍ୟ ପୁଲିସକୁ ପଥରମାଡ଼ କରିଥିଲେ।



ପୁଲିସ ମାଡ଼ରେ ଗ୍ରାମର ବସନ୍ତ ଦାସଙ୍କ ପତ୍ନୀ ସତ୍ୟ, ମାଟିଆ ଦାସଙ୍କ ପତ୍ନୀ ସଂଜୁକ୍ତା, ଗଣେଶ ମହାରଥୀଙ୍କ ପତ୍ନୀ କୌଶଲ୍ୟା, ବ୍ରଜବନ୍ଧୁ ସାମନ୍ତସିଂହାରଙ୍କ ପତ୍ନୀ ଝରଣା, ଛେତ ସାମସଲଙ୍କ ପତ୍ନୀ ପ୍ରେମି ଦେଈଙ୍କ ସମେତ ୧୦ରୁ ଅଧିକ ମହିଳା ଆହତ ହୋଇଛନ୍ତି। ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କିଛି ପୁରୁଷ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ, ଉତ୍ତ୍ୟକ୍ତ ଲୋକଙ୍କ ପଥରମାଡ଼ରେ ଆଇଆଇସି ଶ୍ରୀ ଭୁଜବଳ, ସବ୍-ଇନସପେକ୍ଟର୍ ଏସ୍.କେ ମୁର୍ମୁ, ସବ୍-ଇନସପେକ୍ଟର୍ ଆର୍.କେ ମହାକୁଡ଼, ହୋମଗାର୍ଡ ରାଜେନ୍ଦ୍ର ବିଶ୍ୱାଳ ଆହତ ହୋଇଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଉଚ୍ଚପଦସ୍ଥ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି।

# ସେବାଶ୍ରମରେ ଜଣ୍ଡିସ; ୪୦ ଶିଶୁ ଆକ୍ରାନ୍ତ

ଆଠଗଡ଼, ୨୪।୩ (ସମିସ): ଆଠଗଡ଼ ନିକଟବର୍ତ୍ତୀ ଉତ୍ତରବାଙ୍କୀ ବ୍ଲକ୍ କଦଳୀବାଡ଼ି ଗ୍ରାମରେ ଜଣ୍ଡିସ ଏବେ ମହାମାରୀର ରୂପ ନେବାକୁ ବସିଛି। ୧୫ଦିନ ମଧ୍ୟରେ କଦଳୀବାଡ଼ି ସେବାଶ୍ରମରେ ପଢୁଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଶିଶୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଚାଲିଥିବା ସମୟରେ ଏଭଳି ସଂକ୍ରମଣ ବ୍ୟାପିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି।

ସୂଚନାନୁଯାୟୀ, ଆକ୍ରାନ୍ତ ପିଲାମାନଙ୍କୁ ପ୍ରଥମେ ଜ୍ୱର ହୋଇଥିଲା ଏବଂ ପରେ ଏହା ସଂକ୍ରମଣ ଜନିତ ଜଣ୍ଡିସର ରୂପ ନେଇଥିଲା। ବର୍ତ୍ତମାନ ସୁଦ୍ଧା ୩ଜଣଙ୍କ କ୍ଷେତ୍ରରେ ଜଣ୍ଡିସ ସଂକ୍ରମଣ ହୋଇଥିବା ସ୍ପଷ୍ଟ ହୋଇଥିବା ବେଳେ ଆସନ୍ତାକାଲି (ବୁଧବାର) ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କର ବିଧିବଦ୍ଧ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି। ସ୍ଥିତି ବିଗିଡ଼ିବା ପରେ ଆଜି ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧିଦଳ କଦଳୀବାଡ଼ିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କଦଳୀବାଡ଼ି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାଗରିକା ପ୍ରିୟଦର୍ଶିନୀ ରାୟ, ଏଏନଏମ୍ ଜୟମନ୍ତୀ ଲାକ୍ରା ଏବଂ ଆଶାକର୍ମୀ ଜୟନ୍ତୀ ରାଉତ ପ୍ରମୁଖ ଗ୍ରାମରେ ପହଞ୍ଚି



ଆକ୍ରାନ୍ତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅଭିଭାବକମାନଙ୍କ ସହ ଆଲୋଚନା କରିଛନ୍ତି।

ପ୍ରଦୂଷିତ ପାନୀୟ ଜଳ କିମ୍ବା ବାହାର ଫାଷ୍ଟଫୁଡ୍ ଖାଇବା ଯୋଗୁଁ ଏହି ସଂକ୍ରମଣ ହୋଇଥାଇପାରେ ବୋଲି ବିଭାଗ ପକ୍ଷରୁ ପ୍ରାଥମିକ ଅନୁମାନ କରାଯାଉଛି। ଜଳ ସଂକ୍ରମଣ ଅଭିଯୋଗ ପରେ ଜନସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ବିଭାଗୀୟ ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ରାଉତରାୟଙ୍କ ସୂଚନା ଅନୁଯାୟୀ, ବିଦ୍ୟାଳୟରେ ବ୍ୟବହୃତ ହେଉଥିବା ଗଭୀର ନଳକୂପ ଓ ଖୋଲା କୂଅ ସମେତ ଗ୍ରାମର ପାଣି ଟାଙ୍କିରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ରାଜ୍ୟ ଲାବୋରେଟୋରୀକୁ ପଠାଯାଇଛି। ସ୍ୱଜଳ ଧାରା ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପାନୀୟଜଳର ବିଶୋଧନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତେବେ ବିଦ୍ୟାଳୟରେ ଆକ୍ୱାଗାର୍ଡ ଥାଇ ମଧ୍ୟ ସଠିକ୍ ଭାବେ କାମ କରୁଛି କି ନାହିଁ, ତାହା ଏବେ ତଦନ୍ତ ସାପେକ୍ଷ। ଛୋଟଛୋଟ ପିଲାମାନେ ଜଣ୍ଡିସ୍ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଥିବାରୁ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସ୍ଥିତି ଅଧିକ ସାଙ୍ଘାତିକ ହେବା ପୂର୍ବରୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହ ପାନୀୟ ଜଳର ଶୁଦ୍ଧତା ସୁନିଶ୍ଚିତ କରିବାକୁ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

**ଚୈତ୍ରରୁ ଶୁଷ୍କ ନଦୀ ଶଯ୍ୟା**

# କମୁଛି ଭୂତଳ ଜଳସ୍ତର, ଆଗକୁ ବଡ଼ ସଂକଟ

ବଲାଙ୍ଗିର, ୨୪।୩ (ସମିସ): କଥାରେ ଅଛି ଜଳ ବହୁଳେ ସୃଷ୍ଟି ନାଶ ପୁଣି ଜଳ ବିହୁନେ ସୃଷ୍ଟି ନାଶ। ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରେ ଜଳକୁ ନେଇ ବିକଟ ସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ଆଗକୁ ବିପଦ ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ସମୟ ପୂର୍ବରୁ ନଦୀ ଶୁଖି ମରୁଭୂମି ପାଲଟି ଯାଇଥିବା ବେଳେ ବର୍ଷକୁ ବର୍ଷ ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଏହା ଆଗକୁ ଜିଲ୍ଲା ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ସେହିପରି ଭୂତଳ ଜଳସ୍ତର କ୍ଷମତା ବଢ଼ାଇବାକୁ ଯଦି ଉଦ୍ୟମ କରା ନ ଯାଏ, ଏହି ସମସ୍ୟା ଆହୁରି ଜଟିଳ ହେବାର ଆଶଙ୍କା ପ୍ରକାଶ ପାଇଛି। ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ଜିଲ୍ଲା ଦେଇ ବହିଯାଇଥିବା ପ୍ରାୟ ସମସ୍ତ ଛୋଟବଡ଼ ନଦୀର ପାଣି ଶୁଖି ସାରିଥିବା ବେଳେ ପାଣି ବଦଳରେ ବାଲି ଯୋଗୁଁ ମରୁଭୂମିର ଭ୍ରମ ସୃଷ୍ଟି କରୁଛି।

ସୂଚନାନୁସାରେ, ବଲାଙ୍ଗିର ଜିଲ୍ଲା ଦେଇ ଅନେକ ଛୋଟ ବଡ ନଦୀ ବହିଯାଇଛି। ତେଲ, ଅଙ୍ଗ, ସୁକତେଲ, ଉନ୍ଦେର, ସୋନଗଡ, ଲାନ୍ଥ, ସାଲେସିଂ ନଦୀ ପ୍ରବାହିତ ହୋଇଥିବା ବେଳେ ଏହାର ଅନେକ ଶାଖା ନଦୀ, ନାଳ ମଧ୍ୟ ରହିଛି। ପର୍ବତରୁ ବର୍ଷା ସମୟରେ ବହି ଆସୁଥିବା ଜଳସ୍ରୋତରେ ସୃଷ୍ଟି ହୋଇଥିବା ଅନେକ ଛୋଟ ନାଳ ମଧ୍ୟ ରହିଛି। ବର୍ତ୍ତମାନ ଗ୍ରୀଷ୍ମ ଆରମ୍ଭ ହୋଇଥିବା ବେଳେ ଏହାର ତିନି ଚାରି ମାସ ପୂର୍ବରୁ ଏହିସବୁ ନଦୀ, ନାଳଗୁଡ଼ିକ ଶୁଖିଲା ପଡ଼ିଛି। କୌଣସି ବି ନଦୀ କିମ୍ବା ନାଳରେ ସାମାନ୍ୟ ଛୋଟସ୍ରୋତକୁ ଛାଡ଼ି ଦେଲେ ପାଣିର ଚିହ୍ନବର୍ଣ୍ଣ ନାହିଁ। ପ୍ରାୟତଃ ଏହି ନଦୀଗୁଡ଼ିକର ପାଣି ଫେବୃୟାରୀ ଶେଷ ଆଡ଼କୁ ଶୁଖିବା କଥା; କିନ୍ତୁ ଚଳିତବର୍ଷ



ଡିସେମ୍ବର ପୂର୍ବରୁ ହିଁ ପାଣି ଶୁଖିଯାଇଥିବା ଦେଖିବାକୁ ମିଳିଛି। ବିଗତ କିଛି ବର୍ଷ ହେଲା ଏହି ସମସ୍ୟା ଦେଖାଦେଉଥିବା ବେଳେ ଏହି ନଦୀଗୁଡ଼ିକର ଭୂତଳ ଜଳସ୍ତର କମି କମି ଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ଫଳରେ ଏହି ନଦୀଗୁଡ଼ିକରୁ ନିକଟସ୍ଥ ଗାଁଗୁଡ଼ିକୁ ଯାଇଥିବା ପାନୀୟଜଳ ପ୍ରକଳ୍ପ ଲୋକଙ୍କ ଶୋଷ ମେଣ୍ଟାଇବାରେ ବିଫଳ ହେଉଛି। ଅଧାରୁ ଅଧିକ ପାନୀୟ ଜଳ ପ୍ରକଳ୍ପ ଫେଲ୍ ମାରିଛି।

ଗତ କିଛି ଦିନ ତଳେ ସୁକତେଲ ନଦୀରେ ଭୂତଳ ଜଳସ୍ତର କ୍ଷମତା ବଢ଼ାଇବା ପାଇଁ ଛତାମଖନାଠାରେ ଏକ ବ୍ୟାରେଜ ନିର୍ମାଣ କରାଯାଇଥିଲା। ଏହି ବ୍ୟାରେଜ୍ ଦ୍ୱାରା ଜଳ ସଂରକ୍ଷଣ ହେବା ସହିତ ମାଟିତଳର ଆର୍ଦ୍ରତାକୁ ବଢ଼ାଇବ ବୋଲି ବୈଷୟିକ ଅଧିକାରୀମାନେ କହିଥିଲେ। ଏଥିରେ କିଛି ପରିମାଣର ସଫଳତା ମିଳିଛି। ଏହି ବ୍ୟାରେଜ ଭଳି ଜିଲ୍ଲା ପାଇଁ ମଞ୍ଜୁର ହୋଇଥିବା ଅନ୍ୟ ବ୍ୟାରେଜ କାମ ସରକାରୀ ଚକ୍ରାନ୍ତରେ ଫସି ରହିଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲା ଏକ ଶୁଷ୍କ ଜିଲ୍ଲା ହୋଇଥିବାରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଭୂତଳ ଜଳ ସଂରକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଏହାସହ ଜିଲ୍ଲାରେ ଥିବା ପ୍ରାୟ ସମସ୍ତ ନଦୀ ନାଳରେ ବର୍ଷା ସମୟରେ ପାଣି ଉଛୁଳୁଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ। କିନ୍ତୁ ଏହାର କିଛି ମାସ ଭିତରେ ସେହି ପାଣି ବୋହି ଯାଉଥିବା ବେଳେ ଏହାକୁ ସଂରକ୍ଷଣ କରି ରଖିବାର ମଧ୍ୟ ବ୍ୟବସ୍ଥା କରିବାର ନିହାତି ଆବଶ୍ୟକତା ରହିଛି। ଅବଶ୍ୟ ଜିଲ୍ଲାର ଏହି ସମସ୍ୟାକୁ କେତେକାଂଶରେ ଲୋୟର ସୁକତେଲ ପ୍ରକଳ୍ପ ସୁଧାର ଆଣିପାରେ; କିନ୍ତୁ ତାକୁ ମଧ୍ୟ ବିଭିନ୍ନ ସମସ୍ୟା ଦେଖାଇ ପ୍ରକଳ୍ପରେ ପାଣି ସଂରକ୍ଷଣ କରାଯାଉନାହିଁ।

**ଏସ୍‌ସିବି ଡିନ୍ ଓ ଅଧ୍ୟକ୍ଷଙ୍କୁ ବରଖାସ୍ତ**

# ଡାକ୍ତର ସଂଘ ଖଡ୍ଗହସ୍ତ

ଭୁବନେଶ୍ୱର, ୨୪।୩(ସମିସ): ଏସ୍‌ସିବି ମେଡିକାଲ୍ କଲେଜ୍‌ରେ ଅଗ୍ନିକାଣ୍ଡ ଘଟଣା ପରେ ଭାରପ୍ରାପ୍ତ ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ମାତ୍ର ଘଟଣାରେ କୌଣସି ସମ୍ପୃକ୍ତି ନ ଥିବା ପ୍ରିନ୍ସପାଲ ତଥା ଡ଼ିନ୍ ପ୍ରଫେସର ଲୁସି ଦାସଙ୍କୁ ବରଖାସ୍ତ କରି ଅନ୍ୟ ବିଭାଗକୁ ବଦଳିକୁ ଗ୍ରହଣ କରିପାରି ନାହିଁ ଡ଼ାକ୍ତର ସଂଘ। ଏହି ନିଷ୍ପତ୍ତି ପ୍ରମାଣ ଆଧାରିତ ନୁହେଁ ଓ ତରବରିଆ ଭାବରେ ସରକାର ଏକ ତ୍ରୁଟିପୂର୍ଣ୍ଣ ପଦକ୍ଷେପ ନେଇଥିବା ଚାପ ଓ ରାଜନୈତିକ ପ୍ରଭାବ ଥାଇପାରେ ବୋଲି ସଂଘ ଅଭିଯୋଗ କରିଛି। ଏପରି ଅନ୍ୟାୟ ଓ ଏକପାଖିଆ କାର୍ଯ୍ୟ ଡାକ୍ତରଙ୍କୁ ମାନସିକ ଭାବେ ଚାପଗ୍ରସ୍ତ କରିବ ଓ ମନୋବଳକୁ ଗଭୀର ଭାବେ ପ୍ରଭାବିତ କରିବ। ଭବିଷ୍ୟତରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଧ୍ୟ ଦୁର୍ବଳ କରିପାରେ ବୋଲି ସଂଘ ଚେତାବନୀ ଦେଇଛି। ସ୍ୱଚ୍ଛ ଓ ନିରପେକ୍ଷ ଭାବେ ତଦନ୍ତ କରି ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା, ସରକାରୀ ସ୍ତରରେ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବା, ବାହ୍ୟ ପରିଚାଳନାରେ

**■ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ, କାର୍ଯ୍ୟାନୁଷ୍ଠାନକୁ ଏଡିଏସ୍‌ଓର ନିନ୍ଦା**
**■ ରାଜନୈତିକ ପ୍ରଭାବରେ ପଦକ୍ଷେପ ଗ୍ରହଣୀୟ ନୁହେଁ: ଆଇଏମ୍ଏ**

ତ୍ରୁଟି ପାଇଁ ଏକାଡେମିକ୍ ନେତୃତ୍ୱକୁ ଅନ୍ୟାୟ ଭାବେ ଦଣ୍ଡିତ ନ କରିବା ସହିତ ଡାକ୍ତର ସମାଜର ସମ୍ମାନ ଓ ମନୋବଳ ରକ୍ଷା କରିବା ପରି ୪ ଦଫା ଦାବି କରାଯାଇଛି। ସ୍ୱଚ୍ଛ ଓ ନିରପେକ୍ଷ ଭାବେ ବାହ୍ୟ ଚାପ ବିନା ତଦନ୍ତ କରି ପ୍ରକୃତ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ସଂଘ ଦାବି କରିଛି। ଅନ୍ୟପକ୍ଷରେ ସରକାରଙ୍କ ଏପରି କାର୍ଯ୍ୟାନୁଷ୍ଠାନକୁ ଅଭିଯୋଗ କରି ଡ଼ାକ୍ତର ସଂଘ ଏଡ଼ିଏସ୍‌ଓ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମାକୁ ନିନ୍ଦା କରିଛି ।

ସଂଘର ସଭାପତି ଡ. ଶୁଭେନ୍ଦୁ ଚୌଧୁରୀ କହିଛନ୍ତି ଯେ ଏକ ମେଡିକାଲ୍ କଲେଜର ଡିନ୍ ପ୍ରଶାସନିକ ଓ ଶୈକ୍ଷିକ ମୁଖ୍ୟ ଭାବେ ଶିକ୍ଷା, ପ୍ରଶିକ୍ଷଣ ଓ ଏକାଡେମିକ୍ ସମ୍ପର୍କରେ ଦାୟିତ୍ୱ ନିର୍ବାହ କରିଥାନ୍ତି। କୋଠାର ରକ୍ଷାବେକ୍ଷଣ ସମେତ ଅଗ୍ନି ସୁରକ୍ଷା ବ୍ୟବସ୍ଥା, ଇଞ୍ଜିନିୟରିଂ ଓ ଆପତକାଳୀନ ପ୍ରସ୍ତୁତି ଭଳି ପ୍ରସଙ୍ଗ ତାଙ୍କ ଅଧୀନରେ ନୁହେଁ। ଏସବୁ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଓ ଜେନେରାଲ୍ ସୁପରିଣ୍ଟେଣ୍ଡେଣ୍ଟ, ଇଞ୍ଜିନିଅର ଓ ଅଗ୍ନିନିରାପତ୍ତା ବିଭାଗ ସହ ଜଡ଼ିତ। ଦୀର୍ଘଦିନ ଧରି ଅଗ୍ନି ନିର୍ବାପକ ବ୍ୟବସ୍ଥାର ଯାଞ୍ଚ କରା ନ ଯିବା, ଭବନ ରକ୍ଷାବେକ୍ଷଣରେ ଅବହେଳା ଓ ପ୍ରସ୍ତୁତିର ଅଭାବ ପାଇଁ ଏପରି ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିପାଇଁ ଡିନ୍‌ଙ୍କୁ ଦୋଷୀ କରିବା ବା ତାଙ୍କ ଉପରେ ଆରୋପ କରିବା ଉଚିତ୍ ନୁହେଁ ବୋଲି ସଂଘ ସ୍ପଷ୍ଟ କରିଛି। ସେହିପରି ପ୍ରଫେସର ଡ. ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କୁ ବାରିପଦା ବଦଳି କରାଯିବାକୁ ନେଇ ମଧ୍ୟ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏହି ପଦକ୍ଷେପଗୁଡ଼ିକ ପଛରେ ବାହ୍ୟ ଆସୋସିଏସନ୍ (ଆଇଏମ୍ଏ) ପକ୍ଷରୁ ମଧ୍ୟ ତୀବ୍ର ବିରୋଧ କରାଯାଇଛି। ସଂଘର କଟକ ଶାଖା ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ ଏକ ଭୟାବହ ଅଗ୍ନିକାଣ୍ଡ ଘଟଣା ପରେ ଦାୟିତ୍ୱ ନିର୍ଦ୍ଧାରଣ ଓ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପ୍ରମାଣଭିତ୍ତିକ ଓ ନ୍ୟାୟସଂଗତ ହେବା ଆବଶ୍ୟକ। କୌଣସି ବ୍ୟକ୍ତିଗତ ଅଭିଯୋଗ କିମ୍ବା ରାଜନୈତିକ ପ୍ରଭାବରେ ଏପରି ପଦକ୍ଷେପ ଗ୍ରହଣୀୟ ନୁହେଁ। ଯେଉଁମାନେ ପ୍ରତ୍ୟକ୍ଷ ଭାବେ ଏହି ଘଟଣାରେ ଦାୟୀ, ସେମାନଙ୍କୁ ଉତ୍ତରଦାୟୀ ନ କରି ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ବିନା ଡିନ୍‌ଙ୍କୁ ହଟାଇବା ଡାକ୍ତରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏଣୁ ଏହି ଘଟଣାରେ ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି।

# ପୁଲିସ୍ ଏସ୍ଆଇ ପରୀକ୍ଷା ଅନିଶ୍ଚିତ

**■ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ**
**■ କେବେ ଓ କିଏ କରିବ ପରୀକ୍ଷା**

ଭୁବନେଶ୍ୱର, ୨୪।୩ (ସମିସ): ପୁଲିସ୍ ଏସ୍ଆଇ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି ରାକେଟ୍ ଧରା ପଡ଼ିବା ପରେ ନିଯୁକ୍ତିକୁ ନେଇ ଅନିଶ୍ଚିତତା ଜାରି ରହିଛି। ଚାକିରି ବିକ୍ରି ଘଟଣାରେ ସିବିଆଇ ତନାଘନା କରିବା ପରେ ସରକାରଙ୍କଠାରୁ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଅସମ୍ଭବ ନିରବତା ଅବଲମ୍ବନ କରିଛନ୍ତି। କିଏ ପରୀକ୍ଷା କରିବ ଏବଂ କେବେ ପରୀକ୍ଷା ହେବ, ସେନେଇ କେହି ମୁହଁ ଖୋଲୁନାହାନ୍ତି। ଦୀର୍ଘ ଦିନରୁ ପ୍ରସ୍ତୁତି କରୁଥିବା ଆଶାୟୀମାନେ ଏକାଧିକବାର ଆନ୍ଦୋଳନ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଶାୟୀମାନେ ଭାଗ୍ୟଭବିଷ୍ୟତକୁ ଏକ ଅନିଶ୍ଚିତତା ଦେଇ ଗତି କରୁଥିବା ବେଳେ ସରକାର ନିଦାବିଷ୍ଟୁ ପାଲଟିଛନ୍ତି।

ଚାକିରି ବିକ୍ରି ରାକେଟ୍ ଧରାପଡ଼ିବା ପରେ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ସାମ୍ନାକୁ ଆସିଥିଲା। ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଭୂମିକା ସନ୍ଦେହଘେରକୁ ଆସିବା ପରେ ସମସ୍ତପ୍ରକାର ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ ସରକାର ନୂତନ ଆୟୋଗ ଗଠନ କରିଛନ୍ତି। ଓଡ଼ିଶା ୟୁନିଫର୍ମ ଷ୍ଟାଫ୍ ସିଲେକ୍ସନ୍ କମିସନ୍(ଓୟୁଏସ୍ଏସ୍‌ସି) ଗଢ଼ିବା ସହ ପୁଲିସ, ଫରେଷ୍ଟର, ଫରେଷ୍ଟ ଗାର୍ଡ, ଅଗ୍ନିକ ପରି ସମସ୍ତ ପ୍ରକାର ବର୍ଦ୍ଧିଧାରୀ ନିଯୁକ୍ତି ପରୀକ୍ଷା ପରିଚାଳନା କରିବେ ବୋଲି କୁହାଗଲା। ଏନେଇ ସରକାର ଘୋଷଣା କରିବାର ପ୍ରାୟ ୫ ମାସ ପରେ ଜାମ୍ମୁ କାଶ୍ମୀରର ପୂର୍ବତନ ପୁଲିସ ଡିଜି ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ମାତ୍ର ପୁଲିସ ଏସ୍ଆଇ ପରୀକ୍ଷା ଏହି ନୂତନ ଆୟୋଗ କରିବ ନା ବିଜ୍ଞପ୍ତି ପ୍ରକାଶ କରିଥିବା ଓପିଆର୍‌ବି କରିବ, ତାକୁ ନେଇ ଏବେ ବି ଆଶାୟୀମାନେ ଅନ୍ଧାରରେ ଅଛନ୍ତି।

ବିଶେଷଜ୍ଞଙ୍କ କହିବା କଥା, ପୂର୍ବରୁ ଓପିଆର୍‌ବି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିଥିବାରୁ ନୂତନ ଆୟୋଗଙ୍କୁ ଅନେକ ଆଇନଗତ ପ୍ରତିବନ୍ଧକ ଆସିପାରେ। ସରକାର ଚାହିଁଲେ, ଏଥିପାଇଁ ସ୍ୱତନ୍ତ୍ର ଅନୁମତି ଦେଇ ପରୀକ୍ଷା ପରିଚାଳନା କରିପାରିବେ। ମାତ୍ର ସେହି ବିଜ୍ଞପ୍ତିକୁ ରଦ୍ଦ କରି ନୂତନ ସଂସ୍ଥା ପୁନଃ ବିଜ୍ଞପ୍ତି ପ୍ରକାଶ କଲେ ଆବେଦନକାରୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହେବେ। ନୂତନ ପିଲା ଆବେଦନ କରିବେ ଓ ପୂର୍ବରୁ ଆବେଦନ କରିଥିବା ଅନେକ ପିଲାଙ୍କ ବୟସ ହେଉନଥିବା ଅଭିଯୋଗ ହେବ। ଫଳରେ ନିଯୁକ୍ତି ପ୍ରକ୍ରିୟା ବହୁ ବିଳମ୍ବିତ ହୋଇପାରେ। ଏଣୁ, ପୂର୍ବରୁ ଆବେଦନ କରିଥିବା ଆଶାୟୀଙ୍କ ତଥ୍ୟ ଅନୁଯାୟୀ ସରକାରଙ୍କ ସ୍ୱତନ୍ତ୍ର ଅନୁମତିରେ ନୂତନ ଆୟୋଗ ଏହି ପରୀକ୍ଷାକୁ ପରିଚାଳନା କରିପାରିବ। ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆନ୍ତରିକତା ପ୍ରକାଶ କଲେ ଶୀଘ୍ର ପରୀକ୍ଷା ସମ୍ଭବ। ଅପରପକ୍ଷେ, ବିଳମ୍ବିତ ପରୀକ୍ଷା ଆଶାୟୀଙ୍କ ଆଶାକୁ ଧୂଳିସାତ କରୁଛି।

# ସରକାର ଡବଲ ଇଞ୍ଜିନ; ରାଜ୍ୟ ବିକାଶରେ ଡବଲ ବ୍ରେକ୍: ବିଜେଡି

ଭୁବନେଶ୍ୱର,୨୪।୩(ସମିସ): ଆନ୍ଧ୍ରପ୍ରଦେଶଠାରେ ଗତକାଲି ଦେଶର ସର୍ବବୃହତ ଇସ୍ପାତ ପ୍ରକଳ୍ପ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହା ସହିତ ଓଡ଼ିଶାର କେନ୍ଦ୍ରାପଡା ଜିଲ୍ଲାରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ମେଗା ଇସ୍ପାତ ପ୍ରକଳ୍ପ ସ୍ଥାପନ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଇଛି। କେବଳ ଏହି ପ୍ରକଳ୍ପ ନୁହେଁ; ପୂର୍ବ ସରକାରଙ୍କ ସମୟରେ ରାଜ୍ୟରେ ପ୍ରତିଷ୍ଠା ହେବା ପାଇଁ ଚୁକ୍ତିବଦ୍ଧ ହୋଇଥିବା ଅନେକ କମ୍ପାନୀ ଓଡ଼ିଶା ଛାଡିଲେଣି। ମାତ୍ର ରାଜ୍ୟ ସରକାର ଉତ୍ସବରେ ମାତିଛନ୍ତି । ଡ଼ବଲ ଇଞ୍ଜିନ୍ ସରକାରରେ ରାଜ୍ୟର ବିକାଶରେ ଡ଼ବଲ ବ୍ରେକ୍ ଲାଗିଛି ବୋଲି ଅଭିଯୋଗ କରିଛି ବିଜେଡି ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ପୂର୍ବ ସରକାରଙ୍କ ସମୟରେ କେନ୍ଦ୍ରାପଡା ଜିଲ୍ଲାରେ ୨୪ ମିଲିଅନ ଟନ କ୍ଷମତା ବିଶିଷ୍ଟ ଏକ ମେଗା ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ସହିତ ରାଜ୍ୟ ସରକାରଙ୍କ ଚୁକ୍ତି ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନରେ ଥିବା ନିପନ ଷ୍ଟିଲ କାରଖାନାକୁ ପରିଭ୍ରମଣ କରିଥିଲେ। ଏହାପରେ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ, ରେଲୱେ ଲାଇନ, ରାସ୍ତା ନିର୍ମାଣ ଓ ନିକଟରେ ଏକ ବନ୍ଦର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା; କିନ୍ତୁ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ ସମସ୍ତ କାମ ଧିମେଇ ଯାଇଛି । ଗତକାଲି ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ସେଠାରେ ଅନୁରୂପ ଏକ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଓଡ଼ିଶାରେ ପ୍ରସ୍ତାବିତ ପ୍ରକଳ୍ପ




ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । ଓଡ଼ିଶାରେ ପ୍ରତିଷ୍ଠା ହେବା ପ୍ରକଳ୍ପକୁ ବିଶ୍ୱର ସର୍ବବୃହତ ଗ୍ରୀନଫିଲ୍ଡ ପ୍ରକଳ୍ପ କୁହାଯାଉଥିବା ବେଳେ ଆନ୍ଧ୍ରରେ ଆରମ୍ଭ ହେବାକୁ ଯାଉଥିବା ପ୍ରକଳ୍ପକୁ ମଧ୍ୟ ବିଶ୍ୱର ସର୍ବବୃହତ ଗ୍ରୀନଫିଲ୍ଡ ଇସ୍ପାତ ପ୍ରକଳ୍ପ କୁହାଯାଉଛି । ପୂର୍ବରୁ ଏନେଇ ପ୍ରଶ୍ନ ଉଠିଥିଲା ବେଳେ ରାଜ୍ୟ ବିଜେପି ସରକାର ଏହାକୁ ଅସ୍ୱୀକାର କରିଆସୁଛନ୍ତି । କିନ୍ତୁ ଓଡ଼ିଶାରେ ଏହି ପ୍ରକଳ୍ପ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ଆନ୍ଧ୍ରରେ ଆରମ୍ଭ ହୋଇଯାଇଛି। ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ ବିଜେପି ସରକାରକୁ ଆସିଥିବା ବେଳେ ରାଜ୍ୟର ବିକାଶରେ ଡବଲ ବ୍ରେକ ଲାଗିଛି । ପୂର୍ବ ସରକାରଙ୍କ ସମୟରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତିବଦ୍ଧ ହୋଇଥିବା କମ୍ପାନୀ ମାନଙ୍କ ଭିତରୁ କେବଳ ଏଏମଏନଏସ ନୁହେଁ, ଏମିତି ଅନେକ କମ୍ପାନୀ ଓଡ଼ିଶାରୁ ବିଦାୟ ନେଲେଣି। ରାଜ୍ୟ ଓ ରାଜ୍ୟ ବାହାରେ ଉତ୍କର୍ଷ

**■ ଆନ୍ଧ୍ରରେ ଏଏମ୍ଏନ୍ଏସ୍ ଇସ୍ପାତ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ**
**■ ରାଜ୍ୟରୁ ଗଲାଣି ଜେଏସଡବ୍ଲୁ ଇଭି, ୱାରୀ ସୋଲାର, ୱେଲସ୍ପନ**
**■ ଓଡ଼ିଶା ଛାଡୁଛନ୍ତି କମ୍ପାନୀ, ରାଜ୍ୟ ସରକାର ଉତ୍ସବରେ ମସଗୁଲ୍**

ଓଡ଼ିଶା କାର୍ଯ୍ୟକ୍ରମ ହେଉଛି ଓ ଅନେକ ଶିଳ୍ପ ଅନୁଷ୍ଠାନ ଓଡ଼ିଶା ଆସିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ବୋଲି ସରକାର କହୁଛନ୍ତି; କିନ୍ତୁ ଶିଳ୍ପ ଅନୁଷ୍ଠାନ ଆସିବା ପରିବର୍ତ୍ତେ ବିଦାୟ ନେଉଛନ୍ତି। ୨୦ ମାସର ବିଜେପି ଶାସନରେ କଟକ ଠାରେ ପ୍ରତିଷ୍ଠା ହେବାକୁ ଥିବା ଜିନ୍ଦଲ ଇଭି ପ୍ରକଳ୍ପ, ଚୌଦ୍ୱାର ଠାରେ ପ୍ରତିଷ୍ଠା ହେବାକୁ ଥିବା ୱେଲସ୍ପନ କମ୍ପାନୀ, ଢେଙ୍କାନାଳ ଓ ଅନୁଗୁଳ ଠାରେ ପ୍ରତିଷ୍ଠା ହେବାକୁ ଥିବା ୱାରୀ ସୋଲାର ପ୍ରକଳ୍ପ ଓ ସେମି କଣ୍ଡକ୍ଟର ତିଆରି କରୁଥିବା ଏସ ରାମ, ଏନ ରାମ କମ୍ପାନୀ ଅନ୍ୟ ରାଜ୍ୟକୁ ଚାଲିଗଲେଣି ବୋଲି ସେ ଅଭିଯୋଗ କରିଛନ୍ତି ।

ସାରଦା ପ୍ରସନ୍ନ ଜେନା କହିଥିଲେ ଯେ ପାରାଦ୍ୱୀପ ବାଲିଯାତ୍ରା ସମୟରେ ପାରାଦ୍ୱୀପ ବିଧାୟକ ତଥା ରାଜ୍ୟର ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସେ ସଭା ମଣ୍ଡପରୁ ଏଏମଏନଏସ ରାଜ୍ୟରେ ପ୍ରତିଷ୍ଠା ହେବା ନେଇ ସ୍ପଷ୍ଟ କରନ୍ତୁ ବୋଲି କହିଥିଲେ। ତାଙ୍କ ପ୍ରଶ୍ନର ଉତ୍ତରରେ ଉଭୟ ଶିଳ୍ପ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ସମ୍ମୁଖରେ ଏହା ଓଡ଼ିଶାରୁ ଯାଇନାହିଁ ବୋଲି କହିଥିଲେ । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଶିଳ୍ପ ମନ୍ତ୍ରୀ ମଧ୍ୟ ଏଏମଏନଏସ ରାଜ୍ୟରୁ ଯାଇନାହିଁ ବୋଲି କହିଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଆନ୍ଧ୍ରରେ ଗତକାଲି ଏହି ପ୍ରକଳ୍ପର ଶୁଭ ଦିଆଯାଇଛି। ତେଣୁ ଗତକାଲି ଆମ ରାଜ୍ୟ ପାଇଁ ଏକ କଳା ଦିବସ ଥିଲା । ରାଜ୍ୟ ସରକାର ପ୍ରକୃତ ତଥ୍ୟ ଉପରୁ ପରଦା ଉଠାନ୍ତୁ। ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସେ ଦାବି କରିଛନ୍ତି।


ପୁରୀ ବଡ଼ଦାଣ୍ଡରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବନଖଣ୍ଡରୁ ଆସିଥିବା ରଥକାଠ (ଫଟୋ-ଅନିଲ)

# ବିମାନବନ୍ଦରରୁ ପୁଣି ୨.୫ କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର, ୨୪।୩ (ସମିସ): ଭୁବନେଶ୍ୱର ବିମାନବନ୍ଦରରୁ ପୁଣିଥରେ ବିପୁଳ ମାରିଜୁଆନା ଜବତ ହୋଇଛି। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସୁଥିବା ତାମିଲନାଡୁର ଦୁଇ ଯାତ୍ରୀଙ୍କଠାରୁ ମୋଟ ୫.୫କେଜିର ଏହି ନିଶାଦ୍ରବ୍ୟ ଜବତ କରାଯାଇଛି। ଅନ୍ତର୍ଜାତୀୟ ନିଶା ବଜାରରେ ଏହାର ମୂଲ୍ୟ ୨.୫ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଭୁବନେଶ୍ୱର ଡିଆର୍‌ଆଇ ଏବଂ ସୀମାଶୁଳ୍କ ବିଭାଗ ମିଳିତ ଚଢ଼ଉ କରି ଏହାକୁ ଜବତ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚଳାଇଛନ୍ତି।

ମିଳିଥିବା ସୂଚନା ମୁତାବକ, ତାମିଲନାଡୁର ଦୁଇ ଯୁବକ ଆଜି ବ୍ୟାଙ୍କକରୁ ଏକ ବିମାନରେ ଭୁବନେଶ୍ୱର ଆସିଥିଲେ। ସକାଳୁ ବିମାନଟି ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲା। ସେମାନଙ୍କ ପାଖରେ ଥିବା ବ୍ୟାଗ୍ ଦୁଇଟିରେ ମାରିଜୁଆନା ଥିବା ନେଇ ପୂର୍ବରୁ ଭୁବନେଶ୍ୱର ଡିଆର୍‌ଆଇ ଏବଂ ସୀମାଶୁଳ୍କ ବିଭାଗକୁ ଗୁଇନ୍ଦା ସୂଚନା ମିଳିଥିଲା। ବିମାନବନ୍ଦରରେ ମୁତୟନ ଅଧିକାରୀମାନେ ସେମାନଙ୍କ ବ୍ୟାଗ୍ ଖାନତଲାସି କରିବାରୁ ସେଥିରୁ ୫.୫ କେଜିର ହାଇଡ୍ରୋଫୋନିକ୍ ଗଞ୍ଜେଇ ବା ମାରିଜୁଆନା ଜବତ ହୋଇଥିଲା। ସେମାନେ ଏହି ନିଶାଦ୍ରବ୍ୟକୁ ତାମିଲନାଡୁ ଓ କେରଳ ଚାଲାଣ କରିଥା'ନ୍ତେ ବୋଲି ବିଭାଗୀୟ ଅଧିକାରୀଙ୍କ ନିକଟରେ ସ୍ୱୀକାର କରିଛନ୍ତି। ସେମାନଙ୍କୁ ଅଟକ ରଖି ଅଧିକ ପଚରାଉଚରା କରାଯାଉଛି।

**ବ୍ୟାଙ୍କକ ଫ୍ଲାଇଟ୍‌କୁ ନେଇ ବଢୁଛି ସନ୍ଦେହ; ୨ ଅଟକ**

ଅନ୍ୟପକ୍ଷରେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱରକୁ ମାରିଜୁଆନା ଚାଲାଣ ଏକ ନିୟମିତ ବ୍ୟାପାରରେ ପରିଣତ ହେଲାଣି। ଅଧିକାଂଶ ବ୍ୟାଙ୍କକ ବିମାନଯାତ୍ରୀଙ୍କଠାରୁ ଗଞ୍ଜେଇ ଓ ମାରିଜୁଆନା ମିଳୁଛି। ଏଣୁ ସେଠାରୁ ଆସୁଥିବା ଯାତ୍ରୀଙ୍କ ଉପରେ ଏବେ ସନ୍ଦେହ ବଢ଼ିବାରେ ଲାଗିଛି। ନିୟମିତ ବ୍ୟବଧାନରେ ବାଙ୍କକ୍ ବିମାନରୁ ମାରିଜୁଆନା ଜବତ ହେଉଥିବାରୁ ଦୁଇ ବିଭାଗର ଅଧିକାରୀମାନେ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଅପରପକ୍ଷେ, ସେଠାରୁ ଆସୁଥିବା ମାରିଜୁଆନା ବିଶେଷକରି ଦକ୍ଷିଣ ଭାରତକୁ ରପ୍ତାନୀ କରାଯାଉଛି। ଏଠାରେ ରେଭ୍ ପାର୍ଟିରେ ଏହାକୁ ବ୍ୟବହାର କରାଯାଇଥା'ନ୍ତା ବୋଲି ଅନୁମାନ କରାଯାଉଛି। ରାଜ୍ୟରୁ ଉତ୍ପାଦନ ହେଉଥିବା ଗଞ୍ଜେଇରେ ୩ ପ୍ରତିଶତ ଟେଟ୍ରା-ହାଇଡ୍ରୋକାନାବିନୋଲ୍ ମିଳୁଥିବା ବେଳେ ମାରିଜୁଆନାରେ ୩୦ପ୍ରତିଶତ ପର୍ଯ୍ୟନ୍ତ ଟେଟ୍ରା-ହାଇଡ୍ରୋକାନାବିନୋଲ୍ ରହିଛି। ଏଣୁ, ଅଧିକ ନିଶା ପାଇଁ ଏହା ପିଲାମାନଙ୍କ ଦ୍ୱାରା ଆୟୋଜିତ ରେଭ୍‌ପାର୍ଟିରେ ଅଧିକ ଲୋକପ୍ରିୟ।

ଉଲ୍ଲେଖଯୋଗ୍ୟ, ଗତ ୨ ମାସ ତଳେ ଭୁବନେଶ୍ୱର ବିମାନବନ୍ଦରରୁ ୮ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା ବେଳେ ଗତ ବର୍ଷ ଡିସେମ୍ବର ୨୫ରେ ୪ କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଇଥିଲା।

**ଷଷ୍ଠ ଦିନରେ ବିଧାନସଭାରେ ଅଚଳାବସ୍ଥା**

# ଜିଦ୍‌ରେ ଅଟଳ ଶାସକ-ବିରୋଧୀ

ଭୁବନେଶ୍ୱର,୨୪।୩(ସମିସ): ଏସ୍‌ସିବି ନିଆଁର ତାତିରେ ବିଧାନସଭା ଗରମ। ଗଲା ୬ ଦିନ ଧରି ୧୩ ରୋଗୀଙ୍କ ମୃତ୍ୟୁ ଘଟଣାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଚାଲିଛନ୍ତି ବିରୋଧୀ। ସରକାର ବିରୋଧୀଙ୍କ ଦାବି ମାନିବାକୁ ନାରାଜ, ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେବାକୁ ଚାହୁଁ ନାହାନ୍ତି । ଫଳରେ କ୍ରମାଗତ ଷଷ୍ଠଦିନ ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି। ପ୍ରଶ୍ନକାଳରେ ଗୋଟିଏ ଯୋଡ଼ିଏ ପ୍ରଶ୍ନ ଆଲୋଚନା ପରେ ଗୃହ ମୁଲତବୀ ହେଉଛି। ବିନା ବିରୋଧୀରେ ସରକାର ଗୋଟିଏ ପରେ ଗୋଟିଏ ବିଭାଗର ଖର୍ଚ୍ଚଦାବିକୁ ଗୃହରେ ପାରିତ କରୁଛନ୍ତି। ବିରୋଧୀ-ଶାସକ ନିଜ ନିଜ ଜିଦରେ ଅଟଳ ଘଟଣାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ତଥାପି କେହି ପଛକୁ ହଟୁ ନାହାନ୍ତି କି ଗୃହ ଚାଲିପାରୁ ନାହିଁ।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭରୁ ଉଭୟ ବିଜେଡି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟ ଭାଗକୁ ମାଡ଼ି ଆସିଥିଲେ। ହାତରେ ପୋଷ୍ଟର ଧରି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହ କମ୍ପାଇଥିଲେ। ବିରୋଧୀଙ୍କ ହୋହାଲ୍ଲା ମଧ୍ୟରେ କିଛି ସମୟ ଧରି ପ୍ରଶ୍ନକାଳ ଚାଲିଥିଲା। ଏହାରି ମଧ୍ୟରେ ବିଜେଡିର ମହିଳା ବିଧାୟକମାନେ ବାଚସ୍ପତିଙ୍କ



ଚେୟାର ପାଖକୁ ଆସିବାକୁ ଉଦ୍ୟମ କରିଥିଲେ। ଫଳରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୦ଟା ୪୬ ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଶୂନ୍ୟକାଳରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ବିରୋଧୀ ଦଳର ଅଧିକାର ଅଛି ଗୃହରେ ପ୍ରତିବାଦ କରିବା ପାଇଁ । ହେଲେ ଲଗାତାର ଗୃହକୁ ଅଚଳ କରିବା ଦୁର୍ଭାଗ୍ୟଜନକ । ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଗୃହରେ ବିରୋଧୀ ତାଙ୍କ କଥାକୁ ଆଲୋଚନା ତାଙ୍କ କଥାକୁ ଆଲୋଚନା ମାଧ୍ୟମରେ ଗୃହରେ ରଖନ୍ତୁ । ତାହା କଲେ ଗୃହର ବିବରଣୀରେ ସ୍ଥାନିତ ହୋଇପାରିବ ।

**■ ବିନା ବିରୋଧୀରେ ପାରିତ ହେଲା ରାଜସ୍ୱ ବିଭାଗର ଖର୍ଚ୍ଚଦାବି**
**■ ସରକାର ପ୍ରସ୍ତୁତ, ଆଲୋଚନାକୁ ଆସନ୍ତୁ ବିରୋଧୀ: ଉପମୁଖ୍ୟମନ୍ତ୍ରୀ**

ଆମେ ବିରୋଧୀ ଦଳରେ ଥିବାବେଳେ ବିରୋଧ ପ୍ରଦର୍ଶନ କରୁଥିଲୁ; ହେଲେ ସରକାର ଆହ୍ୱାନ କଲେ ଆମେ ଆଲୋଚନାକୁ ଆସୁଥିଲୁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଶାସକ ଦଳର ପ୍ରାୟ ୧୨ ଜଣ ବିଧାୟକ ବିରୋଧୀଙ୍କ ଆଚରଣକୁ ନିନ୍ଦା କରିଥିଲେ। ତେବେ ବିରୋଧୀ ସଦସ୍ୟ ଏହାପ୍ରତି କର୍ଣ୍ଣପାତ କରି ନ ଥିଲେ । ବିଜେଡି ବିଧାୟକ ସାରଦା ଜେନା, ପ୍ରଶାନ୍ତ ବେହେରା ବାଚସ୍ପତିଙ୍କ ପୋଡିଅମ ବାଡ଼େଇ ଜୋରଦାର ପ୍ରତିବାଦ କରିଥିଲେ। ବିଜେଡି ବିଧାୟିକା ସୁଜାତା ସାହୁ, ମନୋରମା ମହାନ୍ତି ପ୍ରମୁଖ ବାଚସ୍ପତିଙ୍କ ଆସନ ଆଡ଼କୁ ଯିବାକୁ ପ୍ରୟାସ କରିଥିବା ବେଳେ ମହିଳା ସୁରକ୍ଷାକର୍ମୀ ମାନେ ସେମାନଙ୍କୁ ଅଟକାଇଥିଲେ। ସେହିପରି କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ମଧ୍ୟ ସାମ୍ନାପଟୁ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଉଦ୍ୟମ କରିଥିଲେ। ହଟ୍ଟଗୋଳ ତୀବ୍ର ହେବାରୁ ଶେଷରେ ବାଚସ୍ପତି ଗୃହକୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସମାନ ଢଙ୍ଗରେ ବିରୋଧୀଙ୍କ ପ୍ରତିବାଦ ଜାରି ରଖିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଖର୍ଚ୍ଚଦାବିରେ ଉଭୟ ବିରୋଧୀ ଭାଗ ନେଇନଥିବା ବେଳେ ଏହା ପାରିତ ହୋଇଥିଲା।

# ଆଜିଠୁ ରତ୍ନ ଅଳଙ୍କାର ଗଣତିମଣତି

ପୁରୀ, ୨୪।୩ (ସମିସ): ଦୀର୍ଘ ୪୭ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତିକୁ ନେଇ ଯେଉଁ ଆଶା ଆଶଙ୍କା ଲାଗି ରହିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ଶୁଭ ମୁହୂର୍ତ୍ତ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ବୁଧବାର ମଧ୍ୟାହ୍ନ ୧୨ଟା ୯ରୁ ଅପରାହ୍ଣ ୧ଟା ୪୫ମଧ୍ୟରେ ରତ୍ନ ଅଳଙ୍କାର ଗଣତିମଣତିର ଶୁଭାରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ସରିଛି। ପୂର୍ବ ନିର୍ଦ୍ଧାରିତ ମାହେନ୍ଦ୍ର ବେଳାରେ ଅଧିକୃତ ବ୍ୟକ୍ତିମାନେ ୧୯୭୮ମସିହା ତାଲିକା ସହ ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ମେଳକ କରିବେ।

ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍‌ଓପି ଆଧାରରେ ହେବ ଗଣତିମଣତି। ଏଥିଲାଗି ଦୁଇଟି ଟିମ୍ ଗୋଟିଏ ତତ୍ତ୍ୱାବଧାରକ ବା ସୁପରଭାଇଜିଂ ଏବଂ ଅନ୍ୟଟି କାର୍ଯ୍ୟନିର୍ବାହୀ ବା ହ୍ୟାଣ୍ଡଲିଂ ଟିମ୍ ଗଠନ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତତ୍ତ୍ୱାବଧାରକ ଟିମ୍‌ର ଅଧ୍ୟକ୍ଷ ରହିଥିବା ବେଳେ ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ, ଜଣେ ସେବାୟତ ସଦସ୍ୟ ରହିଛନ୍ତି। ସେହିପରି କାର୍ଯ୍ୟବାହୀ ଟିମ୍‌ରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ, ପାଟଯୋଶୀ ମହାପାତ୍ର, ଭଣ୍ଡାରମେକାପ, ତଢ଼ଉକରଣ, ଦେଉଳକରଣ, ଶ୍ରୀମନ୍ଦିର ବଣିଆ ସେବକ, ଦୁଇଜଣ ସ୍ୱର୍ଣ୍ଣକାର, ଦୁଇ ଜଣ ଜେମୋଲୋଜିଷ୍ଟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅଧିକାରୀ ପ୍ରମୁଖ ସାମିଲ ରହିବେ। ଗଣତି ପ୍ରକ୍ରିୟା ସମୟରେ ସମ୍ପୂର୍ଣ୍ଣ କାର୍ଯ୍ୟର ଭିଡିଓଗ୍ରାଫି, ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଙ୍ଗ୍ କରାଯିବ। ଗଣତିମଣତି ସମୟରେ ଶ୍ରୀଜୀଉଙ୍କର ନୀତି ସମ୍ପାଦନ ଅବ୍ୟାହତ ରଖାଯିବା ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ଗଣତି ପ୍ରକ୍ରିୟାର ସୁରକ୍ଷା ଦୃଷ୍ଟିରୁ ଭକ୍ତଗଣଙ୍କ ପାଇଁ କେବଳ ବାହାର କାଠ ନିକଟରେ ଦର୍ଶନ ସୁବିଧା ଉପଲବ୍ଧ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ସମ୍ପାଦନରେ ସମସ୍ତ ସେବକ, ନିୟୋଜିତ ଅଧିକାରୀ, ବ୍ୟକ୍ତିବିଶେଷ ତଥା ଭକ୍ତଗଣଙ୍କ ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ସୂଚନାଥାଉ କି, ଶେଷଥର ପାଇଁ ୧୯୭୮ ମସିହାରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରରର ଗଣତିମଣତି ହୋଇଥିଲା।

**■ ୪୭ ବର୍ଷ ପରେ ହେବାକୁ ଯାଉଛି ଗଣତିମଣତି**
**■ ୧୯୭୮ ମସିହା ତାଲିକା ସହ ହେବ ମେଳକ**
**■ ବାହାର କାଠରୁ ଦର୍ଶନ କରିବେ ଭକ୍ତ**

ମେ' ୧୩ରୁ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ପ୍ରାୟ ୭୦ ଦିନ ଧରି ଏହା ଚାଲିଥିଲା। ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରକାଶିତ ରତ୍ନଭଣ୍ଡାର ପୁସ୍ତକ ଅନୁଯାୟୀ, ରତ୍ନଭଣ୍ଡାରରେ ୪୫୪ ପ୍ରକାରର ୧୨୮.୩୮କେଜିର ସ୍ୱର୍ଣ୍ଣ, ୨୯୩ ପ୍ରକାରର ୨୨୧.୫୩ କେଜିର ରୁପା ରହିଛି। ଭିତର ରତ୍ନଭଣ୍ଡାରରେ ୩୬୭ ପ୍ରକାରର ୪୩.୦୬ କେଜିର ସ୍ୱର୍ଣ୍ଣ ଓ ୨୩୧ ପ୍ରକାରର ୧୪୮.୭ କେଜିର ରୁପା ଅଳଙ୍କାର ରହିଛି। ବାହାର ରତ୍ନଭଣ୍ଡାର ଘରେ ୭୯ ପ୍ରକାରର ୮୧.୦୭ କେଜିର ସ୍ୱର୍ଣ୍ଣ, ୩୯ ପ୍ରକାରର ୪୬.୦୭ କେଜିର ରୁପା ଅଳଙ୍କାର ରହିଛି। ସେହିପରି ଚଳନ୍ତି ଭଣ୍ଡାର ଘରେ ୮ ପ୍ରକାରର ୨୯୯ ଭରିର ସ୍ୱର୍ଣ୍ଣ ଓ ୨୩ ପ୍ରକାରର ୨,୬୦୩ ଭରିର ରୁପା ରହିଛି। ରତ୍ନ ଅଳଙ୍କାର ଗଣତିମଣତି ବେଳେ ତାହାକୁ ମେଳକ କରାଯିବ।

**ଜଳନ୍ତା ବସ୍‌ର ଛାତିଥରା କାହାଣୀ କହିଲେ ବିଧାୟକ ମଙ୍ଗୁଖିଲ**

# ଅଧିକ ଖର୍ଚ୍ଚ ଯୋଗୁଁ ବସ୍‌ରେ ଯାଉଥିଲେ ଚିତ୍ରକୋଣ୍ଡା

ଭୁବନେଶ୍ୱର,୨୪।୩(ସମିସ): ଜଳନ୍ତା ବସ୍‌ରୁ ସୁରକ୍ଷିତ ଭାବେ ବର୍ତ୍ତିଯାଇଥିବା ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାର କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ବଖାଣିଛନ୍ତି ସେ ଦିନ ରାତିର ଛାତି



ଥରା କାହାଣୀ। ଶୁକ୍ରବାର ବିଳମ୍ବିତ ରାତିରେ ସେ ଯାତ୍ରା କରୁଥିବା ବସ୍‌ରେ ନିଆଁ ଲାଗିବା ଓ ଅନ୍ୟ ଯାତ୍ରୀମାନଙ୍କ ସହ ସେ ସୁରକ୍ଷିତ ଭାବରେ ବର୍ତ୍ତିଯିବା ଘଟଣାରେ ବିଧାୟକ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମଙ୍ଗଳବାର ବିଧାନସଭା ପରିସରରେ ଗଣମାଧ୍ୟମ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ ଶୁକ୍ରବାର ବିଳମ୍ବିତ ରାତିରେ ସେ ଭୁବନେଶ୍ୱରରୁ ମାଲକାନଗିରି ଅଭିମୁଖେ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଯାତ୍ରା କରୁଥିଲେ। ତାଙ୍କ ସହ ଏହି ବସ୍‌ରେ ୪୦ ଜଣ ଯାତ୍ରୀ ଥିଲେ। ଓଡ଼ିଶା ସୀମାନ୍ତ ନିକଟବର୍ତ୍ତୀ ଆନ୍ଧ୍ରପ୍ରଦେଶର ରାମଭଦ୍ରପୁରମ୍ ନିକଟରେ ଭୋର ୩ଟା ସମୟରେ ବସ୍‌ରେ ନିଆଁ ଲାଗିଥିଲା। ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯିବା ପରେ ବସ୍‌ଟି ହୁତୁହୁତୁ ହୋଇ ଜଳିଯାଇଛି। ସୌଭାଗ୍ୟ ବଶତଃ ଡ୍ରାଇଭର ସମସ୍ତଙ୍କୁ ନିଦରୁ ଉଠାଇଥିଲେ। ସେ ପ୍ରାଣ ବିକଳେ ବ୍ୟାଗ ଧରି ତଳକୁ ଡେଇଁ ପଡ଼ିଥିଲେ। ପରେ ଲୋକମାନଙ୍କ ଚିତ୍କାର ଶୁଣି ପୁଣି ସେ ବସ୍‌ରେ ପଶି ଅନେକ ଲୋକଙ୍କୁ ସୁରକ୍ଷିତ ଭାବେ ତଳକୁ ଆଣିଥିଲେ। ଶନିବାର ରବିବାର ବିଧାନସଭା ବନ୍ଦ ରହିଥିବା ହେତୁ ସେ ନିଜ ନିର୍ବାଚନ ମଣ୍ଡଳୀକୁ ଯାଉଥିଲେ। ତାଙ୍କ ସହ ସୁରକ୍ଷା କର୍ମୀ ଓ ଅନ୍ୟ ସାଥୀଙ୍କୁ ମିଶାଇ ୪-୫ ଜଣ ହେଉଥିବାରୁ ଥରେ ଗାଡ଼ି ନେଇ ଯିବା ଆସିବା କଲେ ପାଖାପାଖି ୩୦ ହଜାର ଟଙ୍କା ଖର୍ଚ୍ଚ ହେବ। ସେ ଧନୀ ଲୋକ ନୁହନ୍ତି ଓ ତାଙ୍କ ପାଖରେ ନିଜର ଗାଡ଼ି ନେଇ ଯାତାୟତ ସାଧନ ନାହିଁ। ତେଣୁ ସେ ବସ୍‌ରେ ପ୍ରାୟ ଯିବା ଆସିବା କରନ୍ତି। ତେବେ ଏଭଳି ବିପଦରୁ ସମସ୍ତେ ସୁରକ୍ଷିତ ଭାବେ ବର୍ତ୍ତିଯାଇଥିବାରୁ ସେ ଈଶ୍ୱରଙ୍କୁ କୃତଜ୍ଞତା ଜଣାଇଛନ୍ତି। ବସ୍‌ରେ ନିଆଁ ଲାଗିଯିବା ପରେ ଦେଢ଼ ଘଣ୍ଟା କାଳ ସେମାନେ ସେହି ଜଙ୍ଗଲି ରାସ୍ତାରେ ବସି ରହିଥିଲେ। ଏହା ପରେ ଏକ ବସ୍ ଆସିବା ପରେ ବସ୍‌କୁ ଅଟକାଇ ସେ ଜଣେ ବିଧାୟକ ବୋଲି ପରିଚୟ ଦେଇଥିଲେ ଓ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଅନ୍ୟତ୍ର ନିଆଯାଇଥିଲା ବୋଲି ସେ କହିଛନ୍ତି। ଏହି ଘଟଣା ପରେ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ତାଙ୍କୁ ଫୋନ୍ କରି ଭଲମନ୍ଦ ବୁଝିଥିଲେ ବୋଲି ମଙ୍ଗୁ କହିଛନ୍ତି।

# ମହାପ୍ରଭୁଙ୍କ ସେବା ପାଇଁ କସ୍ତୁରୀ ଅଭାବ

ପୁରୀ, ୨୪।୩(ସମିସ): ମହାପ୍ରଭୁଙ୍କ ସେବା ପାଇଁ ଅଭାବ ପଡ଼ିଲାଣି କସ୍ତୁରୀ। ଏହି ଅଭାବ ପୂରଣ କରିବାକୁ ନେପାଳ ସରକାରଙ୍କୁ ଚିଠି ଲେଖିଛନ୍ତି ମହାପ୍ରଭୁଙ୍କ ବନକଲାଗି ନୀତି ବା ଶ୍ରୀମୁଖ ଶୃଙ୍ଗାର ନୀତି ସମ୍ପାଦିତ କରୁଥିବା ବରିଷ୍ଠ ଦତ୍ତମହାପାତ୍ର ସେବାୟତ ସଞ୍ଜୟ ଦତ୍ତମହାପାତ୍ର। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ମାଧ୍ୟମରେ ନେପାଳ ସରକାରଙ୍କୁ ଶ୍ରୀମନ୍ଦିର ପାଇଁ କସ୍ତୁରୀ ଯୋଗାଇବାକୁ ଚିଠି ଲେଖିଛନ୍ତି ସଞ୍ଜୟ। ଦୀର୍ଘ ବର୍ଷ ହେବ, ବନକଲାଗି

**ନେପାଳ ସରକାରଙ୍କୁ ଚିଠି ଲେଖିଲେ ସେବକ**

ନୀତି ପାଇଁ କସ୍ତୁରୀର ଅଭାବ ପରିଲକ୍ଷିତ ହୋଇଥିବା ନେଇ ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇ କିଛି ଫଳ ନ ମିଳିବାରୁ ନେପାଳ ସରକାରଙ୍କୁ ସେ ଏନେଇ ଚିଠି ଲେଖିଥିବା କହିଛନ୍ତି। ବନକଲାଗି ନୀତିରେ କସ୍ତୁରୀର ବଡ଼ ଭୂମିକା ରହିଛି।

ମହାପ୍ରଭୁଙ୍କ ଶ୍ରୀମୁଖକୁ ସୁରକ୍ଷିତ ରଖିବାରେ କସ୍ତୁରୀର ଆବଶ୍ୟକତା ରହିଥାଏ। ଶ୍ରୀମନ୍ଦିରକୁ ନେପାଳରୁ କସ୍ତୁରୀ ଆସୁଥିବା ବେଳେ ଏବେ କିଛି ବର୍ଷ ହେବ କସ୍ତୁରୀ ଯୋଗାଣ ବନ୍ଦ ରହିଛି। ନେପାଳ ସହ ଶ୍ରୀମନ୍ଦିରର ସମ୍ପର୍କ ବେଶ୍ ନିବିଡ଼ ଓ ପୁରାତନ ହୋଇଥିବାରୁ କସ୍ତୁରୀ ଆବଶ୍ୟକତାକୁ ପୂରଣ ପାଇଁ ନେପାଳ ସରକାରଙ୍କୁ ଇ-ମେଲ୍ ଯୋଗେ ଗତ ଜାନୁଆରୀରେ ଚିଠି ଲେଖି ଅନୁରୋଧ କରିଛନ୍ତି ଦତ୍ତମହାପାତ୍ର ସେବାୟତ ସଞ୍ଜୟ।

# ସତ୍ୟପାଠ ଦାଖଲରେ ଅବହେଳା ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ, ୨୪।୩(ସମିସ): ବିଭିନ୍ନ ସମୟରେ ଅଦାଲତରେ ସତ୍ୟପାଠ ଦାଖଲ କରିବାରେ ରାଜ୍ୟ କର୍ତ୍ତୃପକ୍ଷଙ୍କ ଶିଥିଳ ଆଭିମୁଖ୍ୟକୁ ନେଇ ହାଇକୋର୍ଟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କର୍ତ୍ତୃପକ୍ଷଙ୍କ ଏଭଳି ଦାୟିତ୍ୱହୀନ ମନୋଭାବ ଯୋଗୁଁ ମାମଲାଗୁଡ଼ିକର ବିଚାରରେ ଅଯଥା ବିଳମ୍ବ ହେଉଛି, ଯାହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ବିଭିନ୍ନ ଅଦାଲତ ଓ ଟ୍ରିବ୍ୟୁନାଲରେ ସରକାରୀ ବିଭାଗଗୁଡ଼ିକ ଠିକ୍ ସମୟରେ ସତ୍ୟପାଠ ଦାଖଲ କରିବା ପାଇଁ ସ୍ୱତନ୍ତ୍ର ନିୟମାବଳୀ ବା ଏସଓପି ଅଛି କି ନାହିଁ, ତାହା ଜଣାଇବାକୁ ଆଇନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଯଦି କୌଣସି ଏସ୍‌ଓପି ନାହିଁ, ତେବେ ଏସ୍‌ଓପି ପ୍ରସ୍ତୁତ କରିବା ପାଇଁ ସରକାର କ'ଣ ପଦକ୍ଷେପ ନେଉଛନ୍ତି, ତାହା ସତ୍ୟପାଠରେ ସ୍ପଷ୍ଟ କରିବାକୁ ହାଇକୋର୍ଟ କହିଛନ୍ତି। ପୂର୍ଣ୍ଣଚନ୍ଦ୍ର ପୁହାଣଙ୍କ ତରଫରୁ ରୁଜୁ ଏକ ଅଦାଲତ ଅବମାନନାର ଶୁଣାଣି କରି ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲଦାରଙ୍କ ବିରୋଧରେ ଏହି ଅଦାଲତ ଅବମାନନା ମାମଲା ଦାୟର କରିଥିଲେ ଆବେଦନକାରୀ। ଏହି ମାମଲାର ଶୁଣାଣି ମାର୍ଚ୍ଚ ୨୪ତାରିଖରେ ଧାର୍ଯ୍ୟ ହୋଇଥିବା ବେଳେ ସରକାରୀ ପକ୍ଷ ଏହାର ମାତ୍ର ଦିନକ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୨୩ରେ ସତ୍ୟପାଠ ଦାଖଲ କରିଥିଲେ। ସତ୍ୟପାଠ ଶେଷ ମୁହୂର୍ତ୍ତରେ ଦାଖଲ କରାଯାଇଥିବାରୁ ଏହା ହାଇକୋର୍ଟଙ୍କ ରେକର୍ଡ ସହ ସଂଲଗ୍ନ ହୋଇପାରିନଥିଲା। ସରକାରଙ୍କ ଏଭଳି କାର୍ଯ୍ୟଶୈଳୀ ଯୋଗୁଁ ଅଦାଲତର

**ଏସ୍‌ଓପି ସମ୍ପର୍କରେ ବିସ୍ତୃତ ସତ୍ୟପାଠ ଦାଖଲ ପାଇଁ ଆଇନ ସଚିବଙ୍କୁ ନିର୍ଦ୍ଦେଶ**

ସମୟ ନଷ୍ଟ ହେଉଛି ଏବଂ ମାମଲା ଶୁଣାଣିରେ ଅହେତୁକ ବିଳମ୍ବ ହେଉଛି ବୋଲି ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ଆଇନ ସଚିବଙ୍କୁ ଏକ ବ୍ୟାପକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆସନ୍ତା ଚାରି ସପ୍ତାହ ମଧ୍ୟରେ ଏହି ସତ୍ୟପାଠ ଦାଖଲ କରିବାକୁ ଆଇନ ସଚିବଙ୍କୁ ସମୟ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୫କୁ ଧାର୍ଯ୍ୟ କରାଯାଇଛି।

# ମାଓ ନେତା ଶୁକ୍ରୁର ଆତ୍ମସମର୍ପଣ

ଫୁଲବାଣୀ,୨୪।୩(ସମିସ): ଓଡ଼ିଶାରେ ଦଶନ୍ଧି ଧରି ଚାଲି ଆସିଥିବା ମାଓବାଦୀ ହିଂସା ଇତିହାସରେ ଆଜି ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ରାଜ୍ୟର ସବୁଠାରୁ ଦୁର୍ଦ୍ଦାନ୍ତ ଏବଂ ମୋଷ୍ଟ ୱାଣ୍ଟେଡ୍ ମାଓ ନେତା କଷା ସୋଡ଼ି ଓରଫ୍ ଶୁକ୍ରୁ, ନିଜର ୪ ଜଣ ସହଯୋଗୀଙ୍କ ସହ କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ଶୁକ୍ରୁର ଆତ୍ମସମର୍ପଣ ରାଜ୍ୟରେ ଲାଲ୍ ବାହିନୀର ପତନର ଏକ ସ୍ପଷ୍ଟ ସଙ୍କେତ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ଶୁକ୍ରୁ କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ନିଜକୁ ସମର୍ପଣ କରିଛି। ଏକ ଏକେ-୪୭ ରାଇଫଲ୍ ଏବଂ ବିପୁଳ ପରିମାଣର ଗୋଳାବାରୁଦ ମଧ୍ୟ ପୁଲିସକୁ ହସ୍ତାନ୍ତର କରିଛି। ଶୁକ୍ରୁ ସହ ଆତ୍ମସମର୍ପଣ କରିଥିବା ଅନ୍ୟ ୪ଜଣ ମାଓବାଦୀ ମଧ୍ୟ ସଙ୍ଗଠନର ସକ୍ରିୟ ସଦସ୍ୟ ଥିଲେ। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆ ଏବଂ ଆଣ୍ଟି ନକ୍ସଲ ଅପରେସନ୍‌ର ଏଡିଜି ସଞ୍ଜୀବ ପଣ୍ଡା ଏହି ଖବରକୁ ନିଶ୍ଚିତ କରିବା ସହ ଏହାକୁ ସୁରକ୍ଷାବାହିନୀର ଏକ ବଡ଼ ସଫଳତା ବୋଲି ଅଭିହିତ କରିଛନ୍ତି। କଷା ସୋଡ଼ି ଓରଫ୍ ଶୁକ୍ରୁ ମୂଳତଃ ମାଲକାନଗିରି ଜିଲ୍ଲା କାଲିମେଲା ଅଞ୍ଚଳର ବାସିନ୍ଦା। ସେ ପ୍ରତିବନ୍ଧିତ ସିପିଆଇ (ମାଓବାଦୀ) ସଙ୍ଗଠନର ରାଜ୍ୟ କମିଟି ସଦସ୍ୟ ଥିଲା। ସେ କନ୍ଧମାଳ, କଳାହାଣ୍ଡି ଏବଂ ରାୟଗଡ଼ା (କେକେଆର) ବେଲ୍ଟରେ ମାଓବାଦୀ କାର୍ଯ୍ୟକଳାପର ମାଷ୍ଟରମାଇଣ୍ଡ ଭାବେ ଜଣାଶୁଣା ଥିଲା। ତା' ମୁଣ୍ଡ ଉପରେ ରାଜ୍ୟ ସରକାର ୫୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଗତ କିଛି ବର୍ଷ ଧରି ସେ ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଥିଲା ଏବଂ ବହୁ ବଡ଼ଧରଣର ଆକ୍ରମଣ, ହତ୍ୟା ଓ ଅଗ୍ନିକାଣ୍ଡ ଘଟଣାରେ ସାମିଲ ଥିଲା।


ମୁଣ୍ଡରେ ଥିଲା ୫୫ ଲକ୍ଷ ଟଙ୍କାର ପୁରସ୍କାର

ଏକ ସାମ୍ବାଦିକ ସମ୍ମିଳନୀରେ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି ଯେ ଓଡ଼ିଶା ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷାବାହିନୀ ରାଜ୍ୟକୁ ମାଓମୁକ୍ତ କରିବା ପାଇଁ ୩୧ମାର୍ଚ୍ଚ ସୁଦ୍ଧା ସମୟସୀମା ସ୍ଥିର କରିଥିଲେ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ କନ୍ଧମାଳର ଘଞ୍ଚ ଜଙ୍ଗଲରେ ବ୍ୟାପକ କମ୍ବିଂ ଅପରେସନ୍ ଜାରି ରହିଥିଲା। ଶୁକ୍ରୁକୁ ଚାରିପଟୁ ଘେରି ଦିଆଯାଇଥିଲା। ପୁଲିସର କ୍ରମାଗତ ଚାପ ଏବଂ ସରକାରଙ୍କ ଆକର୍ଷଣୀୟ ଆତ୍ମସମର୍ପଣ ଓ ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ଶୁକ୍ରୁ ହିଂସାର ରାସ୍ତା ଛାଡ଼ି ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଛି। ସେ ଆହୁରି କହିଛନ୍ତି ଯେ ଶୁକ୍ରୁ ଭଳି ବଡ଼ନେତାର ଆତ୍ମସମର୍ପଣ ପରେ ଓଡ଼ିଶାରେ ସକ୍ରିୟ ମାଓବାଦୀଙ୍କ ସଂଖ୍ୟା ଏବେ ସିଙ୍ଗଲ୍ ଡିଜିଟ୍ (୯ ରୁ କମ୍)କୁ ଖସି ଆସିଛି।

# ସଂସଦକୁ ନିର୍ବାଚିତ ହେବେ ୨୭୩ ମହିଳା ସାଂସଦ

**ଓଡ଼ିଶାରେ ମହିଳାଙ୍କ ପାଇଁ ସଂରକ୍ଷିତ ହେବ ୧୦ ଲୋକସଭା ଆସନ**

ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୩(ସମିସ): ଗତ ଶତାବ୍ଦୀର ଶେଷ ଦଶନ୍ଧୀରେ ମହିଳାମାନଙ୍କ ପାଇଁ ରାଜନୀତିରେ ସ୍ଥାନ ସଂରକ୍ଷଣ ପାଇଁ ସ୍ୱପ୍ନ ଦେଖିଥିଲେ ତତ୍‌କାଳୀନ ମୁଖ୍ୟମନ୍ତ୍ର ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ । ଏଥିପାଇଁ ନକ୍ସା ପ୍ରସ୍ତୁତ କରିଥିଲେ। ୨୦୦୦ ମସିହାରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ମହିଳା ସଶକ୍ତିକରଣ ସହ ସେମାନଙ୍କୁ ରାଜନୀତିରେ ଉପଯୁକ୍ତ ମର୍ଯ୍ୟାଦା ଦେବା ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ ନବୀନ ପଟ୍ଟନାୟକ । ରାଜନୀତିରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ନିମନ୍ତେ ବିଜୁ ଜନତା ଦଳ ସଂସଦରେ ବାରମ୍ବାର ଦାବି କରିଥିଲା । ଲୋକସଭା ନିର୍ବାଚନରେ ବିଜେଡି ଏକ ତୃତୀୟାଂଶ ସ୍ଥାନରେ ମହିଳାମାନଙ୍କୁ ପ୍ରାର୍ଥୀ କରି ସାରା ଦେଶରେ ଉଦାହରଣ ସୃଷ୍ଟି କରିଥିଲା । ଏପରିକି ୨୦୨୨ ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ନବୀନ ପଟ୍ଟନାୟକ ୫୦ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳାମାନଙ୍କୁ ନିର୍ବାଚନରେ ସୁଯୋଗ ଦେଇଥିଲେ, ୭୦% ଜିଲ୍ଲା ପରିଷଦରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ପଦରେ ମହିଳାମାନଙ୍କୁ ସୁଯୋଗ ସାରା ଦେଶରେ ରେକର୍ଡ୍ ସୃଷ୍ଟି କରିଥିଲା। ମହିଳା ସଂରକ୍ଷଣ ପାଇଁ ବିଜେଡି ସହ ଦେଶର ଅନ୍ୟ ରାଜନୈତିକ ଦଳଗୁଡ଼ିକ ବି ସ୍ୱର ମିଳାଇଥିଲେ; ଶେଷରେ ସଂସଦ ଓ ବିଧାନସଭାରେ ୩୩% ସଂରକ୍ଷଣ ପ୍ରସ୍ତାବ ୨୦୨୩ରେ ଗୃହୀତ ହୋଇଥିଲା ଦେଶର ଲୋକସଭା ଆସନ ସଂଖ୍ୟା ୮୧୬କୁ ବୃଦ୍ଧି ଓ ମହିଳା ସାଂସଦଙ୍କ ପାଇଁ ୩୩% ସଂରକ୍ଷଣ ସହ ଆସନ ସଂଖ୍ୟା ୨୭୩

**■ ରାଜ୍ୟ ବିଧାନସଭାରେ ୭୦ ଟପିବ ମହିଳା ବିଧାୟକଙ୍କ ସଂଖ୍ୟା**
**■ ଦେଶର ଲୋକସଭା ଆସନ ସଂଖ୍ୟା ୮୧୬ରେ ପହଞ୍ଚିବା ସମ୍ଭାବନା**
**■ ଦେଶର ସବୁ ରାଜନୈତିକ ଦଳ ସହ ଗୃହ ମନ୍ତ୍ରୀଙ୍କ ବିଚାରବିମର୍ଶ**
**■ ଚଳିତ ସପ୍ତାହରେ ଆସିପାରେ ସମ୍ବିଧାନ ସଂଶୋଧନ ବିଧେୟକ**

କରାଯିବା ପାଇଁ ସଂସଦର ଚଳିତ ଅଧିବେଶନରେ ଏ ସଂକ୍ରାନ୍ତରେ ଆଉ ଏକ ସଂଶୋଧନ ପ୍ରସ୍ତାବ ଆଣିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ଚଳିତ ସପ୍ତାହରେ ଏ ସଂକ୍ରାନ୍ତ ବିଧେୟକ ସଂସଦରେ ଆଗତ ହେବ ବୋଲି ସୂଚନା ମିଳିଛି ।

ସାଧାରଣତଃ ସମ୍ବିଧାନ ସଂଶୋଧନ ନିମନ୍ତେ ସଂସଦର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ । ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ସରକାର ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଗତ ତିନିଦିନ ହେଲା ରାଷ୍ଟ୍ରବାଦୀ କଂଗ୍ରେସ, ସମାଜବାଦୀ ପାର୍ଟି, ଆର୍‌ଜେଡ଼ି, ଏଆଇଏମ୍‌ଆଇଏମ୍, ବିଜେଡି, ଶିବସେନା (ଉଦ୍ଧବ), ୱାଇଏସ୍‌ଆର୍ କଂଗ୍ରେସ ଆଦି ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା କରିଛନ୍ତି। ଆସନ୍ତାକାଲି ଏ ସଂକ୍ରାନ୍ତରେ କଂଗ୍ରେସ ସହ କେନ୍ଦ୍ର ଗୃହମନ୍ତ୍ରୀ ଆଲୋଚନା କରିବେ । ଯଦି ଏହି ଆଲୋଚନା ସଫଳ ହୁଏ, ତେବେ ଏହି ସପ୍ତାହରେ ସଂସଦରେ ସୀମା ନିର୍ଦ୍ଧାରଣ କମିଶନ ଗଠନ ଓ ମହିଳା ସଂରକ୍ଷଣ ନିମନ୍ତେ ଗୃହୀତ ହୋଇଥିବା ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଧେୟକ ଆଗତ କରାଯିବ। ସଂସଦର ଉଭୟ ସଦନରେ ଗୃହୀତ ହେବା ପରେ ମହିଳା ସଂରକ୍ଷଣ ସଂକ୍ରାନ୍ତ ନାରୀ ଶକ୍ତିବନ୍ଦନ ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି, ମାତ୍ର ଏହା ଏଯାଏ କାର୍ଯ୍ୟକାରୀ କରାଯାଇ ନାହିଁ। ତେଣୁ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିବେ ।

ଫଳରେ ୨୦୨୯ରେ ଦେଶରେ ଏକ ତୃତୀୟାଂଶ ଲୋକସଭା ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ । ୫୦% ଲୋକସଭା ଆସନ ବୃଦ୍ଧି ପରେ ଉତ୍ତରପ୍ରଦେଶରୁ ସର୍ବାଧିକ ୪୦ ଜଣ ମହିଳା ସାଂସଦ ନିର୍ବାଚିତ ହେବେ । ସେହିପରି ଆନ୍ଧ୍ରପ୍ରଦେଶରୁ ୨୧, ବିହାରରୁ ୨୦, ଗୁଜରାଟରୁ ୧୩, ଓଡ଼ିଶାରୁ ୧୦, କର୍ଣ୍ଣାଟକରୁ ୧୪, କେରଳରୁ ୧୦, ମହାରାଷ୍ଟ୍ରରୁ ୨୪, ମଧ୍ୟପ୍ରଦେଶରୁ ୧୫, ପଞ୍ଜାବରୁ ୭, ରାଜସ୍ଥାନରୁ ୧୩, ତାମିଲନାଡୁରୁ ୨୦, ପଶ୍ଚିମବଙ୍ଗରୁ ୨୧ ମହିଳା ସାଂସଦ ଲୋକସଭାକୁ ନିର୍ବାଚିତ ହେବେ। ଅନୁରୂପ ଭାବରେ ବିଧାନସଭା ଓ ବିଧାନ ପରିଷଦଗୁଡ଼ିକରେ ମଧ୍ୟ ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଓଡ଼ିଶା ବିଧାନସଭାରେ ୫୦% ଆସନ ବୃଦ୍ଧି ପରେ ଆସନ ସଂଖ୍ୟା ଅନ୍ୟୂନ ୨୧୦ ଅତିକ୍ରମ କରିବ ଓ ମହିଳାଙ୍କ ପାଇଁ ୭୦ ଆସନ ସଂରକ୍ଷିତ ରହିବ ବୋଲି ଆକଳନ କରାଯାଇଛି ।

### ରାମନବମୀ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

# ଏସ୍‌ପିଙ୍କ ନେତୃତ୍ୱରେ ପୁଲିସ, ବିଏସ୍‌ଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ



ଜୟପୁର, ୨୪।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଆସନ୍ତା ୨୭ ତାରିଖରେ ରାମନବମୀ ପାଳନ ପାଇଁ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆୟୋଜିତ ଶୋଭାଯାତ୍ରାରେ ପ୍ରାୟ ୫୦ ହଜାର ସଂଖ୍ୟାରେ ଜନସମାଗମ ହେବାର ଆଶଙ୍କା ରହିଛି । ତେଣୁ ଆଇନ ଓ ଶୃଙ୍ଖଳା ବ୍ୟବସ୍ଥା ବଜାୟ ରଖିବା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଆଜି ଅପରାହ୍ନ ୪ଟା ଠାରୁ ସ୍ଥାନୀୟ ପାୱାର ହାଉସ୍ ଛକ ଠାରୁ ପାରବେଢା ଦଶହରା ପଡିଆ ପର୍ଯ୍ୟନ୍ତ ଜିଲ୍ଲା ପୁଲିସ ଏବଂ ସଶସ୍ତ୍ର ବିଏସଏଫ ଯବାନ ମାନେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ । ଜିଲ୍ଲା ଏସ୍‌ପି ରୋହିତ ବର୍ମାଙ୍କ ନେତୃତ୍ୱରେ ଆୟୋଜିତ ଫ୍ଲାଗମାର୍ଚ୍ଚରେ ଅତିରିକ୍ତ ଏସ୍‌ପି ଅଭିଷେକ ପାଣିଗ୍ରାହୀ, କୋରାପୁଟ ମୁଖ୍ୟାଳୟ ଡିଏସପି ପାର୍ଥ କାଶ୍ୟପ, ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ, ସଦରଥାନା ଅଧିକାରୀ ତଥା ପ୍ରବେଶନାରୀ ଆପିଏସ ଅଧିକାରୀ ରାମଶାଦ କେ.ବି, ସଦରର ରିଜର୍ଭ ଇନସପେକ୍ଟର ନିଶାନ୍ତ ବିଶ୍ୱାଳ, ବିଏସଏଫ ଅଧିକାରୀ ଯୋଗ ଦେଇଥିଲେ । ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଆୟୋଜିତ ଏହି ଫ୍ଲାଗ ମାର୍ଚ୍ଚରେ ସଶସ୍ତ୍ର ବିଏସଏଫ ଯବାନ ୨ ପ୍ଲାଟୁନ ଏବଂ ଗୋଟିଏ ପ୍ଲାଟୁନ ଜିଲ୍ଲା ପୁଲିସର ଯବାନ ମାନେ ଯୋଗଦେଇଥିଲେ । ଏହାପରେ ଏସଡିପିଓଙ୍କ କାର୍ଯ୍ୟାଳୟ ଠାରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଏସ୍‌ପି ଶ୍ରୀ ବର୍ମା ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା । ଜିଲ୍ଲା ଏସ୍‌ପି ଶ୍ରୀ ବର୍ମା ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ଆସନ୍ତା ୨୭ ତାରିଖରେ ଜୟପୁର ଠାରେ ଆୟୋଜିତ ରାମନବମୀ ଉତ୍ସବ ପାଳନ ଅବସରରେ ୫୦ ହଜାର ଲୋକଙ୍କ ସମାଗମ ହେବାର ଆଶଙ୍କା ରହିଛି । ତେଣୁ ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସହରରେ ୧୩ ପ୍ଲାଟୁନ୍ ସଶସ୍ତ୍ର ବାହିନୀ ଯବାନଙ୍କ ସମେତ ଜିଲ୍ଲା ଏସ୍‌ପିଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍‌ସପେକ୍ଟର, ଏସ୍‌ଆଇ ଏବଂ ଏଏସଆଇଙ୍କୁ ମିଶାଇ ସମୁଦାୟ ୪୦ରୁ ଅଧିକ ଅଧିକାରୀ ଉପସ୍ଥିତ ରହିବେ । ଏହିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଶୋଭାଯାତ୍ରା ଶେଷ କରିବା ଏବଂ ଆଇନଶୃଙ୍ଖଳା ବଜାୟ ରଖିବାକୁ ଆୟୋଜକ କମିଟିକୁ ପରାମର୍ଶ ଦିଆଯାଇଛି । ସେହପିର ଡିଜେ ବଜାଇଲେ ସୁଦ୍ଧା ସରକାରୀ ନିୟମ ଅନୁଯାୟୀ ଶବ୍ଦ ପ୍ରଦୂଷଣ ଆଇନ ଅନୁଯାୟୀ ବଜାଯିବ । ସେହିପରି ଅନ୍ୟାନ୍ୟ ବ୍ୟବସ୍ଥା ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ କମିଟିକୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ, ଶ୍ରୀରାମ ନବମୀ ଜୟପୁର ଠାରେ ଆୟୋଜିତ ହେବାକୁ ଯାଉଛି । ଏଥିରେ ବ୍ୟାପକ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ପାୱାର ହାଉସ ଛକ ଠାରୁ କେବିଏସଡି ରୋଡ, ମୁଖ୍ୟରାସ୍ତା, ଟ୍ରାଫିକ ଛକ, ପାରାବେଢା ଛକ ଦେଇ ଦଶହରା ପଡିଆ ପର୍ଯ୍ୟନ୍ତ ଆସନ୍ତା ୨୭ ତାରିଖ ଅପରାହ୍ନ ସାଢେ ୪ଟା ଠାରୁ ରାତି ୧୦ ପର୍ଯ୍ୟନ୍ତ ସହରରେ ଶୋଭାଯାତ୍ରା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜକ କମିଟିକୁ ଅନୁମତି ପ୍ରଦାନ କରିଛନ୍ତି । ଏଥିନେଇ ଗତ ୧୯ ତାରିଖରେ ଆୟୋଜକ କମିଟି ଓ ସହରର ବୁଦ୍ଧିଜୀବୀଙ୍କୁ ନେଇ ପ୍ରଶାସନ ଓ ପୁଲିସ ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଇଥିଲା ।

## ଡିଗ୍ରୀ କଲେଜରେ ନବସୃଜନ କାର୍ଯ୍ୟକ୍ରମ




ନାରାୟଣପାଟଣା,୨୪।୩(ସମିସ): ନାରାୟଣପାଟଣା ବ୍ଲକ ସ୍ଥିତ ଯୁକ୍ତ ତିନି ଡିଗ୍ରୀ କଲେଜ ପରିସରରେ ଆଜି ନବସୃଜନ ଓ ସଚେତନ କାର୍ଯ୍ୟକ୍ରମ କର୍ମଶାଳା ଆୟୋଜନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କଲେଜ ପ୍ରୀନ୍ସିପାଲ କୁଳଦୀପ ଲାକ୍ରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କର୍ମଶାଳା ଜରିଆରେ ଯୁବପୀଢ଼ିଙ୍କ ମଧ୍ୟରେ ଭବିଷ୍ୟତରେ ନୂତନ ଚିନ୍ତାଧାରା ବିକାଶ କରିବା, ଯୁବପୀଢ଼ି ନୂତନ ବ୍ୟବସାୟ ପାଇଁ ଉତ୍ସାହିତ କରିବା , ବିଭିନ୍ନ ସରକାରୀ ଯୋଜନାରେ ନିଜକୁ ସାମିଲ କରି ତାର ଲାଭ ଉଠାଇବା ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଦୁଇ ଉଦ୍ୟୋଗୀ ଏସ୍ ମଧୁସୁଦନ ରାଓ ଓ ଶଶୀ ଭୂଷଣ ସେନାପତି କିପରି ନିଜସ୍ୱ ଉଦ୍ୟମରେ ଲେମନ ଗ୍ରାସ ସ୍ଥାପନ କରି ତେଲ ସଂଗ୍ରହ କରି ଲାଭବାନ୍ ହୋଇଛନ୍ତି ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ନିଜର ଉଦ୍ୟୋଗ ପ୍ରତିଷ୍ଠା ବିଷୟରେ ବୁଝାଇଥିଲେ ଏସ୍ ମଧୁସୁଦନ ରାଓ । ସେହିପରି ଶଶୀଭୂଷଣ ସେନାପତି ପେପର ପ୍ଲେଟ୍ ତିଆରି କରିବା ପ୍ରଣାଳୀ ,ସେଥିରେ କେତେ ଖର୍ଚ୍ଚ, ଲାଭ ବିଷୟରେ ବୁଝାଇଥିଲେ । ଏହିସବୁ ଉଦ୍ୟୋଗୀଙ୍କ ପରି ଅନ୍ୟ ବହୁତ ଯୋଜନାରେ ଆଗାମୀ ଦିନରେ ସାମିଲ କରି ଭବିଷ୍ୟତ ଗଢ଼ିବାରେ ସହାୟ ହୋଇପାରିବ ବୋଲି ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ କହିଥିଲେ । ଆୟୋଜିତ କର୍ମଶାଳାରେ ଲକ୍ଷଣ ବାଘ ସଭା ପରିଚାଳନା କରିଥିବା ବେଳେ ନୂତନ କୁମାର ସାହୁ, କାଡ୍ରାକା ଧର୍ମା, ନେପୋଲିୟନ ହନ୍ତାଳ ,ଅରୁନ୍ଧତୀ ସ୍ୱାଇଁ, ସରସ୍ୱତୀ ଫୋଲା, ବନୀ ମୋଡକା ପ୍ରମୁଖ ସହଯୋଗ କରିଥିଲେ ।

### ଥମୁନି ଚୋର ପୁଲିସ ଲୁଚକାଳି ଖେଳ

# ସ୍କୁଟି ଚୋରି, ଚୋରା ବୋଲେରୋ ଉଦ୍ଧାର



ନନ୍ଦପୁର,୨୪।୩(ସମିସ): ନନ୍ଦପୁର ଅଞ୍ଚଳରେ ବର୍ତ୍ତମାନ ଚୋର ପୁଲିସ ଲୁଚକାଳି ଖେଳ ଚାଲିଛି । ଉଭୟ ନନ୍ଦପୁର ଓ ପଡୁଆ ଥାନା ପୁଲିସକୁ ଚୋର ଗ୍ୟାଙ୍ଗ ଏକ ପ୍ରକାର ଚାଲେଞ୍ଜ ଦେଲା ଭଳି ମନେ ହେଉଛି । ଗତ ସପ୍ତାହରେ ନନ୍ଦପୁର ଥାନା ଅଞ୍ଚଳରୁ ଗୋଟିଏ ବାଇକ୍ ଓ ଗୋଟିଏ ବୋଲେରୋ ଚୋରି ହୋଇଥିବାବେଳେ ସୋମବାର ନନ୍ଦପୁର ପୁଲିସ ଦ୍ୱାରା ଉକ୍ତ ବୋଲେର ଉଦ୍ଧାର ହୋଇଛି । ସେହିପରି ପାଡୁଆ ଥାନା ଅଞ୍ଚଳରେ ଗତ ରବିବାର ରାତିରେ ବୋଲେରୋ ସହ ଦୁଇ ବାଇକ୍ ଚୋରି ଘଟଣା ଅଞ୍ଚଳରେ ଆତଙ୍କ ଖେଳିଛି । ଠିକ୍ ତିନି ଦିନ ପରେ ପୁଣି ଲୁଟେରା ଦଳ ପାଡୁଆ ପୁଲିସର ଧୈର୍ଯ୍ୟ ପରୀକ୍ଷା କରି ସୋମବାର ରାତିରେ ପାଡୁଆ ଗ୍ରାମର ପି.ସାଇକୁମାରଙ୍କ ସ୍କୁଟି ଏପି.୪୦- ଏ ଭି.୮୨୦୬କୁ ଲୁଟି ନେଇ ସିଧା ସଳଖ ଚ୍ୟାଲେଞ୍ଜ କରିଛନ୍ତି । ତେବେ ଗତ ତିନି ଦିନ ପୂର୍ବେ ଚୋରି ହୋଇଥିବା ଢାବା ମାଲିକଙ୍କ ବୋଲେରୋକୁ ପୁଲିସ ପଟାଙ୍ଗୀ ଅଞ୍ଚଳରୁ ଉଦ୍ଧାର କରିଥିବା ଜଣାପଡିଛି । ତେବେ ଗୋଟିଏ ପଟେ ଚୋରା ଗାଡ଼ି ଉଦ୍ଧାର ହେଉଥିବା ବେଳେ ଆଉ ଗୋଟେ ପେଟ ଲୁଟେରା ଗ୍ୟାଙ୍ଗ ଗୋଟି ଗୋଟି କରି ଗାଡ଼ି ଉଠେଇ ନେଉଥିବା ନେଇ ସାଧାରଣରେ ଆଲୋଡ଼ନ ସୃଷ୍ଟି ହୋଇଛି । ନନ୍ଦପୁର ଓ ପାଡୁଆ ଥାନା ଅଞ୍ଚଳରୁ ଚୋରି ହୋଇଥିବା ଗାଡି ଉଭୟ ପଟାଙ୍ଗୀ ଥାନା ଅଞ୍ଚଳରୁ ଉଦ୍ଧାର ହୋଇଥିବା ବେଳେ ଲୁଟେରା ଦଳର ଡେର ପଟାଙ୍ଗି ଅଞ୍ଚଳରେ ବୋଲି ସ୍ପଷ୍ଟ ହେଉଛି । ତେବେ ମଙ୍ଗଳବାର ପାଡୁଆ ପୁଲିସ ଆମ୍ବାବଳି ଅଞ୍ଚଳର ନୀଳଗିରି ଜଙ୍ଗଲରୁ ଚୋରା ବୋଲେରୋ ଉଦ୍ଧାର କରିଥିବା ବେଳେ ଲୁଟେରା ଦଳଙ୍କ ଖୋଜଖବର ପାଇପାରି ନାହିଁ । ଘନ ଘନ ଚୋରି ଯୋଗୁଁ ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ନନ୍ଦପୁର ଉପଖଣ୍ଡ ଥାନା ଅଧିକାରୀମାନଙ୍କ ସହ ଜୁମ୍ ମିଟିଂ କରି ବଢି ଚାଲିଥିବା ଗାଡି ଚୋରି ଘଟଣାର ସମୀକ୍ଷା କରିବା ସହ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରାମର୍ଶ ଦେଇଥିବା ଜଣାପଡିଛି ।

### ଧଣ୍ଡରା ଓ ଗୁରୁଜନୀଗୁଡା ଲୋକଙ୍କୁ ନରସିଙ୍ଗଗୁଡା ବଜାର ମନା ଘଟଣା

# ତହସିଲଦାରଙ୍କ ହସ୍ତକ୍ଷେପ ପରେ ସମସ୍ୟା ସମାଧାନ



ନନ୍ଦାହାଣ୍ଡି,୨୪।୩(ସମିସ): ଧଣ୍ଡରା ଓ ଗୁରୁଜାନୀଗୁଡା ଗ୍ରାମବାସୀଙ୍କୁ ନରସିଂହଗୁଡା ବଜାର ମନା କରାଯାଇଥିଲା । ଉକ୍ତ ଦୁଇ ଗ୍ରାମର ଲୋକେ ନରସିଂହଗୁଡା ର ଆସି କିଣାବିକା କିମ୍ବା କୌଣସି ବ୍ୟବସାୟ କରିପାରିବେନି , କୌଣସି ଦୋକାନୀ ସମ୍ପୃକ୍ତ ଦୁଇ ଗ୍ରାମର ଲୋକଙ୍କୁ ଜିନିଷ ବିକିବେନି । ଯଦି କିଏ ବିକ୍ରୟ କରନ୍ତି, ତାହାହେଲେ ୧ ହଜାର ଟଙ୍କା ଜରିମାନା ଦେବା ପାଇଁ ନରସିଂହଗୁଡା ଓ ବିଞ୍ଜିଗୁଡା କମିଟି ପକ୍ଷରୁ ନରସିଂହଗୁଡା ବଜାରର ବିଭିନ୍ନ ଦୋକାନରେ ପାମ୍ପଲେଟ ଜାରି କରାଯାଇଥିଲା । ପୂଜାରୀ ଜମି ଏବଂ ଜଙ୍ଗଲ କଟା ବିବାଦକୁ ନେଇ ଉପଜିଥିବା ଏହି ବିବାଦ ଗତ କିଛିଦିନ ତଳେ ଦେଖା ଦେଇଥିଲା । ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ଖବର ପାଇବା ପରେ ଆଜି ଦିନରେ ଚିଠି ମାଧ୍ୟମରେ ୪ ଗ୍ରାମର ଲୋକଙ୍କୁ କାର୍ଯ୍ୟାଳୟକୁ ଆସିବାକୁ ଜଣାଇଥିଲେ । ଆଜି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଆଲୋଚନା ହୋଇଥିଲା । ଗ୍ରାମର ଲୋକଙ୍କୁ ଦୀର୍ଘ ଦୁଇ ଘଣ୍ଟା ବୁଝାଇବା ପରେ ସମସ୍ତେ ରାଜି ହୋଇଥିବା ତହସିଲଦାର କହିଛନ୍ତି । ଆଜିର ଆଲୋଚନାରେ ଯେଉଁ ଜମି ବିବାଦ ପାଇଁ ଅଶାନ୍ତ ପରିବେଶ ହୋଇଥିଲା, ଏହା ସରକାରୀ ଜମି ବୋଲି ଜଣାପଡିଥିଲା । ଏହି ଜମିକୁ ସରକାରୀ ଭାବେ ନାମିତ କରାଯିବ ଓ କେହି ମଧ୍ୟ ଚାଷ କରିବେ ନାହିଁ ବୋଲି ତହସିଲଦାର କହିଥିଲେ । ଅନ୍ୟପଟେ ଜଙ୍ଗଲ ଜମି ପାଇଁ ମଧ୍ୟ ବିବାଦ ଲାଗିରହିଥିଲା । ଯାହାର ଯେତିକି ସୀମା ରହିଛି, ସେତିକିରେ ୪ ଗୋଟି ଗ୍ରାମର ସମସ୍ତେ ରାଜି ହୋଇଥିବା ତହସିଲଦାର କହିଛନ୍ତି । ଯେଉଁ କିଣାବିକା ସମସ୍ୟା ରହିଥିଲା, ଏହା ଆଉ ରହିବ ନାହିଁ ବୋଲି ଗ୍ରାମବାସୀ ସମସ୍ତେ ସହମତି ପ୍ରକାଶ କରିଛନ୍ତି । ଆଗକୁ ଯଦି ଆଗଭଳି ସମସ୍ୟା ହୁଏ , ତବେ ପ୍ରଶାସନ ତରଫରୁ ପୁଣିଥରେ ସମାଧାନ କରାଯିବ ବୋଲି ତହସିଲଦାର କହିଛନ୍ତି । ଉକ୍ତ ଆଲୋଚନାରେ ଅତିରିକ୍ତ ତହସିଲଦାର ବିଶ୍ୱଜିତ କର୍କରା ଓ ମେଣ୍ଡ୍ରି ରାଜସ୍ୱ ନିରୀକ୍ଷକ ପଦ୍ମ ଭୂଷଣ ବିଷୋୟୀ ଉପସ୍ଥିତ ଥିଲେ ।

## ବୈଷୟିକ ତାଲିମ କେନ୍ଦ୍ର ଉଦ୍‌ଘାଟନ କଲେ ବିଧାୟକ

ବୈପାରୀଗୁଡ଼ା,୨୪।୩(ସମିସ): କୁନ୍ଦୁରା ବ୍ଲକ ଲିମା ଗ୍ରାମପଞ୍ଚାୟତ ନୂଆଗୁଡା ଠାରେ ରୁଟଟେଗ ସ୍ମାର୍ଟ ଗ୍ରାମ କେନ୍ଦ୍ର ଫାର୍ମ ସ୍କୁଲ ଉଦ୍‌ଘାଟନ ହୋଇଯାଇଛି । କେନ୍ଦ୍ର ସରକାର ସହାୟତା ପ୍ରଦାନ କରୁଥିବା ବେଳେ ଆଗାମୀ ଦିନରେ ଜାତୀୟ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ନାବାର୍ଡ ପକ୍ଷରୁ ଚାଷୀଙ୍କୁ ସ୍ୱାମୀନାଥନ ସଂସ୍ଥା ଜରିଆରେ ଚାଷୀଙ୍କୁ ସହାୟତା ତଥା ଅର୍ଥ ମଞ୍ଜୁରୀ ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି । କୋଟପାଡ଼ ବିଧାୟକ ନୂଆଗୁଡା ସ୍ଥିତ ଫାର୍ମ ସ୍କୁଲ ନିମନ୍ତେ ୫ ଲକ୍ଷ ଟଙ୍କା ଅନୁଦାନ ଦେବା ନିମନ୍ତେ ଘୋଷଣା କରିଛନ୍ତି ।



ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଟେକ୍‌ନୋଲୋଜି ଅଭାବ ରହିଥିବା କୁନ୍ଦୁରା ବ୍ଲକ ଅଧିନସ୍ଥ ୬ଟି ଗ୍ରାମ ପଞ୍ଚାୟତର ଆସନା, କେରିମିଟି, ଲିମା, ବାଣୁଆଗୁଡା, ମସିଗାଁ ଏବଂ କୁନ୍ଦୁରା ଅନ୍ତର୍ଗତ ୨୨ଟି ଗ୍ରାମକୁ ପାଇଲଟ ଗ୍ରାମ ଭାବେ ଚିହ୍ନଟ କରାଯାଇଛି । ଏଠାରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଯୋଜନା ଗୁଡିକ ସିଧାସଳଖ ଚାଷୀଙ୍କ ବୈଷୟିକ ଜ୍ଞାନ ବୃଦ୍ଧି କରାଯିବ । ଏଥିପାଇଁ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଚାଷୀ ଯୋଗ ଦେଇଥିବା ବେଳେ ନାବାର୍ଡର ଡିଡିଏମ୍ ଦେବେନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା, ଜୟପୁର କୃଷି ଜିଲ୍ଲା ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଆଇସିଏ ଆର ନିର୍ଦ୍ଦେଶକ ଗୀତିନ ଚନ୍ଦ୍ର, ବ୍ଲକ୍ କୃଷି ଅଧିକାରୀ ତାପସ ଚନ୍ଦ୍ର ରାୟ, ମାଣ୍ଡିଆ ରାଣୀ ରାଇମତି ଘିଉରିଆ, ସ୍ୱାମୀନାଥନ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତରଣୀ ସେନ ବିଷୋୟୀ, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ ଯୋଗ ଦେଇ ଚାଷୀଙ୍କୁ ଉତ୍ସାହିତ କରିଥିଲେ ।

## ୧୨ବର୍ଷ ବାଳକଙ୍କୁ ଅପହରଣ ଉଦ୍ୟମ!

ରାୟଗଡ଼ା,୨୪।୩(ସମିସ): ରାୟଗଡ଼ ସହର ଅଞ୍ଚଳରେ ଆଜି ରାତ୍ର ପ୍ରାୟ ସାଢେ ୮ ଟା ସମୟରେ ଜଣେ ୧୨ ବର୍ଷ ବୟସ୍କ ବାଳକଙ୍କୁ ଠିକଣା ପଚାରିବା ଆଳରେ ଅପହରଣ କରିବାକୁ ଜଣେ ଅଜଣା ବ୍ୟକ୍ତି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ବାଳକ ଜଣକ ରାୟଗଡା ସହରର ସାଇପ୍ରିୟା ନଗର ଅଞ୍ଚଳରେ ରହୁଥିବା ଗ୍ୟାରେଜ ମାଲିକ ଚନ୍ଦନ ବିଶ୍ୱକର୍ମାଙ୍କ ପୁଅ ଆୟୁଷ ବିଶ୍ୱକର୍ମା । ସୂଚନା ଅନୁସାରେ, ପିଲାଟି ଘର ବାହାରକୁ କିଛି ସମୟ ପାଇଁ ବୁଲିବାକୁ ଯାଇଥିବା ବେଳେ ଜଣେ ଅଜଣା ବ୍ୟକ୍ତି ସ୍କୁଟିରେ ଆସି ତାକୁ ରାସ୍ତାରେ ଅଟକାଇ ଠିକଣା ପଚାରିଥିଲେ । ପରେ ଠିକଣାରେ ପହଞ୍ଚାଇ ଦେବାକୁ କହି ସ୍କୁଟିରେ ବସିବାକୁ ବାଧ କରିଥିଲେ । ପିଲାଟି କିନ୍ତୁ ସାହସ ଦେଖାଇ ସେଠାରୁ ନିକଟସ୍ଥ ଏକ ପଡିଆ ପଟେ ଦୌଡ଼ି ପଳାଇଥିବା ବେଳେ ଉକ୍ତ ସ୍କୁଟି ଚାଳକ ଜଣକ ପ ଦୁଇଥର ଉକ୍ତ ସ୍ଥାନରେ ପଇଁତରା ମାରି ପିଲାଟିକୁ ନ ପାଇ ସେଠାରୁ ଚାଲି ଯାଇଥିଲା । ପରେ ଉକ୍ତ ରାସ୍ତାରେ ସ୍ଥାନୀୟ ଜଣେ ଚିହ୍ନା ବ୍ୟକ୍ତି ଆସୁଥିବା ଦେଖି ପିଲାଟି ତାଙ୍କ ପାଖକୁ ଦୌଡ଼ି ଯାଇ ଘଟଣା ବିଷୟରେ କହିଥିବା ବେଳେ ଚିହ୍ନା ବ୍ୟକ୍ତି ଜଣଙ୍କ ତୁରନ୍ତ ପିଲାଟିକୁ ତାଙ୍କ ନିଜ ଘରେ ଛାଡିଥିଲେ । ତେବେ ପିଲାଟି ଘରକୁ ଫେରିବାରେ ବିଳମ୍ବ ହୋଇଥିବାରୁ ତାଙ୍କ ପରିବାର ଲୋକେ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରୁଥିବା ବେଳେ ପୁଅ ଆୟୁଷକୁ ପାଇ ଏବଂ ଘଟଣା ସମ୍ପର୍କରେ ଜାଣିବା ପରେ ମା ସୋନି ବିଶ୍ୱକର୍ମା ତୁରନ୍ତ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପୋଲିସ ଘଟଣାକୁ ଗୁରୁତର ସହିତ ନେଇ ତଦନ୍ତ ଆରମ୍ଭ କରିଛି । ଦୋଷୀକୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି ।

## ଦଶମନ୍ତପୁର ବ୍ଲକ୍‌ରେ କ୍ଲଷ୍ଟରସ୍ତରୀୟ କ୍ରିକେଟ୍ ମ୍ୟାଚ୍

ପୋଡ଼ାଗଡ଼,୨୪।୩(ସମିସ): ଦଶମନ୍ତପୁର ବ୍ଲକ୍‌ରେ କାର୍ଯ୍ୟରତ ୧୩ କ୍ଲଷ୍ଟରର ଶିକ୍ଷକଙ୍କୁ ନେଇ ଦଶମନ୍ତପୁର ସ୍ଥିତ କଲାଟିଗୁଡ଼ା ପଡିଆ ଠାରେ ଏକ ଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ୧୩ ଗୋଟି କ୍ଲଷ୍ଟରକୁ ନେଇ ୬ ଗୋଟି ଟିମ୍ ହେବା ପରିବର୍ତ୍ତେ ୪ ଗୋଟି ଟିମ୍‌କୁ ନେଇ ଖେଳ ଅନୁଷ୍ଠିତ ହୋଇଥିଲା । ଚଣାବାଡ଼ ଓ ମୁଣ୍ଡାଖୋଲା କ୍ଲଷ୍ଟରକୁ ନେଇ ଗୋଟିଏ ଦଳ, ପଦାବ ଗ୍ରୀଓଏଚ୍. ଗିର୍ଲିକୁ ନେଇ ଗୋଟିଏ ଦଳ, ପୋଡାଗଡ଼ ଓ ରୁଞ୍ଜାଗୁଡ଼ାକୁ ନେଇ ଗୋଟିଏ ଦଳ ଏବଂ ଦଶମନ୍ତପୁରକୁ ନେଇ ଏହିଭଳି ୪ ଦଳ ଭାଗନେଇ ସେମାନଙ୍କ ଖେଳ ପ୍ରଦର୍ଶନ କରିଥିଲେ । ସମସ୍ତ ଦଳକୁ ପରାସ୍ତ କରି ଚଣାବାଡ଼ ଓ ମୁଣ୍ଡାଖୋଲା କ୍ଲଷ୍ଟରର ସି.ମ୍ ସୁପରକିଙ୍ଗ ଚାମ୍ପିଅନ୍ ହୋଇଥିବା ଜଣାପଡିଛି । ଏହି ଟୁର୍ନାମେଣ୍ଟରେ ମ୍ୟାନ୍ ଅଫ୍ ଦ ଟୁର୍ନାମେଣ୍ଟ ଭାବେ ଗଣେଷ ମଲ୍ଲିକ, ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ରମେଶ ମୁଦୁଲି, ବେଷ୍ଟ ବୋଲର ଭାବେ ସୁରେନ୍ଦ୍ର ହିମିରିକା ହୋଇଥିଲେ । ଏହି ଖେଳରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅଭିଷେକ ଭୁଏ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିଶ୍ୱନାଥ ବିଶୋଇ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମନ୍ମଥ ମଣ୍ଡାଙ୍ଗିଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆରସିସି ଉପସ୍ଥିତ ଥିଲେ ।

## ଗୃହ ଗଣନା ତାଲିମ ଶିବିର

ଉମରକୋଟ,୨୪।୩ (ସମିସ): ଉମରକୋଟ ବ୍ଲକ୍ ସ୍ଥିତ ପିଏମ୍‌ଶ୍ରୀ ନୋଡାଲ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍ ସ୍ତରୀୟ ଗଣନକାରୀ ଓ ସୁପରଭାଇଜର ମାନଙ୍କ ତିନି ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି । ଏହାର ଉଦ୍‌ଘାଟନ ଅବସରରେ ସ୍ଥାନୀୟ ତହସିଲଦାର ମେଘବାନ ବାଘ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୁଜାରୀ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ । ୨୦୨୭ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜନଗଣନା ପୂର୍ବରୁ ଗୃହ ତାଲିକା ଏବଂ ଗୃହ ଗଣନା କାମ କିଭଳି ସୂଚାରୁ ରୂପେ କରାଯିବ ସେ ସମ୍ପର୍କରେ ଅବଗତ କରାଇ ଥିଲେ । ଭାରତ ବର୍ଷର ଜନଗଣନା ଯେ ବିଶ୍ୱର ସର୍ବ ବୃହତ ଜନଗଣନା ଏବଂ ଏହା ଦ୍ୱାରା ଆମ ଦେଶର କ'ଣ ଲାଭ ହେବ ସେ ସମ୍ପର୍କରେ ମଧ୍ୟ ନିଜ ମତ ରଖିଥିଲେ । ଚଳିତ ଥର ପ୍ରଥମ ଥର ଲାଗି ଦେଶରେ ଡିଜିଟାଲ ଆପ ଜରିଆରେ ଏହି କାର୍ଯ୍ୟ ହେବା ସହ ବ୍ୟକ୍ତି ଜଣକ ସ୍ୱଗଣନା କରିବାର ସୁଯୋଗ ପାଇବେ । ଏହି କାର୍ଯ୍ୟ ତିନୋଟି ପର୍ଯ୍ୟାୟରେ ହେବାକୁ ଯାଉଛି । ଦେଶର ବିକାଶ ଓ ପ୍ରଗତିରେ ଏହି ଜନଗଣନାର ଅବଶ୍ୟକତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଗଣନାକାରୀ ଯେପରି ନିର୍ଭୁଲ ତଥ୍ୟ ସଂଗ୍ରହ କରିବ ସେ ସମ୍ପର୍କରେ ଆଲୋଚନା କରାଗଲା । ସାଧନ କର୍ମୀ ଭାବରେ ନରେଶ ଚନ୍ଦ୍ର ପଟ୍ଟନାୟକ, ଅନୁପମ ମଣ୍ଡଳ, ସଞ୍ଜୟ କୁମାର ସାମଲ ଓ ବସନ୍ତ କୁମାର ନାୟକ ଏହି ତାଲିମ ଶିବିରରେ ତାଲିମ ପ୍ରଦାନ କରୁଛନ୍ତି ।

## ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ କ୍ୟାମ୍ପେନ୍ ଆରମ୍ଭ



ନବରଙ୍ଗପୁର,୨୪।୩(ସମିସ): ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ସ୍ଥିତ ସମ୍ମିଳନୀ ଗୃହରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ -୧୦୦ ଦିନିଆ କ୍ୟାମ୍ପେନ୍ ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯକ୍ଷ୍ମା ରୋଗ ଚିହ୍ନଟ "ହ୍ୟାଣ୍ଡ ହେଲ୍ଡ ଏକ୍ସରେ' ମେସିନ ଶୁଭ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ଏଡିପିଏଚଓ(ଟିବି) ଡ. ମଳୟ ତ୍ରିପାଠୀ, ନବରଙ୍ଗପୁର ଖ୍ରୀଷ୍ଟିଆନ ଡାକ୍ତରଖାନା ଡ. କୈଳାଶ ଚନ୍ଦ୍ର ପାତ୍ର, ଡି ଆଇପିଆରଓ ମନୋଜ ବେହେରା, ଡିପିଏମ୍ (ଏନ୍‌ଏଚ୍‌ଏମ୍) ଶଙ୍କର ଆଚାର୍ଯ୍ୟ, ସରକାରୀ ନର୍ସିଂ କଲେଜ ଅଧ୍ୟକ୍ଷା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଧାୟକ ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ଜିଲ୍ଲାରେ ଯକ୍ଷ୍ମା ରୋଗକୁ ପ୍ରତିରୋଧ ,ଆଧୁନିକ ଚିକିତ୍ସା ଓ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଦେଇ ସମସ୍ତେ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏଡିପିଏଚଓ ଡ. ତ୍ରିପାଠୀ ଯକ୍ଷ୍ମା ରୋଗର ଲକ୍ଷଣ, ଚିକିତ୍ସା, ପ୍ରତିରୋଧ, ସରକାରୀ ସହାୟତା ଉପରେ ବିଶଦ ଆଲୋଚନା କରିଥିଲେ । ଯକ୍ଷ୍ମା ନିରାକରଣ ଉପରେ ଚଳିତ ବର୍ଷର ବିଷୟ ବସ୍ତୁ 'ହଁ ଆମେ ଯକ୍ଷ୍ମାକୁ ଶେଷ କରିପାରିବା, ଭାରତର ନେତୃତ୍ୱରେ,ଜନ ସହାୟତା ବଳରେ' ରହିଛି । ଏହି ଅବସରରେ ଆଜି ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ରାମ ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା ସହ ଆର୍‌ସିଡି ହାଇସ୍କୁଲ ପଡିଆ ଠାରେ ସମାପ୍ତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ନର୍ସିଂ ବିଦ୍ୟାର୍ଥୀ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇ ୧୦ ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ ନବରଙ୍ଗପୁର ଜିଲ୍ଲାକୁ ଟିବିମୁକ୍ତ କରିବା ପାଇଁ ସକ୍ରିୟ ଚିହ୍ନଟ ଏବଂ ଚିକିତ୍ସା ମାଧ୍ୟମରେ ବିଶେଷ ପଦକ୍ଷେପ ଗ୍ରହଣ କରାଯିବ । ଜିଲ୍ଲାର ଚିହ୍ନଟ ୨୩୫ଟି ଯକ୍ଷ୍ମା ସମ୍ଭାବିତ ଉଚ୍ଚ ବିପଦପୂର୍ଣ୍ଣ ଗ୍ରାମରେ ଆଶାକର୍ମୀ ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ୧୦୦ ଦିନ ବ୍ୟାପୀ ଘରେ ଘରେ ସ୍କ୍ରିନିଂ କରାଯିବ । ହ୍ୟାଣ୍ଡ ହେଲ୍ଡ ଏକ୍ସରେ ମେସିନ୍ ଅତି ଆଧୁନିକ ଉପକରଣ ଅଚିହ୍ନଟ ଟିବି ମାମଲାକୁ ଚିହ୍ନଟ କରି ସମସ୍ତ ପ୍ରଭାବିତ ବ୍ୟକ୍ତିଙ୍କୁ ସମୟ ଉପଯୋଗୀ ଚିକିତ୍ସା ସୁନିଶ୍ଚିତ କରିବ । ଜାତୀୟ ଯକ୍ଷ୍ମା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାରେ ୫୨ ଗୋଟି ମେସିନ ଦ୍ୱାରା ଯକ୍ଷ୍ମା ପରୀକ୍ଷା କରାଯାଉଛି । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୪୩୨ ରୋଗୀଙ୍କ ମଧ୍ୟରୁ ୧୪୦୯ ଜଣ ରୋଗମୁକ୍ତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ସରକାରୀ ନର୍ସିଂ କଲେଜ ଏବଂ ନବରଙ୍ଗପୁର କଲେଜ ଅଫ୍ ନର୍ସିଂର ଛାତ୍ରୀ ,ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

### ବିଶ୍ୱ ଯକ୍ଷ୍ମା ରୋଗ ଦିବସ ପାଳିତ

# ସଚେତନତା ରାଲି ଓ ସିଏମ୍‌ଇ କାର୍ଯ୍ୟକ୍ରମ



ରାୟଗଡ଼ା,୨୪।୩(ସମିସ): ବିଶ୍ୱ ଯକ୍ଷ୍ମା ରୋଗ ଦିବସ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ରାୟଗଡ଼ା ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ ସହଯୋଗ ଇନଷ୍ଟିଟ୍ୟୁସନ୍ ଜୀଏନଏମ୍ ଟ୍ରେନିଂ କଲେଜ୍, ରାୟଗଡ଼ାର ନର୍ସିଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ବିଶାଳ ସଚେତନତା ରାଲି ଆୟୋଜିତ ହୋଇଥିଲା । ରାଲି ସମୟରେ "ଟିବି ଚିହ୍ନଟ କରନ୍ତୁ, ସମୟରେ ଚିକିତ୍ସା କରନ୍ତ ଓ ଟିବି ମୁକ୍ତ ଭାରତ ଗଠନ କରିବା' ପରି ସ୍ଲୋଗାନ୍ ଦ୍ୱାରା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହା ସହିତ ଡାକ୍ତରମାନଙ୍କ ପାଇଁ ଏକ କଂଟିନ୍ୟୁଇଂ ମେଡିକାଲ ଏଜୁକେସନ (ସିଏମଇ ) କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସିଡିଏମଓ ଡ. ଭି. ସରୋଜିନୀ ଦେବୀ, ଡିଏମଓ ତଥା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଅଧିକ୍ଷକ ଡା. ପି.କେ. ମିଶ୍ର, ଏଡିପିଏଚଓ(ଏଫଡବ୍ଲୁ) ଡା. କେ.କେ. ବାରଇ, ଡିପିଏଚଓ ଡା. ରୁମା ମହାପାତ୍ରୋ, ଏଡିପିଏଚଓ (ଟିବି)ଡା. ପି. କେ. ସୁବୁଦ୍ଧିଙ୍କ ସହିତ ଅନ୍ୟାନ୍ୟ ନୋଡାଲ୍ ଅଫିସରମାନେ ଉପସ୍ଥିତ ଥିଲେ । ଏଥିରେ କ୍ଷୟରୋଗର ନିଦାନ ପ୍ରଣାଳୀ, ଚିକିତ୍ସା ପ୍ରଟୋକଲ୍ ଓ ରୋଗୀ ପରିଚାଳନା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବର୍ଷର ଥିମରେ ଟିବି ନିରାକରଣରେ ଗୁରୁତ୍ୱପୂର୍ଣ୍ଣ ସମାଜର ସମସ୍ତ ଶ୍ରେଣୀ, ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ସମୁଦାୟ, ଯୁବପିଢ଼ି ଓ ସାଧାରଣ ଲୋକମାନେ ଏକତ୍ରିତ ହୋଇ କାମ କଲେ ଟିବି ରୋଗୀଙ୍କୁ ସମୟରେ ଚିହ୍ନଟ, ସହଯୋଗ ଓ ପୂର୍ଣ୍ଣ ଚିକିତ୍ସା ନିଶ୍ଚିତ କରିପାରିବ । ଜନଭାଗୀଦାରି ଦ୍ୱାରା ରୋଗୀଙ୍କ ଉପରେ ଥିବା ସାମାଜିକ କଳଙ୍କ କମିବା ସହିତ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ମାନସିକ ସମର୍ଥନ ମଧ୍ୟ ମିଳୁଛି ବୋଲି କୁହାଯାଇଛି । ଜିଲ୍ଲାର ଏନଟିଇପି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦୨୫ ବର୍ଷରେ ରାୟଗଡ଼ା ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଟିବି ନୋଟିଫିକେସନରେ ୧୦୩ ପ୍ରତିଶତ ସଫଳତା, ପ୍ରିଜାମଟିଭ ଟିବି ଏକଜାମିଶନରେ ୯୬ ପ୍ରତିଶତ ଟିବି ରୋଗୀଙ୍କ ମଧ୍ୟରେ ଏଚଆଇଭି ସ୍କ୍ରିନିଂରେ ୯୯ ପ୍ରତିଶତ ଓ ଡାଏବେଟିକ ସ୍କ୍ରିନିଂରେ ୯୪ ପ୍ରତିଶତ ସଫଳତା ଲାଭ ହୋଇଛି । ସେହିପରି ନିକ୍ଷୟ ପୋଷଣ ଯୋଜନାରେ ୮୭ ପ୍ରତିଶତ କାର୍ଯ୍ୟକ୍ଷମତା ସହିତ, ୮୮ ପ୍ରତିଶତ ଟିବି ରୋଗୀଙ୍କୁ ନିକ୍ଷୟ ଡନୋର ଦ୍ୱାରା ଆଡପ୍ଟ କରାଯାଇ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ପ୍ରଦାନ କରାଯାଇଛି । ଏହା ସହିତ ଜିଲ୍ଲାରେ ୯୦ ପ୍ରତିଶତ ଟିବି ଟ୍ରିଟମେଣ୍ଟ ସକ୍ସେସ ରେଟ ମଧ୍ୟ ହାସଲ କରାଯାଇଛି । ଯକ୍ଷ୍ମା ରୋଗ ଏକ ସଂକ୍ରାମକ । କିନ୍ତୁ ସମ୍ପୂର୍ଣ୍ଣ ଭାବେ ନିରାମୟଯୋଗ୍ୟ ରୋଗ । ସରକାରଙ୍କ ପକ୍ଷରୁ ମାଗଣା ପରୀକ୍ଷା ଓ ଚିକିତ୍ସା ସୁବିଧା ଉପଲବ୍ଧ ରହିଛି । ଦୀର୍ଘ ସମୟ ଧରି କାଶ, ଜ୍ୱର, ଓଜନ କମିବା ପରି ଲକ୍ଷଣ ଦେଖା ଦେଇଥିଲେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମ୍ପର୍କ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଟିବି ମୁକ୍ତ ରାୟଗଡ଼ା ଓ ଟିବି ମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରାଯାଇଛି ।

● ଘନଉଛି ଗ୍ୟାସ୍ ସଙ୍କଟ

# ହୋଟେଲ ମାଲିକଙ୍କୁ କାଠ ଭରସା

କୋରାପୁଟ,୨୪ା୩(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସାରା ଦେଶରେ ଗ୍ୟାସ ସଙ୍କଟ ଦେଖା ଦେଇଥିବା ବେଳେ କୋରାପୁଟ ଜିଲ୍ଲାରେ ଗ୍ୟାସ ସମସ୍ୟା ଉତ୍କଟ ରୂପ ନେଇଛି । ଅର୍ଦ୍ଧାଧିକ ହୋଟେଲ, ଫାଷ୍ଟ ଫୁଡ ସେଣ୍ଟର ଏବଂ ଛୋଟ ଛୋଟ ଜଳଖିଆ ଦୋକାନ ବନ୍ଦ ହେଇ ସାରିଥିବା ବେଳେ ଆଉ କିଛି ହାତ ଗଣତି ହୋଟେଲ କାଠ ଯୋଗାଡ଼ କରି ବେପାର ଚଳେଇଛନ୍ତି । ହୋଟେଲ ରେଷ୍ଟୁରାଣ୍ଟ ବନ୍ଦ ହେବାରୁ ଜିଲ୍ଲାରେ ପ୍ରାୟ ୨୦ ହଜାର ପରିବାର ପ୍ରତ୍ୟକ୍ଷ ପରୋକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି । କେତେକ ହୋଟେଲ କାଠ ଚୁଲା ଉପରେ ଭରସା କରି ବ୍ୟବସାୟ କରୁଛନ୍ତି । କାଠ ଚୁଲିରେ ସମୟ ଅଧିକ ନେଉଥିବାରୁ ଖାଦ୍ୟ ଆଇଟମ ସଂଖ୍ୟା କମାଇବାକୁ ପଡୁଛି ବୋଲି ବ୍ୟବସାୟୀମାନେ କହିଛନ୍ତି ।ହୋଟେଲରେ କାର୍ଯ୍ୟକରୁଥିବା ଲୋକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି ହୋଟେଲ ବନ୍ଦ ନ କରି କାଠ ଚୁଲା ଉପରେ ନିର୍ଭର କରିବାକୁ ପଡୁଛି ବୋଲି ହୋଟେଲ ମାଲିକ ପ୍ରତାପ କୁମାର ସାହୁ କହିଛନ୍ତି । କାଠ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କାରେ କ୍ରୟ କରିବାକୁ ପଡୁଛି ବୋଲି ସେ କହିଛନ୍ତି । ଗ୍ୟାସ ନ ଥିବା ସତ୍ୱେ ଖାଦ୍ୟ ଦର ପୂର୍ବଭଳି ରଖାଯାଇଥିବା ସେ କହିଛନ୍ତି ।କୋରାପୁଟ ସହରର କିଛି ହୋଟେଲ ମଙ୍ଗଳବାର ଠାରୁ ବନ୍ଦ ରହିବ ବୋଲି କୁହାଯାଇଛି । କମର୍ସିଆଲ ଗ୍ୟାସ ମିଳୁ ନ ଥିବାରୁ ଏବଂ ଘରୋଇ ଗ୍ୟାସ ମିଳିବାରେ ବିଳମ୍ବ ହେଉଥିବାରୁ ଅନେକ ଜଳଖିଆ ଦୋକାନ ସଂକଟରେ ପଡ଼ିଥିବା ଦେଖିବାକୁ ମିଳିଛି । ତେଣୁ ସରକାର ଯଦି ଗ୍ୟାସ ସଙ୍କଟ ଦୂର କରିବାରେ ଗୁରୁତ୍ୱ ନଦିଅନ୍ତି ତାହେଲେ ଆସନ୍ତା ଦିନରେ ଗ୍ୟାସ ସମସ୍ୟା ଉଗ୍ର ରୂପ ନେବା ସହ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଛି ।



# ମା' ଭଣ୍ଡାରଘରଣୀ, ମା' ବୁଢ଼ି ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ

ନବରଙ୍ଗପୁର,୨୪ା୩(ସମିସ):

ନବରଙ୍ଗପୁର ଠାରେ ଆରମ୍ଭ ହୋଇଯାଇଛି ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀ ଏବଂ ମା' ବୁଢ଼ି ଠାକୁରାଣୀଙ୍କ ପ୍ରସିଦ୍ଧ ନବ ଦିନାତ୍ମକ ଘଟଯାତ୍ରା ବା ଘଟପର୍ବ । ଚୈତ୍ର ପ୍ରତିପଦା ତିଥି ଅର୍ଥାତ ମା'ଙ୍କ ଚୈତ୍ର ବାସନ୍ତୀକ ନବରାତ୍ରି ଯେଉଁ ଦିନ ଆରମ୍ଭ ହୋଇଥାଏ, ତାର ପରବର୍ତ୍ତୀ ସମୟରେ ଯେଉଁ ପ୍ରଥମ ସୋମବାର ପଡ଼ିଥାଏ, ସେହି ଦିନ ରାତ୍ର ଠାରୁ ମାଁଙ୍କ ଏହି ଘଟ ଯାତ୍ରା ପର୍ବ ଆରମ୍ଭ ହେଉଥିବାର ନବରଙ୍ଗପୁର ଠାରେ ବହୁ ପୁରାତନ କାଳରୁ ଚାଲି ଆସୁଛି । ସେଥିପାଇଁ ସୋମବାର ରାତ୍ର ଠାରୁ ଏହି ମାଁ ଘଟଯାତ୍ରା ପର୍ବ ଆରମ୍ଭ ହେଉଛି । ଏହି ଯାତ୍ରାରେ ନଅ ଦିନ ୪ଟି ଘଟ ସାମିଲ ହୋଇଥାନ୍ତି । ପ୍ରଥମ ଘଟହାଣ୍ଡି ମାଁ ବୁଢ଼ୀ ଠାକୁରାଣୀ ଙ୍କ ହୋଇଥିବା ବେଳେ ଦ୍ୱିତୀୟ ଘଟହାଣ୍ଡି ମାଁ ଭଣ୍ଡାର ଘରଣୀ ତୃତୀୟ ଘଟହାଣ୍ଡି ମାଉଲି ମାଁ ଏବଂ ଚତୁର୍ଥ ଘଟହାଣ୍ଡି ମାଁ ପରଦେଶୀ କନକ ଦୁର୍ଗା ଏହି ଯାତ୍ରାରେ ସାମିଲ ହୋଇଥାନ୍ତି । ଏହା ବ୍ୟତୀତ ଏହି ଯାତ୍ରାରେ ମାଁ ଙ୍କ ଦୁଇଟି ଲାଠି , ଗୋଟିଏ ଛତ୍ର , ଗୋଟିଏ ହଳଦୀ କଳସ ଏବଂ ଗୋଟିଏ ଫୁଲ ଚାଙ୍ଗୁଡ଼ି ଏହି ଭଳି ମୋଟ ୯ ଜଣ ଦେବୀ ସାମିଲ ହୋଇ ସହର ପରିକ୍ରମା କରିଥାନ୍ତି । ଏହି ଘଟ ଯାତ୍ରା ପର୍ବ ସୋମବାର ରାତ୍ର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ତାରିଖ ଅର୍ଥାତ୍ ଚଳିତ ବର୍ଷ ଚୈତ୍ର ଶେଷ ମଙ୍ଗଳବାର ରାତ୍ର ପର୍ଯ୍ୟନ୍ତ ପ୍ରାୟ ୯ ଦିନ ଧରି ଚାଲିବ । ଏହି ଯାତ୍ରାର ପ୍ରଥମ ଦିବସର ସନ୍ଧ୍ୟାରେ ମାଁ ବୁଢ଼ି ଠାକୁରାଣୀ ଭଣ୍ଡାର ଘରଣୀ ମନ୍ଦିର ପହଞ୍ଚି ଶୃଙ୍ଗାର ନୀତି ସରିବା ପରେ ମନ୍ଦିରକୁ ପୁଣି ଫେରି ସେଠାରୁ ପୁନର୍ବାର ପାରମ୍ପରିକ ବାଜା ବାଜଣା ଘଣ୍ଟ ମହୁରି କାହାଳୀ ଓ ଚାରି ଆଡେ ଝୁଣାମୟ ପରିବେଶରେ ଭକ୍ତଙ୍କ ଗହଣରେ ୯ ଜଣ ଦେବୀ ସହର ପରିକ୍ରମା କରିଥାନ୍ତି । ଏହି ଅବସରରେ ସହରର ମାଁ ଙ୍କ ପ୍ରତ୍ୟେକ ଭକ୍ତ ଙ୍କ ଦୁଃଖ ବୁଝିବା ପାଇଁ ଘର ନିକଟକୁ



ଯାଇଥାଆନ୍ତି ମାଁ । ପ୍ରଥମ ଦିନ ଠାରୁ ଶେଷ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମାଁ ଙ୍କ ଏହି ସହର ପରିକ୍ରମା ଆରମ୍ଭରେ ପୂର୍ବ ପରମ୍ପରା ଅନୁଯାୟୀ ପ୍ରଥମେ ରାଜା ଘରକୁ ଯାଇ ପ୍ରଥମ ଭୋଗ ଖାଇବା ପରେ ଆରମ୍ଭ କରିଥାନ୍ତି ମା'ଙ୍କ ସହର ପରିକ୍ରମା । ଶେଷ ଦିବସର ପୂର୍ବଦିନ ମାଁ ଙ୍କ ନିଜ ମାଁ ଘର ଦଣ୍ଡାସୀ ସାହି ପରିକ୍ରମା ପରେ ଫେରିବା ବାଟରେ ହାଟଜୁରା ନୀତି ଅନୁଷ୍ଠିତ ହୋଇଥାଏ । ଏହାପରେ ଶେଷ ଅର୍ଥାତ୍ ୩୧ ତାରିଖ ଦିନ ବଡି ଭୋର ହୋଇଯାଏ ମାଁ ମନ୍ଦିର ଫେରିବା ବେଳକୁ । ମନ୍ଦିରକୁ ଫେରି ବିଶ୍ରାମ ନେବା ପରେ ସନ୍ଧ୍ୟା ୬ଘଣ୍ଟା ସମୟରେ ମାଁ ପ୍ରଥମେ ଈଶ୍ୱର ମନ୍ଦିର ସାହି ରାଜୁସାହି ଦେଇ ପ୍ରଥମେ ଭୋଗ ଖାଇ ସହର ପରିକ୍ରମାରେ ଯାଇ ସନ୍ଧିଭଟ୍ଟାରେ ପହଞ୍ଚିବା ପରେ ସେଠାରେ ସମସ୍ତ ପୂଜା ନୀତି କାନ୍ତି ସାରିବା ପରେ ଘଟ ବିସର୍ଜନ କରାଯାଇଥାଏ । ଏହି ମାଁଙ୍କ ନବ ଦିନାତ୍ମକ ଘଟ ଯାତ୍ରାର ସମସ୍ତ ନୀତି କାନ୍ତି ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ବେଳେ ମାଁ ଭଣ୍ଡାର ଘରଣୀ ଏବଂ ମାଁ ବୁଢ଼ି ଠାକୁରାଣୀ ମନ୍ଦିର ମୁଖ୍ୟ ପୂଜକ ବାବୁନୁ ରଥ, ରାଜୀବ ଲୋଚନ ପୂଜାରୀ ଏବଂ କୃଷ୍ଣ ପୂଜାରୀ ପୂଜାର ସମସ୍ତ ନୀତିକନ୍ତି ହୋଇଥିବା ବେଳେ ଏହି ନବ ଦିନାତ୍ମକ ଯାତ୍ରାରେ ମାଁ ବୁଢ଼ୀ ଠାକୁରାଣୀ ମନ୍ଦିର ପରିଚାଳନା କମିଟି, ମାଁ ଭଣ୍ଡାର ଘରଣୀ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ନବରଙ୍ଗପୁର ପୋଲିସ ପ୍ରଶାସନ ପକ୍ଷରୁ ବହୁ ମହିଳା ଏବଂ ପୁରୁଷ ପୋଲିସ କର୍ମଚାରୀ ସମ୍ପୂର୍ଣ୍ଣ ଯାତ୍ରା ସମୟରେ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥାନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ପଦ୍ମପୁର,୨୪ା୩(ସମିସ): ରାୟଗଡ଼ା ଜିଲ୍ଲାପାଳ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ରାୟଗଡ଼ା ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପଦ୍ମପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନିଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗରଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ପଞ୍ଚାୟତ ସମିତି ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ ରବି ନାରାୟଣ ଆଚାରୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ବ୍ଲକ ଖାଉଟି ବିଭାଗ ଅଧିକାରୀ ଆମର ଶବର, ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ସ୍ନିଗ୍ଧାମୟୀ ବାରିକ, କନିଷ୍ଠ ସହାୟକ ପ୍ରଭାତ କୁମାର ଶବର, ପି.ଏ ସୁଜିତ ଆନନ୍ଦ ତ୍ରିପାଠୀ ତଥା ସମସ୍ତ କର୍ମଚାରୀ ଓ ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ, ସମ୍ପାଦକ ଅମରେନ୍ଦ୍ର ନାଥ, ପଦ୍ମପୁର ଭିନ୍ନକ୍ଷମ ମହାସଂଘର ସଭାପତି ଭଗବାନ ସାହୁ ଶିବିରରେ ଉପସ୍ଥିତ ଥିଲେ । ଶିବିରରେ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ ଓ ଚଲା ପାଣି ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ୨୧୯ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୨ ଜଣ ଭିନ୍ନକ୍ଷମ ଶିଶୁଙ୍କୁ ସି.ପି.ଚୌକି , ଜଣଙ୍କୁ ଚକ ଲଗା ଚୌକି, ୨ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଗଲା । ଏତଦବ୍ୟତୀତ, ୩ ଜଣଙ୍କ ଡିଆରଆଇ ଋଣ ଫର୍ମ, ୧୩ଟି ବର୍ଦ୍ଧିତ ଭତ୍ତା, ୧୯ ଜଣଙ୍କ ମଧୁବାବୁ ଭତ୍ତା ଫର୍ମ ଓ ୪ ଜଣଙ୍କ ବସ ପାସ ଫର୍ମ ସଂଗ୍ରହ କରାଯାଇଛି । ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ । ଶିବିରରେ ୯୬ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ନାସା କର୍ଣ୍ଣ ଗଳା ବିଶେଷଜ୍ଞ, ବରିଷ୍ଠ ଫାର୍ମାସିଷ୍ଟଙ୍କ ଦ୍ୱାରା ପରୀକ୍ଷା କରାଯାଇ ଆଗାମୀ ଦିନରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି ।

# ୧୫ ବର୍ଷ ପରେ ନିଖୋଜ ପୁଅ ଘରକୁ ଫେରିଲା

ନବରଙ୍ଗପୁର,୨୪ା୩(ସମିସ): ଦୀର୍ଘ ୧୫ ବର୍ଷ ତଳେ ଘରୁ ପଳାଇଥିଲେ । ସେତେବେଳେ ସେ ନାବାଳକ ଥିଲେ । ପୁଅ ଫେରିବା ବାଟକୁ ଚାହିଁଚାହିଁ ବାପା ଆରପାରିକୁ ଚାଲିଗଲେଣି । ମା', ଭଉଣୀ ଓ ଭାଇ ତାଙ୍କ ଆସିବା ବାଟକୁ ଅନାଇ ବସିଥିଲେ । ଯୁବକ ଜଣକ ଘରକୁ ଫେରିଛନ୍ତି । ଗାଁ ଓ ପରିବାର ଲୋକେ ବାଜା ବଜାଇ ତାଙ୍କୁ ସ୍ୱାଗତ କରିଛନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପଦିଆଗୁଡା ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ସୂଚନାନୁଯାୟୀ ଦୀର୍ଘ ୧୫ ବର୍ଷ ତଳେ ଜଗଦୀଶ ମାଝୀଙ୍କ ପୁଅ ହରିଚରନ ଗାଁ ପାଖ ଜଣେ ବ୍ୟକ୍ତିଙ୍କ ପ୍ରଲୋଭନରେ ପଡ଼ି ତାଙ୍କ ସହ ଘରୁ ବାହାରି ଯାଇଥିଲେ । ସେତେବେଳେ ହରିଚରନଙ୍କ ବୟସ ୧୨ ବର୍ଷ ହୋଇଥିଲା । ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ । ହରିଚରନ ଯେଉଁ ବ୍ୟକ୍ତିଙ୍କ ସହ ଘରୁ ପଳାଇଥିଲେ ସେ ଲୋକ ୨୦ଦିନ ପରେ ଗାଁକୁ ଫେରି ଆସିଥିଲେ । କିନ୍ତୁ ହରିଚରନ ଘରକୁ ଆସି ନ ଥିଲେ । ସେତେବେଳେ ପରିବାର ଲୋକ ବହୁତ


● ପରିବାରରେ ଖୁସିର ଲହରୀ

ଖୋଜାଖୋଜି କରିବା ପରେ ମଧ ହରିଚରନଙ୍କ କୌଣସି ପତ୍ତା ମିଳି ନ ଥିଲା । ଏହା ମଧ୍ୟରେ ଜଗଦୀଶଙ୍କ ମୃତ୍ୟୁ ହୋଇଯାଇଥିଲା । ହରିଚରନ ରାଜସ୍ଥାନରେ କାମ କରୁଥିଲେ । କିନ୍ତୁ ଉକ୍ତ ମାଲିକ କୌଣସି ଟଙ୍କା ନ ଦେଇ ନିର୍ଯାତନା ଦେଉଥିଲେ । ସେଠାକାର ଶ୍ରମ ବିଭାଗ ଉକ୍ତ ସ୍ଥାନରେ ଚଢ଼ଉବେଳେ ହରିଚରନଙ୍କୁ ଧରି ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରିଥିଲେ । ସେହି ସମୟରେ ହରିଚରନ କୌଣସି ପରିଚୟ ଦେଇ ନ ପାରିବାରୁ ପୋଲିସ ରାଜସ୍ଥାନ ଜୟପୁର ଆଲବର୍‌ରେ ଥିବା "ଏକ ଅପନା ଘର' ନାମକ ଆଶ୍ରମକୁ ତାଙ୍କୁ ହସ୍ତାନ୍ତର କରି ଦେଇଥିଲେ । ୨ ଦିନ ତଳେ ହରିଚରନ ନିଜ ଗାଁ ଓ ପଞ୍ଚାୟତର ନାମ କହିବା ପରେ ଆଶ୍ରମ କର୍ତ୍ତୃପକ୍ଷ ଗୁଗଲରେ ସର୍ଚ୍ଚ କରି ବୁର୍ଜାର ପୂର୍ବତନ ସରପଞ୍ଚ ବୀରସିଂ ମାଝୀଙ୍କ ମୋବାଇଲ ନମ୍ବର ପାଇ ଯୋଗାଯୋଗ କରିଥିଲେ । ହରିଚରନଙ୍କ ଫଟୋ ସେମାନଙ୍କୁ ପଠାଯାଇଥିଲା । ଫଟୋ ମିଶିବା ପରେ ଆଶ୍ରମ କର୍ତ୍ତୃପକ୍ଷ ହରିଚରନଙ୍କୁ ନେଇ ଯିବା ପାଇଁ ଅନୁରୋଧ କରିଥିଲେ । ବୁର୍ଜା ପୂର୍ବତନ ସରପଞ୍ଚ ବୀରସିଂ ମାଝୀ, ହରିଚରନଙ୍କ ଭାଇ ଜୟଦେବ ମାଝୀ, ଶୋଭାସିଂ ଗଣ୍ଡ ଓ ଧନସାଇ ଗୌଡ଼ ସେଠାକୁ ଯାଇ ସମସ୍ତ କାଗଜପତ୍ର ପ୍ରକ୍ରିୟା ସରିବା ପରେ ହସ୍ତାନ୍ତର କରିଥିଲେ । ଏହାପରେ ସମସ୍ତେ ହରିଚରନଙ୍କୁ ଧରି ଗାଁରେ ପହଞ୍ଚି ଥିଲେ । ଗ୍ରାମବାସୀ ବାଜା ବଜେଇ ଶୋଭାଯାତ୍ରାରେ ହରିଚରନଙ୍କୁ ସ୍ୱାଗତ କରିଛନ୍ତି । ହରିଚରନଙ୍କୁ ଦେଖି ମା' ଓ ଭଉଣୀ ଭାଇ ଖୁସି ଥିବା କହିଛନ୍ତି ।

# ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୨୪ା୩(ସମିସ): ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଦୁଷ୍କର୍ମ ଘଟଣାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଡମ୍ବୁ ସିଂ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ଅନୁଯାୟୀ , କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଚଟାହାଣ୍ଡି ଗ୍ରାମର ପୀଡିତା ଗତ ୨୦୨୫ ଏପ୍ରିଲ ୨୨ ତାରିଖ ଦିନ କୋଡ଼ିଙ୍ଗା ଥାନାରେ କେସ ନମ୍ବର ୭୮/୨୫ ପ୍ରକାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କୁ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ତେନ୍ତୁଳିଗୁଡା ଗ୍ରାମର ଡମ୍ବୁ ସିଂ ଭତରା ବିବାହ କରି ସ୍ତ୍ରୀ କରି ରଖିବି ବୋଲି ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଲା ଏବଂ ପୀଡିତା ୨ ମାସର ଗର୍ଭବତୀ ହେବା ପରେ ଦେଶୀ ଔଷଧ ଖୁଆଇ ତାହାର ଗର୍ଭ ନଷ୍ଟ କରିଥିଲା । ଅଭିଯୁକ୍ତ ଘର ତୋଳିବା ପାଇଁ ପୀଡ଼ିତା ଠାରୁ ପୀଡିତାର ଜଣେ ବନ୍ଧୁଙ୍କ ଉପସ୍ଥିତିରେ ତଥା ବିଭିନ୍ନ ଆକାରରେ ମୋଟ ଚାରିଲକ୍ଷ ଟଙ୍କା ନେଇଛି । ପୀଡିତା ଯେତେବେଳେ ଅଭିଯୁକ୍ତକୁ ନିଜର ବକେୟା ଟଙ୍କା ମାଗିଲେ, ସେ ବିଭିନ୍ନ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଛି । ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଡମ୍ବୁ ସିଂ ଭତରାକୁ କୋର୍ଟ ଚାଲାଣ କରିବା ସହ ତା ନାମରେ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୧୩/୪୯୩/୩୭୬(୨)(ଏନ୍ )/୪୧୭/୨୯୪/୫୦୬ ପ୍ରକାରେ ମାମଲା ରୁଜୁ କରିଥିଲେ । ସମସ୍ତ ୧୭ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଅଭିଯୁକ୍ତ ଡମ୍ବୁ ସିଂ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବି ନରସିଂହ ନାଥ ତ୍ରିପାଠୀଙ୍କ ସମେତ ଆଇନଜୀବୀ ପ୍ରଫୁଲ୍ଲ ସିଂ, ଶେକ ବାବା ଅଲିଶା ଓ ସହଯୋଗୀ ମାମଲାକୁ ପରିଚାଳନା କରୁଥିଲେ ବୋଲି ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି ।

# ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି ମା' ଜଗତ୍‌ଜନନୀ

ଉମରକୋଟ,୨୪ା୩ (ସମିସ): ମା' ଜଗତ୍‌ଜନନୀ ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା ଆରମ୍ଭ ହୋଇଛି । ପୌରାଣିକ କଥା ବସ୍ତୁ ଅନୁଯାୟୀ, ମାଁ ନିଜ ବାପ ଘରକୁ ଯାଇ ନବଦିନ ଯାଏଁ ସହର ପରିକ୍ରମା କରି ଲୋକଙ୍କ ଦୁଃଖ ଦୂର କରିବା ସହ ସୁଖ ଶାନ୍ତି ପାଇଁ ଆଶୀର୍ବାଦ କରିଥାନ୍ତି । ଜଗନ୍ନାଥ ମନ୍ଦିର ନିକଟସ୍ଥ ଆସ୍ଥାୟୀ ମନ୍ଦିର ଠାରେ ମା' ଜଗତଜନନୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ଗ୍ରାମବାସୀ ଦର୍ଶନ କରିବା ସହ ମାନସିକ ଧାରୀ ଭକ୍ତ ମାନେ ମୁଆଁ ପଣା ଭୋଗ କରିଥିଲେ । ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳ ସହ ପଡୋଶୀ ରାଜ୍ୟ ଛତିଶଗଡରୁ ଭକ୍ତ ଆସିଥିଲେ । ମନୋରଞ୍ଜନ ପାଇଁ ମୀନାବଜାର, ପଡୋଶୀ ରାଜ୍ୟ ଛତିଶଗଡ, ମହାରାଷ୍ଟ୍ର, ଆନ୍ଧ୍ରର ବ୍ୟବସାୟୀ ମାନେ ଅନେକ ଘର କରଣା ଉପକରଣ, ଘର ସଜା ଓ ହସ୍ତକଳା ସାମଗ୍ରୀ ଷ୍ଟଲ ପକାଇଥିବା ଦେଖିବାକୁ ମିଳିଛି । ଦର୍ଶନ ପାଇଁ ସହର ତଥା ସହର ବାହାରୁ ଭକ୍ତ ମାନଙ୍କର ପ୍ରବଳ ଭୀଡ଼ ହୋଇଥିଲା ।

# ପଞ୍ଚଡ଼ା ସେବା ଆଶ୍ରମରେ ବାର୍ଷିକ ଉତ୍ସବ

କାକିରିଗୁମା,୨୪ା୩(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ପଞ୍ଚଡା ସେବା ଆଶ୍ରମରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ସୁନିଲ୍ କୁମାର ଭୁରୁଡି ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ରୀତା ମହାନ୍ତି ଲକ୍ଷ୍ମୀପୁର ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି କୈଳାସ ଖୋସ୍ଲା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ବିଧାୟକ ପ୍ରତିନିଧି ମଣ୍ଟି ଖରା, ଏକ ନମ୍ବର ଜୋନ୍ ଜିଲ୍ଲା ପରିଷଦ ହିଙ୍ଗୁ ସାଉଁନ୍ତା , ଉମେଶ ପାତ୍ର ପଞ୍ଚଡା କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଏବଂ ପରିଚାଳନା କମିଟିର ସଦସ୍ୟ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ । ମଞ୍ଚାସୀନ ଅତିଥି ବକ୍ତବ୍ୟ ପ୍ରଦାନ ଓ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପ୍ରଭାତ ଛୋଟ ରାୟ ମଞ୍ଚ ପରିଚାଳନା କରିଥିଲେ । ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଶେଷରେ ସୁନିଲ୍ କୁମାର ଭୁରୁଡି ଧନ୍ୟବାଦ ଅର୍ପଣ କରିଥିଲେ ।

● ପୂର୍ଣ୍ଣଚନ୍ଦ୍ର ନନ୍ଦ ଶ୍ରେଷ୍ଠ ବନାଞ୍ଚଳ ଅଧିକାରୀ

# ବିଶ୍ୱ ବନ ଦିବସରେ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ

କୋଷାଗୁମୁଡ଼ା,୨୪ା୩(ସମିସ): ଜଙ୍ଗଲ ଓ ବନ୍ୟ ପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ କୋଡ଼ିଙ୍ଗା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କୁ ପୁରସ୍କୃତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ଭୁବନେଶ୍ୱର ଲୋକସଭା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସରେ ଓଡ଼ିଶାର ଶ୍ରେଷ୍ଠ ୪ ବନାଞ୍ଚଳଙ୍କ ମଧ୍ୟରେ ସ୍ଥାନ ପାଇଥିଲେ ଶ୍ରୀ ନନ୍ଦ । ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର କୋଡ଼ିଙ୍ଗା ଅଞ୍ଚଳରେ ଜଙ୍ଗଲ ଓ ବନ୍ୟ ପ୍ରାଣୀଙ୍କ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ରୋକିବାରେ ଶ୍ରୀ ନନ୍ଦ ପ୍ରମୁଖ ଭୂମିକା ତୁଲାଇଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ମାନପତ୍ର, ଟ୍ରଫି ସହ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଚେକ୍ ଆକାରରେ




ପ୍ରଦାନ କରିଥିଲେ । ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. କେ.ମୁର୍ଗା ସେନ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ,କୋଡ଼ିଙ୍ଗା ରେଞ୍ଜର ଶ୍ରୀ ନନ୍ଦଙ୍କ ତତ୍ତ୍ୱାବଧାନରେ ଫାର୍ସାଗୁଡା ପଞ୍ଚାୟତରେ ରାଜ୍ୟରେ ପ୍ରଥମ ବର୍ଣ୍ଣମାଳା ଉଦ୍ୟାନ ନିର୍ମାଣ ହୋଇଛି । ସେହିପରି ନୂତନ ବନୀକରଣ ସୃଷ୍ଟି ସହ କାଠ ମାଫିଆଙ୍କୁ ସାବାଡ଼ କରି ଚର୍ଚ୍ଚାରେ ରହିଛନ୍ତି ଶ୍ରୀ ନନ୍ଦ ।

# ଯୁବ ବଜରଙ୍ଗୀ ସଂଘର ଶ୍ରୀରାମ ନବମୀ ପ୍ରସ୍ତୁତି

ରାୟଗଡ଼ା,୨୪ା୩(ସମିସ): ଆସନ୍ତା ଶୁକ୍ରବାର ଦିନ ସ୍ଥାନୀୟ ଖୀନ୍ ଖିନା ପାହାଡ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଶ୍ରୀରାମ ନବମୀ ଉତ୍ସବ ଉପଲକ୍ଷେ ରାୟଗଡା ଯୁବ ବଜରଙ୍ଗୀ ସଂଗଠନ ପକ୍ଷରୁ ଏକ ବିଶାଳ ହିନ୍ଦୁ ଶୋଭାଯାତ୍ରା ବାହାରିବ । ଏହି ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ପଣା ଓ ପ୍ରାସାଦ ସେବନର ବ୍ୟବସ୍ଥା କରାଯାଇଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାୟଗଡା ଯୁବ ବଜରଙ୍ଗୀ ସଂଘର ବରିଷ୍ଠ ସଦସ୍ୟ ମାନେ କହିଛନ୍ତି ଯେ, ଶ୍ରୀରାମ ଭଗବାନଙ୍କୁ ନେଇ ରାଜନୀତି ବନ୍ଦ କରିବା ଏହି ସଂଗଠନର ମୂଳ ଉଦ୍ଦେଶ୍ୟ ହୋଇଥିବା ବେଳେ ହିନ୍ଦୁ ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ । କାର୍ଯ୍ୟକ୍ରମରେ ଦଳ ମତ ନିର୍ବିଶେଷରେ ସମସ୍ତ ବୁଦ୍ଧିଜୀବୀ , ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ରାୟଗଡା ଜନସାଧାରଣଙ୍କୁ ସାମିଲ ହେବା ପାଇଁ ସଂଘ ଅନୁରୋଧ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଦସ୍ୟ ଜନ୍ମେଜୟ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ପୃଷ୍ଟି, ରିତୁ ରାଜ ଗଉଡ,ବିଭିଶନ ନାୟକ,ବିବେକାନନ୍ଦ ସାହୁ, ସନ୍ତୋଷ ପାଇକ ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।




# ନାଲ୍‌କୋ ପକ୍ଷରୁ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତା




ସେମିଳିଗୁଡ଼ା,୨୪ା୩(ସମିସ): ନାଲ୍‌କୋ କର୍ପୋରେଟ ସାମାଜିକ ବିଭାଗ ପକ୍ଷରୁ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ସେମିଳିଗୁଡା ବ୍ଲକ ଅନ୍ତର୍ଗତ ବେହେରାଗୁଡା ଠାରେ ଉକ୍ତ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ମିଶ୍ର ନାଲ୍‌କୋ ଶିକ୍ଷା ଉନ୍ନତି ସହ କ୍ରୀଡ଼ା ଓ ସଂସ୍କୃତି ଉପରେ ବିଶେଷ ଦୃଷ୍ଟି ଦେଉଥିବା ସୂଚନା ଦେଇଥିଲେ । ଆଗାମୀ ଦିନରେ ଏକ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବା ଲକ୍ଷ୍ୟ ରହିଛି ବୋଲି ସୂଚନା ଦେଇଛନ୍ତି । ଗ୍ରାମୀଣ ଖେଳାଳଙ୍କୁ ନାଲ୍‌କୋ ପକ୍ଷରୁ ଉତ୍ସାହିତ କରିବା ସହ ଏକ ଆଦର୍ଶ ଖେଳାଳି ଭାବେ ଉତ୍ସାହିତ ପାଇଁ ପ୍ରୟାସ ଜାରି ରଖିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଜେନେରାଲ ମ୍ୟାନେଜର ସ୍ୱଗତ ଆନନ୍ଦ ବାସୁ ପ୍ରତିଯୋଗିତାରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପାତ୍ର ନାଲକୋ ଦ୍ୱାରା ଏକ ଷ୍ଟାଡିୟମ୍, ପାର୍କ ପ୍ରତିଷ୍ଠା ପାଇଁ ନିବେଦନ କରିଛନ୍ତି । ନାଲ୍‌କୋ କ୍ରୀଡା ବିଭାଗର ଅଧିକାରୀ ଅମରେନ୍ଦ୍ର କୁମାର ମିଶ୍ର, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କ୍ରୀଡ଼ା ବିଭାଗର ଡକ୍ଟର ଅମନ କୁମାର, ସେମିଳିଗୁଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ଉପସ୍ଥିତ ଥିଲେ । 'ରାଷ୍ଟ୍ରଦୀପ'ର ବରିଷ୍ଠ ପତ୍ରକାର ଏବଂ ବିଶିଷ୍ଟ ସମାଜସେବୀ ଡକ୍ଟର ଜଳେନ୍ଦ୍ର ତ୍ରିପାଠୀ ଏବଂ 'ରାଷ୍ଟ୍ରଦୀପ'ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ପ୍ରତିଯୋଗିତାରେ ମୁଖ୍ୟତଃ ୩ଟି ବ୍ଲକ, ସେମିଳିଗୁଡା, ପଟ୍ଟାଙ୍ଗି ଏବଂ କୋରାପୁଟର ବିଭିନ୍ନ ଗ୍ରାମରୁ ମୋଟ ୪୮ ଦଳକୁ ନେଇ ଉକ୍ତ ପ୍ରତିଯୋଗିତା ଆରମ୍ଭ ହୋଇଛି । ଝୋଲାଗୁଡା, ବଡ଼ପାଦୁ, କୁଡୁମୁଲୁ, ନୂଆଗାଁ, ଓମ୍ ଅମ୍ଳବାଡି, ଥୁରିଆ, ଦମନଝୋଲା କଲୋନୀ, ସିପାଇପୁଟ, କଣ୍ଟାଗୁଡା, ପଟ୍ଟାଙ୍ଗି, ପାଟିଆସିଲି, ମାଳିପୁଟ, ଡୁମୁରିଗୁଡା, ମରିଚମାଳ, ଗୌଡ଼ଗୁଡା, ଖଗଧରା, ଗୁମାଲଗୁଡା, ଡୁମୁରିପଦାର, ଖାଲପାଡ଼ି, ଚୌଗାଁ, କୁମାରଗୁଡା, ଡେଙ୍ଗା ଯାନିଗୁଡା, ଚମ୍ପାପଦାର, ଏଲ.ଗୌଡ଼ଗୁଡା, ସୋରିଷ ପଦର, ଆଲିଗାଁ, ଚାରାଙ୍ଗୁଲ, ହାଞ୍ଜରାଗୁଡା, ସୁକୁରୀଗୁଡା, ଲେଞ୍ଜିଗୁଡା, ଅମ୍ବଗାଁ, କିଲାର, କଙ୍କଡା ଆମ୍ବ, ଲୁଙ୍ଗୁରି, ପୁଟୁରାଘାଟି, ବେହେରାଗୁଡା, ଲିଟିଗୁଡା, ବାରଙ୍ଗପୁଟ, ପାକଝୋଲା, ମାଳି ମାର୍ଲା, ଗାଦୀପାବଲି, ?ୁମଗୁଡା, ଚିନ୍ଦିପାର କଲୋନୀ, କୋଟିଆ, ମାଥାଲପୁଟ୍, ଗଲଗାନ୍ଧର, ପ୍ରମୁଖ ଗାଁ ମାନଙ୍କର ଦଳ ଗୁଡିକ ଭାଗ ନେଇଥିବା ସୂଚନା ମିଳିଛି । ଅଜୟ ବାରିକ, ସୁଦର୍ଶନ ସେନାପତି, ଡକ୍ଟର ଅଶୋକ କୁମାର ମହାନ୍ତି,ମୁରଲୀଧର ମହାପାତ୍ର, ପିତାମ୍ବର ସାହୁ ସହଯୋଗ କରିଥିଲେ । କୋରାପୁଟ ବ୍ଲକ କ୍ରୀଡା ସମ୍ପାଦକ ଅନିଲ କୁମାର ପତି, କ୍ରୀଡ଼ା ଶିକ୍ଷକ ଡକ୍ଟର ନିରୋଧ କୁମାର ପ୍ରଧାନ, ଅର୍ଜୁନ ଦାମୀ, ସୁରେନ୍ଦ୍ର ଯାନୀ, ଦୁଲୁ ଶୁଙ୍ଗାରି, ରାହୁଲ ଶୁଙ୍ଗାରି, ସଞ୍ଜୟ ଶୁଙ୍ଗାରି, ଅନିଲ ଦାମୀ, ସଦା ଗାଦବା, ଦମ୍ବୁରୁ ଲମତା, ପ୍ରମୁଖ ଉକ୍ତ କ୍ରୀଡା ପ୍ରତିଯୋଗିତା ପରିଚାଳନା କରି ସାଫଲ୍ୟ ମଣ୍ଡିତ କରିଥିଲେ । ନାଲ୍‌କୋ ଓ ରାଷ୍ଟ୍ରଦୀପ ପ୍ରସାର ସମିତି ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ।



■ ନଇକେରା ବାଲିଘାଟ ଟେଣ୍ଡରକୁ ବିରୋଧ


# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ




କୋରାପୁଟ,୨୪ା୩(ସମିସ): କୁନ୍ଦ୍ରା ବ୍ଲକ ଅନ୍ତର୍ଗତ ଭୁସଙ୍ଗଗୁଡା ପଞ୍ଚାୟତର ନଇକେରା ନଦୀଘାଟରୁ ବାଲି ଉଠାଣ ନିମନ୍ତେ ଖଣି ବିଭାଗ ତରଫରୁ ଟେଣ୍ଡର କରାଯାଇଥିଲା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି । ଉକ୍ତ ନଦୀଘାଟରୁ ବଡ଼ ବଡ଼ ଗାଡ଼ିରେ ବାଲି ପରିବହନ କରାଯାଇ ରାସ୍ତା ଗୁଡ଼ିକ ଖରାପ ହୋଇ ଗଲାଣି । ଯଦ୍ୱାରା ଜନ ସାଧାରଣଙ୍କୁ ଯିବା ଆସିବା କଷ୍ଟକର ହୋଇଛି । ଟେଣ୍ଡର ଅବଧି ଶେଷ ହୋଇଥିବା ବେଳେ ଆଉ ଟେଣ୍ଡର ନ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସରପଞ୍ଚ ଡମ୍ବରୁଧର ପୂଜାରୀଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ କୋରାପୁଟ ଆସି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଭାରୀଯାନରେ ବାଲି ପରିବହନ ହେଉଥିବାରୁ ଗ୍ରାମର ରାସ୍ତା ଖରାପ ହେଉଛି । ଯଦ୍ୱାରା ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ ହେଉଥିବା ଗ୍ରାମର ତୁଳାରାମ ଗୌଡ ଅଭିଯୋଗ କରିଛନ୍ତି । ତେଣୁ ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ଆଉ ବାଲିଘାଟ ଟେଣ୍ଡର ନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଧନସିଙ୍ଗ ଭତ୍ରା, ଭଗତରାମ ଭତ୍ରା, ଜଳେନ୍ଦ୍ର ଭତ୍ରାଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



ଦୁଃସ୍ଥିତିରୁ ସମଗ୍ର ମାନବ ସମାଜକୁ ଉଦ୍ଧାର କରିବା ପାଇଁ ପ୍ରେମ ହିଁ ଏକମାତ୍ର ବାଟ।
-ଲିଓ ଟଲଷ୍ଟୟ

## ଧର୍ମାନ୍ତରିତଙ୍କୁ ଏସ୍‌ସି ମାନ୍ୟତା ମନା

ହିନ୍ଦୁ, ଶିଖ୍ ଓ ବୌଦ୍ଧ ଧର୍ମରେ ଜାତିପ୍ରଥା ଥିବାରୁ ସବର୍ଣ୍ଣ-ଅସବର୍ଣ୍ଣ ଭଳି ବିବାଦୀୟ ପ୍ରସଙ୍ଗଟି ସାମାଜିକ ପ୍ରଥା ହୋଇସାରିଛି। ସମାଜର ଉପେକ୍ଷିତ ଓ ଅବହେଳିତ ହୋଇ ରହିଆସିଥିବା ଏହି ଅସବର୍ଣ୍ଣ ବା ଦଳିତ ବର୍ଗଙ୍କ ସାମାଜିକ-ଆର୍ଥିକ ସ୍ତରରେ ଉନ୍ନତି ଆଣି ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ୍ କରିବା ପାଇଁ ଆମ ସମ୍ବିଧାନରେ ଶିକ୍ଷା, ଚାକିରି ଓ ପଦୋନ୍ନତି ଆଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାଟି ଲାଗୁ କରାଯାଇଛି। ସଂରକ୍ଷଣର ହିତାଧିକାରୀ ଭାବେ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଆଧାରରେ ବିଭିନ୍ନ ସମ୍ପ୍ରଦାୟଙ୍କୁ ଚିହ୍ନିତ କରାଯାଇଛି। କିନ୍ତୁ ଅନେକ ସମୟରେ ଦେଖାଯାଉଛି ଯେ ଏହି ବର୍ଗରୁ ଅନେକେ ଧର୍ମ ପରିବର୍ତ୍ତନ କରୁଥିଲେ ମଧ୍ୟ ଏସ୍‌ସି ମାନ୍ୟତାକୁ ଛାଡୁନାହାନ୍ତି। ଆମ ନ୍ୟାୟିକ ବ୍ୟବସ୍ଥାର ଜଟିଳତାର ସୁଯୋଗ ନେଇ ସେମାନେ ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ଜନିତ ସମସ୍ତ ସୁବିଧା ସୁଯୋଗ ସହିତ ସଂଖ୍ୟାଲଘୁଙ୍କ ପାଇଁ ଥିବା ସୁବିଧା ମଧ୍ୟ ହାତେଇ ନେଉଛନ୍ତି। ଏହି ପ୍ରସଙ୍ଗରେ ଲାଗି ରହିଥିବା ଦୀର୍ଘଦିନର ଜଟିଳତା, ବିବାଦ ଓ ବିତର୍କରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଏକ ଐତିହାସିକ ରାୟରେ କହିଛନ୍ତି ଯେ ଧର୍ମାନ୍ତରୀକରଣ କରୁଥିବା ବ୍ୟକ୍ତି ବା ପରିବାର ଆଉ ଏସ୍‌ସି ମାନ୍ୟତା ବଜାୟ ରଖିପାରିବେ ନାହିଁ। ଏ ସମ୍ପର୍କିତ ଏକ ମାମଲାରେ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟକୁ କାଏମ୍ ରଖି ଖଣ୍ଡପୀଠ କହିଛନ୍ତି ଯେ ସମ୍ବିଧାନର ଏସ୍‌ସି ନିର୍ଦ୍ଦେଶନାମା ୧୯୫୦ର ସର୍ତ୍ତ ୩ ଅନୁଯାୟୀ ଧର୍ମାନ୍ତରୀକରଣ କରୁଥିବା ବ୍ୟକ୍ତି ଏସ୍‌ସି ମାନ୍ୟତା ପାଇବାକୁ ହକ୍‌ଦାର ନୁହନ୍ତି।

ଆମ ଦେଶରେ କୌଣସି ନୀତିଗତ ସଂସ୍କାରର ରୂପାୟନ ପ୍ରକ୍ରିୟା ଅଧିକ ସମୟସାପେକ୍ଷ। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ କେତେଶୀଘ୍ର ଓ ସଫଳ ଭାବେ କାର୍ଯ୍ୟକାରୀ ହୋଇପାରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିନ୍ତୁ ଏହି ଐତିହାସିକ ରାୟ ଆଗାମୀ ଜନଗଣନାର ପରିସଂଖ୍ୟାନକୁ ଯେ ବିଭ୍ରାନ୍ତ ଓ ଜଟିଳ କରିବ ତାହା ନିଶ୍ଚିତ। ଆଗାମୀ ଜନଗଣନା ଜାତିଭିତ୍ତିକ ହେଉଥିବାରୁ ଜନସାଧାରଣ ସରକାରୀ ସୁବିଧା ସୁଯୋଗ ପାଇବା ପାଇଁ ଜାତିଗତ ପରିଚୟ ଉଲ୍ଲେଖ କରିବାକୁ ଅଗ୍ରାଧିକାର ଦେବେ। ଏହି ପୃଷ୍ଠଭୂମିରେ ଧର୍ମାନ୍ତରିତ ହୋଇଥିବା ଏସ୍‌ସି ବର୍ଗର ଲୋକେ ସଂରକ୍ଷଣ ସୁବିଧା ହରାଇବା ଭୟରେ ନିଜ ସମ୍ପ୍ରଦାୟ ବା ଧର୍ମଗତ ପରିଚୟ ଗୋପନ ରଖିବାକୁ ବା ଭୁଲ୍ ତଥ୍ୟ ଦେବାକୁ ଉଚିତ ମଣିବେ। ଏହାଦ୍ୱାରା ଜାତିଭିତ୍ତିକ ଜନଗଣନାର ମୂଳ ଲକ୍ଷ୍ୟ ସାଧିତ ହୋଇ ନ ପାରେ। ଏହାଛଡ଼ା ଅନ୍ୟ ଧର୍ମରେ ଜାତିପ୍ରଥା ନଥିବାରୁ ସରକାରୀ କାଗଜପତ୍ରରେ ବା ଆତ୍ମବିବରଣୀରେ ସେମାନେ ସମ୍ପ୍ରଦାୟ ବିଷୟରେ ଭୁଲ୍ ତଥ୍ୟ ଦେଲେ ମଧ୍ୟ ତତ୍କାଳ ତନଖି କରିବା ସରକାରୀ ଅଧିକାରୀଙ୍କ ପକ୍ଷରେ ସମ୍ଭବ ହେବ ନାହିଁ ଏବଂ ପ୍ରଶାସନିକ ପ୍ରକ୍ରିୟାକୁ ଅଧିକ ଜଟିଳ କରିବାର ଆଶଙ୍କା ରହିଛି। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଯେପରି ସୁବିଧା ଓ ସତ୍ୱରେ ରୂପାୟନ ହୋଇପାରିବ ସେ ଦିଗରେ ସରକାରୀ କଳ ଏବେ ତତ୍ପର ହେବାର ଆବଶ୍ୟକତା ଅଧିକ।

## ଏବେ ଠୁ ବନାଗ୍ନି

ଗ୍ରୀଷ୍ମ ଋତୁ ସମ୍ପୂର୍ଣ୍ଣ ଆସିନାହିଁ। ଅଥଚ ଆମ ରାଜ୍ୟ ବନାଗ୍ନିର ପ୍ରକୋପ ଦେଖୁଛି। ଭାରତୀୟ ଜଙ୍ଗଲ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ବନାଗ୍ନିରେ ଓଡ଼ିଶା ଦେଶର ପ୍ରଥମ ସ୍ଥାନରେ ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଗତ ୨୧ ତାରିଖ ସୁଦ୍ଧା ରାଜ୍ୟର ବିଭିନ୍ନ ଜଙ୍ଗଲରେ ୭, ୪୦୦ ସ୍ଥାନରେ ନିଆଁ ଲାଗିଛି। ଏହା ମଧ୍ୟରୁ ଅଧିକାଂଶ ମନୁଷ୍ୟକୃତ। ଏବେ ଏଲ୍‌ପିଜି ଗ୍ୟାସ୍ ଯୋଗାଣରେ ସଙ୍କଟ ଯୋଗୁଁ ଗ୍ରାମୀଣ ଲୋକମାନେ ପୁଣି ଥରେ କାଠ ଓ କୋଇଲାକୁ ଜାଳେଣିର ବିକଳ୍ପ ରୂପେ ବ୍ୟବହାର କରୁଥିବାରୁ ବନାଗ୍ନିର ପରିସର ବଢ଼ିବାରେ ଲାଗିଛି। ୨୦୨୩ରେ ମଧ୍ୟ ବନାଗ୍ନିରେ ଦେଶରେ ଏକନମ୍ବର ରାଜ୍ୟ ଭାବେ ଓଡ଼ିଶା କୁଖ୍ୟାତି ଅର୍ଜନ କରିଥିଲା।

ଡିସେମ୍ବରଠାରୁ ଜାନୁଆରୀ ପର୍ଯ୍ୟନ୍ତ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଯେପରି ଭୟାନକ ଓ ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଛି, ଓଡ଼ିଶାରେ ମାର୍ଚ୍ଚଠାରୁ ମେ' ମାସ ବନାଗ୍ନି ସେହିପରି ରାଜ୍ୟର ପ୍ରାକୃତିକ ସମ୍ପଦ, ଜୈବବିବିଧତା ଓ ପଶୁପକ୍ଷୀଙ୍କ ପାଇଁ ଶୋଚନୀୟ କ୍ଷୟକ୍ଷତି ଆଣୁଛି। ବର୍ଷ ପରେ ବର୍ଷ ବନାଗ୍ନି ଅଘଟଣ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ଦିଗରେ ଯେ ସରକାରୀ କଳ ଉଦାସୀନ ତା' ନୁହେଁ; କିନ୍ତୁ ସରକାରୀ ଉଦ୍ୟମ ଓ ଯୋଜନା ତୃଣମୂଳସ୍ତରରେ ପ୍ରତିଫଳିତ ହୋଇ ନ ପାରିବା କାରଣରୁ ସୁଫଳ ମିଳିପାରୁନାହିଁ।

ଖରାଦିନେ ବନାଗ୍ନି ବା ଜଙ୍ଗଲ ନିଆଁ ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଓଡ଼ିଶାରେ ବନାଗ୍ନି ଅସମୟରେ ଆତ୍ମପ୍ରକାଶ କରୁଥିବାରୁ ଚିନ୍ତା ବଢ଼ୁଛି। ଖରାଦିନ ଆସିବା ପୂର୍ବରୁ ଝଡ଼ା ପତ୍ରରେ ନିଆଁ ଲାଗେ। ଏହାଛଡ଼ା ପୋଡୁଚାଷ, କୋଇଲା ମାଫିଆ, ବଜ୍ରପାତ, ପ୍ରବଳ ଝାଞ୍ଜି ପବନ ଯୋଗୁଁ ଗଛର ଶୁଖିଲା ଡାଳ ଘଷି ହେବା ଓ ବଣଭୋଜି କରୁଥିବା ଲୋକଙ୍କ ଉଦାସୀନତା ଯୋଗୁଁ ମଧ୍ୟ ଅନେକ ସମୟରେ ସାମାନ୍ୟ ନିଆଁ ଝୁଲ ପରବର୍ତ୍ତୀ ସମୟରେ ବିଶାଳ ବନାଗ୍ନି ସୃଷ୍ଟି କରୁଛି। ଏଥିମଧ୍ୟରୁ ପୋଡୁଚାଷର ଯୋଗଦାନ ସର୍ବାଧିକ।

ମୂଳ କଥା ହେଲା ବନାଗ୍ନି ଆରମ୍ଭ ହେବା ପରେ ପରିବେଶବିତ୍ ଓ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ସର୍ବୋଚ୍ଚ ପଦାଧିକାରୀମାନେ ଜଳବାୟୁ ପରିବର୍ତ୍ତନ ଓ ଲୋକଙ୍କ ଉଦାସୀନତାକୁ ଦୋଷ ଦେଇ ବସିଯାଆନ୍ତି। କିନ୍ତୁ ପରିବର୍ତ୍ତୀ ସମୟରେ ଏହାର ପୁନରାବୃତ୍ତି କିପରି ନ ହେବ ସେଥିପ୍ରତି ଦୀର୍ଘମିଆଦୀ ଯୋଜନା ହୁଏ ନାହିଁ କି ଅଭିଜ୍ଞତାରୁ କିଛି ଶିଖି ପ୍ରୟୋଗ କରିବାରେ ନିଷ୍ଠା ରହେ ନାହିଁ। ଏହି କାରଣରୁ ଓଡ଼ିଶାରେ ବନାଗ୍ନି ପ୍ରତିବର୍ଷ ନୂଆ ନୂଆ ଅଲୋଡ଼ା ରେକର୍ଡମାନ ପ୍ରତିଷ୍ଠା କରି ଚାଲିଛି। ଏହା ଅବଶ୍ୟ ଅସ୍ୱୀକାର କରିବାର ନାହିଁ ଯେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜଙ୍ଗଲ ଓ ଏହାର ସ୍ୱାସ୍ଥ୍ୟ ଉପରେ ପଡ଼ିଛି। ବର୍ଷାଭାବ, ତାପପ୍ରବାହ ଏବଂ ଶୁଷ୍କ ପରିବେଶ ଜଙ୍ଗଲ ନିଆଁକୁ ଅଧିକ ସୁହାଉଛି। ଏଭଳି ସମୟରେ ବନାଗ୍ନିକୁ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅଧିକ ପାଣ୍ଠି ଏବଂ ବୈଷୟିକ ସହଯୋଗ ଯୋଗାଇବାର ଆବଶ୍ୟକତା ରହିଛି। ସ୍ଥାନୀୟ ଲୋକ, ଜଙ୍ଗଲ ପାଖ ଗ୍ରାମବାସୀ ଏବଂ ବନବାସୀଙ୍କ ସହାୟତା ଓ ସହଯୋଗ ଅଧିକରୁ ଅଧିକ ଉପଯୋଗ କରାଯିବା ମଧ୍ୟ ଜରୁରୀ।

# ଭାରତୀୟ ରାଜନୀତିରେ ପରିବାରବାଦ

**ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା**

ଆମ ଦେଶର ରାଜନୀତିରେ 'ପରିବାରବାଦ' ପ୍ରସଙ୍ଗଟି ଖୁବ୍ ଆଲୋଚନା ହୋଇଆସୁଛି। ବିଶେଷକରି ୨୦୧୪ରୁ ଏହି ପ୍ରସଙ୍ଗ ଆକ୍ରମଣାତ୍ମକ ଢଙ୍ଗରେ ଉପସ୍ଥାପିତ ହୋଇଛି। ସତେଯେପରି ଭାରତୀୟ ସମାଜର ଅସଲ ସମସ୍ୟା ହେଉଛି 'ରାଜନୀତିରେ ପରିବାରବାଦ'। ଏଠାରେ 'ପରିବାରବାଦ'ର ସରଳ ଅର୍ଥ ହେଲା ପରିବାରର କର୍ତ୍ତୃତ୍ୱ ବା ପ୍ରଭୁତ୍ୱ। ଉଦାରବାଦୀ ଗଣତନ୍ତ୍ରରେ ରାଜନୀତି ଓ କ୍ଷମତା ଏକାର୍ଥବୋଧକ ଶବ୍ଦ। ସେହିକ୍ରମରେ କ୍ଷମତା ରାଜନୀତିରେ ପରିବାରର ପ୍ରମୁଖ ଭୂମିକା ରହିବ। ଅନ୍ୟଅର୍ଥରେ କ୍ଷମତା ବା ରାଷ୍ଟ୍ର କ୍ଷମତା, ସାଧାରଣରେ ଯାହା ସରକାର ବୋଲି ବୁଝାଯାଏ, ତା' ଉପରେ ପରିବାରର ନିୟନ୍ତ୍ରଣ ବା କର୍ତ୍ତୃତ୍ୱ ବଜାୟ ରହିବ।

ପରିବାରର ଭିନ୍ନ ଭିନ୍ନ ଅର୍ଥ ଅଛି। ଏହା ଏକାଧାରରେ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଅନୁଷ୍ଠାନକୁ ବୁଝାଏ। ବ୍ୟକ୍ତିଗତ ସମ୍ପତ୍ତି ଓ ପରିବାର ଏକ ସମକାଳୀନ ସୃଷ୍ଟି ବୋଲି ସମାଜବିଜ୍ଞାନୀ ଓ ଐତିହାସିକମାନଙ୍କ ମତ। ତେଣୁ ସମ୍ପତ୍ତିର ମାଲିକାନା, ହସ୍ତାନ୍ତର ଓ ଉତ୍ତରାଧିକାର ଆଦି ମୌଳିକ ପ୍ରସଙ୍ଗ ପରିବାର ସହ ଜଡ଼ିତ। ରାଷ୍ଟ୍ର ଏକ ରାଜନୈତିକ ଓ ଆର୍ଥିକ ଅନୁଷ୍ଠାନ। ରାଷ୍ଟ୍ରର ଉତ୍ପତ୍ତି, ଏହାର ସ୍ଥିତି ଓ ଭବିଷ୍ୟତ ଉପରେ ଆଜି ସୁଦ୍ଧା ଏକାଧିକ ଆଦର୍ଶଗତ ବିଚାର ରହିଛି। ସ୍ୱାଭାବିକ ଭାବେ ଏସବୁ ବିଚାରକୁ ନେଇ ବିବାଦ ବି ଅଛି। ରାଷ୍ଟ୍ରର କ୍ଷମତା ଦଖଲ ପାଇଁ ବିଭିନ୍ନ ଶ୍ରେଣୀ ଓ ଗୋଷ୍ଠୀ ମଧ୍ୟରେ ପ୍ରତିଯୋଗିତା ହେଉଛି ଏକ ଐତିହାସିକ ସତ୍ୟ। ରାଷ୍ଟ୍ର କ୍ଷମତା ହାସଲ ପାଇଁ ପ୍ରତିଯୋଗିତାର ଅସଲ ରୂପ ଓ ସ୍ୱରୂପ ତାହା ହେଲେ କ'ଣ? ତାହା ହେଲା ଗୋଟିଏ ଦେଶର ପ୍ରାକୃତିକ ଓ ମାନବିକ ସମ୍ପଦ କାହା ହାତରେ ରହିବ ଏବଂ କାହା ସ୍ୱାର୍ଥରେ ଲାଗିବ।

ମହାନ୍ ଦାର୍ଶନିକ କାର୍ଲ ମାର୍କସଙ୍କ ବିଚାର ଅନୁସାରେ ଆଜିପର୍ଯ୍ୟନ୍ତ ଧରାପୃଷ୍ଠରେ ତିଷ୍ଠି ଥିବା ମାନବ ଜାତିର ଇତିହାସ ହେଉଛି ଶ୍ରେଣୀ ସଂଗ୍ରାମର ଇତିହାସ। ଏହି ସବୁ ସଂଗ୍ରାମ ମୂଳତଃ ଶୋଷକ ବିରୋଧରେ ଶୋଷିତର। ଉତ୍ପାଦନର ସାଧନ ଉପରେ ବ୍ୟକ୍ତିଗତ ମାଲିକାନା ବିଲୋପ କରି ସାମାଜିକ ମାଲିକାନା ପ୍ରତିଷ୍ଠା ପାଇଁ ଚାଲିଥିବା ନିରନ୍ତର ଶ୍ରେଣୀ ସଂଘର୍ଷ। ଏହି ଦାର୍ଶନିକ ବିଚାର ସହ ସମସ୍ତେ ସମ୍ପୂର୍ଣ୍ଣ ଭାବେ ଏକମତ ହୋଇ ନ ପାରନ୍ତି। ବ୍ରିଟିଶ ଉପନିବେଶ ଶାସନର ଅନ୍ତ ପରେ ଆମର ନୂଆ ଶୋଷକ କିଏ ଏବଂ ଆମ ଦେଶର ସମ୍ପଦର ଅସଲ ମାଲିକ କିଏ? ଦେଶର ସ୍ୱାଧୀନତା ପରବର୍ତ୍ତୀ ଇତିହାସ କହେ ଦେଶର ସମ୍ପଦ ଉପରେ ମାଲିକାନା ପାଇଁ ଅହରହ ଲଢ଼େଇ ଚାଲିଛି। ଏବେ ସୁଦ୍ଧା ସମ୍ପଦ ଉପରେ ସବୁଲୋକଙ୍କ ସମାନ ମାଲିକାନା ନାହିଁ। ତାହା ହେଲେ ସମ୍ପଦ ଉପରେ କାହାର ଅଧିକ ଆଧିପତ୍ୟ ରହିଛି?

ସମ୍ପଦର ମାଲିକାନା ଓ ପରିଚାଳନା ଦୃଷ୍ଟିରୁ ବିଚାର କଲେ ଆମ ଦେଶରେ ତିନିପ୍ରକାରର ପରିବାର ଅଛନ୍ତି। ଅତି ବଡ଼ ଧନୀଙ୍କ ପରିବାର, ଯେଉଁମାନଙ୍କ ସମ୍ପଦ ଉପରେ ଆଧିପତ୍ୟଶାଳୀ ପ୍ରଭାବ ଓ କର୍ତ୍ତୃତ୍ୱ। ଆଉ ଜନଗଣଙ୍କ ମଧ୍ୟରୁ ଏକ ବିଶାଳ ଅଂଶ ଅତି ଗରିବ ଓ ନିସ୍ୱଙ୍କ ପରିବାର। ଏ ଦୁଇ ମଝିରେ ଆଉ ଏକ ଗୋଷ୍ଠୀର ପରିବାର ରହିଛି, ଯେଉଁମାନେ ନିମ୍ନ ଓ ଉଚ୍ଚ ମଧ୍ୟବିତ୍ତରେ ଗଣା ହୁଅନ୍ତି। ଯେଉଁମାନେ ରାଜନୀତିରେ ପରିବାରବାଦ କଥା ଉଠାଉଛନ୍ତି ସେମାନେ ପ୍ରଥମେ କୁହନ୍ତୁ ଭାରତୀୟ ସମାଜରେ କେଉଁ ପରିବାରର ପ୍ରଭୁତ୍ୱ ସପକ୍ଷରେ ସେମାନେ ଓକିଲାତି କରୁଛନ୍ତି? ସେମାନେ ସରକାର ଓ ପ୍ରଶାସନର ବିଭିନ୍ନ ପଦପଦବୀରେ ଥିବା ବେଳେ ରାଷ୍ଟ୍ରର ନୀତି ଓ ନିଷ୍ପତ୍ତି କେଉଁ ପରିବାରର ସମ୍ପତ୍ତି ବଢ଼େଇବାରେ ସହାୟକ ହୋଇଛି!

ଏହା ଅନସ୍ୱୀକାର୍ଯ୍ୟ ଯେ ଦେଶରେ ଥିବା ବିଭିନ୍ନ ରାଜନୈତିକ ଦଳ ମଧ୍ୟରୁ କିଛି ଦଳ ଗୋଟିଏ ଗୋଟିଏ ପରିବାର ହାତରେ ଅଛନ୍ତି। ଯେଉଁ ଦଳ ଅଧିକ ପରିବାରବାଦ କଥା ଉଠାଉଛି ସେ ଦଳରେ ଏକଶତରୁ ଅଧିକ ନେତା ଅଛନ୍ତି, ଯେଉଁମାନଙ୍କ ପରିବାରରୁ ଏକାଧିକ ବ୍ୟକ୍ତି ଓ ରକ୍ତସମ୍ପର୍କୀୟ ଦଶନ୍ଧି ଦଶନ୍ଧି ଧରି କ୍ଷମତାରେ ଅଛନ୍ତି। ନିଜର ପୁଅ, ଝିଅ, ବନ୍ଧୁ ଓ ପରିଜନଙ୍କୁ ଥଇଥାନ କରିଛନ୍ତି କ୍ଷମତା ରାଜନୀତିରେ। ରାଜନୈତିକ କ୍ଷମତା ସେମାନଙ୍କ ପରିବାରର ସ୍ୱାର୍ଥସାଧନରେ ଲାଗିଛି। ବାମପନ୍ଥୀ ଦଳମାନଙ୍କୁ ବାଦଦେଲେ ଅନ୍ୟ ସବୁ ରାଜନୈତିକ ଦଳ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପରିବାର ମାଲିକାନାରେ ପରିଚାଳିତ ଓ ନିୟନ୍ତ୍ରିତ। ଦଳୀୟ ଗଣତନ୍ତ୍ର 'ହାଇ କମାଣ୍ଡ' ସଂସ୍କୃତି ବା 'ଏକବ୍ୟକ୍ତି ଏକାଧିପତ୍ୟ' ଦ୍ୱାରା ନିର୍ଦ୍ଦେଶିତ।

ରାଜନୀତିରେ ପରିବାରବାଦ ପ୍ରସଙ୍ଗ ଉଠାଇ ଦେଶ ସମ୍ମୁଖୀନ ହେଉଥିବା ମୂଳ ପ୍ରସଙ୍ଗ(ବିପୁଳ ଜନଗଣ ସମ୍ପଦହୀନ ହେବା ଓ ଦୁର୍ଦ୍ଦଶାଗ୍ରସ୍ତ ଜୀବନ ଭିତରକୁ ଠେଲି ହୋଇଯିବା) ପଛକୁ ଚାଲିଯାଉଛି। ଦେଶରେ ଅତିଶୟ ସମ୍ପତ୍ତିର ମାଲିକ ବା ଅତିଧନୀଙ୍କ ପରିବାର ହାତରେ କ୍ଷମତା କେନ୍ଦ୍ରୀଭୂତ ହେଉଛି। ଦେଶର ଜମି, ଜଙ୍ଗଲ, ଜଳ, ଖଣି ଖାଦାନ, ଉତ୍ପାଦନ ଓ ପରିସେବାର ବିପୁଳ ଅଂଶ ମଧ୍ୟ ସେମାନଙ୍କ ମାଲିକାନାରେ। ଦେଶର ୧ ଭାଗ ପରିବାର ୯୦ ଭାଗ ସମ୍ପଦର ମାଲିକ। ଏକ ପୁଞ୍ଜିବାଦୀ ବ୍ୟବସ୍ଥାର ରାଷ୍ଟ୍ର ଓ ସରକାର ଶୋଷକ ଶ୍ରେଣୀର ସ୍ୱାର୍ଥରକ୍ଷାରେ ନିୟୋଜିତ ହୋଇଥାଏ। ଦେଶର ଆର୍ଥିକ ଆଇନ ପ୍ରଣୟନ କରୁଥିବା ଆମ ଦେଶର ସଂସଦକୁ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କୁ ଦେଖିଲେ ସଂସଦ କାହାର ପ୍ରତିନିଧି ସ୍ପଷ୍ଟ ହୁଏ। ସଂସଦ ଏବେ ଅତିଧନୀଙ୍କ ଏକ ଆଇନ ସଭାରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

୨୦୧୪ ମସିହାରେ ନିର୍ବାଚିତ ସାଂସଦମାନଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ଥିଲା ୧୫.୮୩ କୋଟି ଟଙ୍କା। ୨୦୧୯ ଏହା ବଢ଼ି ୨୭.୧୩ କୋଟି ଟଙ୍କାରେ ପହଞ୍ଚିଥିଲା। ଚଳିତ ସଂସଦରେ ଜଣେ ସାଂସଦଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୩୩.୧୩ କୋଟି ଟଙ୍କା। ୨୦୧୪ ତୁଳନାରେ ସାଂସଦଙ୍କ ସମ୍ପତ୍ତି ୧୧୦ ଭାଗ ବଢ଼ିଛି। ଏହି ସମୟ ଭିତରେ ଅତିଶୟ ବିଶାଳ ପୁଞ୍ଜିପତିଙ୍କ ସଂଖ୍ୟା ୧୦୨ ରୁ ବଢ଼ି ୨୨୫ ରେ ପହଞ୍ଚିଛି। ଧନୀ ସଂସଦ କେଉଁସବୁ ଦଳର ତାହାର ମୂଲ୍ୟାୟନ କଲେ ହିଁ ଅସଲ ଛବି ମିଳିବ। ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତିର ମାଲିକ ହେଉଛନ୍ତି ୨୬୯ ଜଣ ସାଂସଦ, ୪୬ ଜଣ ସାଂସଦଙ୍କ ସମ୍ପତ୍ତି ୫୦ କୋଟି ଟଙ୍କାରୁ ଅଧିକ। ସେମାନଙ୍କ ମଧ୍ୟରୁ ୩୪ ଜଣ ବିଜେପି ସାଂସଦ ଓ କଂଗ୍ରେସର ୧୨ ଜଣ। ଅନ୍ୟ ଏକ ହିସାବ ଅନୁସାରେ ଚଳିତ ଲୋକସଭାର ୨୪୦ ଶାସକ ଦଳର ସାଂସଦଙ୍କ ହାରାହାରି ସମ୍ପତ୍ତି ପରିମାଣ ୫୦.୦୪ କୋଟି ଟଙ୍କା।

ପରିବାରବାଦ ଗଣ୍ଡି ମଧ୍ୟରେ ଥିବା ରାଜନୈତିକ ଦଳ ମଧ୍ୟରୁ ଚଳିତ ଲୋକସଭାରେ ଥିବା ୯୯ ଜଣ କଂଗ୍ରେସ ସାଂସଦଙ୍କ ହାରାହାରି ସମ୍ପତ୍ତି ୨୨.୯୩ କୋଟି, ୩୭ ଜଣ ସମାଜବାଦୀ ପାର୍ଟିର ସାଂସଦଙ୍କ ହାରାହାରି ସମ୍ପତ୍ତି ୧୫.୨୫ କୋଟି, ୨୯ ଜଣ ତୃଣମୂଳ କଂଗ୍ରେସ ସାଂସଦଙ୍କ ହାରାହାରି ସମ୍ପତ୍ତି ୧୫.୨୫ କୋଟି ଟଙ୍କା। ଏନ୍‌ଡିଏ ସଦସ୍ୟ ଟିଡିପିର ୧୬ ଜଣ ସାସଦଙ୍କ ହାରାହାରି ସମ୍ପତ୍ତି ୪୪୨.୦୦ କୋଟି ଟଙ୍କା। ଜଗନଙ୍କ ନେତୃତ୍ୱାଧୀନ ୱାଇ.ଏସ.ଆର କଂଗ୍ରେସ ଏବଂ ଭାରତ ରାଷ୍ଟ୍ରୀୟ ସମିତିର ସାଂସଦଙ୍କ ସମ୍ପତ୍ତି ସର୍ବାଧିକ କାହାର ୫୦୦ କୋଟିରୁ ଉର୍ଦ୍ଧ୍ୱ ତ କିଏ ୫୦୦୦ କୋଟି ଟଙ୍କାର ମାଲିକ। ପ୍ରତି ପାଞ୍ଚ ବର୍ଷରେ ଅଧିକରୁ ଅଧିକ ସମ୍ପତ୍ତିର ମାଲିକମାନେ ସଂସଦକୁ ନିର୍ବାଚିତ ହେଉଛନ୍ତି। ସେମାନେ ଦେଶର ବୃହତ୍ ପୁଞ୍ଜିପତିଙ୍କ ସ୍ୱାର୍ଥରେ ଦେଶର ସଂସଦକୁ ବ୍ୟବହାର କରୁଛନ୍ତି। ଆଉ ଗରିବ ଓ ସକଳ ପ୍ରକାର ନିଷ୍ପେଷିତ ଓ ନିର୍ଯାତିତ ମଣିଷ ରାଜନୈତିକ ଚେତନା ଓ ଶିକ୍ଷା ଅଭାବରୁ ସେମାନଙ୍କୁ ସଂସଦକୁ ପଠାଉଛନ୍ତି।

ଏହାର ପରିଣାମ ଦେଶର ବିପୁଳ ଜନଗଣ ସକଳ ଦୁର୍ଦ୍ଦଶା ଓ ଦୟନୀୟ ସ୍ଥିତି ଭିତରେ ବଞ୍ଚୁଛନ୍ତି। ଅତିଶୟ ଧନୀ ପରିବାରଙ୍କ ସପକ୍ଷରେ ଅବସ୍ଥାନ କରୁଥିବା ଦଳ ଓ ନେତାମାନେ ଯାହା ଲୋକଙ୍କ ସମସ୍ୟା ନୁହେଁ ସେହି ପ୍ରସଙ୍ଗ ଉଠାଇବେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ। ସାମାଜିକ-ଆର୍ଥିକ ସମତା ଓ ବିପୁଳ ଜନଗଣକୁ କ୍ଷମତା ପ୍ରଦାନ ବଦଳରେ ରାଜନୀତିରେ ପରିବାରବାଦ ଆଦି ଗୌଣ ପ୍ରସଙ୍ଗକୁ ଅତିରଞ୍ଜିତ ଭାବେ ବହୁଳ ପ୍ରଚାର କରିବା ପଛରେ ଅସଲ ଉଦ୍ଦେଶ୍ୟ ହେଉଛି ଅତିଶୟ ଧନୀଙ୍କ ପରିବାରର ଲୁଣ୍ଠନ ଓ ଶୋଷଣକୁ ଘୋଡ଼ାଇ ରଖିବା। ଶିଳ୍ପପତିଙ୍କ ପରିବାର ହାତରେ ଦେଶର ସମ୍ପଦ ଟେକି ଦେବା ପଛରେ ଶାସନ କେତେ ଦାୟୀ ସେ କଥା ନିଜେ ଖୁବ୍ ଭଲ ଭାବେ ଜାଣନ୍ତି। 'ରାଜନୀତିରେ ପରିବାରବାଦ' ପ୍ରସଙ୍ଗ ଏକ ରାଜନୈତିକ ଚାଲ୍; 'କର୍ପୋରେଟ ପରିବାରବାଦ' ହେଉଛି ଅସଲି ପ୍ରସଙ୍ଗ। ଦେଶର ଅର୍ଥନୀତିରେ କର୍ପୋରେଟର କ୍ରମବର୍ଦ୍ଧିଷ୍ଣୁ ମାଲିକାନା ଓ ଆଧିପତ୍ୟ ହେଉଛି ଜନଗଣଙ୍କ ଦୁର୍ଦ୍ଦଶାର ମୁଖ୍ୟ ପ୍ରଶ୍ନ, ଯାହା ସାମନାକୁ ନ ଆଣିବା ପାଇଁ କର୍ପୋରେଟ ଗଣମାଧ୍ୟମ ଅହରହ ପ୍ରୟାସ କରୁଛି।

(ପ୍ରାକ୍ତନ ଅଧ୍ୟକ୍ଷ, ସୂରଜମଲ ସାହା ମହାବିଦ୍ୟାଳୟ)
ଗୋପୀନାଥପୁର(ପୁରୀ)
ମୋ: ୯୪୩୯୧୪୩୩୪୫

# ନିଦ ଚୋରାଉଛି ଜଳବାୟୁ ପରିବର୍ତ୍ତନ

**ଉମାଶଙ୍କର ଦାସ**

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ପ୍ରଭାବରେ 'ନିଦ ଚୋରି'ର ଏକ ପ୍ରମୁଖ ସମସ୍ୟା ହୋଇଛି। ଚୀନ (ଚୀନ୍ ନିଦ୍ରା ଗବେଷଣା ସଂଘ), ୟୁନାଇଟେଡ୍ କିଙ୍ଗଡ଼ମ୍ (ସ୍ଲିପ୍ ଚ୍ୟାରିଟି), ଆମେରିକା (ନ୍ୟାସନାଲ୍ ସ୍ଲିପ୍ ଫାଉଣ୍ଡେସନ୍) ଭଳି ପ୍ରମୁଖ ଦେଶଗୁଡ଼ିକର ନିଦ୍ରା ସମ୍ବନ୍ଧରେ ଗବେଷଣା କରୁଥିବା ଅନୁଷ୍ଠାନଗୁଡ଼ିକର ରିପୋର୍ଟ ଅନୁଯାୟୀ ପ୍ରତି ତିନିଜଣଙ୍କ ମଧ୍ୟରୁ ଜଣେ ନିଦ୍ରା ସମସ୍ୟାର ଶିକାର ହେଉଛନ୍ତି। ତେଣୁ ଏକ ସୁସ୍ଥ ପ୍ରଗତିଶୀଳ ସମାଜ ପାଇଁ ନିଦ୍ରା ବ୍ୟାଧିର ବିପଦ କାରକଗୁଡ଼ିକୁ ଚିହ୍ନଟ ଏବଂ ପରିଚାଳନା ଗୁରୁତ୍ୱପୂର୍ଣ୍ଣ।

ଉଚ୍ଚ ତାପମାତ୍ରା ଓ ଖରାପ ନିଦ୍ରା ମଧ୍ୟରେ ସମ୍ପର୍କ ଏକ ଅନ୍ତର୍ନିହିତ କ୍ରିୟା। ପ୍ରଥମତଃ, ନିଦ୍ରା ସମୟରେ ଶରୀରର ମୂଳ ତାପମାତ୍ରା ସ୍ୱାଭାବିକ ଭାବରେ ହ୍ରାସ ପାଏ, ଯାହା ନିଦ୍ରା ଆରମ୍ଭ ଓ ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଳବାୟୁ ପରିବର୍ତ୍ତନ ତଥା ବିଶ୍ୱ ତାପନ ପ୍ରଭାବରେ ବୃଦ୍ଧି ହେଉଥିବା ଉଚ୍ଚ ପରିବେଶୀୟ ତାପମାତ୍ରା ଶରୀରର ମୂଳ ତାପମାତ୍ରାକୁ ହ୍ରାସ ହେବାର ପ୍ରକ୍ରିୟାକୁ ବାଧା ଦେଇ ନିଦ୍ରା ଆସିବାର ଗତି ଓ ନିଦ୍ରାର ଗୁଣବତ୍ତା ଉଭୟକୁ ପ୍ରଭାବିତ କରିଥାଏ। ଏହାସହିତ ଗରମ ପରିବେଶରେ ଝାଳ ଯୋଗୁଁ ହେଉଥିବା ଅସ୍ୱସ୍ତି ବାରମ୍ବାର ଜାଗ୍ରତ କରାଇ ନିଦ ଆସିବାରେ ଅସୁବିଧା ସୃଷ୍ଟି କରିପାରେ। ଅଧିକନ୍ତୁ ଉଚ୍ଚ ତାପମାତ୍ରା ଶରୀରର ସର୍କାଡିଆନ୍ ତାଳକୁ ବାଧା ଦେଇପାରେ, ଯାହା ଅନିଦ୍ରା କିମ୍ବା ଅନ୍ୟାନ୍ୟ ନିଦ୍ରାଜନିତ ବ୍ୟାଧି ସୃଷ୍ଟି କରିପାରେ। ଏହାସହିତ ଉଚ୍ଚ ତାପମାତ୍ରା ଦ୍ୱାରା ସୃଷ୍ଟି ହୋଇଥିବା ଅସ୍ୱସ୍ତି ଓ ଚିନ୍ତା ନିଦକୁ ଆହୁରି ବାଧା ଦେଇପାରେ। ଉଚ୍ଚ ତାପମାତ୍ରା ଖାଦ୍ୟ ପଦ୍ଧତି, ଶାରୀରିକ କାର୍ଯ୍ୟକଳାପ ଶୈଳୀକୁ ମଧ୍ୟ ପ୍ରଭାବିତ କରିପାରେ ଏବଂ ଶୀଘ୍ର ଥକାପଣ, ରାତି ସମୟରେ ଅସ୍ୱସ୍ତି ବୃଦ୍ଧି କରିଥାଏ।

ଚକ୍ଷୁର ଧିମା ଗତି ଓ ତୀବ୍ର ଗତି ମାଧ୍ୟମରେ ଗଭୀର ନିଦ୍ରା, ହାଲୁକା ନିଦ୍ରା ଓ ସ୍ୱପ୍ନ ନିଦ୍ରା ସଂଘଟିତ ହୁଏ। ଏହି ପର୍ଯ୍ୟାୟଗୁଡ଼ିକରେ କୌଣସି ବାଧା ଘଟିଲେ ନିଦ୍ରାହୀନତା ସୃଷ୍ଟି ହୋଇଥାଏ, ଯାହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଜନ୍ମ ଦେବା ସହ ଦୀର୍ଘକାଳୀନ ଶ୍ୱାସ ରୋଗ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ପେଶୀ ଓ ଅସ୍ଥି ସମ୍ବନ୍ଧୀୟ ରୋଗ, କର୍କଟ ପରି ରୋଗ ସୃଷ୍ଟି କରିଥାଏ।

୬୮ଟି ଦେଶରୁ ୪୭, ୬୨୮ ଜଣଙ୍କର ସଂଗୃହୀତ ନିଦ୍ରା ସମ୍ପର୍କିତ ସର୍ବେକ୍ଷଣ ସମେତ ଅନେକ ମହାମାରୀ ବିଜ୍ଞାନ ଅଧ୍ୟୟନ ସିଧାସଳଖ ଭାବେ ଉଚ୍ଚ ତାପମାତ୍ରାକୁ ନିଦ୍ରାହୀନତା ସହିତ ସଂଯୋଗ କରିଛି। ୨୦୨୧ ରୁ ୨୦୨୩ ମଧ୍ୟରେ ଚୀନର ୩୩୬ ସହରରୁ ୨, ୧୪, ୪୪୫ ଜଣଙ୍କ ୨୩, ୧୯୭, ୦୪୫ ଦିନର ନିଦ୍ରା ନିରୀକ୍ଷଣ ମୂଲ୍ୟାଙ୍କନ ଅନୁଯାୟୀ ମୋଟ ନିଦ୍ରା ଅବଧି ୪୨୭.୩ ମିନିଟ୍, ହାଲୁକା ନିଦ୍ରା ୧୯୯ .୮ ମିନିଟ୍ (୪୬ .୮୪ %), ଗଭୀର ନିଦ୍ରା ୧୨୭.୦ ମିନିଟ୍ (୨୯.୭୪%) ଏବଂ ସ୍ୱପ୍ନ ନିଦ୍ରା ୧୦୦.୪ ମିନିଟ୍ (୨୩.୪୨%) ରହିଥିବା ଜଣାପଡ଼ିଛି। ଏହି ସର୍ବେକ୍ଷଣର ଅନୁଧ୍ୟାନ ଅନୁଯାୟୀ ବିଭିନ୍ନ ଜଳବାୟୁ ପରିବର୍ତ୍ତନ ପରିସ୍ଥିତି ଅନୁଯାୟୀ ଐତିହାସିକ ସମୟସୀମା ତୁଳନାରେ ବାର୍ଷିକ ହାରାହାରି ତାପମାତ୍ରାର କ୍ରମାଗତ ବୃଦ୍ଧି ପାଉଥିବା ଧାରା ଯୋଗୁଁ ଏକବିଂଶ ଶତାବ୍ଦୀର ଶେଷ ସୁଦ୍ଧା ପ୍ରତି ବ୍ୟକ୍ତିର ବର୍ଷକୁ ମୋଟ ୩୩ ଘଣ୍ଟାରୁ ଅଧିକ ନିଦ ହ୍ରାସ ହେବ ବୋଲି ଆକଳନ କରାଯାଇଛି। ନିଦ୍ରା ଉପରେ ଉଚ୍ଚ ତାପମାତ୍ରାର ପ୍ରତିକୂଳ ପ୍ରଭାବ ବୟସ୍କ, ମହିଳା ଓ ପୃଥୁଳ ଶରୀର ଯୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ଏବଂ ଉଚ୍ଚ-ଆର୍ଦ୍ରତା ପରିବେଶରେ ପ୍ରଭାବ ଅଧିକ ସ୍ପଷ୍ଟ ଭାବରେ ଦେଖାଯାଏ।

ସେହିପରି ଅଷ୍ଟ୍ରେଲିଆର ସିଡ୍‌ନିରେ ୪୮ ଜଣ ଅଂଶଗ୍ରହଣକାରୀଙ୍କ ଏକ କ୍ଷେତ୍ର ଅଧ୍ୟୟନର ରିପୋର୍ଟ ଅନୁଯାୟୀ, ଦକ୍ଷିଣ ଗ୍ରୀଷ୍ମ ସମୟରେ ଶୟନ କକ୍ଷର ତାପମାତ୍ରା ୧ କେଭି ବୃଦ୍ଧି ପାଇବାରୁ ସ୍ୱପ୍ନ ନିଦ୍ରା ପ୍ରତିଶତ ୧.୬୫% ହ୍ରାସ ପାଇଛି। ତାଇପେର ଏକ ନିଦ୍ରା କେନ୍ଦ୍ରରେ ୫,୨୦୪ ଅଂଶଗ୍ରହଣକାରୀଙ୍କ ଏକ ଗବେଷଣାରୁ ଜଣାପଡ଼ିଛି ଯେ ଉଚ୍ଚ ତାପମାତ୍ରା ହାଲୁକା ନିଦ ଏବଂ ଗଭୀର ନିଦ ପ୍ରତିଶତ ବୃଦ୍ଧି ସହିତ ଜଡ଼ିତ ଥିଲା। ପାରିପାର୍ଶ୍ୱିକ ତାପମାତ୍ରାରେ ପ୍ରତ୍ୟେକ ୧୦ ଆଇସି ବୃଦ୍ଧି ପାଇଁ ନିଦ ଅଭାବର ସମ୍ଭାବନା ୨୦.୧% ବୃଦ୍ଧି ପାଇଛି, ଯେତେବେଳେ ମୋଟ ନିଦ ଅବଧି ୯.୬୭ ମିନିଟ୍ ହ୍ରାସ ପାଇଛି। ଗଭୀର ନିଦ ସବୁଠାରୁ ଅଧିକ ହ୍ରାସ ପାଇଛି (୨୧.୮୨%)। ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ପରିସ୍ଥିତି ଅଧୀନରେ ଆକଳନ ସୂଚାଇ ଦିଏ ଯେ ଶତାବ୍ଦୀ ଶେଷ ସୁଦ୍ଧା ନିଦ ଅଭାବ ୧୦.୫୦% ବୃଦ୍ଧି ପାଇପାରେ।

ଉଚ୍ଚ ତାପମାତ୍ରା ସହିତ ଜଡ଼ିତ ନିଦ୍ରା କ୍ଷତିର ବର୍ଦ୍ଧିତ ବୋଝକୁ ଦୃଷ୍ଟିରେ ରଖି ଭବିଷ୍ୟତରେ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଜଳବାୟୁ ନୀତିର ଜରୁରୀ ଆବଶ୍ୟକତା ରହିଛି। କାରଣ ଅପର୍ଯ୍ୟାପ୍ତ ଗଭୀର ନିଦ୍ରାରୁ ଉତ୍ପନ୍ନ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଯୁଗରେ ଏକ କେନ୍ଦ୍ରବିନ୍ଦୁ ହୋଇପାରେ, ଯାହା ଅଧିକ ତଦନ୍ତର ଆବଶ୍ୟକତା ରହିଛି। ବିଶେଷକରି କ୍ଷେତ୍ର-ନିର୍ଦ୍ଦିଷ୍ଟ ଅନୁକୂଳନ ନୀତି କାର୍ଯ୍ୟକାରୀ କରିବା ଆବଶ୍ୟକ ହୋଇପାରେ। ବିଶ୍ୱବ୍ୟାପୀ ଅଧ୍ୟୟନରୁ ଏହା ସ୍ପଷ୍ଟ ହୋଇଛି କି ବ୍ୟାପକ ଉଚ୍ଚ ତାପମାତ୍ରା ମୁଖ୍ୟତଃ ଗଭୀର ନିଦ୍ରାକୁ ହ୍ରାସ କରି ସାମଗ୍ରିକ ନିଦ୍ରା ଅବଧିକୁ ହ୍ରାସ କରେ, ଯାହା ଶାରୀରିକ ଓ କାର୍ଯ୍ୟକ୍ଷମ ପୁନରୁଦ୍ଧାର ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଅଧିକ ଗବେଷଣା ଆବଶ୍ୟକ। ଏପରି ପରିସ୍ଥିତିରେ ଆମ ଦେଶ ଭାରତରେ ସାମୂହିକ ରୋଜଗାର କ୍ଷମ ହାରାହାରି ସଂଖ୍ୟାର ୬୦% ହେଉଛନ୍ତି ଚାଷୀ ଓ ଶ୍ରମିକ। ଓଡ଼ିଶାର ଅଧିକାଂଶ କର୍ମଜୀବୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନଙ୍କ ପାଇଁ ଉଚ୍ଚ ତାପମାତ୍ରା ଅତ୍ୟନ୍ତ ସମ୍ବେଦନଶୀଳ। ଏକ ପ୍ରଗତିଶୀଳ ରାଜ୍ୟ ପାଇଁ ସରକାରୀ କ୍ଷେତ୍ରରେ ନିଦ୍ରା ସହ ତାପମାତ୍ରାର ପର୍ଯ୍ୟବେକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ଏହି ଦିଗରେ ପ୍ରଚେଷ୍ଟା ଏକ ସୁସ୍ଥ ସମାଜ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ।

(ବୈଜ୍ଞାନିକ, ଜାତୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ର)
ନୂଆଦିଲ୍ଲୀ, ମୋ: ୭୯୭୮୭୩୬୫୮୦

# ଶ୍ରୀକ୍ଷେତ୍ରରୁ ସ୍ୱର୍ଗକୁ ପାହାଚ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ବିଶ୍ୱାସ କରାଯାଏ ଯେ ସବୁଦିନ ସନ୍ଧ୍ୟା ପରେ ସ୍ୱର୍ଗର ଦେବତାମାନେ ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଦେଇ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସନ୍ତି ଏବଂ ପୂଜାର୍ଚ୍ଚନା ପରେ ସେହି ବାଟ ଦେଇ ଫେରି ଯାଆନ୍ତି। ସେମାନଙ୍କର ଯିବାଆସିବାର ସୁବିଧା ପାଇଁ ସନ୍ଧ୍ୟା ପରେ ଉତ୍ତର ଦ୍ୱାର ସର୍ବସାଧାରଣଙ୍କ ପାଇଁ ବନ୍ଦ କରି ଦିଆଯାଏ। ଦିନେ ଦେବରାଜ ଇନ୍ଦ୍ର ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଲେ। ପୂଜାର୍ଚ୍ଚନା ପରେ ତାଙ୍କର ମହାପ୍ରସାଦ ସେବା କରିବା ପାଇଁ ମନ ବଳିଲା। କିନ୍ତୁ ସେତେବେଳକୁ ରାତି ଅନେକ ହୋଇ ଯାଇଥିବାରୁ ଶ୍ରୀମନ୍ଦିର ପ୍ରାୟ ଜନଶୂନ୍ୟ ହୋଇ ଯାଇଥିଲା। ତଥାପି ସେ ଆନନ୍ଦବଜାରକୁ ଯାଇ ଦେଖିଲେ ଯେ ଜଣେ ସୁଆର ରାତ୍ରିର ସେ ସମୟରେ ମଧ୍ୟ ମହାପ୍ରସାଦ ଧରି ଗରାଖ ଅପେକ୍ଷାରେ ବସିଥିଲେ। ଏହା ମହାପ୍ରଭୁଙ୍କର ତାଙ୍କ ପ୍ରତି ଅପାର କରୁଣାର ନିଦର୍ଶନ ବୋଲି ଭାବି ଇନ୍ଦ୍ରଦେବ ପୁଣି ଥରେ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲେ। ସୁଆରଙ୍କ ପାଖକୁ ଯାଇ ମନ ଭରି ପ୍ରସାଦ ସେବନ କରି ତୃପ୍ତ ହେଲେ। କିନ୍ତୁ ପ୍ରସାଦର ମୂଲ୍ୟ ଦେବା ପାଇଁ ତାଙ୍କ ପାଖରେ କଉଡ଼ି ନ ଥିଲା। ସେ ସୁଆରଙ୍କୁ ମୂଲ୍ୟ ଦେବାରେ ନିଜର ଅକ୍ଷମତା ପ୍ରକାଶ କରି ଫେରିଯିବା ପାଇଁ ଉଦ୍ୟତ ହୁଅନ୍ତେ ସୁଆର କଉଡ଼ି ଦାବି କରି କରି ଇନ୍ଦ୍ରଙ୍କ ପଛେପଛେ ଯିବାକୁ ଲାଗିଲେ। ଇନ୍ଦ୍ର ଧୀର ପଦକ୍ଷେପରେ ଯାଉଥିଲେ ମଧ୍ୟ ସୁଆର ଦୌଡ଼ି ଦୌଡ଼ି ତାଙ୍କ ପାଖରେ ପହଞ୍ଚି ପାରୁ ନ ଥିଲେ। ଦେବରାଜ ଇନ୍ଦ୍ର ସମୁଦ୍ରକୂଳରେ ପହଞ୍ଚି ସୁଆରଙ୍କୁ ଅପେକ୍ଷା କଲେ। ସୁଆର ଧଇଁସଇଁ ହୋଇ ପହଞ୍ଚିବା ପରେ ତାଙ୍କୁ ନିଜର ପରିଚୟ ଦେଇ କହିଲେ, 'ମୁଁ ଦେବରାଜ ଇନ୍ଦ୍ର। ସବୁଦିନ ପରି ଆଜି ମୁଁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲି। ଆଜି ମହାପ୍ରସାଦ ସେବନ ପାଇଁ ମୋ ମନରେ ଅଦମ୍ୟ ଆଗ୍ରହ ସୃଷ୍ଟି ହେଲା। ଆଗ୍ରହର ଆତିଶଯ୍ୟରେ ମୁଁ ମୋ ପାଖରେ ମାଖରେ କଉଡ଼ି ନାହିଁ ବୋଲି ଭୁଲି ଯାଇଥିଲି। ମୋର ପରମ ସୌଭାଗ୍ୟ ଯେ ଆପଣ ମୋତେ ମହାପ୍ରସାଦ ଦେଇ ତୃପ୍ତ କଲେ। ମହାପ୍ରସାଦର ମୂଲ୍ୟ ବଦଳରେ ମୁଁ ଆପଣଙ୍କୁ ଏକ ବର ଦେବା ପାଇଁ ମନସ୍ଥ କରିଛି। ସେ ବର ବଳରେ ତୁମେ ଯେତେବେଳେ ଇଚ୍ଛା କରିବ ମୋର ନାମ ସ୍ମରଣ କଲେ ବର୍ଷା ହେବ।'

ବର ପ୍ରଦାନ କରି ଇନ୍ଦ୍ର ସ୍ୱର୍ଗକୁ ଥିବା ଅଦୃଶ୍ୟ ପାହାଚ ଚଢ଼ି ଚାଲିଗଲେ। ଇନ୍ଦ୍ର ଫେରିଥିବା ବାଟକୁ ସମୁଦ୍ର କୂଳରେ ଚିହ୍ନଟ କରି ସୁଆର ଘରକୁ ଫେରି ଆସିଲେ। କିଛିବର୍ଷ ପରେ ରାଜ୍ୟରେ ଘୋର ଅନାବୃଷ୍ଟି ଦେଖାଦେଲା। ଉତ୍କଟ ମରୁଡ଼ି ପଡ଼ିଲା। ହଜାର ହଜାର ଲୋକ ମୃତ୍ୟୁ ମୁଖରେ ପଡ଼ିଲେ। ସେ ସମସ୍ୟାର ସମାଧାନ ରାଜାଙ୍କ କ୍ଷମତାର ବାହାରେ ଥିଲା। ଏତିକି ବେଳେ ସୁଆର ଇନ୍ଦ୍ରଙ୍କ ପ୍ରଦତ୍ତ ବର କଥା ମନେ ପକେଇ ରାଜାଙ୍କ ପାଖକୁ ଯାଇ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ରାଜାଙ୍କ ଅନୁରୋଧରେ ସେ ଇନ୍ଦ୍ରଙ୍କୁ ଧ୍ୟାନ କରି ବର୍ଷା ପାଇଁ ପ୍ରାର୍ଥନା କଲେ। ସଂଗେସଂଗେ ଚାରି ମେଘ ମିଳି ରାଜ୍ୟରେ ପ୍ରବଳ ବର୍ଷା କଲେ। ରାଜାଙ୍କ ସହ ରାଜ୍ୟବାସୀ ଅତ୍ୟନ୍ତ ଖୁସି ହେଲେ। ରାଜା ଶ୍ରଦ୍ଧାରେ ସୁଆରଙ୍କ ନାମ 'ମେଘମାଳିଆ ସୁଆର' ହେଲା ବୋଲି ଘୋଷଣା କଲେ ଏବଂ ସ୍ୱର୍ଗକୁ ଥିବା ରାସ୍ତାର ଯାଗା ଦେଖାଇ ଦେବା ପାଇଁ ଅନୁରୋଧ କଲେ। ସୁଆର ଆଗରୁ ଚିହ୍ନ ଦେଇଥିବା ଯାଗା ଦେଖେଇ ଦେବା ପରେ ରାଜା ସେଠାରେ ଏକ ମହାଶ୍ମଶାନ ନିର୍ମାଣ କଲେ ଏବଂ ରାଜ୍ୟରେ ମୃତ୍ୟୁ ଲାଭ କରୁଥିବା ଲୋକମାନଙ୍କର ସେଠାରେ ଦାହ ସଂସ୍କାର କଲେ ସେମାନଙ୍କର ସ୍ୱର୍ଗଯାତ୍ରା ସହଜ ଓ ନିଶ୍ଚିତ ହେବ ବୋଲି ଘୋଷଣା କଲେ।

ସ୍ୱର୍ଗଦ୍ୱାର ପ୍ରସଂଗ ଆଲୋଚନା କଲା ବେଳେ ସ୍କନ୍ଦ ପୁରାଣର ଏକ ରୋଚକ ବର୍ଣ୍ଣନା ସ୍ୱତଃ ମନକୁ ଆସିଯାଏ। ଶ୍ରୀକ୍ଷେତ୍ରର ଅଧିବାସୀମାନେ ଇହଧାମ ତ୍ୟାଗ ପରେ ସିଧା ବୈକୁଣ୍ଠକୁ ଯାତ୍ରା କରୁ ଥିବାରୁ ମୃତ୍ୟୁର ଦେବତା ଯମ ତାଙ୍କର ଅଧିକାର ସଙ୍କୁଚିତ ହେଉଥିବାରୁ କ୍ଷୁବ୍ଧ ହେଲେ। ସେ ଏ ବିଷୟରେ ତାଙ୍କର ଅଭିଯୋଗ ନେଇ ବିଷ୍ଣୁଙ୍କ ପାଖରେ ପହଞ୍ଚି ସମାଧାନ ପାଇଁ ପ୍ରାର୍ଥନା କଲେ। ଏହା ଶୁଣି ବିଷ୍ଣୁ ଜଗନ୍ନାଥ ସାମାନ୍ୟ ହସିଲେ ଏବଂ ତାହାର ଉତ୍ତର ଦେବା ପାଇଁ ଲକ୍ଷ୍ମୀଙ୍କୁ ଇସାରାରେ ଆଦେଶ ଦେଲେ। ଲକ୍ଷ୍ମୀ କହିଲେ, 'ଦେଖ ଧର୍ମରାଜ! ଏଠାରେ ଆମେ ଦୁହେଁ ମହାପ୍ରଭୁ ଜଗନ୍ନାଥ ଓ ମୁଁ ମର୍ତ୍ତ୍ୟବୈକୁଣ୍ଠ ନିର୍ମାଣ କରି ବିରାଜମାନ କରିଥିବା ପର୍ଯ୍ୟନ୍ତ ଏଠାରେ ତୁମେ ଅଧିକାର ସାବ୍ୟସ୍ତ କରି ପାରିବ ନାହିଁ। ଏଠାରେ ମୃତ୍ୟୁବରଣ କଲେ ମୃତକ ସ୍ୱଦେହରେ ସ୍ୱର୍ଗ ଯାତ୍ରା କରିବ। ସ୍କନ୍ଦ ପୁରାଣର ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏହି ଲୋକକଥାର ସୃଷ୍ଟି ବୋଲି ମନେ କରାଯାଏ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କୌଳିକ ବୃତ୍ତିକୁ ମନା କରିବାରୁ ନିର୍ଯାତନା

# ଏକାଠି ବଖାଣିଲେ ସାମାଜିକ ବାସନ୍ଦର ଯାତନା

ପୁରୀ, ୨୪।୩ (ସମିସ): ସ୍ୱାଧୀନତା ପ୍ରାପ୍ତିର ୭୯ବର୍ଷ ଅତିକ୍ରମ କରିଛି। ତଥାପି ମଧ୍ୟଯୁଗୀୟ ବର୍ବରତା ଏବଂ ଅସଭ୍ୟତାକୁ ଉଜାଗର କରିବା ଭଳି ଅନେକ ଘଟଣାକ୍ରମ ପ୍ରତିଦିନ ଘଟି ଚାଲିଛି। ଜାତିଗତ ବାଛ ବିଚାର, ଭେଦଭାବ ଏବଂ ଏହା ଅଧାରରେ ସାମାଜିକ ବାସନ୍ଦ ଭଳି ଘଟଣା ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଏବେ ବି ଗ୍ରାସ କରିଛି। କୌଳିକ ବୃତ୍ତି କରିବାକୁ ମନା କରିବାରୁ ନିର୍ଯାତନାର ଶିକାର, ଏପରିକି ଗାଁରେ ସାମାଜିକ ବାସନ୍ଦ ଏକ ସାଧାରଣ କଥା ପାଲଟିଛି। ଯେଉଁଥିପାଇଁ ଗାଁ ବାହାରେ ଦୁର୍ବିସହ ଜୀବନ ବିତାଉଛନ୍ତି ଏକାଧିକ ପରିବାର। ମଙ୍ଗଳବାର ସାଲବେଗ ସମାଧି ପୀଠରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାସନ୍ଦ ଯୋଗୁଁ କିପରି ସେମାନେ ହନ୍ତସନ୍ତ ହେଉଛନ୍ତି, ତାହା କହିବା ସହ ନ୍ୟାୟ ପାଇବା ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି।

ବ୍ରହ୍ମଗିରି ବ୍ଲକ୍ ବାଘମୁଣ୍ଡା ନୂଆଗାଁର ଅଶୋକ ସେଠୀଙ୍କ ଯୌଥ ପରିବାର ମଇଳା ଲୁଗା କାଚିବାର ଜାତିଗତ ବାଧ୍ୟବାଧକତାକୁ ଅସ୍ୱୀକାର କଲେ। କାରଣ ଏହି କାମ ବିନିମୟରେ ପରିବାର ପିଛା ମାତ୍ର ବାର୍ଷିକ ୧୫ କେଜି ଧାନ ବର୍ତ୍ତନ ନେଇ ପରିବାର ପ୍ରତିପୋଷଣ



କରିବା ଏକ ପ୍ରକାର ଅସମ୍ଭବ ଥିଲା। ତେଣୁ ସ୍ୱାଭିମାନର ସହ ବଞ୍ଚିବା ନିଷ୍ପତ୍ତି ଯୋଗୁଁ ଗାଁର କିଛି ଲୋକ ତାଙ୍କ ଘର ଭାଙ୍ଗି ଆସବାବପତ୍ର ଲୁଟିବା ସହ ମହିଳାମାନଙ୍କ ଉପରେ ଆକ୍ରମଣ କରିଛନ୍ତି। ଏଥିଯୋଗୁଁ ତାଙ୍କ ପରିବାର ୧୦ବର୍ଷ ଧରି ଗାଁ ବାହାରେ ଜୀବନ ବିତାଉଛନ୍ତି। ଏହି ବ୍ଲକ୍‌ର ମନାପୁର ଗାଁର ମହେଶ୍ୱର ବାରିକଙ୍କ ଘରକୁ ସାମାଜିକ ବାସନ୍ଦ କରି ତାଙ୍କ ଘର ପୋଡ଼ି ଦିଆଯାଇଛି। ସେହି ପରିବାର ୫ବର୍ଷ ହେବ ଗାଁକୁ ଫେରିନାହାନ୍ତି।

ସେହିପରି, କଣାସ ବ୍ଲକ୍ ଖୁଣ୍ଟିଆ ବାଣପୁରର ୮ଟି ବାରିକ ପରିବାର ଗାଁ ଦିଅଁଙ୍କ ଆଗରେ ମଶାଲ ଧରିବାର କୌଳିକ ବୃତ୍ତି କରିବାକୁ ଅସ୍ୱୀକାର କରିବାରୁ ସେହି ପରିବାରକୁ ନିଆଁ ପାଣି ବାସନ୍ଦ କରାଯାଇଛି। ସଦର ଥାନା ପଲ୍ଲୀ ଗ୍ରାମର ମହେଶ୍ୱର ବରାଳଙ୍କ ପରିବାରକୁ ସାମାଜିକ ବାସନ୍ଦ ରଖିବା ସହ ତାଙ୍କ ଘରୁ ବିଦ୍ୟୁତ୍ ସଂଯୋଗ କାଟି ଦେଇଛନ୍ତି। ସେହିଦିନ ରାତିରେ ହିଁ କଟାଯାଇ ଓହଳିଥିବା ଜୀବନ୍ତ ତାର ସଂସ୍ପର୍ଶରେ ଆସି ତାଙ୍କ ପୁଅ ହିମାଂଶୁଙ୍କର ଅକାଳ ବିୟୋଗ ଘଟିଛି। ଏପରିକି, ପରିବାର ପ୍ରତିପୋଷଣ ପାଇଁ ଉଦ୍ଦିଷ୍ଟ ଜମିକୁ ଚାଷ କରିବାକୁ ଦେଉନାହାନ୍ତି।

ଏହି ଜାତିଗତ ଭେଦଭାବ ଓ ସାମାଜିକ ବାସନ୍ଦରୁ ବାଦ୍ ପଡ଼ିନି ଏକ ବ୍ରାହ୍ମଣ ପରିବାର। ଚନ୍ଦନପୁର ଥାନା ବଣିଆକେରାର ରାଜକିଶୋର ପଣ୍ଡା ବାର୍ଦ୍ଧକ୍ୟ କାରଣରୁ ପୂଜାପାଠ କରିବା ଲାଗି ମନା କରିବାରୁ ତାଙ୍କ ଘର ଭାଙ୍ଗିଦେବା ସହ ଘର ଆଗରେ କଣ୍ଟାବାଡ଼ କରି ଯାତାୟାତ ଅବରୋଧ କରିଛନ୍ତି। ତାଙ୍କର ୧୦ ଏକରରୁ ଊର୍ଦ୍ଧ୍ୱ ଜମିକୁ ଜବରଦଖଲ କରି ରଖାଯାଇଛି। ସେହିପରି କୁରୁଣ୍ଟି ଗ୍ରାମର ଜୟଶ୍ରୀ ପ୍ରଧାନ ଓ ଶିରୁଳୀ ଗ୍ରାମର ସମୀରଙ୍କ ପରିବାରକୁ ସାମାନ୍ୟ ଜମିବାଡ଼ି ବିବାଦ କାରଣରୁ କଙ୍ଗାରୁ କୋର୍ଟର ଅବିଚାର ସହିବାକୁ ପଡ଼ିଛି। ଚନ୍ଦନପୁରର ଥାନା ଉତ୍ତରଣା ମଠ ସାହିର ୧୨ଦଳିତ ପରିବାରକୁ ଜାତିଗତ କୌଳିକ ବୃତ୍ତି କାରଣରୁ ସାମାଜିକ ବାସନ୍ଦର ଶିକାର ହେବାକୁ ପଡ଼ିଛି। ସଦର ଥାନା ବାଲିଗୁଆଳି ଗ୍ରାମର କାଳୁଚରଣ ପାତ୍ର, ଭୂଇଁନା ମାଳଙ୍କୁ ସାମାଜିକ ବାସନ୍ଦ କରାଯାଇଛି। ବ୍ରହ୍ମଗିରି ଅଞ୍ଚଳର ବନମାଳୀପୁର ପାଟଣାର ରାଜକିଶୋର ଜାଲି, କଣାସ ବ୍ଲକ୍ ବଡ଼ଓରା ଗ୍ରାମର ବିରଞ୍ଚି ସାହୁ ଓ ହେମନ୍ତ ସାହୁଙ୍କ କ୍ଷେତ୍ରରେ ଘଟିଥିବା ସାମାଜିକ ବାସନ୍ଦ ଘଟଣା ପ୍ରଶାସନର ଭୂମିକା ଓ ଅପାରଗତାକୁ ପ୍ରଶ୍ନ କରିଛି।

ପୁଲିସ ଓ ଜିଲ୍ଲା ପ୍ରଶାସନ ଘଟଣାଗୁଡ଼ିକୁ ଗୁରୁତ୍ୱ ଦେଉ ନ ଥିବାରୁ ନିର୍ଯାତିତ ପରିବାରଙ୍କ ଉପରେ ନିର୍ଯାତନା ବଢ଼ିଛି ଏବଂ ସାମାଜିକ ବାସନ୍ଦର ନିୟମ ଭିଆଇଥିବା ବ୍ୟକ୍ତିଙ୍କ ବଳ ବଢୁଛି ବୋଲି ଅଭିଯୋଗ କରାଯାଇଛି।

# ଆୟତ୍ତ ହୋଇପାରୁନି ଜଙ୍ଗଲ ନିଆଁ

ଦେଓଗାଁ, ୨୪।୩ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଓ ସଇଁତଲା ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ଏବେ ନିଆଁ ଲାଗି ଅନେକ ମୂଲ୍ୟବାନ ଗଛ ନଷ୍ଟ ହେବାରେ ଲାଗିଛି। ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ନିଆଁଲିଭା ମେସିନ ଦ୍ୱାରା ବ୍ୟପକ ଉଦ୍ୟମ ସତ୍ତ୍ୱେ ଆୟତ୍ତ ହୋଇପାରୁନାହିଁ। ଦେଓଗାଁ ୨୬ନଂ ଜାତୀୟରାଜପଥ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ବନକର୍ମଚାରୀମାନେ ପ୍ରଚଣ୍ଡ ଖରାରେ ଦିନ ଦ୍ୱିପ୍ରହରରେ ନିଆଁକୁ ଆୟତ୍ତ କରୁଥିବା ନଜରକୁ ଆସିଛି। ଦେଓଗାଁ ବନାଞ୍ଚଳରେ ଜଙ୍ଗଲ ପରିସୀମାକୁ ଅନୁଧ୍ୟାନ କଲେ କର୍ମଚାରୀ ଅଭାବରୁ ଠିକ୍ ରୂପେ ନିଆଁକୁ ଆୟତ୍ତ କରାଯାଇପାରୁ ନ ଥିବା ନଜରକୁ ଆସିଛି। ଏଣୁ, ପ୍ରାକୃତିକ ଭାବେ ନିଆଁ ଲାଗି ଅନେକ ଗଛ ଭସ୍ମୀଭୂତ ହୋଇଯାଉଥିବା ବେଳେ ନୂତନ ବନୀକରଣ ମଧ୍ୟ ଉଜୁଡ଼ି ଯାଉଥିବା ପରିଲକ୍ଷିତ ହୋଇଛି। ଏହାଦ୍ୱାରା ଅନେକ ଜୀବଜନ୍ତୁଙ୍କ ଜୀବନ ନଷ୍ଟ ହେବାସହ ମୃତ୍ତିକା ଉର୍ବରତା ହରାଉଛି। ଫଳରେ ପରିବେଶ ସନ୍ତୁଳନ ବିଗିଡିବାରେ ଲାଗିଛି। ଜନସଚେତନତା ଅଭାବରୁ ଏଭଳି ନିଆଁ ବ୍ୟାପୁଥିବା କୁହାଯାଉଥିବା ବେଳେ ମହୁଲଫୁଲ ଗୋଟାଳିଙ୍କ ଦ୍ୱାରା ପ୍ରାକୃତିକ ଭାବେ ନିଆଁ ବ୍ୟାପୁଥିବା ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି। ଏନେଇ ବିଭାଗ ତରଫରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଥିଲେ ହେଁ ଅନେକ ଖଳ ପ୍ରକୃତିର ଲୋକ ବାରମ୍ବାର ଜଙ୍ଗଲରେ ନିଆଁ ଲଗାଇଦେବାକୁ ନେଇ ପରିବେଶବିତମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ମହିଳାଙ୍କୁ ଉଦ୍ଧାର ବେଳେ ପୁଲିସକୁ ଆକ୍ରମଣ

ବଲାଙ୍ଗିର,୨୪।୩(ସମିସ): ବଲାଙ୍ଗିର ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଟୋଲ-ଫ୍ରି' ନମ୍ବରରେ ଅଭିଯୋଗ କରିଥିବା ଜଣେ ମହିଳାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ଟାଉନ ପୁଲିସର ଏକ ଟିମ୍ ଉପରକୁ ଆକ୍ରମଣ ହୋଇଛି। ଆକ୍ରମଣ କରିଥିବା ଅଭିଯୁକ୍ତ ରାଜୀବନଗରର ସୁଶୀଲ ସାହୁଙ୍କୁ ପୁଲିସ ଗିରଫ କରିଛି। ବିଳମ୍ବିତ ରାତିରେ ଜଣେ ମହିଳା ପୁଲିସ ଟୋଲ୍-ଫ୍ରି' ନମ୍ବରକୁ ଫୋନ୍ କରି ତାଙ୍କ ସହ ସ୍ୱାମୀ ଗଣ୍ଡଗୋଳ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଟାଉନ ଥାନା ପୁଲିସ ଏସଆଇ ଚଞ୍ଚଳ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମହିଳାଙ୍କୁ ଉଦ୍ଧାର କରିବାକୁ ପହଞ୍ଚିଥିଲା। ସେଠାରେ ପହଞ୍ଚିବା ପରେ ମହିଳାଙ୍କୁ ଫୋନ୍ କରିବା ପରେ ସେ ଭୟଭୀତ ହୋଇ ଭାଗରଥୀ ଛକରେ ଥିବା ସେ ଜଣାଇଥିଲେ। ସେଠାରେ ପହଞ୍ଚିବା ପରେ ଥାନାରେ ଅଭିଯୋଗ କରିବାକୁ କହିବା ପରେ ମହିଳାଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଥାନାକୁ ନେବାକୁ କହିଥିଲେ। ପରେ ପୁଲିସ ଟିମ୍ ରାଜୀବନଗରର ତାଙ୍କ ଘରକୁ ଯାଇ ଅଭିଯୁକ୍ତଙ୍କୁ ଡାକିଥିଲେ। ସେହି ସମୟରେ ଅଭିଯୁକ୍ତ ସୁଶୀଲ ଘରୁ ଏକ ଟାଙ୍ଗିଆ ଧରି ବାହାରିକୁ ବାହାରିଥିଲା ଏବଂ ପୁଲିସ ଟିମ୍ ଉପରକୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଗୋବର୍ଦ୍ଧନ ବେହେରା ଆହତ ହୋଇଥିବା ବେଳେ ପୁଲିସ ଅଧିକାରୀଙ୍କୁ କଲର ଧରି ଟାଣିବା, ଧକ୍କା ମାରି ତଳେ ପକାଇବା, ସାର୍ଟ ଚିରିଦେବା ଭଳି ଘଟଣା ଘଟିଛି। ଏନେଇ ପୁଲିସ ଅଧିକାରୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହେବା ପରେ ଟାଉନ୍ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତ ସୁଶୀଲଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ଏପ୍ରିଲ ୬ରୁ ନିମ୍ନ ଅଦାଲତ ସକାଳୁଆ

କଟକ,୨୪।୩(ସମିସ): ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ହାଇକୋର୍ଟଙ୍କ ପକ୍ଷରୁ ନିମ୍ନ ଅଦାଲତଗୁଡ଼ିକର କାର୍ଯ୍ୟ ନିର୍ଘଣ୍ଟ ସ୍ଥିର କରାଯାଇଛି। ଆସନ୍ତା ଏପ୍ରିଲ ୬ ତାରିଖ (ସୋମବାର)ଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ଅଧସ୍ତନ ଅଦାଲତଗୁଡ଼ିକ ସକାଳୁଆ କାର୍ଯ୍ୟ କରିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ହାଇକୋର୍ଟଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କୋର୍ଟ କାର୍ଯ୍ୟ ସକାଳ ୭ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଚାଲିବ। ଏଥିମଧ୍ୟରେ ସକାଳ ୧୦ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ୩୦ମିନିଟ ବିରତି ରହିବ। କୋର୍ଟ ସିଟିଂ ସକାଳ ସାଢ଼େ ୭ଟାରୁ ମଧ୍ୟାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ଚାଲିବ। ଏହି ସକାଳୁଆ କାର୍ଯ୍ୟସୂଚୀ ଗ୍ରୀଷ୍ମ ଅବକାଶର ଶେଷ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ ବଳବତ୍ତର ରହିବ। ସମସ୍ତ ଜିଲ୍ଲାରେ ସକାଳୁଆ କୋର୍ଟ ହେବାକୁ ଥିବା ବେଳେ କିଛି ନିର୍ଦ୍ଦିଷ୍ଟ ସହରକୁ ଏଥିରୁ ବାଦ୍ ଦିଆଯାଇଛି। ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ (ସଦର) ଓ ପୁରୀ (ସଦର)ରେ ପୂର୍ବଭଳି ସାଧାରଣ ସମୟରେ ଅଦାଲତ ଚାଲିବ ବୋଲି ହାଇକୋର୍ଟଙ୍କ ରେଜିଷ୍ଟ୍ରାର୍ (ପ୍ରଶାସନ)ଙ୍କ ନିର୍ଦ୍ଦେଶକ୍ରମେ ଏହି ନୋଟିସ୍ ଜାରି କରାଯାଇଛି।

# ପିଲାଚୋର ସନ୍ଦେହରେ ମରଣାନ୍ତକ ଆକ୍ରମଣ

■ ଉଦ୍ଧାର କରିବାକୁ ଯାଇଥିବା ପୁଲିସ ହଟହଟା, ୪ ଅଟକ

ପାଲଲହଡ଼ା, ୨୪।୩ (ସମିସ): ପିଲାଚୋର ସନ୍ଦେହରେ ଜଣେ ଗାଡ଼ି ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ଯୁବକଙ୍କୁ ପୁଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ଅନ୍ୟପକ୍ଷରେ, ଆହତ ଯୁବକଙ୍କୁ ଉଦ୍ଧାର ବେଳେ ପୁଲିସ ଆକ୍ରମଣକାରୀଙ୍କ ଆକ୍ରୋଶର ଶିକାର ହୋଇଥିଲା। ଏଭଳି ଅଭାବନୀୟ ଘଟଣା ସୋମବାର ରାତିରେ ପାଲଲହଡ଼ା ସହର ଉପକଣ୍ଠ ଶିବମନ୍ଦିର ଛକଠାରେ ଥିବା ଏକ ଢାବା ସମ୍ମୁଖ ଦେଖିବାକୁ ମିଳିଥିଲା।

ସୂଚନାନୁସାରେ, ରାତି ପ୍ରାୟ ୯ଟାରେ କେନ୍ଦୁଝରର ତେଲକୋଇ ବ୍ଲକ୍ ଜଗମୋହନପୁର ଅଞ୍ଚଳରୁ ପିଲା ଚୋରି କରି ଏକ କଳା ରଙ୍ଗର ଗାଡ଼ିରେ ନେଉଥିବା ଖବର ପ୍ରସାରିତ ହୋଇଥିଲା। ସେହି ଅଞ୍ଚଳର କିଛି ଯୁବକ ଗାଡ଼ିର ପିଛା କରି ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ଗାଡ଼ିକୁ ଢାବା ନିକଟରେ ଅଟକ ରଖିଥିଲେ। ଗାଡ଼ି ଯାଞ୍ଚ ବେଳେ ସେଥିରେ କୌଣସି ପିଲା ନଥିବା ବେଳେ ଯୁବକଜଣଙ୍କ ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପାଲଲହଡ଼ା ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ପ୍ରାୟ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ଗାଡ଼ି ଚାଳକଙ୍କୁ ଯୁବକମାନେ ଅମାନୁଷିକ ଭାବେ ପିଟି ଚାଲିଥିଲେ। ସେଠାରେ ଭିଡ଼ ଏତେ ବଢ଼ିଯାଇଥିଲା ଯେ ସେଠାରୁ ଆହତ ଯୁବକଙ୍କୁ ଉଦ୍ଧାର କରିବାରେ ପୁଲିସ ବିଫଳ ହୋଇଥିଲା। ଖବର ପାଇ ଉପଖଣ୍ଡ ପୁଲିସ୍ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଭିଡ଼ ମଧ୍ୟରୁ ଗୁରୁତର ଯୁବକଙ୍କୁ ଉଦ୍ଧାର କରି ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା।। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାରଲୋକ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରିଥିବା ଜଣାଯାଇଛି। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ କରୁଥିବା ବେଳେ ଆହତ ଯୁବକଜଣଙ୍କ ସମ୍ବଲପୁର ଅଞ୍ଚଳର ବୋଲି ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଡ଼ିଆସୁଛି ମହାବିପଦ...

ଡିଜେଲ, ଏଲପିଜି, ପିଏନଜି ଏବଂ ସିଏନଜି ଭଳି ଗ୍ୟାସ ସଙ୍କଟ ଆଉ ବେଶି ଦୂର ନାହିଁ। କାରଣ ପେଟ୍ରୋଲିୟମ ସାମଗ୍ରୀ ଚାହିଦା ମେଣ୍ଟାଇବା ପାଇଁ ଭାରତ ଆମଦାନୀ ଉପରେ ନିର୍ଭର କରୁଛି। ଏବଂ ଏହିସବୁ ସାମଗ୍ରୀର ସିଂହ ଭାଗ ଉପସାଗର ଅଞ୍ଚଳରୁ ହିଁ ଆସୁଛି। ହରମୁଜ ଦେଇ ଦେଶର ୨୦ ଭାଗ ତେଲ ଆସୁଥିବା ବେଳେ ୫୦ ଭାଗ ଗ୍ୟାସ ଉପସାଗରରୁ ହିଁ ଆସୁଛି। ଇରାନ ଯୁଦ୍ଧ କେବେ ସରିବ ତାହା କେହି କହିପାରୁ ନାହାନ୍ତି। ଉପସାଗରରେ ଭାରତର ତେଲ ଲଦେଇ ୨୦ରୁ ଅଧିକ ଟ୍ୟାଙ୍କର ଅଟକି ରହିଛି। ତେଣୁ ଭାରତ ପାଖରେ ପେଟ୍ରୋଲିୟମ ସାମଗ୍ରୀ ଯେତେ ମହଜୁଦ ରହିଛି, ତାହା ଅଧିକ ଦିନ ଚାହିଦା ମେଣ୍ଟାଇ ପାରିବ ନାହିଁ। ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ଠାରୁ ସାବଧାନ ହେବାଲାଗି ଦେଶବାସୀଙ୍କୁ ସତର୍କ କରାଇଦେଇଛନ୍ତି।

ଭାରତରେ ପେଟ୍ରୋଲିୟମ ସଙ୍କଟ ଆରମ୍ଭ ହେଲେ ପରିସ୍ଥିତି ଭୟଙ୍କର ହୋଇପାରେ। ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦାମ ବଢ଼ିବ। ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ପାଇବ। ଏହାସହିତ ଖାଦ୍ୟ ସାମଗ୍ରୀ ଦାମ୍ ମଧ୍ୟ ବଢ଼ିଯିବ। ତେବେ ଏଭଳି ପରିସ୍ଥିତିରୁ ବର୍ତ୍ତିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଉପରେ ବିଚାର କରୁଥିବାର ଖବର ମିଳିଛି। ୱାର୍କ ଫ୍ରମ୍ ହୋମ, ଅନଲାଇନ କ୍ଲାସ୍ ସହିତ ପେଟ୍ରୋଲ ଓ ଡିଜେଲ ବ୍ୟବହାର ଉପରେ କଟକଣା ଜାରି କରିପାରନ୍ତି।

ଇତିମଧ୍ୟରେ ଆନ୍ତର୍ଜାତିକ ଶକ୍ତି ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଯୋଗୁଁ ମହାସଙ୍କଟ ମାଡ଼ି ଆସୁଛି। ନିକଟ ଭବିଷ୍ୟତରେ ଭୟଙ୍କର ଶକ୍ତି ସଙ୍କଟ ଦେଖାଦେବ। ତେଲ ଉତ୍ପାଦନ ଏବେ ଦିନକୁ ୧୧ ନିୟୁତ ବାରେଲ ହ୍ରାସ ପାଇଛି। ୧୯୭୦ ଦଶକରେ ତେଲ ସଙ୍କଟ ସୃଷ୍ଟି ହୋଇଥିଲା, କିନ୍ତୁ ଏଭଳି ବିପଦ ଦେଖାଦେଇନଥିଲା। ଫେବୃଆରୀ ୨୮ ରୁ ଇରାନ ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ତେଲ ଦର ୪୦ ଭାଗ ବୃଦ୍ଧି ପାଇଛି। ତେଣୁ ଏବେ ଠାରୁ ସତର୍କ ହେବାଲାଗି ଏଜେନ୍ସି ପକ୍ଷରୁ କୁହାଯାଇଛି।

### ରାଜ୍ୟସଭାରେ ପୁଣି...

ଏହି ଯୁଦ୍ଧ ଯୋଗୁଁ ବିଶ୍ୱରେ ଯେଉଁ କଠିନ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଦୀର୍ଘ ସମୟ ଧରି ରହିବାର ଆଶଙ୍କା ରହିଛି। ତେଣୁ ଆମକୁ ପ୍ରସ୍ତୁତ ରହିବାକୁ ହେବ। ଗତ କିଛି ଦିନ ହେଲା ଅନେକ ଦେଶରୁ ଅଶୋଧିତ ତୈଳ ଏବଂ ଏଲ୍‌ପିଜି ଜାହାଜ ଭାରତ ଆସିଛି। ଏ ଦିଗରେ ଆଗାମୀ ଦିନରେ ପ୍ରୟାସ ଜାରି ରହିବ। ଯଦି ସ୍ଥିତି ଦୀର୍ଘ ଦିନ ପର୍ଯ୍ୟନ୍ତ ଏଭଳି ରହେ ତେବେ ଆର୍ଥିକ ଏବଂ ଯୋଗାଣ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ପ୍ରଧାନମନ୍ତ୍ରୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ପରିସ୍ଥିତିର ମୁକାବିଲା ଲାଗି ଟିମ୍ ଇଣ୍ଡିଆ ଭଳି ଏକଜୁଟ୍ ହେବାକୁ ସେ ଆହ୍ୱାନ ଦେଇଛନ୍ତି।

ମଧ୍ୟପ୍ରାଚ୍ୟ ସଙ୍କଟ ଉପରେ ବିଚାର ଆଲୋଚନା ଲାଗି କେନ୍ଦ୍ର ସରକାର ଆସନ୍ତାକାଲି ସର୍ବଦଳୀୟ ବୈଠକ ଡାକିଛନ୍ତି। ସନ୍ଧ୍ୟା ୫ଟା ବେଳେ ସଂସଦ ଭବନରେ ଏହି ବୈଠକ ହେବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏଥିରେ ଅଧ୍ୟକ୍ଷତାରେ କରିବେ। ପ୍ରଧାନମନ୍ତ୍ରୀ ମୋଦୀ ଗତକାଲି ଏବଂ ଆଜି ସଂସଦରେ ଏହି ସଙ୍କଟ ଉପରେ ତାଙ୍କର ମନ୍ତବ୍ୟ ରଖିଛନ୍ତି। ସରକାର ପରିସ୍ଥିତିର ସଠିକ୍ ମୁକାବିଲା କରିବାରେ ବିଫଳ ହୋଇଛନ୍ତି ବୋଲି ବିରୋଧୀ ଦଳର ସମାରଲୋଚନା ମଧ୍ୟେରେ ଏହି ବୈଠକ ହେବାକୁ ଯାଉଛି। ବୈଠକରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅନୁପସ୍ଥିତ ରହିପାରନ୍ତି ବୋଲି କୁହାଯାଉଛି।

### ବଢ଼ିବନି ବିଜୁଳି...

ପୂର୍ଣ୍ଣଚ୍ଛେଦ ପଡ଼ିବ। ସେହିପରି କର୍ମଚାରୀ ଖର୍ଚ୍ଚ ଓ ପ୍ରଶାସନିକ ଖର୍ଚ୍ଚ କମାଇବାକୁ ବିଦ୍ୟୁତ ବିତରକ କମ୍ପାନୀକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ସର୍ବଭାରତୀୟ ସ୍ତରଠାରୁ ଓଡ଼ିଶାରେ ଏହି ଖର୍ଚ୍ଚ ଅଧିକ ରହୁଥିବାରୁ ଆୟୋଗ ଏନେଇ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଛନ୍ତି।

ଅନ୍ୟ ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ୧୦ କିଲୋୱାଟରୁ ଅଧିକ ବିଦ୍ୟୁତ ବ୍ୟବହାର କରୁଥିବା ଉପଭୋକ୍ତା ସୋଲାର ଆୱାରରେ (ଦିନ ୧୦ ରୁ ଅପରାହ୍ଣ ୪ଟା ମଧ୍ୟରେ) ଅଧିକ ବିଜୁଳି ବ୍ୟବହାର କଲେ ସେମାନଙ୍କୁ ୧୦ ପ୍ରତିଶତ ରିଆତି ମିଳିବ। ତେବେ ସମାନ ସମୟରେ ଯଦି ଉପଭୋକ୍ତା ପିକ୍ ଆୱାର ଅର୍ଥାତ୍ ସନ୍ଧ୍ୟା ୬ଟାରୁ ରାତି ୧୨ଟା ମଧ୍ୟରେ ବିଜୁଳି ବ୍ୟବହାର ଅଧିକ କରନ୍ତି, ତାହେଲେ ଏଥିପାଇଁ ସେମାନଙ୍କଠାରୁ ଅଧିକ ୧୦ ପ୍ରତିଶତ ଅର୍ଥ ଆଦାୟ କରାଯିବ। ଅପରପକ୍ଷେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅନଲାଇନ ଜରିଆରେ ବିଲ ପୈଠ କଲେ ଘରୋଇ ଉପଭୋକ୍ତା ଏବଂ ସିଙ୍ଗଲ ଫେଜ(ସାଧାରଣ ବ୍ୟବହାର ପାଇଁ)ଙ୍କୁ ୪ ପ୍ରତିଶତ ରିହାତି ମିଳିବ। ପ୍ରି - ପେଡ ଉପଭୋକ୍ତାଙ୍କୁ ପ୍ରି-ପେଡ ଅର୍ଥ ଉପରେ୪ ପ୍ରତିଶତ ଏବଂ ଇ - ବିଲ ଜରିଆରେ ବିଦ୍ୟୁତ ଦେୟ ଭରୁଥିବା ଉପଭୋକ୍ତାଙ୍କୁ ବିଲ ପିଛା ୧୦ ଟଙ୍କା ରିହାତି ମିଳିବା ନେଇ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏହାବ୍ୟତୀତ କୌଣସି ଉପଭୋକ୍ତା ଯଦି ନିୟମିତ ୧୧ ମାସ ସଠିକ୍ ସମୟରେ ଅନଲାଇନରେ ବିଲ୍ ଅର୍ଥ ପୈଠ କରିଥାନ୍ତି, ତାହାଲେ ୧୨ ମାସ ଅର୍ଥାତ୍ ମାର୍ଚ୍ଚ ମାସ ବିଲରେ ଉକ୍ତ ଉପଭୋକ୍ତାଙ୍କୁ ସ୍ୱତନ୍ତ୍ର ରିଆତି ପ୍ରଦାନ କରାଯିବ। ଉକ୍ତ ଉପଭୋକ୍ତାଙ୍କୁ ୧୨ତମ ମାସରେ ରିଆତି ଦୁଇଗୁଣା ଅର୍ଥାତ୍ ୟୁନିଟ ପିଛା ୧୦ ପଇସା ବଦଳରେ ୨୦ ପଇସା ରିଆତି ପ୍ରଦାନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି।

ଅକ୍ଷୟଶକ୍ତି ଉତ୍ପାଦନ ଓ ବ୍ୟବହାର ଏବଂ ଶିଳ୍ପ ବିଦ୍ୟୁତ ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଗ କିଛି ନିର୍ଦ୍ଦିଷ୍ଟ ଉପଭୋକ୍ତାଙ୍କ ଟାରିଫରେ ପରିବର୍ତ୍ତନ କରିଛନ୍ତି। ଇଏଚଟି ବିଦ୍ୟୁତ ଉପଭୋକ୍ତା ନିଜ ଲୋଡର ୮୦ ପ୍ରତିଶତରୁ ଅଧିକ ବ୍ୟବହାର କଲେ ତାହା ଉପରେ ୨୦ ପଇସା ଜାଗାରେ ୩୦ ପଇସା ରିହାତି ପାଇବେ। ମେଗା ଉଠା ଜଳସେଚନ ପ୍ରକଳ୍ପ (ଏଚଟି ଏବଂ ଇଏଚଟି) ଗୁଡିକୁ ବାଣିଜ୍ୟ ଉପଭୋକ୍ତା ବର୍ଗରେ ରଖାଯାଇଛି। ସେମାନେ ସୋଲାର ସମୟ (ସକାଳ ୮ଟା ରୁ ଅପରାହ୍ନ ୪ଟା)ରେ ବ୍ୟବହାର କରୁଥିବା ବିଦ୍ୟୁତ ଉପରେ ୟୁନିଟ ପିଛା ୨ ଟଙ୍କା ରିହାତି ପାଇବେ ଏବଂ ଅନ୍ୟ ସମୟରେ ବ୍ୟବହାର କରୁଥିବା ବିଦ୍ୟୁତ ଉପରେ ୟୁନିଟ ପିଛା ୧ ଟଙ୍କା ରିହାତି ମିଳିବ। ସେହିପରି ଓଏଚପିସି ହାରାହାରି ଟାରିଫ୍ ଚଳିତ ବର୍ଷପାଇଁ ୟୁନିଟ ପିଛା ୧୦୦.୨୩ ପଇସା ଥିବାବେଳେ ତାହାକୁ କମ କରି ୯୯.୨୨ ପଇସା ଧାର୍ଯ୍ୟ କରାଯାଇଛି। ଓପିଜିସି ପ୍ରଥମ ପର୍ଯ୍ୟାୟ ୟୁନିଟ ୧ ଓ ୨ ପ୍ଲାଣ୍ଟର ଟାରିଫ ହ୍ରାସ ହୋଇଛି। ଯାହାଫଳରେ ଗ୍ରୀଡକୋ ବାର୍ଷିକ ୯୦ କୋଟି ଟଙ୍କା ସଞ୍ଚୟ କରିବ ଯାହାର ସିଧାସଳଖ ଲାଭ ଉପଭୋକ୍ତା ପାଇବେ। ଓପିଟିସିଏଲ ର ସଞ୍ଚାରଣ ଟାରିଫ ଚଳିତ ବର୍ଷ ପାଇଁ ୟୁନିଟ ପିଛା ୨୫.୫୦ ପଇସା ଥିବାବେଳେ ତାହାକୁ ହ୍ରାସ କରି ୨୪ ପଇସା ଧାର୍ଯ୍ୟ କରିଛନ୍ତି। ସେହିପରି ଗ୍ରୀଡକୋର ବିଦ୍ୟୁତ ପାଇକାରୀ କ୍ରୟ ମୂଲ୍ୟ ଚଳିତ ବର୍ଷ ପାଇଁ ୟୁନିଟ ପିଛା ୩୩୧.୧୦ ପଇସା ଥିବାବେଳେ ଆସନ୍ତା ବର୍ଷ ପାଇଁ ସାମାନ୍ୟ ହ୍ରାସ କରି ୩୩୦.୯୫ ପଇସା ଧାର୍ଯ୍ୟ କରାଯାଇଛି।

### ଧର୍ମ ବଦଳାଇଲେ...

ରଖିଛନ୍ତି। ଏହି ମାମଲା ବିଶାଖାପାଟଣା ଜିଲ୍ଲାର ଅନାକାପଲ୍ଲିର। ଆବେଦନକାରୀ ଚିନ୍ତଦା ଧର୍ମ ପରିବର୍ତ୍ତନ ପରେ ପାଦ୍ରୀ ହୋଇ ଯାଇଥିଲେ। ସେ ମୂଳତଃ ଏସ୍‌ସି ସମ୍ପ୍ରଦାୟର ଥିଲେ। ଅକ୍କା ସୀମାରେଡ୍ଡୀ ସମେତ କିଛି ଲୋକଙ୍କ ବିରୋଧରେ ଜାତିଗତ ଭେଦଭାବ ଏବଂ ଅପବ୍ୟବହାର କରୁଥିବା ନେଇ ଏସ୍‌ସି-ଏସଟି ଆଇନ ଅଧୀନରେ ଅଭିଯୋଗ ଦାଏର କରିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରିବାକୁ ମନା କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟ ମାମଲାର ଶୁଣାଣି ସମୟରେ କହିଥିଲେ ଯେ ଏସ୍‌ସି ମାନ୍ୟତା ଫେରି ପାଇବା ପାଇଁ ତିନୋଟି ବାଧ୍ୟତାମୂଳକ ସର୍ତ୍ତ ପୂରଣ କରିବାକୁ ପଡ଼ିବ। ପ୍ରଥମେ ସେହି ବ୍ୟକ୍ତିଙ୍କୁ ପ୍ରମାଣ କରିବାକୁ ହେବ ଯେ ସେ ମୂଳତଃ ଅନୁସୂଚିତ ଜାତି ଭାବେ ତାଲିକାଭୁକ୍ତ ଏକ ଜାତିରେ ଜନ୍ମଗ୍ରହଣ କରିଥିଲେ। ସେମାନଙ୍କୁ ହିନ୍ଦୁ, ଶିଖ୍ କିମ୍ବା ବୌଦ୍ଧ ଧର୍ମକୁ ପୁଣି ଫେରିଥିବା ଏବଂ ପୂର୍ବରୁ ଗ୍ରହଣ କରିଥିବା ଧର୍ମକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିଥିବାର ଦର୍ଶାଇବାକୁ ହେବ। ସେହିପରି ମୂଳ ଜାତି ସମ୍ପ୍ରଦାୟର ସଦସ୍ୟମାନେ ସେମାନଙ୍କୁ ପୁଣି ଥରେ ଗ୍ରହଣ କରିଥିବା ଦର୍ଶାଇବାକୁ ହେବ। ଏହି ତିନୋଟି ଯାକ ସର୍ତ୍ତ ପୂରଣ ହେବା ଆବଶ୍ୟକ। ଏଥିମଧ୍ୟରୁ ଗୋଟିଏ ବି ପ୍ରମାଣ କରିବାରେ ବିଫଳ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଦାବି ଗ୍ରହଣୀୟ ହେବ ନାହିଁ।

### ସର୍ତ୍ତ ସହ ଯୁଦ୍ଧ...

ଉତ୍ତେଜନା ହ୍ରାସ ପାଇଁ ପାକିସ୍ତାନ ନିଜର କୂଟନୈତିକ ସମ୍ପର୍କକୁ ବ୍ୟବହାର କରି ଆଲୋଚନା ପାଇଁ ସ୍ଥାନ ପ୍ରସ୍ତାବ ଦେଇଛି। ଏହି କ୍ରମରେ ପାକିସ୍ତାନର ସେନା ମୁଖ୍ୟ ଆସିମ୍ ମୁନିର ଗତକାଲି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏବଂ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଇରାନ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ଇରାନରୁ ନିଜ ରାଷ୍ଟ୍ରଦୂତଙ୍କୁ ଲେବାନନ ପ୍ରତ୍ୟାହାର କରି ନେଇଛି। ଇରାନ କୂଟନୈତିକ ନିୟମ ଉଲ୍ଲଙ୍ଘନ କରୁଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଏହା ପୂର୍ବରୁ ଇରାନ ରାଷ୍ଟ୍ରଦୂତଙ୍କୁ ଦେଶରୁ ବାହାରିଯିବାକୁ ଲେବାନନ ନିର୍ଦ୍ଦେଶ ଦେଇଥିଲା।

ଇତିମଧ୍ୟରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଫୋନ୍ କରି ପଶ୍ଚିମ ଏସିଆ ପରିସ୍ଥିତି ସପର୍କରେ ଆଲୋଚନା କରିଛନ୍ତି। ବିଶେଷ କରି ହରମୁଜ ସୁମଦ୍ର ପଥ ଖୋଲିବା ସଂପର୍କରେ ବିଚାରବିମର୍ଶ କରିଛନ୍ତି।

ଶାନ୍ତି ଆଲୋଚନା ଖବର ମଧ୍ୟରେ ଯୁଦ୍ଧରୁ ପଛଘୁଞ୍ଚା ଦେବୁ ନାହିଁ ବୋଲି ଇରାନ ସେନା ସ୍ପଷ୍ଟ କରିଛି। ସେନା ମୁଖ୍ୟାଳୟର ମୁଖପାତ୍ର ଅଲି ଅବଦୁଲ୍ଲାହି ଅଲିଆବାଦୀ କହିଛନ୍ତି ଯେ ଦେଶର ଅଖଣ୍ଡତା ରକ୍ଷା ପାଇଁ ସଶସ୍ତ୍ର ବାହିନୀ ଦୃଢ଼ ଭାବେ ଛିଡ଼ା ହୋଇଛି। ସମ୍ପୂର୍ଣ୍ଣ ବିଜୟ ହେବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ। ସେହିପରି ମହମ୍ମଦ ବାଘେର ଜୋଲଘଦରଙ୍କୁ ଇରାନ 'ସୁପ୍ରିମ ନ୍ୟାସନାଲ ସିକ୍ୟୁରିଟି କାଉନସିଲ'ର ନୂଆ ସଚିବ ଭାବେ ନିଯୁକ୍ତ କରିଛି। ସେ ଅଲି ଲାରିଜାନିଙ୍କ ସ୍ଥାନ ନେବେ। ଗତ ୧୭ ତାରିଖରେ ଇସ୍ରାଏଲ୍ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ମଧ୍ୟରେ ଇରାନ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିଛି। ଏକ ସୁଡ଼ଙ୍ଗରେ କ୍ଷେପଣାସ୍ତ୍ର ଠୁଳ ହୋଇ ରହିଥିବାର ଭିଡିଓ ଜାରି କରାଯାଇଛି। ଏହା କେବଳ ଏକ ଝଲକ ବୋଲି କୁହାଯାଇଛି। ଇରାନ ସୋମବାର ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜଙ୍କ ବୟାନ ଲେଖି ଇସ୍ରାଏଲ ଏବଂ ଆମେରିକା ଠିକଣାରେ ଉପରେ ଆକ୍ରମଣ କରିଥିଲା। ଏଥିରେ ପେଟ୍ରୋ କହିଥିଲେ ଯେ ସ୍ପେନର ନୀତି ଯୁଦ୍ଧ ବିରୋଧୀ। ଏହି ଯୁଦ୍ଧ ମାନବିକତା କିମ୍ବା ଅନ୍ୟ କୌଣସି ଦୃଷ୍ଟିରୁ ବି ଉଚିତ ନୁହେଁ।


**OFFICE OF THE BASUDEVPUR MUNICIPALITY, BHADRAK.**

No.-290(w) Date: -20.03.26

13001/780/2526

**E-Procurement Notice**

*BID Identification No .BM_TCN_10_2025-26*

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const works as mentioned in DTCN
2. No. of works : 05 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 25-03-2026(10am) to 03-04-2026
6. Last date and time for receipt : 03-04-2026 up to 5.00 pm
7. Bids received online shall be opened on : 04-04-2026 from 11 am onwards
8. Name and address of the Officer Inviting Bid : Executive Officer, Basudevpur Municipality

*Executive Officer*
*Basudevpur Municipality*

OIPR-13001/13135/1/25-26/0004

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-FENCING-KUR-553, ତା.17.03.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କି.ମି. 460/57-ଅରଗୁଳ ଷ୍ଟେସନ ନିକଟରୁ 513/29-ଗଙ୍ଗାଧରପୁର ଷ୍ଟେସନ ନିକଟ ପର୍ଯ୍ୟନ୍ତ ହାତୀମାନଙ୍କର ପାରିହେବା ରୋକିବା ନିମନ୍ତେ ମେନ୍ ଲାଇନର ଗୋଟିଏ ପାର୍ଶ୍ୱରେ ପ୍ରସ୍ତାବିତ ନିରାପତ୍ତା ବାଡ଼ ଲଗାଇବା।

ଟେଣ୍ଡର ମୂଲ୍ୟ : ₹ 1,30,24,414.00, EMD : ₹ 2,15,100/-

ବିଡ୍ ଆରମ୍ଭ ହେବା ତାରିଖ : ତା.25.03.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.04.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-1263/Q/25-26

**AFFIDAVIT**

By virtue of an affidavit sworn before the Executive Magistrate Tangi-Choudwar,Jagatpur on dated 18.03.2026. I Biswajit Mahapatra S/o Bharat Sethi, At-Najarpur / Station Bazar, PO/PS- Jagatpur, Dist.Cuttack, Pin -754021 have changed my name from Biswajit Sethi, S/o- Bharat Sethi to Biswajit Mahapatra, S/o- Manoj Kumar Mahapatra and my date of birth is 01.01.2005. Henceforth, I shall be known as **Biswajit Mahapatra** for all purposes.

**AFFIDAVIT**

I, Dileswari Naik, D/o- Debaraj Naik (Father) and Sabita Naik (Mother) resident of Ward no.7, Adimata Lane, Bandhatala-pada, Bargarh, Po./Ps./Dist.-Bargarh state vide no.635 dtd. 23.3.2026 that, my actual name is Dileswari Naik, DOB-04.04.2002. But in my Aadhar card no. 6886 1112 1019 my name has been mentioned as Chumki Nayak, DOB-03.02. 2003. That, **Dileswari Naik, DOB- 04.04.2002** and **Chumki Nayak, DOB- 03.02.2003** is one and same person.

**AFFIDAVIT**

By virtue of an affidavit No.: 1280, Sworn before Executive Magistrate, Angul on Dated: 23.03.2026, **I, Arun Das,** S/o.: Sankar Das, Permanent/ Currently Resident of At/PO: Karadagadia, PS: Angul Sadar, Dist: Angul, Odisha-759132, declare that, I have change my name from **Arun Das to Arupa Das.** Henceforth I shall be known as **Arupa Das** for all purposes.

**AFFIDAVIT**

I, **Rasmita Sahu,** W/o: Pradyumn Sahu, Permanent/ Currently resident At: Sanakerjang, PO: Golabandha, PS: Nisha, Dist.: Angul, Odisha-759143, declare by this **Affidavit No.: 1305, dated: 24.03.2026** that now onwards my minor son will be known as **Sambit Sahu** for all future purposes.

**AFFIDAVIT**

By virtue of an affidavit no. 151 sworn before the Executive Magistrate, Kodinga, dated 21.01.2026, I, Guntu Baghel, S/o Pandari Baghel, resident of Vill-Aunli, Dist-Nabarangpur, Odisha, do hereby declare that my name is wrongly recorded as **Gunatu Harijan** in my Voter ID and SBI Account records instead of my correct name **Guntu Baghel**. Henceforth, I shall be known as **Guntu Baghel** for all purposes.

**ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା**

ଏତ ଦ୍ୱାରା ମୁଁ ଶ୍ରୀ ଅଭିରାମ ପାତ୍ର, ପିତା-ବାବାଜୀ ପାତ୍ର, ସା/ପୋ-କରଙ୍ଗାମାଳ, ଥାନା-ବୋଡେନ୍, ଜିଲ୍ଲା-ନୂଆପଡ଼ା, ବର୍ତ୍ତମାନର ଠିକଣା ସା-କୁନ୍ଦପୁର, ପୋ-ମଦନପୁର, ଥାନା- ପଟ୍ଟାମୁଣ୍ଡାଇ ସଦର, ଜିଲ୍ଲା-କେନ୍ଦ୍ରାପଡ଼ା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଉ ଅଛିକି ଯେ ମୋ ନାମରେ ଖର୍ଦ୍ଦି କବଲା ନଂ- ୧୦୯୭୧୯୦୦୫୨୯, ତା.୨୦.୦୫.୨୦୧୯ରିଖଯାହାକି ମୌଜା-ସଂସାରଫଳ, ଖାତା ନଂ-୬୬୭/୯୩, ପ୍ଲଟ ନଂ-୨୦୭୦/ ୨୦୦୦ ଏ୦.୦୫୦ ସମ୍ପର୍କିତ, ଉକ୍ତ କବଲାଟି ମୌଜା-କୁନ୍ଦପୁର ଓ ସଂସାରଫଳ ବଜାର ମଧ୍ୟରେ ହଜି ଯାଇଅଛି ଏବଂ ଆମ୍ଭେ ତାହା ଖୋଜି ପାଉନାହୁଁ। ଉକ୍ତ କବଲାକୁ ଆମ୍ଭେ କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ନିକଟରେ ବନ୍ଧା ରଖି ଋଣ ଆଣିନାହୁଁ। ଯଦି ତାହା କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ପାଖରେ ମହଜୁଦ୍ ଥାଏ ତେବେ ଏହି ପ୍ରକାଶନର ୩୦ ଦିନ ମଧ୍ୟରେ ଆମେ ଆବେଦନ କରିଥିବା ସେଣ୍ଟ୍ରାଲ ବ୍ୟାଙ୍କ୍, ସାନବଡ଼ ଗୋପାଳପୁର ଶାଖା, ରାଜନଗରଙ୍କୁ ଜଣାଇବେ, ଅନ୍ୟଥା ଆମ୍ଭେ ଉକ୍ତ କବଲାର ସହିମୋହର ଦଖଲ ବନ୍ଧକ ରଖି ଋଣ ଗ୍ରହଣ କରିବୁ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 23/03/2026, I **Snigdha Sahoo** wife of Akshay Kumar Khuntia, permanent resident At/PO: Basudevpur, P.S: Mahanga, Dist: Cuttack, PIN: 754204, Odisha currently residing at Qr. No. Type-IV-C1, New AG Colony, Nayapalli, P.S. Saheed Nagar, Bhubaneswar PIN-751012, Dist. Khordha, Odisha declare that I have changed my name from **Snigdha Khuntia** to **Snigdha Sahoo**. Henceforth, I shall be known as **Snigdha Sahoo** for all purposes.

Sd- **Snigdha Sahoo**

**AFFIDAVIT**

By virtue of an affidavit sworn before Executive Magistrate, Laxmipur, No. 116/2026, dated 23/03/2026, I **Sri RANJIT KUMAR MAHANANDIA**, resident of village At- Sarisapadar, PO: Toyaput, P.S: Laxmipur, Dist: Koraput, PIN: 765013, Odisha declare that I have changed my minor Son's name from **PRITAM MAHANANDIA (Old Name)** to **SUBHAM MAHANANDIA (New Name)**. Henceforth, he shall be known as **SUBHAM MAHANANDIA** for all purposes.

Sd- **RANJIT KUMAR MAHANANDIA**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 24/03/2026. I, **Prem Bagartti** (applicant name), S/o Pichharu Bagartti, permanent & current resident of AT: Sihini, PO: Sihini, PS: Titilagarh, Dist: Balangir, State: Odisha, PIN: 767066 declare that I have changed my minor daughter's name from **Payal Bagartti** (old name) to **Archita Bagartti** (new name). Henceforth, she shall be known as **Archita Bagartti** (new name) for all future purposes.

**(PREM BAGARTTI)**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dtd-29.3.2006. I, **Basanta Manjari Mishra,** W/o- Sri Brajakishor Dash declare that I have changed my surname from **Mishra to Dash.** Henceforth I shall be known as **Basanta Manjari Dash** for all purposes.

**Basanta Manjari Dash**

**AFFIDAVIT**

I, Ajambar Behera, aged about 82 years, S/o-Rama Chandra Behera, resident of At- Patarapur, Po- Katana, Ps-Rajkanika, Dist-Kendrapara, Pin-754220, Odisha do hereby declare by this affidavit No.633, dtd- 24/03/2026, that now onwards I shall be known as **AJAYA BEHERA** for all future purposes.

### ଅଗ୍ନିବୀର ନିଯୁକ୍ତି ପାଇଁ ସଚେତନତା

# ସର୍ବନିମ୍ନ ପଞ୍ଜୀକରଣ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା




ମାଲକାନଗିରି,୨୪।୩(ସମିସ): ଭାରତୀୟ ସେନାରେ ଅଗ୍ନିବୀର ନିଯୁକ୍ତି ପାଇଁ ମାଲକାନଗିରି ଜିଲ୍ଲାର ଯୁବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ପଞ୍ଜୀକରଣ ସଂଖ୍ୟା ବଢ଼ାଇବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭିଡିଓ କନଫରେନ୍ସ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳଙ୍କ ସମେତ ଜୟପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ମାଲକାନଗିରି ଉପ-ଜିଲ୍ଲାପାଳ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ସରକାରୀ ଆଇଟିଆଇ ଓ ପଲିଟେକ୍ନିକର ଅଧ୍ୟକ୍ଷ ଏବଂ ଗୋପାଳପୁର ଏଆରଓ ସେନା ନିଯୁକ୍ତି କାର୍ଯ୍ୟାଳୟର ନିର୍ଦ୍ଦେଶକ ଯୋଗ ଦେଇଥିଲେ। ବୈଠକରେ ସୂଚନା ଦିଆଯାଇଛି ଯେ, ଅଗ୍ନିବୀର ପଞ୍ଜୀକରଣ ପ୍ରକ୍ରିୟା ଗତ ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ବର୍ତ୍ତମାନ ସୁଦ୍ଧା ମାଲକାନଗିରି ଜିଲ୍ଲାରୁ ମାତ୍ର ୨୫ ଜଣ ପ୍ରାର୍ଥୀ ପଞ୍ଜୀକରଣ କରିଛନ୍ତି। ଯାହା ରାଜ୍ୟରେ ସବୁଠାରୁ କମ୍। ଏହାକୁ ନେଇ ଜିଲ୍ଲାପାଳ ଚିନ୍ତା ପ୍ରକଟ କରିବା ସହ ଅଧିକରୁ ଅଧିକ ଯୁବକଙ୍କୁ ଏଥିରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କଲେଜରେ ଅଗ୍ନିବୀର ପଞ୍ଜୀକରଣ ପାଇଁ ଜଣେ ସ୍ୱତନ୍ତ୍ର କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ପଞ୍ଜୀକରଣରେ ସାହାଯ୍ୟ କରିବା ପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଉପ-ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଦୈନିକ ପଞ୍ଜୀକରଣର ଅଗ୍ରଗତି ସମୀକ୍ଷା କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ। ଜିଲ୍ଲାର ଯୁବପିଢ଼ି ଯେପରି ଭାରତୀୟ ସେନାରେ ଯୋଗଦେଇ ଦେଶସେବା କରିବାର ସୁଯୋଗ ପାଇପାରିବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଶେଷରେ ସମସ୍ତ ଅଧିକାରୀ ଓ ଗୋପାଳପୁର ଏଆରଓ ନିର୍ଦ୍ଦେଶକଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକ



ବିଷମ କଟକ,୨୪।୩ (ସମିସ ): ରାୟଗଡ଼ା ଜିଲ୍ଲାର ମୁଖ୍ୟ ବିକାଶ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ଖେମୁଣ୍ଡୁ ବିଷମ କଟକ ଗ୍ରସ୍ତ କରି ବ୍ଲକ ଅଧୀନରେ ଚାଲୁରହିଥିବା ବିଭିନ୍ନ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଶ୍ରୀ ଖେମୁଣ୍ଡି ଯୋଜନାଭିତ୍ତିକ ଭାବରେ ଜାରି ରହିଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ଏମ୍‌ଜିଏନଆରଇଜିଏ, ଭିଭି ଜି ରାମ ଜୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପିଏମଏୱାଇ, ଏଜିୱାଇ, ବିଜିବିଓ, କେକେବିକେୱାଇ, ଏସଏଫସି, ସିଏଫସି ସହିତ ରାଜ୍ୟ ଓ କେନ୍ଦ୍ର ପ୍ରଯୋଜିତ ଯୋଜନାର ସମୀକ୍ଷା କରିଥିଲେ। ବିଶେଷକରି ପିଏମ୍-ଜନମନ, ଏଜିୱାଇ, ପିଏମ୍‌ଏୱାଇ ଓ ଏମ୍‌ଜିଏନଆରଇଜିଏ ଯାହା ଗ୍ରାମୀଣ ଉନ୍ନତିର ମୂଳ ଆଧାର ଭାବେ ଚିହ୍ନଟ କରାଯାଇଛି । ଯାହା କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର କାର୍ଯ୍ୟ ଗୁଡିକ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମୀକ୍ଷା ପରେ ଶ୍ରୀ ଖେମୁଣ୍ଡୁ ବିଷମ କଟକ ବ୍ଲକ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତରେ ପହଞ୍ଚ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସ୍ଥିତି ସମୀକ୍ଷା କରିଥିଲେ। ଏଥିସହ ବିଭିନ୍ନ ହିତାଧିକାରୀଙ୍କ ସହ ଆଲଚନା କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିବା ସହ ବିକାଶ କାର୍ଯ୍ୟରେ ଯେ କୌଣସି ବାଧା ଯେପରି ନ ଉପୁଜେ ସେ ଦିଗରେ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷାରେ ଆଗକୁ ହେବାକୁ ଥିବା ଜନଗଣନା କାର୍ଯ୍ୟକ୍ରମ ସମ୍ପର୍କରେ ସେ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଓ ପ୍ରସ୍ତୁତିକୁ ନେଇ ମଧ୍ୟ ଆଲୋଚନା କରିଥିଲେ। ବିଷମକଟକ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହୋଇଥିବାରୁ ପଞ୍ଚାୟତ ଅଞ୍ଚଳରେ ଚାଲୁଥିବା ସମସ୍ତ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆଜିର ସମୀକ୍ଷାରେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ଅତିରିକ୍ତ ସହକାରୀ ଯନ୍ତ୍ରୀ ରମେଶ ସାହୁ, ଯନ୍ତ୍ରୀ ଝରଣା ତ୍ରିପାଠୀ, ଶ୍ରୀନିବାସ ମହାନ୍ତି , ସାଗର ଗୌଡ ଓ ସଞ୍ଜୟ ଜେନା ଉପସ୍ଥିତ ରହିଥିଲେ।

# ତେନ୍ତୁଳିଖୁଣ୍ଟିରେ ଜନପ୍ରତିନିଧିଙ୍କୁ ଅଣଦେଖା



● ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ତେନ୍ତୁଳିଖୁଣ୍ଟି,୨୪।୩(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି । ବିଭିନ୍ନ ସମସ୍ୟା ଓ ଅନିୟମିତତା ସମ୍ପର୍କରେ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟାଙ୍କ ପକ୍ଷରୁ ଆଜି ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ମାସ ଧରି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉ ନଥିବା ବେଳେ ତୁରନ୍ତ ବୈଠକର ଆୟୋଜନ କରିବା,୨୦୨୫-୨୬ ଆର୍ଥିକ ବର୍ଷର ବିଜିବିଓ ଗ୍ରାମସଭାର ଖସଡ଼ା ପ୍ରସ୍ତୁତ ପାଇଁ ବୈଠକ କରିବା, ବ୍ଲକ୍‌କୁ ଆସିଥିବା ନଳକୂପ ସରଞ୍ଜାମ ପ୍ରତ୍ୟେକ ପଞ୍ଚାୟତକୁ ଯୋଗେଇ ଦେବା, ବ୍ଲକ୍‌ରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ଛାଡିବା ଏବଂ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ନୂତନ ଭାବରେ କେତେ ରାସନ କାର୍ଡ ହିତାଧିକାରୀକୁ ସାମିଲ କରାଗଲା, ତାହାର ତାଲିକା ପଞ୍ଚାୟତକୁ ପ୍ରଦାନ କରାଯାଇନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାର ତ୍ୱରିତ ସମାଧାନ କରାନଗଲେ ସରପଞ୍ଚ, ସମିତି ସଭ୍ୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚେତାଇ ଦେଇଛନ୍ତି। ଦାବିପତ୍ର ଗ୍ରହଣ କରି ତ୍ୱରିତ ସମାଧାନ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ବନ୍ଦିତା ନାୟକ, ପ୍ରମିଳା ମୁଦୁଲି,କୃଷ୍ଣ ସୌରା, ଟଭା ନାୟକ, ଅନାଦି ମାଝୀ, ରତ୍ନା ଯାନୀ, କାର୍ତ୍ତିକ ମୁଦୁଲି, ମନମୋହନ ଦଳପତି, ସମିତି ସଭ୍ୟ ଦିଲୀପ ପ୍ରଧାନି ଡମ୍ବରୁ ଭତରା, ମଧୁସ୍ମିତା ପାଣିଗ୍ରାହୀ, ପ୍ରଭାତୀ କନ୍ଧ, ସୁଧୀର ଖୁରା, ସୋମନାଥ ସୌରା, ବିନୋଦିନୀ ସିଂଘ, ଜିତେନ୍ଦ୍ର ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧାରଣା ଦେବା ନିମନ୍ତେ ସ୍ଥାନୀୟ ଆଇଆଇସି ପ୍ରଣବ ଟୁଡୁଙ୍କୁ ମଧ୍ୟ ଲିଖିତ ଭାବରେ ଜଣାଇଥିବା ସୂଚନା ମିଳିଛି। ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ମଧ୍ୟ ଦାବିପତ୍ରର ଏକ ନକଲ ପ୍ରଦାନ କରିବା ସହ ନିବେଦନ କରିଛନ୍ତି ଜନ ପ୍ରତିନିଧି।

### ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପାଇଁ ସଚେତନତା

# ଅଭିଭାବକଙ୍କୁ ନିମନ୍ତ୍ରଣ କଲେ ଜିଲ୍ଲା ଶିକ୍ଷା ଅଧିକାରୀ




ମାଲକାନଗିରି,୨୪।୩(ସମିସ): ରାଜ୍ୟ ସରକାରଙ୍କ "ନିପୁଣ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ସାରା ରାଜ୍ୟରେ ଉତ୍ସାହ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଓ ନିମନ୍ତ୍ରଣ ପତ୍ର ବଣ୍ଟନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ତମସା ପଞ୍ଚାୟତସ୍ଥିତ ଏମ.ଭି-୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା ଯୋଗଦେଇଥିଲେ। ଅଧିକାରୀମାନେ ଘରକୁ ଘର ବୁଲି ପିଲାମାନଙ୍କୁ ଚକଲେଟ୍ ଓ ଫୁଲ ଦେବା ସହ ସେମାନଙ୍କ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଆସନ୍ତା ଏପ୍ରିଲ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ "ଖଡ଼ିଛୁଆଁ ଓ ନାମଲେଖା ଦିବସ' ପାଳନ କରାଯିବ। ଏହି ଦିନ ନୂତନ ଭାବେ ନାମ ଲେଖାଉଥିବା ପିଲାମାନଙ୍କୁ ପାରମ୍ପରିକ ରୀତିରେ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯିବ। ଏଥିସହ ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଭିଭାବକମାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପଢ଼ି ଶୁଣାଯିବ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ, ତମସା ସିଆରସିସି, ସମଗ୍ର ଶିକ୍ଷା ସଂଯୋଜକ ଏବଂ ବିଦ୍ୟାଜୟ କମିଟିର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଓ ଗୁଣାତ୍ମକ ଶିକ୍ଷାର ମୂଳଦୁଆ ପକାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ଯୁବ ରେଡ୍‌କ୍ରସ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ




ସୁନାବେଡ଼ା,୨୪।୩(ସମିସ): ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ସଭାଗୃହରେ ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବ ତରଫରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦ ସଭାପତିତ୍ୱ କରିଥିଲେ। ଯକ୍ଷ୍ମା ରୋଗର ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ଭାବରେ ଉପାଧ୍ୟକ୍ଷ ଡକ୍ଟର ସଞ୍ଜୟ ପୁରୋହିତ ଯୋଗ ଦେଇ ଯକ୍ଷ୍ମା ରୋଗକୁ ଭୟଭୀତ ନ ହୋଇ ଦୃଢ ମନୋବଳ ସଙ୍ଗେ ଡାକ୍ତରୀ ପରୀକ୍ଷା ଓ ଔଷଧିକରଣ ଆରୋଗ୍ୟ କରିପାରିବ ବୋଲି କହିଥିଲେ। ଯୁବ ରେଡକ୍ରସର କାଉନସିଲର ଡକ୍ଟର ଶାନ୍ତନୁ ନାୟକ ସଭା ପରିଚାଳନା କରିଥିଲାବେଳେ ସହଯୋଗୀ କାଉନ୍‌ସିଲର ଅଧ୍ୟାପିକା ଚିନ୍ମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବର ସ୍ୱେଚ୍ଛାସେବୀ ସଙ୍ଗେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ● ବାଲ୍ୟ ବିବାହ ମୁକ୍ତ ହେବ ମାଲକାନଗିରି

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟାଙ୍କ ସମୀକ୍ଷା



ମାଲକାନଗିରି,୨୪।୩(ସମିସ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ନାୟକଙ୍କ ମାଲକାନଗିରି ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଓ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ଅବସରରେ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଏକ ବ୍ୟାପକ ଜନ ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଆଜି ସଦସ୍ୟା ପ୍ରଥମେ ଏମଭି-୩ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ସେଠାରେ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧାର ତଦାରଖ କରିଥିଲେ। ଏହାପରେ ସେ ତମସା ଆଶ୍ରମ ସ୍କୁଲ ଏବଂ ମାଲକାନଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗସ୍ତ କରିଥିଲେ। ସେଠାରେ ଶିକ୍ଷା ଅଧିକାର ଆଇନର ସଠିକ୍ କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଶିଶୁମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତମସା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକରେ ଯୋଗଦେଇ ସଦସ୍ୟା କହିଥିଲେ ଯେ, ବାଲ୍ୟ ବିବାହ ଶିଶୁ ଅଧିକାରର ଏକ ନଗ୍ନ ଉଲ୍ଲଙ୍ଘନ ଏବଂ ଏହା କୌଣସି ସ୍ତରରେ ଗ୍ରହଣଯୋଗ୍ୟ ନୁହେଁ। ଶୋଷଣ ମୁକ୍ତ ଶୈଶବ ପ୍ରତ୍ୟେକ ଶିଶୁର ଜନ୍ମଗତ ଅଧିକାର। ବୈଠକରେ ଶିଶୁ ଶ୍ରମିକ ନିୟୋଜିତ କରିବା, ଭିକ୍ଷାବୃତ୍ତିରେ ଲଗାଇବା କିମ୍ବା ନିଶା କାରବାରରେ ଶିଶୁଙ୍କୁ ବ୍ୟବହାର କରିବା ଭଳି ଅପରାଧ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସମସ୍ତଙ୍କୁ ସଜାଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ଶିଶୁ ବିକାଶ ଅଧିକାରୀ ନାରାୟଣ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ବିଜେପି ଜିଲ୍ଲା ସମ୍ପାଦିକା ସବିତା ମିଶ୍ର, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସମସ୍ତେ ସହଯୋଗ କରିବେ ବୋଲି ବୈଠକରେ ଆଶା ପ୍ରକଟ କରାଯାଇଛି।

# ରାମ ନବମୀ ପାଳନ ପାଇଁ ପ୍ରସ୍ତୁତି

କୋରାପୁଟ,୨୪।୩(ସମିସ): ଆସନ୍ତା ୨୭ ତାରିଖରେ ପବିତ୍ର ରାମ ନବମୀ ଉତ୍ସବ ପାଳନ କରାଯିବ। ଏଥି ନିମନ୍ତେ କୋରାପୁଟ ଶ୍ରୀ ରାମ ନବମୀ ଆୟୋଜକ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସଂପାଦକ ସନ୍ତୋଷ ଜେନା କହିଛନ୍ତି। ଅପରାହ୍ନ ୪ ଘଟିକାରେ ବିଶାଳ ଶୋଭାଯାତ୍ରା ହନୁମାନ ବାଟିକା ଠାରୁ ବାହାରି ସହର ପରିକ୍ରମା କରି ପୂଜାରୀପୁଟ ରାମ ମନ୍ଦିରରେ ଶେଷ ହେବ। ଏହି ଶୋଭାଯାତ୍ରାରେ ପାଞ୍ଚ ଶହ କୀର୍ତ୍ତନ ମଣ୍ଡଳୀ ଯୋଗଦେବେ। ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ପୁଲିସର ସହଯୋଗ ରହିଥିବା ଶ୍ରୀ ଜେନା କହିଛନ୍ତି। କୀର୍ତ୍ତନ ଦଳ ସହିତ ୧୦ ହଜାର ଭକ୍ତଙ୍କ ସମାଗମ ହେବ ବୋଲି ସେ କହିଛନ୍ତି। କୋରାପୁଟ ସହରବାସୀଙ୍କ ସହଯୋଗରେ ଶୋଭାଯାତ୍ରା ସଫଳ ହେବ ବୋଲି ସେ ଆଶା ରଖିଛନ୍ତି। ଚଳିତ ବର୍ଷ ମଧ୍ୟ ରାମନବମୀ ଉତ୍ସବ ଆଡମ୍ବର ସହକାରେ ପାଳନ କରାଯିବ ବୋଲି କମିଟିର ସଦସ୍ୟ ମହିପାଲ ସିଂ ଆଶା ରଖିଛନ୍ତି। ପୂର୍ବ ପ୍ରସ୍ତୁତି ଅବସରରେ କୋରାପୁଟ ସହର ଗେରୁଆ ପତାକାରେ ସୁସଜ୍ଜିତ ହୋଇ ଗେରୁଆମୟ ହୋଇଉଠିଛି। ସହରର ବିଭିନ୍ନ ଛକରେ ଶ୍ରୀରାମଙ୍କ ଫଟୋ ଚିତ୍ର ସ୍ଥାପନ କରାଯାଇ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ହୋଇଛି।

# ମା'ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱତନ୍ତ୍ର ତାଲିମ ଶିବିର



ବିଷମ କଟକ,୨୪।୩(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଏନ୍‌ଏସ୍‌ଏସ୍ ତରଫରୁ ଚାଞ୍ଚଡ଼ାଗୁଡା ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟରେ ସାତ ଦିନିଆ ସ୍ୱତନ୍ତ୍ର ତାଲିମ ଶିବିର ଉଦ‍୍‍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଉଚ୍ଚ ମାଧ୍ୟମିକ ପରିଷଦର ସହାୟତାରେ ଆୟୋଜିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚଞ୍ଚଳା ୱାଡ଼ାକ ଓ ସମ୍ମାନିତ ଅତିଥି ଭାବେ ସାନିୟା ସମିତି ସଭ୍ୟ ସୁମନ୍ତ କରକରିଆ ତଥା ବିଦ୍ୟାଳୟର ଅଧ୍ୟକ୍ଷ ଉମାଶଙ୍କର ନେମାଳ ପୁରୀ ଓ ଯୁକ୍ତ ତିନିର ଅଧ୍ୟକ୍ଷ ଡ. ଅଶ୍ୱିନୀ ପଣ୍ଡା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କ କାର୍ଯ୍ୟ, ଦାୟିତ୍ୱ ଓ ଦକ୍ଷତା ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରଟି ୨୪ ତାରଖରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ପଚାଶରୁ ଅଧିକ ସ୍ୱେଚ୍ଛାସେବୀ ଯୋଗଦାନ କରିଛନ୍ତି। କାର୍ଯ୍ୟକ୍ରମରେ କେଦାର ସାହୁକାର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି ଜାତୀୟ ସେବା ଯୋଜନାର ଅଧିକାରୀ ତଥା ରସାୟନ ବିଜ୍ଞାନର ଅଧ୍ୟାପକ କର୍ମେନ୍ଦ୍ର ସାହୁଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣ-ଅଧ୍ୟାପକମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସଜେଇ ହେଉଛି ଗାଁ ହୁଣ୍ଡିଘର

# ଆରମ୍ଭ ହେଲା ଆଦିବାସୀ ଚଇତି ପର୍ବ



ବୈପାରୀଗୁଡ଼ା,୨୪।୩(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଦିବାସୀ ସଂସ୍କୃତିର ଋତୁ ଭିତ୍ତିକ ପର୍ବ ତଥା ଚଇତି ପରବ ଆରମ୍ଭ ହୋଇଯାଇଛି। ଚଇତ ମାସରେ ଏ ପର୍ବ ପାଳନ କରାଯାଉଥିବାରୁ ଏହାର ନାମ ଚଇତି ପରବ ରହିଛି। ବୈପାରୀଗୁଡାର ଗୁଣ୍ଡଗୁଡା ହୁଣ୍ଡୀ ଘରେ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗାଁ ଦିଶାରୀ ପ୍ରହ୍ଲାଦ ଦିଶାରୀଙ୍କ ପରାମର୍ଶ ଅନୁଯାୟୀ ଭିନ୍ନ ଭିନ୍ନ ଗାଁରେ ଭିନ୍ନ ଭିନ୍ନ ସମୟରେ ଚଇତି ପରବ ପାଳନ କରାଯାଇ ଥାଏ । ପ୍ରଥମେ ହୁଣ୍ଡୀ ଶୀତଳନୀ, ପରେ ବଉଲାନୀ ଯାତ୍ରା ତଥା ବେଣ୍ଟ ଯାତ୍ରା, ଟିଙ୍ଗିରୀ ବେଣ୍ଟ, ବଡ଼ ବେଣ୍ଟ ଡାଳ ସମ୍ବର, ପୂଜାରୀ ବିହନ, ଲିଆଖାଉଣୀ ବା ପରବ ଏବଂ ଶେଷରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ବିଶେଷ କାରି ବୈପାରୀଗୁଡା ତଥା ଅଖପାଖ ଅଞ୍ଚଳର ଗଦବା, ଭତ୍ରା, ରଣା, ଭୂମିଆ, ଡମ୍ବ, ପରଜା, ସଉରା ପ୍ରଭୃତି ଆଦିବାସୀ ଗୋଷ୍ଠୀର ଲୋକମାନେ ଚଇତ ପରବକୁ ଅତି ଆନନ୍ଦରେ ପାଳନ କରିଥାନ୍ତି। ପରବ ଆରମ୍ଭ ହେବା କ୍ଷଣି ନିଜ ଗ୍ରାମଦେବୀ ବା ହୁଣ୍ଡି ଠାକୁରାଣୀଙ୍କ ନିକଟରେ ବିଧି ଅନୁସାରେ ପୂଜା ଆରମ୍ଭ ହେବ। ଆମ୍ବ ରନ୍ଧନ କରାଯାଇ ଠାକୁରାଣୀ ନିକଟରେ ଭୋଗ ଲାଗି ହେଲା ପରେ ଆଦିବାସୀ ସଂପ୍ରଦାୟର ଲୋକମାନେ ଆମ୍ବକୁ ଖାଇଥାନ୍ତି। ପରମ୍ପରା ଅନୁସାରେ ପରବ, ବେଣ୍ଟ ବା ଶିକାର ଏହି ପରବର ଅନ୍ୟ ଏକ ଆକର୍ଷଣ। ଜଙ୍ଗଲ ଅଭାବରୁ ବର୍ତ୍ତମାନ ଶିକାର ଏକ ଔପଚାରିକତା ହୋଇ ରହିଯାଇଛି। ତଥାପି ସାରା ରାତି ବେଣ୍ଟ ଯାତ୍ରା ପାଳିବାରେ ଆଦିବାସୀ ସଂପ୍ରଦାୟର ଅଧିବାସୀ ମାନେ ପଛଘୁଞ୍ଚା ଦେଇନାହାନ୍ତି। ଏହି ଅଞ୍ଚଳର ସମସ୍ତ ଦେବଦେବୀଙ୍କ ପୀଠରେ ଚଇତି ପରବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଥାଏ। ଏହି ଅବସରରେ ବିଭିନ୍ନ ଦେବଦେବୀଙ୍କ ପୀଠରେ ହଜାର ହଜାର ଭକ୍ତ ବଳି ଦେଉଥିବା ଦେଖିବାକୁ ମିଳେ। ସେହିପରି ପ୍ରତି ଗାଁ ଛକରେ ମହିଳାମାନେ ପାଜର ମଗୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ଯାହାକୁ କେହିବି ପ୍ରତ୍ୟାଖ୍ୟାନ କରିପାରନ୍ତି ନାହିଁ। ପରମ୍ପରା ଅନୁସାରେ ଆଦିବାସୀ ମହିଳାଙ୍କୁ ପାଜର (ଟଙ୍କା) ଦେବାକୁ ବାଧ ହୋଇଥାନ୍ତି। ମହିଳାମାନେ ଯାହା ଟଙ୍କା ଆଦାୟ କରିଥାନ୍ତି, ପୁରୁଷମାନେ ବେଣ୍ଟ ଶିକାର କରି ଯାହା ଆଣନ୍ତି ତାକୁ ନେଇ ଗାଁରେ ବିରାଟ ଭୋଜିର ଆୟୋଜନ କରାଯାଇଥାଏ। ଏହି ଅବସରରେ ନାଚଗୀତର ମଧ୍ୟ ଆସର ଜମେ। ସ୍ଥାନୀୟ ଅଧିବାସୀ ଧନପତି ନାୟକ, ମଦୁ ନାୟକ, ଚାନ୍ଦ ମୁଦୁଲି, ସଭା ପ୍ରଜା, ଜଗବନ୍ଧୁ ହରିଜନ, ଗାଁ ଚଲାଣ ଦେବରାଜ ମାଛିରିଆ, ହରି ପରଜାଙ୍କ କହିବା ଅନୁଯାୟୀ, କେଉଁ ଅନାଦି କାଳରୁ ଆଦିବାସୀ ସଂସ୍କୃତିର ଏକ ଋତୁ ଭିତ୍ତିକ ପର୍ବ ଭାବେ ଚଇତି ପରବର ସ୍ୱତନ୍ତ୍ରତା ରହିଛି। ଏହି ଚଇତି ପରବ ସମସ୍ତ ଆଦିବାସୀ ସଂପ୍ରଦାୟର ଲୋକମାନେ ଗାଁ ଗାଁରେ ପାଳନ କରିଥାନ୍ତି। ଆରମ୍ଭରୁ ଶେଷ ଯାଏ କୌଣସି କାର୍ଯ୍ୟ ନ କରିବାକୁ ନିୟମ ଥିବାରୁ ପୂର୍ବରୁ ହିଁ ଘରଦ୍ୱାର ଲିପାପୋଛା, ନୂଆ ଲୁଗା କିଣା, ପୂଜା ପାଇଁ ସାମଗ୍ରୀ ଯୋଗାଡ଼ ଜୋରସୋରରେ ଚାଲିଥାଏ। ଆଦିବାସୀ ଗ୍ରାହକଙ୍କ ହାଟ ମାନଙ୍କରେ ଭିଡ ଦେଖିବାକୁ ମିଳିଥାଏ। ପରବ ଆରମ୍ଭ ହେବା କ୍ଷଣି ନିଜ ଗ୍ରାମଦେବୀ ବା ହୁଣ୍ଡି ଠାକୁରାଣୀଙ୍କ ନିକଟରେ ବିଧି ଅନୁସାରେ ପୂଜା ଆରମ୍ଭ ହୁଏ। ଚଇତି ପର୍ବ ପାଳନ ପଛରେ ଜୀବନକୁ ଆପ୍ରାଣ ଉପଭୋଗ କରିବାର ଉଦ୍ଦେଶ୍ୟ ନିହିତ ଥାଏ। ଏହା ବ୍ୟତୀତ ଏହି ପର୍ବ ଆଦିବାସୀ ଯୁବକ ଯୁବତୀମାନଙ୍କୁ ଜୀବନ ସାଥୀ ବାଛିବାର ସୁଯୋଗ ଯୋଗାଇଥାଏ।

# ୧୭ ମାଓ ସାଥିଙ୍କ ସହ ଆତ୍ମସମର୍ପଣ କରିବେ ଟପ୍ ମାଓନେତା ପାପା ରାଓ

ମାଲକାନଗିରି,୨୪ ।୩(ସମିସ): ମାଓ ସଙ୍ଗଠନର ଶୀର୍ଷ ନେତା ପାପା ରାଓ ଓରଫ୍ ମଙ୍ଗୁ ଦାଦା ଓରଫ ସୁଧାକର ନିଜର ୧୭ ଜଣ ସାଥୀଙ୍କ ସହ ଛତିଶଗଡର ବିଜାପୁର ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଯାଉଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ସେ ଛତିଶଗଡର ଇନ୍ଦ୍ରାବତୀ ଟାଇଗର ରିଜର୍ଭ ଜଙ୍ଗଲ ଦେଇ ନିଜ ଅନ୍ୟ ମାଓ ସାଥୀଙ୍କ ସହ ଆତ୍ମସମର୍ପଣ ପାଇଁ ଆସୁଥିବା ସ୍ପଷ୍ଟ ହୋଇଛି । ଛତିଶଗଡର ଗୃହମନ୍ତ୍ରୀ ବିଜୟ ଶର୍ମା ଏହାକୁ ସ୍ୱୀକାର କରିବା ସହ ସେ ଗତ ୩ ଦଶନ୍ଧି ଧରି ନକ୍ସଲ ସଂଗଠନର ସକ୍ରିୟ ଭୂମିକା ଗ୍ରହଣ କରିବା ଓ ବହୁ ହିଂସାରେ ଜଡିତ ଥିବା ପ୍ରକାଶ କରିଛନ୍ତି । ପାପା ରାଓ ନାମରେ ସରକାର ପୂର୍ବରୁ ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି । ଆଉ ୭ ଦିନ ମଧ୍ୟରେ ଜଙ୍ଗଲରୁ ସମସ୍ତ ନକ୍ସଲ ଫେରି ଆସିବା ନେଇ ଗୃହମନ୍ତ୍ରୀ ଶ୍ରୀ ଶର୍ମା ଆଶା ପ୍ରକଟ କରିଛନ୍ତି । ପାପା ରାଓ ସଂଗଠନର ଜଣେ ଆଗଧାଡ଼ିର ନେତା ହୋଇଥିବା ବେଳେ ତାଙ୍କର ଆତ୍ମସମର୍ପଣ ପରେ ସଂଗଠନର ମେରୁଦଣ୍ଡ ଭାଙ୍ଗିଯିବ ଓ ବାକି ରହିଥିବା ଅଳ୍ପ କିଛି ମାଓବାଦୀ ମାନେ ମଧ୍ୟ ଆତ୍ମସମର୍ପଣ କରିବେ ବୋଲି କୁହାଯାଉଛି । ତେବେ ବୁଧବାର ଦିନ ପାପା ରାଓ ନିଜ ସାଥିଙ୍କ ସହ ପୁଲିସ ନିକଟରେ ଆତ୍ମସମର୍ପଣ କରିବ ବୋଲି ସୂଚନା ମିଳିଛି ।



# ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘର ବିକ୍ଷୋଭ




ରାୟଗଡ଼ା,୨୪।୩(ସମିସ): ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘ ପକ୍ଷରୁ ଆଜି ବିଭିନ୍ନ ଦାବିକୁ ନେଇ ରାୟଗଡ଼ା ବ୍ଲକ କାର୍ଯ୍ୟାଳୟ ଛକ ସ୍ଥିତ ମାଁ କାଳୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଙ୍ଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମ କୁମାର ପଟ୍ଟନାୟକ, ଜୟଦେବ ସେଠ, ନିରଞ୍ଜନ ସେନାପତି ଯୋଗ ଦେଇଥିଲେ । ରାୟଗଡା ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସିକ୍ୟୁରିଟୀ, ସଫେଇ, ହାଉସ୍ କିପିଂ, ଏଟେଣ୍ଡର ,ଡାଟା ଏଣ୍ଟ୍ରି , ପ୍ଲମ୍ବର, କର୍ମଚାରୀ ମାନଙ୍କ ସମସ୍ୟାକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାର କୌଣସି ସମାଧାନ ହୋଇ ପାରି ନ ଥିବା ଅଭିଯୋଗ ହୋଇଛି । ତେଣୁ ଆଜି ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ)ଙ୍କୁ ସାକ୍ଷାତ କରି ଆଲୋଚନା କରି ସମାଧାନ କରିବା ପାଇଁ ଦାବି ପତ୍ର ପ୍ରଦାନ କରାଯାଇଛି । ତୁରନ୍ତ ଏହାର ସମାଧାନ କରାନଗଲେ ଆଗାମୀ ଦିନରେ ସମସ୍ତ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ସହ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଶ୍ରମିକ ନେତା ଯୋଗେଶ୍ୱର ଦାସ ପ୍ରକାଶ

## ଜିଲ୍ଲାପାଳ ଓ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ

କରିଛନ୍ତି । ସଂଘର ଦାବି ଗୁଡ଼ିକ ମଧ୍ୟରେ ମୁଖ୍ୟତଃ କର୍ମଚାରୀମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା , ଇପିଏଫ ଏବଂ ଇଏସଆଇ ପ୍ରତ୍ୟେକ ମାସରେ ଜମା କରିବା, ପ୍ରତି ମାସରେ ଠିକ୍ ସମୟରେ ଦରମା ଦେବା, ସୁରକ୍ଷା ସରଞ୍ଜାମ ଯୋଗାଇ ଦେବା, ବର୍ଷକୁ ୨ ହଳ ବିନା ମୂଲ୍ୟରେ ୟୁନିଫର୍ମ ପ୍ରଦାନ କରିବା , ପୂର୍ବତନ ଏଜେନ୍ସି ବକେୟା ୨ ମାସର ଦରମା ପ୍ରଦାନ କରିବା, ସୁଇପର ମାନଙ୍କ ଦରମା ଦେବା ସମୟରେ ଟେକ୍ସ ବାବଦରେ ୧୫୦ ଟଙ୍କା କାଟିବା ବନ୍ଦ କରିବା, ବିଶ୍ରାମ ଗୃହ ଯୋଗାଇ ଦେବା, ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ଯୋଗାଇ ଦେବା ଉପରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ବହୁ କର୍ମଚାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କସ୍ତୁରୀ ନାୟକ, ସୁରେଶ ଚନ୍ଦ୍ର ସାହୁ, ମାଣିକ ରାଓ ମଣ୍ଡଙ୍ଗି, ଗୋବିନ୍ଦ କଣ୍ଡାଗିରୀ, କାହ୍ନୁ ଲାବଲା, ସୁରୀୟା କାନ୍ତି ବାଗ, ୱାଇ କବିତା, ମନୋରଞ୍ଜନ ହିମରିକା, ରବିନ୍ଦ୍ର ମାଝୀ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏନେଇ ସମ୍ପୃକ୍ତ ଠିକା ସଂସ୍ଥାର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

● ଟ୍ରେନ୍‌ରୁ ଖସି ମୃତ୍ୟୁ ସନ୍ଦେହ

# ରେଳଧାରଣାରୁ ଅଜଣା ମୃତଦେହ ଉଦ୍ଧାର

ମୁନିଗୁଡା,୨୪।୩(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ଅଞ୍ଚଳ ବନ୍ଧଗୁଡ଼ା ଓ ମଞ୍ଜୁରୁକୂପା ମଧ୍ୟରେ ରେଲୱେ ଟ୍ରାକ୍‌ରୁ ଜଣେ ଅଜଣା ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଛି । ସ୍ଥାନୀୟ ଅଞ୍ଚଳରେ ଚଞ୍ଚଳତା ସୃଷ୍ଟି ହୋଇଛି । ଖବର ପାଇ ମୁନିଗୁଡା ରେଲୱେ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ । ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ । ତାଙ୍କ ନିକଟରୁ ଆନ୍ଧ୍ର ପ୍ରଦେଶର ରାଜମୁନ୍ଦ୍ରିରୁ ଚକ୍ରଧରପୁରକୁ ଯାଉଥିବା ଏକ ଟ୍ରେନ ଟିକେଟ ମିଳିଥିବା ପୋଲିସ ସୂଚନା ଦେଇଛି । ପ୍ରାଥମିକ ତଦନ୍ତରୁ ଟ୍ରେନ୍‌ରେ ଯାତ୍ରା ସମୟରେ ସେ ଅକସ୍ମାତ ଖସି ପଡ଼ିଥିବାରୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ଏପରି ସ୍ଥିତିରେ ପୁଲିସ ମୃତଦେହକୁ ଉଦ୍ଧାର କରି ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ପୋଷ୍ଟମର୍ଟମ ପାଇଁ ପଠାଇଛି । ଯଦି ୭୨ ଘଣ୍ଟା ମଧ୍ୟରେ ମୃତକଙ୍କ ପରିଚୟ ନ ମିଳେ, ତେବେ ନିୟମାନୁସାରେ ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ରେଲୱେ ପୁଲିସ ପକ୍ଷରୁ ଜଣାପଡ଼ିଛି । ଘଟଣାସ୍ଥଳରେ ଜିଆରପିର ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼ ଓ ଆରପିଏଫର ଏଏସଆଇ ଏମ୍‌ବି ରାଓ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

# ଗୁଡ଼ାରୀ ଠାକୁରାଣୀ ମନ୍ଦିରରେ ଭକ୍ତଙ୍କ ଭିଡ଼

ଗୁଡାରୀ,୨୪।୩(ସମିସ): ଚୈତ୍ରମାସ ତୃତୀୟ ପାଳି ମଙ୍ଗଳବାର ଦିନ ଗୁଡ଼ାରୀ ଠାକୁରାଣୀ ମନ୍ଦିର ମାଣିକେଶ୍ୱରୀ ମନ୍ଦିର ଏବଂ ଭଣ୍ଡାରଘରଣୀରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି । ବର୍ଷର ଚୈତ୍ରମାସକୁ ମା' ଠାକୁରାଣୀଙ୍କୁ ପିଠପଣା ଦେଇ ଶୀତଳ ଦେଲେ ପରିବାର ମଙ୍ଗଳ ହୁଏ ବୋଲି ଏହି ମାସର ଚାରି ମଙ୍ଗଳବାର ପରିଷଦ ଦେବୀ ମନ୍ଦିର ଗୁଡିକରେ ଭିଡ଼ ଜମିଥାଏ । ସକାଳୁ ପୂଜକ ମା'ଙ୍କ ସମସ୍ତ ନିତିକାନ୍ତି ଶେଷ କରିବା ପରେ ୭ଟା ସମୟରୁ ନଗର ଶେଷ ଭାଗରେ ଥିବା ଠାକୁରାଣୀ ମନ୍ଦିରର ପରିସରରେ ଶହ ଶହ ଭକ୍ତଙ୍କ ଭିଡ଼ ବଢ଼ିବାରେ ଲାଗିଥିଲା । ପରିଷଦର ପ୍ରତ୍ୟେକ ସାହିର ବସବାସ କରୁଥିବା ଲୋକଙ୍କ ମଙ୍ଗଳ ପାଇଁ ପ୍ରତ୍ୟେକ ବର୍ଷ ଚୈତ୍ର ମଙ୍ଗଳବାର ଦିନ ବଳି ଦେଇ ପୂଜା ଅର୍ଚ୍ଚନା କରନ୍ତି । ଏମିତିରେ ରାତ୍ର ପର୍ଯ୍ୟନ୍ତ ମା'ଙ୍କ ମନ୍ଦିର ଭିଡ଼ି ଦେଖିବାକୁ ମିଳିଛି । ପରିଷଦର ବହୁ ପୁରାତନ ମନ୍ଦିର ଏହି ଠାକୁରାଣୀ ମା'ଙ୍କ ମନ୍ଦିର ସହର ବିଶ୍ୱାସ ରହିଛି । ଏଠାକୁ ଆସି ପୂଜା କଲେ ମନସ୍କାମନା ପୂର୍ଣ୍ଣ ହୁଏ । କିନ୍ତୁ ପୁରାତନ ମନ୍ଦିର ପରିସରକୁ ଅଧିକ ସୁନ୍ଦର କରିବା ପାଇଁ ଅର୍ଥ ଆବଶ୍ୟକ ରହିଛି । ସରକାର ଆଗାମୀ ଦିନରେ ଏଥିପାଇଁ ଅନୁଦାନ ରଖି ଉନ୍ନତିକରଣ କରିବା ଆବଶ୍ୟକ ରହିଛି ବୋଲି ଶ୍ରଦ୍ଧାଳୁମାନେ ମତବ୍ୟକ୍ତ କରିଛନ୍ତି ।

# ନୀଳାଚଳ ଆଦିବାସୀ ସେବାଶ୍ରମ ପରିଦର୍ଶନ କଲେ ଆୟୋଗ ସଦସ୍ୟା



କୋରୁକୋଣ୍ଡା, ୨୪।୩(ସମିସ): ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ନାୟକ ଆଜି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦରମହକୁମା ସ୍ଥିତ ନୀଳାଚଳ ଆଦିବାସୀ ସେବାଶ୍ରମର ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଆଇନଗତ ଅଧିକାରୀ ସତ୍ୟଜିତ ପଣ୍ଡା, ପ୍ରୋଟେକ୍ସନ୍ ଅଧିକାରିଣୀ ଇଣ୍ଷ୍ଟିୟାଲ କେୟାର ସୁଧିସ୍ମା ରାଉତ ଓ ପ୍ରୋଟେକ୍ସନ୍ ଅଧିକାରି ଅଣ ଇଣ୍ଷ୍ଟିୟାଲ କେୟାର ଜ୍ଞାନ ବଡରାଜ ଉପସ୍ଥିତ ଥିଲେ । ସେମାନେ ଛାତ୍ରଛାତ୍ରୀଙ୍କ ସହ ସାକ୍ଷାତ କଥାବାର୍ତ୍ତା କରି ପାଠପଢ଼ା, ରହଣି-ବସଣି, ଖାଦ୍ୟ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ମୌଳିକ ସୁବିଧା ବିଷୟରେ ଅବଗତ ହୋଇଥିଲେ । ଛାତ୍ରଛାତ୍ରୀମାନେ ମଧ୍ୟ ନିଜ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ସଦସ୍ୟାଙ୍କୁ ସିଧାସଳଖ ଭାବେ ଜଣାଇଥିଲେ । ଏହି ଅବସରରେ ସେବାଶ୍ରମର ସମ୍ପାଦକ ନୀଳମଣି ପ୍ରଧାନ, ସଂଚାଳକ ରଞ୍ଜିତ ଓ ସହ-ସଂଚାଳକ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ଉପସ୍ଥିତ ରହି ସଂସ୍ଥାର କାର୍ଯ୍ୟକଳାପ, ସଫଳତା ଓ ଚାଲୁଥିବା ସମସ୍ୟା ବିଷୟରେ ସଦସ୍ୟାଙ୍କୁ ଅବଗତ କରାଇଥିଲେ । ସେମାନେ ଅବସ୍ଥାପନ ସୁଧାର, ଶିକ୍ଷା ସାମଗ୍ରୀ ଓ ଯାତାୟାତ ସୁବିଧା ଉନ୍ନତି ପାଇଁ ଦାବି ଉଠାଇଥିଲେ । ପରେ ସଦସ୍ୟା ସେବାଶ୍ରମ ପରିସର ବୁଲି ଶିକ୍ଷାଳୟ କକ୍ଷ, ଛାତ୍ରାବାସ, ରାନ୍ଧଣା ଘର ଓ ଭୋଜନାଳୟ ଆଦିକୁ ପରୀକ୍ଷା କରିଥିଲେ । ସେବାଶ୍ରମରେ ଥିବା ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ କରାଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ । ଏହି ପରିଦର୍ଶନ ଫଳରେ ସେବାଶ୍ରମର ଉନ୍ନତି ଓ ଅନ୍ତେବାସୀଙ୍କ କଲ୍ୟାଣ ପ୍ରତି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ବୃଦ୍ଧି ପାଇଛି ।

# କଳସୀ ମା' ଠାକୁରାଣୀଙ୍କ ଯାତ୍ରା ଆରମ୍ଭ



ରାଇଘର, ୨୪।୩(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ଠାରେ ମାଆ କଳସି ଠାକୁରାଣୀଙ୍କ ଗ୍ରାମ ପରିକ୍ରମା ଆରମ୍ଭ ହୋଇଯାଇଛି । ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି ପରିକ୍ରମାରେ କଳସ ସ୍ଥାପନ ସହ ଗ୍ରାମର ପ୍ରତ୍ୟେକ ସାହି ବୁଲି ମା' କଳସୀ ଗୁଡ଼ି ଠାକୁରାଣୀ ପୂଜା ପାଇଥାନ୍ତି । ମା'ଙ୍କ ଗ୍ରାମ ପରିକ୍ରମା ମଙ୍ଗଳବାର ଅର୍ଥାତ୍ ୨୪ ମାର୍ଚ୍ଚ ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ତାରିଖ ମାଆ ନିଜର ସ୍ଥାନକୁ ଫେରି ସେଠାରେ ଥିବା କଳସୀ ଗୁଡ଼ି ପଡିଆ ଠାରେ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବ । ଏହି ମଣ୍ଡେଇ ଯାତ୍ରା ୫ଦିନ ଧରି ଅନୁଷ୍ଠିତ ହେବ । ମଣ୍ଡେଇ ଯାତ୍ରାରେ ଛତିଶଗଡ଼ରୁ ଆରମ୍ଭ କରି ଆନ୍ଧ୍ରପ୍ରଦେଶ ତଥା ସ୍ଥାନୀୟ ଅଞ୍ଚଳର ବହୁ ବ୍ୟବସାୟୀ ଆସି ପସରା ମେଲାଇ ଥାଆନ୍ତି । ଏହି ଅବସରରେ ସ୍ଥାନୀୟ ଯୁବ ସମାଜ, ଭିତରଗଡ ଯୁବକ ସଂଘ ଏବଂ ସମସ୍ତଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ସହ ପାଳନ ହୋଇଆସୁଛି । ଏହି ପରିପ୍ରେକ୍ଷୀରେ ଏକ କମିଟି ଗଠନ କରାଯାଇଛି । ଚଳିତ ବର୍ଷ ଏହି କମିଟିର ସଭାପତି ଭାବେ ଦେବେନ୍ଦ୍ର ମିଶ୍ର, ସଂପାଦକ ଭାବ ସୁଶାନ୍ତ ସାମନ୍ତର ସାମନ୍ତରାୟ ଓ ଦିଲୀପ ପାତ୍ରଙ୍କ ସହ ସଂପାଦକ ଭାବେ ପ୍ରଶାନ୍ତ ରାଇ, କୋଷାଧକ୍ଷ ଭାବେ ସାଇ କ୍ରିଷ୍ଣାଙ୍କୁ ଦାୟିତ୍ୱ ଦିଆଯାଇଛି । ଏହାସହ ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଶାନ୍ତି ଶୃଙ୍ଖଳା ସହ ସମାପନ ପାଇଁ ଗ୍ରାମ ମୁଖ୍ୟ ବା ଗାଉଁଟିଆ ତଥା ସତାପାଲିର ମୁଖ୍ୟ ମାନେ ନଜର ରଖିବେ ବୋଲି କହିଛନ୍ତି ।

ବନ୍ଧ ଖନନ ପାଇଁ ଲାଞ୍ଚ ଦାବି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ମାଲକାନଗିରି,୨୪।୩(ସମିସ): ରାଜ୍ୟ ସରକାରଙ୍କ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ଜଳଧାରା ପ୍ରକଳ୍ପ ନାମରେ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକରେ ୫୫୦ଟି ପୋଖରୀ ଖନନ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ଯୋଜନା ମୁତାବକ ଗତ ବର୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଖନନ କାର୍ଯ୍ୟ ମଧ୍ୟ ଆରମ୍ଭ ହେଲା । କିଛି ପଞ୍ଚାୟତରେ କାର୍ଯ୍ୟ ଶେଷ ମଧ୍ୟ ହୋଇଛି । କିନ୍ତୁ ଏହି କାର୍ଯ୍ୟ ପାଇଁ ତଥା ଜଳଧାରା ପ୍ରକଳ୍ପରେ ପୋଖରୀର ଖନନର ଅନୁମତି ପାଇଁ କିଛି ବିଭାଗୀୟ ଅଧିକାରୀ ଲାଞ୍ଚ ମାଗୁଥିବା ଅଭିଯୋଗ କରିଛନ୍ତି ଚିତ୍ରକୋଣ୍ଡା ବ୍ଲକର ଦୋରାଗୁଡା ଗ୍ରାମବାସୀ । ପ୍ରକଳ୍ପ ପାଇଁ ଆବଶ୍ୟକୀୟ କାଗଜପତ୍ର ଓ ପ୍ରକଳ୍ପ ଅନୁମତି ପରେ ଏହା ଶେଷ ହେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗର ଅଧିକାରୀ ମାନେ ଲାଞ୍ଚ ମାଗୁଥିବାରୁ ଗରିବ ଲୋକେ ବନ୍ଧ ଖନନ ପ୍ରକ୍ରିୟାରୁ ବଞ୍ଚିତ ହେଉଥିବା ସହ ସରକାରୀ ଯୋଜନା ବାଟବଣା ହେଉଥିବା ଅଭିଯୋଗ କରିଛନ୍ତି ଲୋକେ । ଯେଉଁ ହିତାଧିକାରୀ ଟଙ୍କା ଦେଉଛନ୍ତି, ସେମାନଙ୍କ ପୋଖରୀ ଖନନ ହେଉଛି ଓ ଟଙ୍କା ଦେବା ଲୋକଙ୍କ ପୋଖରୀ ପାଇଁ ଅନୁମତି ଦିଆଯାଉଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଏପରିକି ବନ୍ଧ ପିଛା ୨୦ରୁ ୩୦ ହଜାର ଟଙ୍କା ମଗାଯାଉଥିବା ଅଭିଯୋଗ ନେଇ ଆଜି ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡା ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟଳୟରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

# ଟେକାଗୁଡ଼ା ଛକରେ ଯାନବାହନ ଯାଞ୍ଚ



କୋରୁକୋଣ୍ଡା,୨୪।୩(ସମିସ): ସଡ଼କ ଦୁର୍ଘଟଣା କମାଇବା ଓ ଲୋକଙ୍କ ମଧ୍ୟରେ ସୁରକ୍ଷିତ ଯାତାୟାତ ପ୍ରତି ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ମାଲକାନଗିରି ପରିବହନ ବିଭାଗ ଓ ମାଲକାନଗିରି ସଦର ଥାନା, କୋରୁକୋଣ୍ଡାଙ୍କ ମିଳିତ ଉଦ୍ୟମରେ କୋରୁକୋଣ୍ଡା ସଦରମହକୁମାସ୍ଥିତଟେକାଗୁଡ଼ାଛକନିକଟରେବ୍ୟାପକ ଯାନବାହନ ଯାଞ୍ଚ ଅଭିଯାନ ଚାଲିଥିଲା । ଏହି ଅଭିଯାନ ସମୟରେ ଦୁଇଚକିଆ ଓ ଚାରିଚକିଆ ଯାନଗୁଡ଼ିକୁ ରୋକି ସମସ୍ତ ଆବଶ୍ୟକ କାଗଜପତ୍ର, ଯାନର ସ୍ଥିତି ଓ ଚାଳକମାନଙ୍କ ଆଚରଣ ଯାଞ୍ଚ କରାଯାଇଥିଲା । ବିଶେଷକରି ହେଲମେଟ ଓ ସିଟବେଲ୍ଟ ବ୍ୟବହାର ଉପରେ ଜୋର ଦିଆଯାଇଥିଲା । ନିୟମ ମାନୁଥିବା ଚାଳକମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ଚକୋଲେଟ୍ ବଣ୍ଟନ କରାଯାଇଥିଲା । ଯାହା ଲୋକମାନଙ୍କ ମନରେ ସକାରାତ୍ମକ ସନ୍ଦେସ ପହଞ୍ଚାଇଥିଲା । ସେହିପରି ଯେଉଁ ଚାଳକମାନେ ସଡ଼କ ନିୟମ ଉଲ୍ଲଂଘନ କରୁଥିଲେ, ସେମାନଙ୍କୁ ସତର୍କ କରାଯାଇଥିବା ସହ ଆଗାମୀଦିନରେ ନିୟମ ମାନି ଯାନ ଚଳାଇବା ପାଇଁ ପରାମର୍ଶ ଦିଆଯାଇଥିଲା । କିଛି କେସରେ ଆଇନୁସାରେ ଜରିମାନା ମଧ୍ୟ ଆଦାୟ କରାଯାଇଥିବା ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ପରିବହନ ବିଭାଗର ଏମ୍‌ଭିଆଇ ଶେଖ ଇନୁସ, କୋରୁକୋଣ୍ଡା ସଦର ଥାନାର ଏସଆଇ ନୀଳାଚଳ ଶବର, କନେଷ୍ଟବଳ ସୁଶାନ୍ତ ମହାଲି ଓ ଇର୍ମା ସୋଡ଼ି ସହ ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ । ସ୍ଥାନୀୟ ଲୋକମାନେ ଏହି ପ୍ରୟାସକୁ ସ୍ୱାଗତ କରିବା ସହ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରିବାକୁ ଦାବି କରିଛନ୍ତି । ପ୍ରଶାସନ ପକ୍ଷରୁ ଆଗାମୀଦିନରେ ଏପରି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସୂଚନା ମିଳିଛି ।

# କୁଡୁମୁଲୁଗୁମ୍ମା ଲ୍ୟାମ୍ପ୍‌ସର ବାର୍ଷିକ ଅଧିବେଶନ



ଖଇରପୁଟ,୨୪ ।୩(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଆଦର୍ଶ ବୃହଦାକାର ବହୁମୂଖୀ ଆଦିବାସୀ ସମବାୟ ସମିତି ଲିଃ ତରଫରୁ ଏହାର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ରାଜେନ୍ଦ୍ର ଦଳପତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ସମ୍ମାନିତ ଅତିଥି ଭାବେ ଲ୍ୟାମ୍ପ୍‌ସ ସଭାପତି ଗୋପି ପାଙ୍ଗୀ, ଆରଏମ୍‌ସି ସମ୍ପାଦକ ସଞ୍ଜୟ କୁମାର ଦାସ, ସରପଞ୍ଚ ମଙ୍ଗଳା ମାଢୀ, ଉପ ସଭାପତି ଡମୁଣୀ ମାଢୀ, ଲ୍ୟାମ୍ପ୍‌ସ ସଦସ୍ୟ ସାଧୂ ହନ୍ତାଳ, ଅର୍ଜୁନ ଓଡି, ନୀଳକଣ୍ଠ ମୁଦୁଲି, ପୂର୍ବତନ ସଭାପତି ଡମୁ କିର୍ଷାନୀ, ସମାଜସେବୀ ତ୍ରିନାଥ ଶଗରୀଆ ଓ ମନ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ ପୁର୍ବତନ ଏମ୍ ଡି ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ । ପ୍ରଥମେ ଅତିଥି ମାନେ ଆଦ୍ୟ ପୁଜ୍ୟ ଦେବ ଗଣେଶଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପୁଜାର୍ଚ୍ଚନା କରିଥିଲେ । ଏହାପରେ ଲ୍ୟାମ୍ପ୍‌ସ ପରିଚାଳକ ଦଳପତି ପୂର୍ବ ବର୍ଷର ବିବରଣୀ ପଠନ ସହ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର କାର୍ଯ୍ୟଖସଡାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ସଭାପତି ପାଙ୍ଗୀ ନିଜର ଅଭିଭାଷଣରେ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଏବଂ ଲାଭକ୍ଷତି ହିସାବ ଉପରେ ଆଲୋକପାତ ସହ ଅଡିଟ୍ ରିପୋର୍ଟ ଉପରେ ଚର୍ଚ୍ଚା ଓ ଅନୁମୋଦନ କରିଥିଲେ । ଅନ୍ୟ ବିଷୟରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଅନ୍ୟ ଅତିଥି ମାନେ ସେମାନଙ୍କ ଅଭିଭାଷଣରେ ସମବାୟର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ପୂର୍ବତନ ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାପାଳଙ୍କ ଗସ୍ତ ପରେ ବ୍ଲକ୍ ପ୍ରଶାସନର ଶିବିର



ଗୁଡାରୀ,୨୪।୩ (ସମିସ): ରାୟଗଡ଼ା ଜିଲ୍ଲାପାଳଙ୍କ ଗୁଡାରୀ ବ୍ଲକ୍ କର୍ଲାଗୁଡି, ରେଙ୍ଗାପଦର ଓ କେପ୍ଟି ଗାଁ ଗସ୍ତ ପରେ ସରକାରୀ ସେବା ଯୋଗାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ଏକ ଶିବିର ଆୟୋଜନ କରାଯାଇଥିଲା । ସୂଚନା ମୁତାବକ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଗତ ୧୬ ତାରିଖରେ ଗୁଡାରୀ ବ୍ଲକର ମଧୁବନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳ କର୍ଲାଗୁଡି, ରେଙ୍ଗାପଦର ଓ କେପ୍ଟି ଗାଁକୁ ଯାଇ ଲୋକଙ୍କ ମୌଳିକ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଏହି ତିନି ଗ୍ରାମକୁ ଯାତାୟାତ ନିମନ୍ତେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ସହ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବାପାଇଁ ଜିଲ୍ଲାପାଳ କୁଲକର୍ଣ୍ଣି ସେଠାକାର ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଏହି ତିନି ଗ୍ରାମ ସମେତ ନିକଟସ୍ଥ ଗ୍ରାମର ଅନେକ ଲୋକଙ୍କ ଆଧାର କାର୍ଡ ନ ଥିବାରୁ ସେମାନଙ୍କୁ ଖାଉଟି କାର୍ଡ, ଜନନୀ ସୁରକ୍ଷା କାର୍ଡ, ଲେବର କାର୍ଡ ମିଳିନାହିଁ ଏବଂ ୫ ବର୍ଷରୁ ଅଧିକ ବୟସ୍କ ପିଲା ମଧ୍ୟ ପାଠପଢ଼ିବାରୁ ବଞ୍ଚିତ ଥିବା ଜିଲ୍ଲାପାଳ ଅନୁଧ୍ୟାନ କରିଥିଲେ । ତେଣୁ ଏହି ଲୋକଙ୍କୁ ଆଧାର କାର୍ଡ ପ୍ରଦାନ କରିବା ନିମନ୍ତେ କ୍ୟାମ୍ପ୍ କରିବା ପାଇଁ ଜିଲ୍ଲାପାଳ ଗୁଡାରୀ ବିଡ଼ିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଙ୍ଗାପଦର ଠାରେ ଆଧାରକାର୍ଡ, ବାସସ୍ଥାନ ପ୍ରମାଣପତ୍ର କ୍ୟାମ୍ପ୍ ସୋମବାର ଆୟୋଜିତ ହୋଇଛି । ଗୁଡାରି ବିଡିଓ ସୁଶ୍ରୀ ଶୁଚିସ୍ମିତା ବେହେରା ଓ ତହସିଲଦାର ସୁଶ୍ରୀ ଏ.ସ୍ନେହଲତାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ସୁନୀଲ ଶବର ରେଙ୍ଗାପଦର ଯାଇ କ୍ୟାମ୍ପ୍ କରିଥିଲେ । ଅତିରିକ୍ତ ତହସିଲଦାର, ଢେପାଗୁଡ଼ା ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ସନ୍ତୋଷ କୁମାର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶଶୀ କୁମାର ବେହେରା, ମଧୁବନ ସରପଞ୍ଚ ବଂଶୀ ଶବରଙ୍କ ସମେତ ତହସିଲ କାର୍ଯ୍ୟାଳୟ କର୍ମଚାରୀ ଏବଂ ଗ୍ରାମର ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ଘଟଣାସ୍ଥଳରେ ୬୦ ଜଣଙ୍କ ବାସସ୍ଥାନ ପ୍ରମାଣପତ୍ର ନିମନ୍ତେ ଅନ୍‌ଲାଇନରେ ଆବେଦନ କରିଥିଲେ । ଏହାଛଡ଼ା ୭୦ ଜଣଙ୍କ ବାସସ୍ଥାନ ପ୍ରମାଣପତ୍ର ନିମନ୍ତେ ଆବଶ୍ୟକୀୟ କାଗଜପତ୍ର ଅଣାଯାଇଛି ଏବଂ ସେମାନଙ୍କ ବାସସ୍ଥାନ ପ୍ରମାଣ ପତ୍ର ନିମନ୍ତେ ଆବେଦନ କରାଯିବ ବୋଲି ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି । ପ୍ରଥମ କ୍ୟାମ୍ପ୍‌ରେ କେପ୍ଟି, କର୍ଲାଗୁଡ଼ି, ଲାକାବାଟା ଓ ରେଙ୍ଗାପଦର ଗ୍ରାମର ୧୩୦ ଜଣଙ୍କ ବାସସ୍ଥାନ ପ୍ରମାଣପତ୍ର ଦିଆଯିବ ବୋଲି କହିଛନ୍ତି । ବାସସ୍ଥାନ ପ୍ରମାଣପତ୍ର ପ୍ରଦାନ ପରେ ସେଠାରେ ଆଧାର କାର୍ଡ ନିମନ୍ତେ ଖୁବ୍‌ଶୀଘ୍ର କ୍ୟାମ୍ପ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି । ଏହାଛଡ଼ା ବ୍ଲକର ଯେଉଁ ଦୁର୍ଗମ ଅପହଞ୍ଚ ଗ୍ରାମ ଅଛି, ପର୍ଯ୍ୟାୟକ୍ରମେ ସମସ୍ତ ଗ୍ରାମରେ ବାସସ୍ଥାନ ପ୍ରମାଣପତ୍ର କ୍ୟାମ୍ପ୍ କରି ଆଧାର କାର୍ଡ କ୍ୟାମ୍ପ କରାଯିବ ଏବଂ ଆଧାର କାର୍ଡ ପ୍ରଦାନ କରାଯାଇ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ବିଡିଓ ସୁଶ୍ରୀ ବେହେରା କହିଛନ୍ତି । ବର୍ଷ ବର୍ଷ ଧରି ଏହି ଅଞ୍ଚଳର ବିକାଶ ବହୁ ପଛରେ ରହିଥିଲା । କିନ୍ତୁ ଜିଲ୍ଲା ପ୍ରଶାସନର ତତ୍ପରତା ପରେ ଏହି ଜନଜାତିମାନଙ୍କର ସମସ୍ତ ସୁବିଧା ହାତକୁ ନେଇଥିବାରୁ ଉଭୟ ବିଡିଓ ଏବଂ ତହସିଲଦାରଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

# ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ



'ସକାଳ' ପ୍ରଭାବ

କୋଷାଗୁମୁଡ଼ା,୨୪।୩(ସମିସ): ଦୀର୍ଘ ଦିନର ଅନ୍ତରାଳେ ଆଦିବାସୀଗୁଡା(ଟେମ୍ରା) ନିକଟସ୍ଥ ଅପନ୍ତରା ରାସ୍ତାର କାର୍ଯ୍ୟ ଆରମ୍ଭ କରିଛି ଗ୍ରାମ୍ୟ ଉନ୍ନୟନ ବିଭାଗ । ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ଟେମ୍ରା ପଞ୍ଚାୟତର ଆଦିବାସୀ ଗୁଡା ନିକଟରୁ ବାଲେଙ୍ଗା, କଟାଗାଁକୁ ସଂଯୋଗ କରୁଥିବା ମୁଖ୍ୟ ଜଙ୍ଗଲ ନିକଟରେ ଥିବା ରାସ୍ତାକୁ ସୋମବାର ଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୫ଶହ ମିଟର ରାସ୍ତାକୁ ୫ଲକ୍ଷ ଟଙ୍କା ବିନିମୟରେ କାର୍ଯ୍ୟ ଆରମ୍ଭ କରିଛି । ଏହ ରାସ୍ତାକୁ ନେଇ ଅଞ୍ଚଳର ଜନସାଧାରଣଙ୍କ ଅଭିଯୋଗକୁ ଭିତ୍ତି କରି ସେପ୍ଟେମ୍ବର ୨୫ରେ "ସକାଳ" ରେ ଖବର ପ୍ରକାଶନ ହୋଇଥିଲା । ଖବର ପ୍ରସାରଣକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଭବାନୀ ଶଙ୍କର ଭୋଇ ଏହି ରାସ୍ତା ନିର୍ମାଣକୁ ନେଇ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ । ବର୍ତ୍ତମାନ ଏହି ରାସ୍ତାକୁ ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଛି । ବର୍ତ୍ତମାନ ଏହି ରାସ୍ତା ନିର୍ମାଣକୁ ନେଇ ଅଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଓ 'ସକାଳ'କୁ ସାଧୁବାଦ ଜଣାଇଛନ୍ତି ।



ସକାଳ
THE SAKALA
www.sakalaepaper.com

# ମୋଦୀଙ୍କୁ ଦାୟୀ କଲେ ରାହୁଲ

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବିଦେଶୀ ନୀତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରିଛନ୍ତି। ରାହୁଲ ଭାରତର ବୈଦେଶିକ ନୀତି ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ନୀତି କହିଛନ୍ତି। ଏହା ବିଶ୍ୱସ୍ତରରେ ପରିହାସ ପାଲଟି ଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସ୍ଥିତି ସାଲିସପୂର୍ଣ୍ଣ ରହିଛି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କ'ଣ କରିପାରିବେ ଏବଂ କ'ଣ କରିପାରିବେ ନାହିଁ ତାହା ଡୋନାଲ୍ଡ ଟ୍ରମ୍ପ ଭଲଭାବେ ଜାଣନ୍ତି। ଯଦି ପ୍ରଧାନମନ୍ତ୍ରୀଙ୍କ ସ୍ଥିତି ସାଲିସପୂର୍ଣ୍ଣ, ତେବେ ଆମର ବୈଦେଶିକ ନୀତି ମଧ୍ୟ ସାଲିସପୂର୍ଣ୍ଣ। ଦେଶରେ ବଢୁଥିବା ଏଲ୍‌ପିଜି ଏବଂ ଜାଳେଣି ଦରକୁ ନେଇ ସେ ଚିନ୍ତା ପ୍ରକଟ କରି ରାହୁଲ କହିଛନ୍ତି ଯେ ଯଦି ପ୍ରଧାନମନ୍ତ୍ରୀ ପରିସ୍ଥିତି କୋଭିଡ୍ ଭଳି ହେବ ହେବ ଭାବୁଛନ୍ତି ତେବେ ସେ ମହାମାରୀ ସମୟରେ ହୋଇଥିବା ମୃତ୍ୟୁସଂଖ୍ୟାକୁ ମନେ ରଖିବା ଉଚିତ୍। ମୋଦୀ ଗତକାଲି ସଂସଦରେ ଅପ୍ରାସଙ୍ଗିକ ଭାଷଣ ଦେଇଥିଲେ। ସେ ଭାରତର ପ୍ରଧାନମନ୍ତ୍ରୀ ବୋଲି ଜଣାପଡ଼ିବା କଥା। ମାତ୍ର ସେଭଳି ସ୍ଥିତି ନାହିଁ। ଏଥିଯୋଗୁଁ ଲୋକଙ୍କୁ କଷ୍ଟ ସହିବାକୁ ପଡ଼ିବ। ଏଲ୍‌ପିଜି ଏବଂ ପେଟ୍ରୋଲ ଦର ବଢିବ। ଏହା କେବଳ ଆରମ୍ଭ ମାତ୍ର।

# ଆଖି ବୁଜିଲେ ଇଚ୍ଛାମୃତ୍ୟୁ ପାଇଥିବା ହରିଶ ରାଣା




ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଦୀର୍ଘ ଦିନ ହେଲା ଯନ୍ତ୍ରଣାରେ ଜର୍ଜରିତ ହରିଶା ରାଣା ଚିରନିଦ୍ରାରେ ଶୋଇ ଯାଇଛନ୍ତି। ସୁପ୍ରିମକୋର୍ଟରୁ ଇଚ୍ଛାମୃତ୍ୟୁ ପାଇବା ପରେ ମଙ୍ଗଳବାର ସେ ଦିଲ୍ଲୀ ଏମ୍ସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏଥିସହିତ ଦେଶର ପ୍ରଥମ ବ୍ୟକ୍ତି ଭାବେ ସେ ଇଚ୍ଛାମୃତ୍ୟୁ ପାଇଛନ୍ତି। ୩୧ ବର୍ଷୀୟ ହରିଶ ୧୩ ବର୍ଷ ଧରି କୋମାରେ ଥିଲେ। ଗତ ୧୧ ତାରିଖରେ ସୁପ୍ରିମକୋର୍ଟ ତାଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଥିଲେ। ଏମ୍ସରେ ହରିଶଙ୍କୁ 'ପାସିଭ୍ ୟୁଥେନେସିଆ' ଦିଆଯାଇଛି। ଅର୍ଥାତ୍ ଜଣେ ଗୁରୁତର ଅସୁସ୍ଥ ରୋଗୀଙ୍କୁ ବଞ୍ଚାଇ ରଖିବା ପାଇଁ ଦିଆଯାଉଥିବା ବାହ୍ୟ ଲାଇଫ୍ ସପୋର୍ଟ କିମ୍ବା ଚିକିତ୍ସାକୁ ବନ୍ଦ କରିଦିଆଯାଇଛି। ଏହା ଫଳରେ ରୋଗୀର ପ୍ରାକୃତିକ ଭାବେ ମୃତ୍ୟୁବରଣ କରିପାରିବେ। ସୁପ୍ରିମକୋର୍ଟଙ୍କ ରାୟ ପରେ ଗତ ୧୪ ତାରିଖରେ ହରିଶଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସ ପ୍ରଶାସନ ଏହାର ଦୁଇ ଦିନ ପରେ ୧୬ରେ ହରିଶ ରାଣାଙ୍କ ଫିଡିଂ ଟ୍ୟୁବ୍ (ଖାଦ୍ୟ ନଳୀ) ହଟାଇ ଦେଇଥିଲେ। ମା' ନିର୍ମଳା ରାଣା ଏବଂ ପିତା ଅଶୋକ ରାଣାଙ୍କୁ ଏମ୍ସ ପ୍ରଶାସନ ପକ୍ଷରୁ ହରିଶଙ୍କ ୱାର୍ଡ ପାଖରେ ଏକ ରୁମ୍ ଦିଆଯାଇଥିଲା। ନିର୍ମଳା ଅଧିକାଂଶ ସମୟ ନିଜ ପୁଅ ପାଖରେ ରହୁଥିଲେ। ପିତା ଅଶୋକ, ଭାଇ ଓ ଭଉଣୀ ମଝିରେ ମଝିରେ ଦେଖା କରିବାକୁ ଯାଉଥିଲେ। ଆଜି ପୁଅର ମୃତ୍ୟୁ ପରେ ସମ୍ପୂର୍ଣ୍ଣ ପରିବାର ଦ୍ୱିପହର ୨ଟାରୁ ଏମ୍ସରେ ଅଛନ୍ତି।

# ୟୁକ୍ରେନ ଉପରେ ୪୦୦ ଡ୍ରୋନ ମାଡ଼କଲା ରୁଷ; ୪ ମୃତ

କିଭ, ୨୪।୩ (ଏଜେନ୍ସି): ରୁଷିଆ ସୋମବାର ବିଳମ୍ବିତ ରାତିରେ ୟୁକ୍ରେନ ଉପରେ ବଡ଼ ଧରଣର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ। ଏଥିରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୭ ଜଣ ଆହତ ହୋଇଛନ୍ତି। ୟୁକ୍ରେନ ବାୟୁସେନା ଅନୁଯାୟୀ, ରୁଷିଆ ରାତିସାରା ପ୍ରାୟ ୪୦୦ଟି ଡ୍ରୋନ୍ ମାଡ଼ କରିଛି। ଗତ କିଛି ସପ୍ତାହ ମଧ୍ୟରେ ହୋଇଥିବା ଏହା ସବୁଠାରୁ ବଡ଼ ଆକ୍ରମଣ। ଏହା ବ୍ୟତୀତ ୨୩ଟି କ୍ରୁଜ୍ ମିସାଇଲ୍ ଏବଂ ୭ଟି ବାଲିଷ୍ଟିକ୍ ମିସାଇଲ୍ ମଧ୍ୟ ମାଡ଼ କରାଯାଇଛି। ଏଥିରେ ଦେଶର ଅନେକ ଅଞ୍ଚଳକୁ ଟାର୍ଗେଟ୍ କରାଯାଇଥିଲା। ରାଜଧାନୀ କିଭ୍ ଉପରେ ଦିନ ବେଳେ ଡ୍ରୋନ୍ ଆକ୍ରମଣ ହୋଇଥିଲା। ୟୁକ୍ରେନ ସେନା ମୁଖ୍ୟ କହିଛନ୍ତି ଯେ ରୁଷିଆ ଏକାସାଙ୍ଗରେ ଅନେକ ସମ୍ମୁଖ ଭାଗରେ ଆକ୍ରମଣ କରୁଛି ଏବଂ ନୂତନ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଛି। ପ୍ରାୟ ୧,୨୫୦ କିମି ଲମ୍ବ ବିଶିଷ୍ଟ ସୀମାରେ ଯୁଦ୍ଧ ଜାରି ରହିଛି। ରୁଷିଆ ପୂର୍ବରୁ କ୍ରିମିଆ ସମେତ ୟୁକ୍ରେନର ପ୍ରାୟ ୨୦% ଅଞ୍ଚଳ ଦଖଲ କରିସାରିଛି। ଅନ୍ୟପଟେ, ୟୁକ୍ରେନ ମଧ୍ୟ ଡ୍ରୋନ୍ ଆକ୍ରମଣ ମାଧ୍ୟମରେ ଏହାର ଜବାବ ଦେଉଛି ଏବଂ ନିଜର ସହଯୋଗୀ ଦେଶମାନଙ୍କୁ ଏୟାର ଡିଫେନ୍ସ ସିଷ୍ଟମ ଦେବାକୁ ୟୁକ୍ରେନ ଦାବି କରୁଛି।

# ପାକିସ୍ତାନ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ; ଷଷ୍ଠ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପାକିସ୍ତାନ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ହୋଇଛି। ଗତ ବର୍ଷ ପାକିସ୍ତାନରେ ପ୍ରମୁଖ ପ୍ରଦୂଷକ ପିଏମ-୨.୫ କଣିକାର ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ନିର୍ଦ୍ଧାରିତ ମାନକଠାରୁ ୧୩ ଗୁଣ ଅଧିକ ରହିଛି। ପ୍ରଦୂଷଣ ଉପରେ ଆଇକ୍ୟୁଏୟାରର ବାର୍ଷିକ ରିପୋର୍ଟ ଏହି ସୂଚନା ଦିଆଯାଇଛି। ଏହି ତାଲିକାରୁ ଭାରତ ମଧ୍ୟ ବାଦ ପଡ଼ିନାହିଁ। ପ୍ରଦୂଷଣ ବହୁଳ ଦେଶରେ ଷଷ୍ଠ ସ୍ଥାନରେ ରହିଛି। ରିପୋର୍ଟ ଅନୁଯାୟୀ, ୧୪୩ଟି ଦେଶ ମଧ୍ୟରୁ ୧୩୦ଟି 'ହୁ' ର ପ୍ରଦୂଷଣ ମାନକ ପୂରଣ କରିବାରେ ବିଫଳ ହୋଇଛନ୍ତି। ସବୁଠାରୁ ପ୍ରଦୂଷିତ ଦେଶ ତାଲିକାରେ ବାଂଲାଦେଶ ଦ୍ୱିତୀୟ ଏବଂ ତାଜିକିସ୍ତାନ ତୃତୀୟ ସ୍ଥାନରେ ରହିଛନ୍ତି। ୨୦୨୪ର ସବୁଠାରୁ ପ୍ରଦୂଷିତ ଦେଶ ଚାଡ୍ ୨୦୨୫ରେ ଚତୁର୍ଥ ସ୍ଥାନକୁ ଖସି ଆସିଛି। ସବୁଠାରୁ ପ୍ରଦୂଷିତ ଦେଶ ତାଲିକାରେ କଙ୍ଗୋ ପଞ୍ଚମ, କୁଏତ ସପ୍ତମ, ୟୁଗାଣ୍ଡା ଅଷ୍ଟମ, ଇଜିପ୍ଟ ନବମ ଏବଂ ଉଜବେକିସ୍ତାନ ଦଶମ ସ୍ଥାନରେ ରହିଛି। ସହରଗୁଡ଼ିକ ମଧ୍ୟରେ ଭାରତର ଲୋନି ସବୁଠାରୁ ପ୍ରଦୂଷିତ ସହର ହୋଇଥିବାବେଳେ ଚୀନର ହୋତାନ୍ ଦ୍ୱିତୀୟ ସ୍ଥାନରେ ରହିଛି। ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ୨୫ଟି ସହର କେବଳ ଭାରତ, ପାକିସ୍ତାନ ଏବଂ ଚୀନ୍‌ର ରହିଛି। ମାତ୍ର ୧୪% ସହର 'ହୁ' ମାନକ ଅନୁଯାୟୀ ପ୍ରଦୂଷଣମୁକ୍ତ ରହିଛନ୍ତି। ଏହା ଗତ ବର୍ଷ ୧୭% ଥିଲା।



ELECTION COMMISSION OF INDIA
Nirvachan Sadan, Ashoka Road, New Delhi –110 001
No. 3/4/2019/SDR/Vol-I — Dated: 19th March, 2019

To,

The Chief Electoral Officers of
All States and UTs

Subject: - FAQs on Criminal Antecedents, if any, of a candidate and its publicity in pursuance of Hon'ble Supreme Court Judgment dated 25/09/2018 in W.P.(C) No. 536 of 2011- regarding.

Sir/Madam,

I am directed to invite your reference to the Commission's directions in letter of even No. dated 10/10/2018 issued in pursuance of Hon'ble Supreme Court Judgment dated 25/09/2018 in W.P.(C) No. 536 of 2011. In view of the various queries raised in this regard, a set of FAQs and clarifications in this regard is enclosed.

2. The FAQs may be circulated to all DEOs, Returning Officers, officers connected to elections and the Political Parties based in your State, for their information.

3. In the Commission's abovementioned letter, it has been inter alia, directed that after the election the candidates shall submit a report about publishing of declaration to the DEO and the Political parties to the CEO of the State. The Commission has provided formats C-4 and C-5 for this purpose. The formats are also enclosed. These shall also be circulated to the DEOs, ROs and all political parties based in the State.

BHARATIYA JANATA PARTY • KERALA •

Yours faithfully,
(N.T. Bhutia)
Secretary

Copy to: All Recognized National and State Political Parties

## କମିସନ୍ ଚିଠିରେ ବିଜେପି ସିଲ୍

# ଫସିଗଲେ ନିର୍ବାଚନ କମିସନ



ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ନିର୍ବାଚନ କମିସନଙ୍କ ଏକ ଚିଠିରେ ବିଜେପିର ସିଲ୍ କୁ ନେଇ ବଡ଼ ଧରଣର ବିବାଦ ଦେଖାଦେଇଛି। କେରଳରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କର ଏଭଳି ବିଜେପି ଷ୍ଟାମ୍ପ ମରା ଚିଠି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଏହା ଏକ କ୍ଲରିକାଲ ତ୍ରୁଟି ବୋଲି କମିସନ ସଫେଇ ଦେଉଥିବା ବେଳେ ବିରୋଧୀ ଦଳ ଏବଂ ବିଶେଷ କରି ସିପିଏମ୍ ଏବଂ କଂଗ୍ରେସ ଏହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସେମାନେ ଅଭିଯୋଗ କରିଛନ୍ତି ।।ଯେ ବିଜେପି କଥାରେ ନିର୍ବାଚନ କମିସନ କାମ କରୁଛନ୍ତି ବୋଲି ଆଗରୁ ଅଭିଯୋଗ ହେଉଥିଲା, କିନ୍ତୁ ଆଜି ତାର ପ୍ରମାଣ ଖୋଦ୍ ନିର୍ବାଚନ କମିସନ ହିଁ ଦେଇଛନ୍ତି। ସିପିଏମ୍ ପକ୍ଷରୁ କୁହାଯାଇଛି ଯେ ଗୋଟିଏ କ୍ଷମତା ।।କେନ୍ଦ୍ର ଦ୍ୱାରା ଉଭୟ କମିସନ ଓ ବିଜେପି ପରିଚାଳିତ ହେଉଛନ୍ତି। ଏହା ସ୍ପଷ୍ଟ ଯେ କମିସନ ଆଦୌ ନିରପେକ୍ଷ ନୁହନ୍ତି। ଅନ୍ୟପକ୍ଷରେ କମିସନଙ୍କୁ କଂଗ୍ରେସ ପ୍ରଶ୍ନ କରିଛି, 'ବିଜେପି ଅଫିସରୁ କମିସନ କାମ କରୁଛି କି? ଆପଣ ବିଜେପି ସିଲ୍ କେଉଁଠୁ ପାଇଲେ? ଏଟା ଆପଣଙ୍କ ଚିଠି ନା ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ବିଜେପିର ଚିଠି?

ସିପିଏମ୍ ଏହି ଚିଠିର ନକଲ ସାମାଜିକ ଗଣମାଧ୍ୟମରେ ସେୟାର କରିଛି। ଏହା ଖୁବ ଭାଇରାଲ ହେବାରେ ଲାଗିଛି। କମିସନ ରାଜନୈତିକ ଦଳଙ୍କୁ ପଠାଇ ଥିବା ଚିଠିରେ ଲାଗିଥିବା ସତ୍ୟପାଠରେ ବିଜେପି ସିଲ୍ ରହିଛି। ଏହା କେବଳ ଏକ ସଂଯୋଗ ନୁହେଁ। ଯାହା କୁହାଯାଉଛି 'ଯେଉଁ ବଟନ୍ ଚିପିଲେ ମଧ୍ୟ ଭୋଟ୍ ବିଜେପିକୁ ଯିବ', ତାହା କେତେ ସତ ଏଥିରୁ ପ୍ରମାଣ ମିଳୁଛି ବୋଲି ସିପିଏମ୍ କହିଛି।

ଅନ୍ୟପଟେ ଏହି ଚିଠିକୁ ନେଇ କେରଳ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସ୍ପଷ୍ଟୀକରଣ ଦେଇଛନ୍ତି। ସେ ଏହାକୁ କ୍ଲରିକାଲ ତ୍ରୁଟି କହିଛନ୍ତି। ସିଇଓଙ୍କ ଅନୁଯାୟୀ, ବିଜେପିର କେରଳ ଶାଖା ୨୦୧୯ର ମାର୍ଗଦର୍ଶିକାର ଏକ ନକଲ ପ୍ରଦାନ କରିଥିଲା। ଏଥିରେ ପୂର୍ବରୁ ଦଳର ସିଲ୍ ଲାଗିଥିଲା। ଏହାର ନକଲ ଭୁଲ୍‌ରେ ଅନ୍ୟ ଦଳମାନଙ୍କୁ ପଠାଇ ଦିଆଯାଇଛି। ଏହି ତ୍ରୁଟି ଜଣାପଡ଼ିବା ପରେ ଗତ ୨୧ ତାରିଖରେ ଉକ୍ତ ଚିଠିକୁ ପ୍ରତ୍ୟାହାର କରି ନିଆଯାଇଥିଲା ବୋଲି କମିସନ କହିଛନ୍ତି।


# ଟ୍ରମ୍ପଙ୍କୁ ଭରସା ନାହିଁ; କ୍ଷେପଣାସ୍ତ୍ର ମାଡ଼ କରିଚାଲିଛି ଇରାନ

ତେହରାନ, ୨୪।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ସଂଘର୍ଷକୁ ବନ୍ଦ କରିବା ପାଇଁ ଫଳପ୍ରସୂ ଆଲୋଚନା ହୋଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ। ମାତ୍ର ଟ୍ରମ୍ପଙ୍କ ଦାବିର କୌଣସି ପ୍ରଭାବ ସ୍ଥିତି ଉପରେ ପଡ଼ି ନାହିଁ। ତେଣୁ ଟ୍ରମ୍ପ କଥା ଏବଂ ଦାବି ଉପରେ ପୁଣିଥରେ ପ୍ରଶ୍ନ ଉଠୁଛି। ଇରାନ ମଙ୍ଗଳବାର ଇସ୍ରାଏଲ୍ ଉପରେ କ୍ରମାଗତ ଭାବେ କ୍ଷେପଣାସ୍ତ୍ର ମାଡ଼ କରି ଚାଲିଛି। ୨୪ ଘଣ୍ଟା ମଧ୍ୟରେ ୧୦ରୁ ଅଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାକୁ ନେଇ ଆମେରିକା ପ୍ରଶାସନରେ ମଧ୍ୟ ଟ୍ରମ୍ପଙ୍କ ପ୍ରତି ଅଙ୍ଗୁଳି ଉଠୁଛି। ଏବେ ଆମେରିକାର ସର୍ତ୍ତଗୁଡ଼ିକୁ ଇରାନ ଗ୍ରହଣ କରିଥିବା ଇସ୍ରାଏଲର ବରିଷ୍ଠ ଅଧିକାରୀମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପଟେ ଦକ୍ଷିଣ ଆଫ୍ରିକାରେ ଥିବା ଇରାନ ଦୂତାବାସ ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ପାଇଁ ଟ୍ରମ୍ପ ଦେଇଥିବା ପ୍ରସ୍ତାବକୁ ପରିହାସ କରିଛି। ଏହାର ପ୍ରତିଶୋଧ ନେଇ ଇସ୍ରାଏଲ୍ ସୋମବାର ତେହେରାନରେ ଉପରେ ଆକ୍ରମଣ କରିଥିଲା। ଏହା ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଥିଲା। ଏବେ ଆମେରିକୀୟ ସାମରିକ ଘାଟୀ ଥିବା ଦେଶ ଏବଂ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମି ଉପରେ ଇରାନ ଆକ୍ରମଣ ଜାରି ରଖିଛି। ଶାନ୍ତି ଆଲୋଚନା ପାଇଁ ପାକିସ୍ତାନ ସମ୍ଭାବ୍ୟ ସ୍ଥାନ ଭାବେ ପ୍ରସ୍ତାବ ଦେଇଛି। ତଥାପି ଉପସାଗରୀୟ କ୍ଷେତ୍ର କିମ୍ବା ଲେବାନନରେ ସଂଘର୍ଷ କମିବାର କୌଣସି ସଙ୍କେତ ମିଳୁନାହିଁ। ଟ୍ରମ୍ପଙ୍କ କୂଟନୈତିକ ପଦକ୍ଷେପ ଯୋଗୁଁ ବଜାରରେ ସାମାନ୍ୟ ଆଶ୍ୱସ୍ତି ମିଳିଥିଲେ ବି ଅସ୍ଥିର ତୈଳ ଦର ଏବଂ ଅର୍ଥନୈତିକ ପ୍ରଭାବ ଏହି ଯୁଦ୍ଧର ବିଶ୍ୱସ୍ତରୀୟ ପ୍ରଭାବକୁ ସୂଚାଉଛି।

- ଟାର୍ଗେଟରେ ଆମାଜନ୍
- ବର୍ଷେ ଯାଏଁ ଇରାନରେ କ୍ଷମତା ବଦଳାଇ ହେବନି ବୋଲି କହିଥିଲେ ମୋସାଦ ମୁଖ୍ୟ
- ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ସହ କଥା ହେଲେ ମୋଦୀ

ଇତିମଧ୍ୟରେ ଇରାନ ବାହାରିନରେ ଥିବା ଆମାଜନ କ୍ୟାମ୍ପସ ଉପରେ ଆକ୍ରମଣ କରିଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଇରାନର ଡ୍ରୋନ୍ ଆକ୍ରମଣ ଯୋଗୁଁ ବାହାରିନ ଏବଂ ୟୁଏଇରେ ଥିବା ଆମାଜନ ୱେବ ସର୍ଭିସ ଡାଟା ସେଣ୍ଟରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଏହା ଫଳରେ ସେବା ବାଧାପ୍ରାପ୍ତ ହୋଇଛି। ଆମାଜନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଇରାନ ସନ୍ଦେହ କରୁଛି ଯେ ଏହି ବଡ଼ କମ୍ପାନୀଗୁଡ଼ିକ ଆମେରିକାର ସାମରିକ ଅଭିଯାନକୁ ବୈଷୟିକ ସହାୟତା ଯୋଗାଇ ଦେଉଛନ୍ତି। ଏହା ଇରାନକୁ ସିଧାସଳଖ ପ୍ରଭାବିତ କରୁଛି। ଆଜି ଇରାନ ଦ୍ୱାରା କରାଯାଇଥିବା ଏହି ଡ୍ରୋନ୍ ଆକ୍ରମଣ ପଛରେ ଏହି କାରଣ ରହିଥିବା କୁହାଯାଉଛି। ଯୁଦ୍ଧ ମଧ୍ୟରେ ପ୍ରଥମ ଥର ପାଇଁ କୌଣସି ବଡ଼ କମ୍ପାନୀର କ୍ୟାମ୍ପସକୁ ନିଶାଣ କରାଯାଇଛି। ଏହି ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆମେରିକା ସେନା ଏହାର କିପରି ଜବାବ ଦେଉଛି ତାହା ଦେଖିବା ବାକି ରହିଲା।

ଇରାନରେ କ୍ଷମତା ପରିବର୍ତ୍ତନ ହେବା ପାଇଁ ପ୍ରାୟ ବର୍ଷେ ସମୟ ଲାଗିପାରେ ବୋଲି ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଇସ୍ରାଏଲ କ୍ୟାବିନେଟକୁ ମୋସାଦ ମୁଖ୍ୟ ଜଣାଇଥିଲେ। ଏହା ମଧ୍ୟରେ ମଧ୍ୟପ୍ରାଚ୍ୟ ଉତ୍ତେଜନା ଏବଂ ବିଶ୍ୱ ଶକ୍ତି ସୁରକ୍ଷା ଉପରେ ପଡ଼ିଥିବା ସଙ୍କଟ ଉପରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଥା ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ମୋଦୀ ଏହାର ସୂଚନା ଦେଇଛନ୍ତି। ଉଭୟେ ଶକ୍ତି ଯୋଗାଣ ଶୃଙ୍ଖଳର ଉପରେ ଆଲୋକପାତ କରି ଦୁଇ ଦେଶର ସମ୍ପର୍କକୁ ଅଧିକ ନିବିଡ଼ କରିବା ଉପରେ ଚର୍ଚ୍ଚା କରିଥିଲେ।





# ଇରାନ ଯୁଦ୍ଧ ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଦାୟୀ କଲେ ଟ୍ରମ୍ପ

ୱାସିଂଟନ, ୨୪।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସବୁଠି ନିନ୍ଦା କରାଯାଉଛି। ନିଜ ଦେଶରେ ଟ୍ରମ୍ପଙ୍କ ବିରୋଧରେ ଚାପା ଆକ୍ରୋଶ ସୃଷ୍ଟି ହୋଇଛି। ଇସ୍ରାଏଲ ସହ ଏହି ଯୁଦ୍ଧ ଆରମ୍ଭ କରି ଟ୍ରମ୍ପ ବିଶ୍ୱକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛନ୍ତି। ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରେ ଶାନ୍ତିର କଥା କହୁଥିବା ଟ୍ରମ୍ପ ବିଶ୍ୱକୁ ଅଶାନ୍ତ କରି ଚାଲିଛନ୍ତି। ଇରାନ ଯୁଦ୍ଧ ପାଇଁ ଚାରିପଟୁ ଘେରିଯିବା ପରେ ଏବେ ଟ୍ରମ୍ପ ନୂଆ ପଇଁତରା ମାରିଛନ୍ତି। ସେ ଏହି ଯୁଦ୍ଧର ଦୋଷ ନିଜ ପ୍ରତିରକ୍ଷାମନ୍ତ୍ରୀ ପିଟ୍ ହେଗ୍‌ସେଥ୍‌ଙ୍କ ମୁଣ୍ଡରେ ବୋଳିଛନ୍ତି। ତାଙ୍କ ପାଇଁ ଯୁଦ୍ଧ ଆରମ୍ଭ ହେଲା ବୋଲି କହିଛନ୍ତି। ଇରାନ ସହିତ ଯୁଦ୍ଧ ଚତୁର୍ଥ ସପ୍ତାହରେ ପ୍ରବେଶ କରିଛି। ଆମେରିକା କାହିଁକି ଓ କିପରି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ସେ ନେଇ ପ୍ରଶ୍ନ ଉଠୁଥିବାବେଳେ ଟ୍ରମ୍ପ ଦେଇଥିବା ଏଭଳି ମନ୍ତବ୍ୟ ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଛି। ଟେନେସି ରାଜ୍ୟରେ ସୋମବାର ଅନୁଷ୍ଠିତ ଏକ ବୈଠକରେ ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ପିଟ୍ ହେଗସେଥ୍ ସର୍ବ ପ୍ରଥମେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେଇଥିଲେ। ହେଗସେଥ୍‌ଙ୍କ ଉପସ୍ଥିତିରେ ଟ୍ରମ୍ପ ଏଭଳି କହିଥିଲେ। ତାଙ୍କୁ ପଚାରି ଟ୍ରମ୍ପ କହିଥିଲେ ଯେ ଇରାନ ପାଖରେ ପରମାଣୁ ଅସ୍ତ୍ର ରଖେଇ ନ ଥିବା ପାଇଁ ପିଟ୍ ହିଁ ଆକ୍ରମଣ କରିବାକୁ କହିଥିଲେ। ପୂର୍ବରୁ ଇରାନ ଆକ୍ରମଣକୁ ନେଇ ଟ୍ରମ୍ପ ପ୍ରଶାସନରେ ଫାଟ ଥିବା ଖବର ସାମନାକୁ ଆସିଥିଲା। ଏବେ ଏଥିରେ ନୂଆ କଥା ଯୋଡ଼ି ହୋଇଯାଇଛି। ଟ୍ରମ୍ପ ପ୍ରଶାସନର ଦୁଇ ଜଣ ବ୍ୟକ୍ତିଙ୍କୁ ପଚାରିଲେ ଯୁଦ୍ଧ ନେଇ ଭିନ୍ନ ଭିନ୍ନ ଉତ୍ତର ମିଳିବ। ପ୍ରଶାସନ ମଧ୍ୟରେ କିଏ କ'ଣ କହୁଛି, ତାହା ଉପରେ ନିର୍ଭର କରି ଇରାନ ସହିତ ଯୁଦ୍ଧକୁ ଯିବାର କାରଣଗୁଡ଼ିକ ଅଲଗା ଅଲଗା ଥିବା ମଧ୍ୟ ଜଣାପଡୁଛି।

ଅନ୍ୟପକ୍ଷେ ଦାବି କରାଯାଉଛି ଯେ ଇସ୍ରାଏଲ୍ ଯେକୌଣସି ପରିସ୍ଥିତିରେ ଆକ୍ରମଣ କରିଥାନ୍ତା। ତେଣୁ ଏଥିରେ ଆମେରିକାର ସମ୍ପୃକ୍ତି ଅପରିହାର୍ଯ୍ୟ ହୋଇପଡ଼ିଥିଲା। ଟ୍ରମ୍ପ ନିଜ ପକ୍ଷରୁ ସେତେବେଳେ ନେଇଥିବା ନିଷ୍ପତ୍ତି ବିଷୟରେ କହିଛନ୍ତି ଯେ ମୁ ପିଟ୍‌ଙ୍କୁ, ଜେନେରାଲ୍ କେନ୍ ଏବଂ ଅନ୍ୟ ମାନଙ୍କୁ ଫୋନ କରିଥିଲି। ମଧ୍ୟ-ପ୍ରାଚ୍ୟରେ ଏକ ସମସ୍ୟା ଅଛି କିମ୍ବା ଆମେ ସେଠାକୁ ଯାତ୍ରା କରି ସେହି ବଡ଼ ସମସ୍ୟାକୁ ଦୂର କରିପାରିବା ବୋଲି କହିଥିଲି। ଯଦି ଯୁଦ୍ଧର ଆରମ୍ଭ ଅସ୍ପଷ୍ଟ ଥିଲା, ତେବେ ତାହା ପରେ କ'ଣ ଘଟିଲା ସେ ନେଇ ମଧ୍ୟ ପ୍ରଶାସନ ସ୍ପଷ୍ଟ ସୂଚନା ଦେଇନାହିଁ। ମିତ୍ର ରାଷ୍ଟ୍ରଗୁଡ଼ିକୁ ଶତ୍ରୁ କରି, ନାଟୋରୁ ସହାୟତା ନ ପାଇବା ପରେ ଟ୍ରମ୍ପ ଅଡୁଆରେ ପଡ଼ି ଯାଇଛନ୍ତି। ତେଣୁ ଏଥିରୁ ବର୍ତ୍ତିବା ପାଇଁ ଦୋଷ ଲଦିବା ପରିବର୍ତ୍ତେ ତାଙ୍କ ପାଖରେ ଆଉ କିଛି ବାଟ ନାହିଁ ବୋଲି କୁହାଯାଉଛି।

# ମୋଦୀଙ୍କ ସହ କଥା ହେଲେ ଟ୍ରମ୍ପ

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଇରାନ ଯୁଦ୍ଧ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଫୋନ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ଭାରତରେ ଅବସ୍ଥାପିତ ଆମେରିକୀୟ ରାଜଦୂତ ସର୍ଜିଓ ଗୋର ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଉଭୟ ନେତା ମଧ୍ୟପ୍ରାଚ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ବିଶେଷ କରି ହର୍ମୁଜ ପ୍ରଣାଳୀକୁ ଖୋଲା ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ ଭାରତ ଉତ୍ତେଜନା ହ୍ରାସ କରିବା ଏବଂ ଯଥାଶୀଘ୍ର ଶାନ୍ତି ଫେରାଇ ଆଣିବା ସପକ୍ଷରେ ଅଛି।

# ଇଡି ମାମଲାରେ ମମତା ବାନାର୍ଜୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପଶ୍ଚିମବଙ୍ଗର ଆଇ-ପାକ ଅଫିସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ହସ୍ତକ୍ଷେପ ମାମଲା ଉପରେ ସୁପ୍ରିମକୋର୍ଟ ଆଜି ଶୁଣାଣି କରିଛନ୍ତି। ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ମମତାଙ୍କୁ ଭର୍ତ୍ସନା କରିଛନ୍ତି। ଜଷ୍ଟିସ ପିକେ ମିଶ୍ର ଏବଂ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ମମତାଙ୍କୁ ଓଲଟା ପ୍ରଶ୍ନବାଣ ମାରିଛନ୍ତି। ଯଦି କେନ୍ଦ୍ରରେ ଆପଣଙ୍କ ସରକାର କ୍ଷମତାରେ ଥାଆନ୍ତା ଏବଂ ଅନ୍ୟ କୌଣସି ରାଜନୈତିକ ଦଳ ରାଜ୍ୟ ସ୍ତରରେ ସମାନ କାର୍ଯ୍ୟ କରନ୍ତି, ତେବେ କ'ଣ କରିଥାନ୍ତେ? କାର୍ଯ୍ୟରେ ମୁତୟନ ଥିବା ଇଡି ଅଧିକାରୀ ନିଜ ଅଧିକାରୀ ହରାଇ ଦେଇଥାନ୍ତେ କି? ମମତାଙ୍କ ହସ୍ତକ୍ଷେପକୁ ନେଇ କିଛି ଅଧିକାରୀ ମଧ୍ୟ ବ୍ୟକ୍ତିଗତ ଆବେଦନ ଦାଖଲ କରିଥିବା କୋର୍ଟ ସୂଚନା ଦେଇଥିଲେ।

**ତୁମ ସରକାର କେନ୍ଦ୍ରରେ ଥିଲେ କ'ଣ କରିଥାନ୍ତ?**

ମମତା ଏବଂ ରାଜ୍ୟ ଅଧିକାରୀଙ୍କ ବିରୋଧରେ ଇଡି ଅଭିଯୋଗ ଲଗାଇଛି। ଟିଏମସି ସହ କାମ କରୁଥିବା ଆଇ-ପାକର କାର୍ଯ୍ୟାଳୟରେ ମନି ଲଣ୍ଡରିଂ ମାମଲାର ତଦନ୍ତ ଚାଲିଥିବା ସମୟରେ ସେମାନେ ବାଧା ସୃଷ୍ଟି କରିଥିଲେ। ଜାନୁଆରୀ ପ୍ରାରମ୍ଭରେ ଏହି ଚଢ଼ାଉ କରାଯାଇଥିଲା। ଇଡିର ଆବେଦନକୁ ବିରୋଧ କରୁଥିବା ଓକିଲଙ୍କୁ ଖଣ୍ଡପୀଠ ପଚାରିଛନ୍ତି ଯେ କେବଳ ଅଧିକାରୀ ହୋଇଥିବା କାରଣରୁ ସେମାନେ କ'ଣ ଭାରତର ନାଗରିକ ହେବା ବନ୍ଦ କରିଦେବେ କି? ସେମାନଙ୍କର ବି ଅଧିକାର ଅଛି। ଅଧିକାରୀଙ୍କ ଆବେଦନକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ମାମଲାକୁ ଇଡି ଭିତରେ ସୀମିତ ରଖ ନାହିଁ। ବ୍ୟକ୍ତିଗତ ଭାବେ ଆବେଦନ ଦାଏର କରିଥିବା ଅଧିକାରୀଙ୍କ ଅଧିକାରକୁ ମଧ୍ୟ ଦୃଷ୍ଟିରେ ରଖ। ଖାଲି ଇଡି ଇଡି କୁହ ନାହିଁ।

# ମହିଳା ଅଧିକାରୀ ସେନାରେ ସ୍ଥାୟୀ କମିସନ ପାଇବାକୁ ହକ୍‌ଦାର

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ବଡ଼ ରାୟ ଦେଇଛନ୍ତି। ସ୍ଥଳ ସେନା, ନୌସେନା ଏବଂ ବାୟୁସେନାର ମହିଳା ସର୍ଟ ସର୍ଭିସ କମିଶନ (ଏସଏସସି) ଅଧିକାରୀଙ୍କ ସପକ୍ଷରେ ରାୟ ଦେଇ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ୧୪ ବର୍ଷ ପରେ ଚାକିରି ଛାଡ଼ିଥିବା ମହିଳା ଅଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାୟୀ କମିଶନ (ପିସି) ନମିଳିବା କାରଣରୁ ପୂର୍ବରୁ ସେବା ଛାଡ଼ିଥିବା ମହିଳା ଅଧିକାରୀଙ୍କୁ ଏକକାଳୀନ ଆଶ୍ୱସ୍ତି ପ୍ରଦାନ କରି କୋର୍ଟ ୨୦ ବର୍ଷର ସେବା ସମ୍ପୂର୍ଣ୍ଣ ହୋଇଥିବା ଗ୍ରହଣ କରିଛନ୍ତି। ଏଥିସହିତ ପେନସନ ଏବଂ ଅନ୍ୟାନ୍ୟ ସୁବିଧା ଦେବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜଳ ଭୂୟାଁ ଏବଂ ଜଷ୍ଟିସ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ନିଷ୍ପତ୍ତି ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ସଶସ୍ତ୍ର ବାହିନୀ ମଧ୍ୟରେ ଥିବା ବ୍ୟବସ୍ଥାଗତ ଭେଦଭାବ ଯୋଗୁଁ ମହିଳା ଅଧିକାରୀମାନଙ୍କୁ ସ୍ଥାୟୀ କମିଶନରୁ ବଞ୍ଚିତ କରାଯାଇଥିଲା। ଯୋଗ୍ୟତାର ଅଭାବ ପାଇଁ ମହିଳାମାନଙ୍କୁ ସ୍ଥାୟୀ କମିଶନ ଦିଆ ଯାଇ ନ ଥିଲା। ବ୍ୟବସ୍ଥାରେ ଥିବା ଭେଦଭାବ ପାଇଁ ଏପରି ହୋଇଥିଲା।

ଏହି ସମ୍ପୂର୍ଣ୍ଣ ମାମଲା ଏସଏସସି ଅଧୀନରେ ନିଯୁକ୍ତ ମହିଳା ଅଧିକାରୀଙ୍କ ଆବେଦନ ସହ ଜଡ଼ିତ ଥିଲା। ସେମାନେ ସ୍ଥାୟୀ କମିଶନ ଦାବି କରିଥିଲେ। ଶୁଣାଣି ସମୟରେ ସିଜେଆଇ କହିଥିଲେ ଯେ ଏସଏସସି ମହିଳା ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ କାମ କରିବାକୁ ସୁଯୋଗ ଦିଆଯାଇ ନ ଥିଲା। ଏହାର ପ୍ରଭାବ ଯୋଗ୍ୟତା ଉପରେ ପଡ଼ିଥିଲା। ତେଣୁ ସେମାନେ ପୁରୁଷ ସହଯୋଗୀଙ୍କ ତୁଳନାରେ ପଛରେ ରହି ଯାଇଥିଲେ।

# ଦୁଷ୍କର୍ମ ଅଭିଯୁକ୍ତ ଜ୍ୟୋତିଷର କଳା ସାମ୍ରାଜ୍ୟ

ମୁମ୍ବଇ, ୨୪।୩ (ଏଜେନ୍ସି): ନିଜକୁ ଧର୍ମଗୁରୁ ଓ ଜ୍ୟୋତିଷ କହୁଥିବା ଦୁଷ୍କର୍ମ ଅଭିଯୁକ୍ତ ଅଶୋକ ଖରାତର କଳା ସାମ୍ରାଜ୍ୟର ଗୁମର ଖୋଲିବାରେ ଲାଗିଛି। ଏହି ତଥାକଥିତ ବାବାର ୧୦୦ରୁ ଅଧିକ ଆପତ୍ତିଜନକ ଭିଡିଓ ସାମ୍ନାକୁ ଆସିଛି। ସେ ୧୫୦୦ କୋଟିରୁ ଅଧିକ ସମ୍ପତ୍ତିର ମାଲିକ ଥିବା ଜଣାପଡ଼ିଛି। ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ମଧ୍ୟ ତାର ସମ୍ପର୍କ ରହିଛି। ରାଜନୀତି ଏବଂ ପ୍ରଶାସନିକ ଛତ୍ରଛାୟାରେ ମହିଳାଙ୍କ ଇଜ୍ଜତ ଲୁଟୁଥିବା ଖରାତ ସହ ସମ୍ପର୍କକୁ ନେଇ ମହାରାଷ୍ଟ୍ର ମହିଳା କମିଶନ ଅଧ୍ୟକ୍ଷା ମଧ୍ୟ ଇସ୍ତଫା ଦେଇଛନ୍ତି। ଏବେ ସେ ଏକାଧିକ ନରବଳି ଦେଇଥିବା ନେଇ ସନ୍ଦେହ କରାଯାଉଛି। ଏହି କଳଙ୍କିତ ବାବା ପାଞ୍ଚ ଜଣ ବ୍ୟକ୍ତିଙ୍କ ହତ୍ୟାକାଣ୍ଡ ସହ ଜଡ଼ିତ ଥିବା ପ୍ରମାଣ ମିଳିଛି। ଅବସରପ୍ରାପ୍ତ ମର୍ଚ୍ଚାଣ୍ଟ ନେଭି ଅଫିସର ଖରାତ, ଧାର୍ମିକ ରୀତିନୀତି ବାହାନାରେ ଅନେକ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ସହ ସେମାନଙ୍କୁ ଭୟଭୀତ କରୁଥିବା ଅଭିଯୋଗ ହୋଇଛି। ଆଜି ତାକୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାକୁ ଆଉ ୫ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ଏହ ସମୟରେ ଖରାତ ଉପରେ ଆକ୍ରମଣ ଉଦ୍ୟମ ହୋଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୩.୯୮ • ପାଉଣ୍ଡ ୧୨୫.୪୮
- ୟୁରୋ ୧୦୮.୫୦ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୮,୮୦୦ (ନୂଆଦିଲ୍ଲୀ)
- ରୁପା : ୨,୩୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୦୬୮.୦୦
- ନିଫ୍ଟି ୨୨,୯୧୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଶକ୍ତି ସଙ୍କଟ**

# ଘାରିଲାଣି ଆର୍ଥିକ ଚିନ୍ତା

## କଠୋର ପଦକ୍ଷେପ ନେଉଛନ୍ତି ସବୁ ଦେଶ

**ନଆଦିଲ୍ଲୀ,୨୪।୩(ଏଜେନ୍ସି):** ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ଉପୁଜିଥିବା ବିଶ୍ୱ ଶକ୍ତି ସଙ୍କଟ ବିଶ୍ୱର ଦେଶଗୁଡ଼ିକୁ ଅନେକ କଠୋର ଏବଂ ଅଭୂତପୂର୍ବ ନିଷ୍ପତ୍ତି ନେବାକୁ ବାଧ୍ୟ କରିଛି। ପରିସ୍ଥିତି ଏପରି ହୋଇଛି ଯେ, ସରକାରମାନେ ଏବେ ଇନ୍ଧନର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ ପାଇଁ ଲଢ଼ୁଛନ୍ତି। କେତେକ ଦେଶରେ ଛୁଟି ଘୋଷଣା କରାଯାଉଛି, ଯେତେବେଳେ କି କେଉଁଠାରେ ଯାନବାହନ ଚଳାଚଳ ବନ୍ଦ କରାଯାଉଛି। ବିଶ୍ୱର ଦେଶଗୁଡ଼ିକ ଶକ୍ତି ସଙ୍କଟର ସମାଧାନ ପାଇଁ ଭିନ୍ନ କିନ୍ତୁ କଠୋର ରଣନୀତି ଗ୍ରହଣ କରିଛନ୍ତି, ଯାହାର ଏକ ସ୍ପଷ୍ଟ ଉଦ୍ଦେଶ୍ୟ ହେଉଛି, ଇନ୍ଧନ ସଂରକ୍ଷଣ କରିବା, ଅତ୍ୟାବଶ୍ୟକୀୟ ସେବା ଚଳାଇବା ଏବଂ ଅର୍ଥନୀତିକୁ ବଜାୟ ରଖିବା। ଇରାନ୍ ଯୁଦ୍ଧ ସମସ୍ୟାଙ୍କୁ ଗୋଟିଏ ଶିକ୍ଷା ଦେଇଛି। ତାହା ହେଉଛି, ତେଲ କେବଳ ଇନ୍ଧନ ନୁହେଁ, ଏହା ଏକ ରଣନୈତିକ ଅସ୍ତ୍ର ପାଲଟିଛି। ଶକ୍ତି ସଙ୍କଟ ବିଶ୍ୱକୁ ଏକ ନୂତନ ବାସ୍ତବତା ଦେଖାଇଛି। ତେଲ ଆଉ କେବଳ ଇନ୍ଧନ ନୁହେଁ, ବରଂ ଏକ ରଣନୈତିକ ଅସ୍ତ୍ର। ଯଦି ପରିସ୍ଥିତିରେ ଉନ୍ନତି ନ ହୁଏ, ତେବେ ଆଗାମୀ ଦିନରେ ଅଧିକ କଠୋର ପଦକ୍ଷେପ ଆବଶ୍ୟକ ହୋଇପାରେ।




ବର୍ତ୍ତମାନ ପାଇଁ ବିଶ୍ୱର ଏକମାତ୍ର ମନ୍ତ୍ର ହେଉଛି "ସଂରକ୍ଷଣ ହିଁ ପ୍ରତିରୋଧ।

### ଏସିଆରେ ଛୁଟିଦିନ ଏବଂ ଘରୁ କାମ

ଶକ୍ତି ସଙ୍କଟ ମଧ୍ୟରେ ଏସୀୟ ଦେଶଗୁଡ଼ିକ ସବୁଠାରୁ ଦ୍ରୁତ ପଦକ୍ଷେପ ନେଇଛନ୍ତି। ଶ୍ରୀଲଙ୍କାରେ ସ୍କୁଲ ଏବଂ ସରକାରୀ କାର୍ଯ୍ୟାଳୟ ପାଇଁ ଛୁଟି ଘୋଷଣା କରାଯାଇଛି ଏବଂ କ୍ୟୁଆର୍ କୋଡ୍-ଆଧାରିତ ଇନ୍ଧନ ରାସନିଂ ଲାଗୁ କରିଛି। ବାଂଲାଦେଶ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଛି, ଅନଲାଇନ୍ ଶ୍ରେଣୀରେ ସ୍ୱିଚ୍ କରିଛି ଏବଂ ପ୍ରତିଦିନ ୫ ଘଣ୍ଟା ବିଦ୍ୟୁତ୍ କାଟ୍ ଲାଗୁ କରିଛି। ଭୁଟାନ ଅସାଧୁ ମହଜୁଦକୁ ରୋକିବା ପାଇଁ ଜାରକିନ୍‌ରେ ଇନ୍ଧନ ବିକ୍ରି ଉପରେ ରୋକ ଲଗାଇଛି। ଅପରପକ୍ଷେ ପାକିସ୍ତାନ ଚାରି ଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିଛି।

### ଆଫ୍ରିକା

ଏପରି ପରିସ୍ଥିତିରେ ଆଫ୍ରିକା ମହାଦେଶରେ ବଜାର ଶୀଘ୍ର ବନ୍ଦ କରିବା ଭଳି ପଦକ୍ଷେପ ନିଆଯାଇଛି। ଏହାଛଡା ଆଫ୍ରିକୀୟ ଦେଶଗୁଡିକ ଶକ୍ତି ସଂରକ୍ଷଣ ପାଇଁ ଜୀବନଶୈଳୀକୁ ସିଧାସଳଖ ପ୍ରଭାବିତ କରୁଥିବା ନିଷ୍ପତ୍ତି ନେଇଛନ୍ତି। ଇଜିପ୍ଟରେ, ବଜାର ଏବଂ ରେସ୍ତୋରାଁଗୁଡ଼ିକୁ ରାତି ୯ଟା ସୁଦ୍ଧା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଂରକ୍ଷଣ ଦ୍ରୁତ ଗତିରେ ହ୍ରାସ ପାଉଥିବାରୁ କେନିଆରେ ରପ୍ତାନି କଟକଣା ଲାଗିଛି।

### ଓସେନିଆରେ 'ନୋ କାର ଡେ' ଫେରିଛି

ଶକ୍ତିସମସ୍ୟା ପରିପ୍ରେକ୍ଷୀରେ ନ୍ୟୁଜିଲାଣ୍ଡ ୧୯୭୯ର 'ନୋ କାର ଡେ' ପରି ଏକ ନିୟମ ପୁନଃସ୍ଥାପନ କରିବାକୁ ବିଚାର କରୁଛି। ଇନ୍ଧନ ସଂରକ୍ଷଣ ଉପରେ ନଜର ରଖିବା ପାଇଁ ଏକ "ଆମ୍ବର ଆଲର୍ଟ" ପ୍ରୋଟୋକଲ ଲାଗୁ କରାଯାଇଛି। ଜେଟ୍ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବା ଯୋଗୁଁ ପ୍ରାୟ ୧୧୦୦ ବିମାନ ନ୍ୟୁଜିଲାଣ୍ଡ ବିମାନ ବାତିଲ ହୋଇଛି, ଯାହା ୪୪,୦୦୦ ଯାତ୍ରୀଙ୍କୁ ପ୍ରଭାବିତ କରିଛି।

### ୟୁରୋପ

ୟୁରୋପୀୟ ଦେଶଗୁଡ଼ିକ ସିଧାସଳଖ ଇନ୍ଧନ ବ୍ୟବହାରରେ ହ୍ରାସ ଘଟାଇଛନ୍ତି। ଏହି ସମୟରେ, ସ୍ଲୋଭେନିଆରେ ଫୁଏଲ୍ ଷ୍ଟେସନଗୁଡ଼ିକରେ ରାସନିଂ ଲାଗୁ କରିଛି, କାର ପାଇଁ ୩୦ ଲିଟର ଏବଂ ଟ୍ରକ ପାଇଁ ୨୦୦ ଲିଟର ସୀମା ଧାର୍ଯ୍ୟ କରାଯାଇଛି।

**ଟ୍ରମ୍ପଙ୍କ ବୟାନରେ ସୁଧୁରିଲା ସେୟାର ବଜାର**

# ଉଠିଲା ସେନ୍‌ସେକ୍ସ-ନିଫ୍ଟି

**ନୂଆଦିଲ୍ଲୀ,୨୪।୩(ଏଜେନ୍ସି):** ସୋମବାର ଭାରତୀୟ ସେୟାର ବଜାରରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଏଥିରେ କୋଟି କୋଟି ଟଙ୍କା ହରାଇଛନ୍ତି ନିବେଶକ। ଏଥିରେ ବିଶ୍ୱ ସେୟାର ବଜାର ଆହୁରି ତଳକୁ ତଳକୁ ଯିବ ବୋଲି ଆଶଙ୍କା ଦେଖାଗଲା। କିନ୍ତୁ ମଙ୍ଗଳବାର ପୁଞ୍ଜି ବଜାରରେ ହଠାତ୍ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ବଜାର ସବୁଜ ସଙ୍କେତ ସହ ଖୋଲିଛି। ଏଥିରେ ମଙ୍ଗଳବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ଏବଂ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ଭଲ ବୃଦ୍ଧି ଘଟିଛି। ସୋମବାର ଅପେକ୍ଷା ସେନସେକ୍ସ କାରବାର ଆରମ୍ଭରୁ ୧୫୦୦ ପଏଣ୍ଟ ଅଧିକରେ ଖୋଲିଛି। ଫଳରେ ୭୪ ହଜାର ଅତିକ୍ରମ କରିଛି। ସେହିପରି ନିଫ୍ଟି ମଧ୍ୟ ୨୩ ହଜାର ପଏଣ୍ଟ ପାଖାପାଖି ଆସିଛି। ତେବେ ବଜାରରେ ଆଜି ଦେଖାଦେଇଥିବା ଏହି ଉତ୍ସାହର କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୋଲି କୁହାଯାଉଛି। ସେ ସୋମବାର ସନ୍ଧ୍ୟାରେ ଇରାନ୍ ଯୁଦ୍ଧକୁ ନେଇ ବୟାନ ଦେଇଥିଲେ, ଯାହା ପରେ ସାରା ବିଶ୍ୱର ବଜାରରେ ସକରାତ୍ମକ ପ୍ରଭାବ ପଡିଛି। ବିଏସ୍‌ଇ ସେନ୍‌ସେକ୍ସ ସୋମବାର ୭୨,୬୯୬ ପଏଣ୍ଟରେ ବନ୍ଦ ହୋଇଥିଲା। ମଙ୍ଗଳବାର ଏଥିରେ ୧୫୦୦ ପଏଣ୍ଟ ବୃଦ୍ଧି ଘଟି ୭୪,୨୧୨ ପଏଣ୍ଟରେ କାରବାର ଆରମ୍ଭ ହୋଇଥିଲା। ଏହାପରେ କିଛି ସମୟ ପାଇଁ ବଜାର ମାନ୍ଦା ରହିଥିଲା । ପରେ



**ସେନ୍‌ସେକ୍ସରେ ୧୩୭୨ ପଏଣ୍ଟ ବୃଦ୍ଧି**

ଦିନର କାରବାର ମଧ୍ୟରେ ସେନ୍ସେକ୍ସରେ ନ ଅପେକ୍ଷା ଅଧିକ ୧୦୦୦ ପଏଣ୍ଟରେ କାରବାର ଚାଲିଛି। ଏନଏସଇ ନିଫ୍ଟି ଉପରେ ନଜର ପକାଇଲେ ଏହଂ ସୋମବାର ୨୨,୫୧୨.୬୫ ପଏଣ୍ଟରେ ବନ୍ଦ ହୋଇଥିଲା। ଆଜି ଏହା ୨୨୮୬୮ ପଏଣ୍ଟ ଖୋଲିବା ପରେ ସକାଳ ୧୦ଟା୧୦ ସୁଦ୍ଧା ୨୨୮୯୯ରେ କାରବାର କରୁଛି ।

## ଇଣ୍ଡୋନେସିଆରେ ଜେଏସ୍‌ଏଲ୍‌ର ଏସ୍‌ଏମ୍‌ଏସ୍ ସୁବିଧା



**ମୁମ୍ବଇ, ୨୪।୩:** ଦେଶର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦକାରୀ ଜିନ୍ଦଲ ଷ୍ଟେନଲେସ୍ (ଜେଏସ୍‌ଏଲ) ଏହାର ମେଲ୍ଟିଂ କ୍ଷମତାର ୪୦% ବିସ୍ତାର ଘୋଷଣା କରିବାର ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ଜିନ୍ଦଲ ଷ୍ଟେନଲେସ୍ ୧.୨ ଏମ୍‌ଟିପିଏ କ୍ଷମତାର ଷ୍ଟେନଲେସ୍ ଷ୍ଟିଲ୍ ମେଲ୍ଟ ସପ୍ (ଏସ୍‌ଏମ୍‌ଏସ୍) ଇଣ୍ଡୋନେସିଆଠାରେ କାର୍ଯ୍ୟକ୍ଷମ କରିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ କମ୍ପାନୀର ଯୌଥ ଉଦ୍ୟୋଗ ମାଧ୍ୟମରେ ଏହା ବିକଶିତ ହୋଇଛି । ଏହି ବିକାଶ ଫଳରେ କମ୍ପାନୀର ମୋଟ ମେଲ୍ଟିଂ କ୍ଷମତା ବର୍ତ୍ତମାନ ୪.୨ଏମଟିପିଏ କ୍ଷମତାରେ ପହଂଚିଛି ଯେଉଁଥିରେ ୩ଏମଟିପିଏ କ୍ଷମତା ଭାରତରେ ଅନ୍ତର୍ଭୁକ୍ତ ରହିଛି। ଏହି ମେଲ୍ଟିଂ କ୍ଷମତାର ବୃଦ୍ଧି ସହିତ କମ୍ପାନୀ ୨୦୨୭ ମସିହାର ଚତୁର୍ଥ ତ୍ରୈମାସିକ ସୁଦ୍ଧା ୧.୧କ୍ଷମତାର ଏଚଆରଏପି ଲାଇନ ଏବଂ ୨୦୨୭ ମସିହାର ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ଓଡ଼ିଶାର ଯାଜପୁର ପ୍ଲାଂଟରେ ୦.୧୭ଏମଟିପିଏ କ୍ଷମତାର ସିଆରଏପି ଲାଇନ କାର୍ଯ୍ୟକ୍ଷମ କରିବାର ଲକ୍ଷ୍ୟ ରଖିଛି। ଏହି ବିକାଶ ପୂର୍ବରୁ ଘୋଷିତ ହୋଇଥିବା ୧୯୦୦କୋଟି ଟଙ୍କାର ନିବେଶ ଉପରେ ଆଧାରିତ। ପରବର୍ତ୍ତୀ ସମୟରେ, ଏହା ହିସାର ଏବଂ ଖଡ଼ଗପୁରରେ ଏହାର କୋଲ୍ଡରୋଲିଂ କ୍ଷମତାକୁ ସୁଦୃଢ଼ କରିବା ପାଇଁ ୯୦୦ କୋଟି ଟଙ୍କା ନିବେଶ କରିଛି, ଯାହା ୨୦୨୮ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଥିବା ଜିନ୍ଦଲ ଷ୍ଟେନଲେସ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି।

## 'ଟିଭିଏସ କିଙ୍ଗ କା ବାଦା ୩.୦'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୩:** ଦୁଇଚକିଆ ଓ ତିନିଚକିଆ ଯାନ ନିର୍ମାତା ଟିଭିଏସ ମୋଟର କମ୍ପାନୀ ପକ୍ଷରୁ ଟିଭିଏସ କିଙ୍ଗ ତିନିଚକିଆ ଯାନ ଗ୍ରାହକମାନଙ୍କ ପାଇଁ ଏକ ଗ୍ରାହକ ସହାୟତା ଅଭିଯାନ 'ଟିଭିଏସ କିଙ୍ଗ କା ବାଦା ୩.୦'ର ଶୁଭାରମ୍ଭ କରାଯାଇଛି। ପୂର୍ବ ସଂସ୍କରଣର ସଫଳତା ଆଧାରରେ ପ୍ରସ୍ତୁତ ଏହି ଅଭିଯାନ ଗ୍ରାହକଙ୍କୁ ବ୍ୟାପକ ଲାଭ ପ୍ରଦାନ କରିବ। ବାଦା ୩.୦ ମାଧ୍ୟମରେ ଟିଭିଏସ ମୋଟର କମ୍ପାନୀ ଗାଡ଼ି ମାଲିକାନାଠାରୁ ଆଗକୁ ବଢ଼ି ମୂଲ୍ୟଯୁକ୍ତ ସହାୟତା ପ୍ରଦାନ କରୁଛି ଯାହା ଗ୍ରାହକ ଓ ସେମାନଙ୍କ ପରିବାରର ସୁରକ୍ଷା ଓ କଲ୍ୟାଣକୁ ପ୍ରାଥମିକତା ଦେଉଛି।ଟିଭିଏସ କିଙ୍ଗ କା ବାଦା ୩.୦ ଏକ ବ୍ୟାପକ ମାଲିକାନା ପ୍ୟାକେଜ ପ୍ରଦାନ କରୁଛି ଯାହାକୁ ମାନସିକ ଶାନ୍ତି, ଡାଉନଟାଇମ ହ୍ରାସ ଓ ଗ୍ରାହକ ଓ ସେମାନଙ୍କ ପରିବାରର ଉନ୍ନତ ଆର୍ଥିକ ସୁରକ୍ଷା ପାଇଁ ପ୍ରସ୍ତୁତ କରାଯାଇଛି। ବର୍ଦ୍ଧିତ ୱାରେଣ୍ଟି, ମାଗଣା ରକ୍ଷଣାବେକ୍ଷଣ ସେବା ଓ ସଡ଼କ ପାର୍ଶ୍ୱ ସହାୟତା ସହିତ ଏହି ସ୍କିମରେ ବ୍ୟକ୍ତିଗତ ଓ ପରିବାର ସୁରକ୍ଷା ଲାଭ ପ୍ରଦାନ କରାଯାଉଛି। ଟିଭିଏସ କିଙ୍ଗ ବା ବାଦା ୩.୦ରେ ମୃତ୍ୟୁ କିମ୍ବା ସ୍ଥାୟୀ ଭିନ୍ନକ୍ଷମ ଭଳି ମାମଲାରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଦୁର୍ଘଟଣା ବୀମା, ମୃତ୍ୟୁ କିମ୍ବା ସ୍ଥାୟୀ ଭିନ୍ନକ୍ଷମ ଘଟଣାରେ ଦୁଇଟି ପିଲା ପର୍ଯ୍ୟନ୍ତ ପ୍ରତି ପିଲା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ସହାୟତା ମିଳିବ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସୁନ୍ଦରପଦା ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର, ୨୪।୩ (ସିମସ):** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ସୁନ୍ଦରପଦା ଶାଖା କୋକିଳା କାଞ୍ଚନ ଟାୱାରଠାରେ ଉଦ୍‌ଘାଟିତ ହୋଇଯାଇଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ହରେ କୃଷ୍ଣ ଦାସ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ସହାୟକ ମହାପ୍ରବନ୍ଧକ ବିନୟ ଶର୍ମା, ସୁନ୍ଦରପଦା ଶାଖାର ଶାଖା ମୁଖ୍ୟ ସୌମେନ୍ଦ୍ର ଦାଶଙ୍କ ସମେତ ବ୍ୟାଙ୍କରଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ନୂତନ ସୁନ୍ଦରପଦା ଶାଖା ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ୬୪ ତମ ଶାଖା। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସୁନ୍ଦରପଦା ଅଞ୍ଚଳର ଜନସାଧାରଣଙ୍କୁ ସର୍ବୋତ୍ତମ ଗ୍ରାହକ ସେବାପ୍ରଦାନ କରିବା ସହ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଦାସ ସୂଚନା ଦେଇଛନ୍ତି।



**ରେଳ ଟିକଟ୍ ବାତିଲ୍ ଏବଂ ରିଫଣ୍ଡ ନିୟମରେ ବଡ଼ ପରିବର୍ତ୍ତନ**

# ୮ ଘଣ୍ଟା ପୂର୍ବରୁ ଟିକଟ ବାତିଲ୍ କଲେ ମିଳିବ ରିଫଣ୍ଡ

**ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଭାରତୀୟ ରେଳବାଇ ଟିକଟ୍ ବାତିଲ୍ ନିୟମକୁ କଡ଼ାକଡ଼ି କରିଛି। ଏବେ, ଯାତ୍ରୀମାନେ ଟ୍ରେନ ଛାଡିବାର ୮ ଘଣ୍ଟା ପୂର୍ବରୁ ସେମାନଙ୍କର ଟିକଟ୍ ବାତିଲ କଲେ ହିଁ ଟଙ୍କା ଫେରସ୍ତ ପାଇବେ। ପୂର୍ବରୁ, ଏହି ସମୟ ସୀମା ୪ ଘଣ୍ଟା ଥିଲା, କିନ୍ତୁ ଏବେ ଏହାକୁ ୮ ଘଣ୍ଟାକୁ ବୃଦ୍ଧି କରାଯାଇଛି। ତଥାପି, ୨୪ ରୁ ୮ ଘଣ୍ଟା ମଧ୍ୟରେ ଟିକେଟ୍ ବାତିଲ କଲେ କେବଳ ୫୦% ରିଫଣ୍ଡ ଦିଆଯିବ। ଏହାସହିତ, ଯାତ୍ରୀମାନେ ଏଣିକି ଟ୍ରେନ ଛାଡିବାର ୩୦ ମିନିଟ୍ ପୂର୍ବରୁ ସେମାନଙ୍କର ବୋର୍ଡିଂ ଷ୍ଟେସନ୍ ପରିବର୍ତ୍ତନ କରିପାରିବେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କହିଛନ୍ତି ଯେ ଏଜେଣ୍ଟ ଏବଂ ଦଲାଲମାନଙ୍କୁ ଟିକଟ୍ ମହଜୁଦ କରିବାରୁ ରୋକିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। ଏହି ନୂତନ ନିୟମ ଏପ୍ରିଲ୍ ପହିଲା ୧ରୁ ୧୫ରୁ ମଧ୍ୟରେ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ପରିବର୍ତ୍ତନ ଦଲାଲ୍‌ଗିରି ହଟାଇବା ଲକ୍ଷ୍ୟ ରଖି କରାଯାଇଛି। ଏଜେଣ୍ଟମାନେ ପ୍ରାୟତଃ ଅତିରିକ୍ତ ଟିକଟ ବୁକ୍ କରନ୍ତି ଏବଂ ଯଦି ସେମାନେ ଗ୍ରାହକ ପାଆନ୍ତି ନାହିଁ, ତେବେ ଟ୍ରେନ୍ ଛାଡ଼ିବା ପୂର୍ବରୁ ସେଗୁଡ଼ିକୁ ବାତିଲ କରି ଟଙ୍କା ଫେରସ୍ତ ପାଆନ୍ତି। ରିଫଣ୍ଡ ନିୟମକୁ କଡ଼ାକଡ଼ି କରିବା ଦ୍ୱାରା ଏଜେଣ୍ଟମାନଙ୍କ ଦ୍ୱାରା ଟିକେଟ କର୍ଣ୍ଣିଂ ହ୍ରାସ ପାଇବ ଏବଂ ସାଧାରଣ ଯାତ୍ରୀଙ୍କ ନିଶ୍ଚିତ ଟିକେଟ ପାଇବାର ସମ୍ଭାବନା ବୃଦ୍ଧି ପାଇବ। ଅପରପକ୍ଷେ ରେଳ ମନ୍ତ୍ରଣାଳୟ ବୋର୍ଡିଂ ଷ୍ଟେସନ ପରିବର୍ତ୍ତନ ପାଇଁ ଶେଷ ତାରିଖ ବୃଦ୍ଧି କରିଛି। ଯାତ୍ରୀମାନେ ଏବେ ନିର୍ଦ୍ଧାରିତ ପ୍ରସ୍ଥାନ ସମୟର ୩୦ ମିନିଟ୍ ପୂର୍ବରୁ ସେମାନଙ୍କର ବୋର୍ଡିଂ ପଏଣ୍ଟ ପରିବର୍ତ୍ତନ କରିପାରିବେ। ପୂର୍ବରୁ, ଏହି ସୁବିଧା କେବଳ ଚାର୍ଟ ପ୍ରସ୍ତୁତ ହେବା ପୂର୍ବରୁ ଉପଲବ୍ଧ ଥିଲା। ଏହି ନିୟମ ଏକାଧିକ ରେଳ ଷ୍ଟେସନ ଥିବା ବଡ଼ ସହରଗୁଡ଼ିକରେ ବହୁତ ସହାୟକ ହେବ। ଯାତ୍ରୀମାନେ ସେମାନଙ୍କ ସୁବିଧା ଅନୁସାରେ ନିକଟସ୍ଥ ଯେକୌଣସି ଷ୍ଟେସନରୁ ଟ୍ରେନ୍ ଚଢ଼ିପାରିବେ। ଯାତ୍ରୀମାନେ ଆଇଆର୍‌ସିଟିସି ୱେବସାଇଟ୍, ଆପ୍ କିମ୍ବା ରେଳବାଇ କାଉଣ୍ଟରରେ ସେମାନଙ୍କର ବୋର୍ଡିଂ ଷ୍ଟେସନ ପରିବର୍ତ୍ତନ କରିପାରିବେ। ତଥାପି, ବୋର୍ଡିଂ ପଏଣ୍ଟ ପରିବର୍ତ୍ତନ ହେବା ପରେ, ସେମାନେ ଆଉ ପୁରୁଣା ଷ୍ଟେସନରୁ ଟ୍ରେନ୍ ଚଢ଼ିପାରିବେ ନାହିଁ। ରେଳବାଇ ସ୍ପଷ୍ଟ କରିଛି ଯେ ପୁରୁଣା ରିଫଣ୍ଡ ନିୟମ କିଛି ପରିସ୍ଥିତିରେ ଜାରି ରହିବ। ଯଦି ଟ୍ରେନ୍ ସମ୍ପୂର୍ଣ୍ଣ ବାତିଲ ହୁଏ କିମ୍ବା ନିର୍ଦ୍ଧାରିତ ସମୟଠାରୁ ୩ ଘଣ୍ଟାରୁ ଅଧିକ ବିଳମ୍ବ ହୁଏ, ତେବେ ଯାତ୍ରୀମାନେ ଟିଡିଆର୍ ଦାଖଲ କରି ପୂର୍ଣ୍ଣ ରିଫଣ୍ଡ ଦାବି କରିପାରିବେ। ଏହା ସହିତ, ଯଦି ଚାର୍ଟ ପ୍ରସ୍ତୁତି ପରେ ମଧ୍ୟ ଟିକେଟ୍ ସମ୍ପୂର୍ଣ୍ଣ ଭାବରେ ଅପେକ୍ଷା ତାଲିକାରେ ରହିଥାଏ, ତେବେ ଏହା ସ୍ୱୟଂଚାଳିତ ଭାବରେ ବାତିଲ ହୋଇଯିବ ଏବଂ ସମ୍ପୂର୍ଣ୍ଣ ରାଶି ଫେରସ୍ତ କରାଯିବ।

> **ଶେଷ ହେଲା ୪ ଘଣ୍ଟା ପୂର୍ବର ନିୟମ**
>
> **ଟ୍ରେନ୍ ଛାଡିବାର ୩୦ ମିନିଟ୍ ପୂର୍ବରୁ ବଦଳାଇହେବ ବୋର୍ଡିଂ ଷ୍ଟେସନ୍**

## ରଣବୀର ସିଂ 'ଅଜମଲ ଦୁବାଇ'ର ବ୍ରାଣ୍ଡ ଆମ୍ବାସାଡର



**ମୁମ୍ବଇ,୨୪।୩ :** ଅଜମଲ ଦୁବାଇ ରଣଭୀର ସିଂଙ୍କୁ ଏହାର ବ୍ରାଣ୍ଡମ୍ବାସଡର ଭାବରେ ଘୋଷଣା କରିଛି, ଯାହାକି ତୁମର ଅଦୃଶ୍ୟ ଶକ୍ତି ବୋଲି ଚିହ୍ନିତ କରିଛି। ଏକ ଜେନେରେସନ୍ ଅଭିନେତା ତଥା ଶୋ ମ୍ୟାନ୍ ଭାବରେ ଜଣାଶୁଣା ରଣଭୀର ସିଂ ସୁଗନ୍ଧ ମାଧ୍ୟମରେ ଜଣଙ୍କର ବ୍ୟକ୍ତିତ୍ୱକୁ ପାଳନ କରିବାର ବ୍ରାଣ୍ଡର ଦର୍ଶନକୁ ସମ୍ପୂର୍ଣ୍ଣ ରୂପେ ପରିପ୍ରକାଶ କରିଛନ୍ତି। ଏହି ସହଯୋଗ ଅଜମଲଙ୍କ ସମୃଦ୍ଧ ଐତିହ୍ୟକୁ ସୁଗନ୍ଧିତ ଦ୍ରବ୍ୟ ଏବଂ ଏକ ସମସାମୟିକ ସ୍ୱରକୁ ଏକତ୍ର କରେ। ଏ ସମ୍ପର୍କରେ ବ୍ରାଣ୍ଡ ଆମ୍ବାସାଡର ଅଜମଲ ଦୁବାଇ ରଣଭୀର ସିଂ କହିଛନ୍ତି, ଅଜମଲ ଦୁବାଇ ଐତିହ୍ୟ, ହସ୍ତଶିଳ୍ପ ଏବଂ ଧାରଣା ଯେ ସୁଗନ୍ଧ ହେଉଛି ବ୍ୟକ୍ତିତ୍ୱର ସମ୍ପ୍ରସାରଣ, ଯାହା ମୁଁ ବ୍ୟକ୍ତିଗତ ଭାବରେ ଯୋଡିଥାଏ। ଲୋକମାନେ ନିଜର ଅଦୃଶ୍ୟ ଶକ୍ତିରେ ପାଦ ଦେବାକୁ ଯାଉଛନ୍ତି। ଅଜମଲ ଗ୍ରୁପ୍‌ର ସିଇଓ ଅବଦୁଲ୍ଲା ଅଜମଲ କହିଛନ୍ତି ଯେ ଅଜମଲ ଦୁବାଇ ପାଇଁ ରଣଭୀର ସିଂ ଏକ ଚେହେରାଠାରୁ ଅଧିକ; ସେ ଆତ୍ମ-ଅଭିବ୍ୟକ୍ତି ଏବଂ ସୃଜନଶୀଳତା ପାଇଁ ଆମର ଦୃଷ୍ଟିକୋଣ ବାଣ୍ଟିଛନ୍ତି। 'ତୁମର ଅଦୃଶ୍ୟ ଶକ୍ତି' ଅଭିଯାନ ୭୫ ବର୍ଷର ସୁଗନ୍ଧିତ ଜ୍ଞାନକୁ ସମସାମୟିକ କାହାଣୀ ସହିତ ଯୋଡିଛି। ଆରିଜୋକ୍ରାଟ୍, ଅରମ୍ ଗ୍ରୀଷ୍ମ, ଏବଂ ୱିସାଲ୍ ଲେଲ୍, ଅଜମଲଙ୍କ ସବୁଠାରୁ ଲୋକପ୍ରିୟ ସୁଗନ୍ଧ ଭାରତର ସମସ୍ତ ପ୍ରମୁଖ ଅନଲାଇନ୍ ଏବଂ ଅଫଲାଇନ୍ ଖୁଚୁରା ପ୍ଲାଟଫର୍ମରେ ଉପଲବ୍ଧ।

## ଅନୁଗୋଳରେ ଜିନ୍ଦଲ ଷ୍ଟିଲର ୬ ଏମଟିପିଏ ସମ୍ପ୍ରସାରଣ କାମ ଶେଷ

JINDAL STEEL

**ନୂଆଦିଲ୍ଲୀ, ୨୪।୩:** ଜିନ୍ଦଲ ଷ୍ଟିଲ୍ ଓଡ଼ିଶାର ଅନୁଗୁଳ ସ୍ଥିତ ଇଣ୍ଟିଗ୍ରେଟେଡ୍ ଇସ୍ପାତ କମ୍ପ୍ଲେକ୍ସରେ ତୃତୀୟ ବେସିକ୍ ଅକ୍ସିଜେନ୍ ଫର୍ଣ୍ଣେସ୍କୁ କାର୍ଯ୍ୟକ୍ଷମ କରି ବାର୍ଷିକ ୬ ନିୟୁତ ଟନ କ୍ଷମତା ସମ୍ପ୍ରସାରଣ କାର୍ଯ୍ୟ ସମାପ୍ତ କରିଛି । ଏହା ଦ୍ୱାରା ଅନୁଗୋଳ କାରଖାନାର ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୧୨ ନିୟୁତ ଟନକୁ ବୃଦ୍ଧି ପାଇଛି ଏବଂ ଏହା ଦେଶର ଅନ୍ୟତମ ସର୍ବବୃହତ ସମନ୍ୱିତ ଇସ୍ପାତ କାରଖାନା ମଧ୍ୟରେ ସାମିଲ ହୋଇଛି। ଏହି ପର୍ଯ୍ୟାୟ ସମ୍ପ୍ରସାରଣରେ କୋକଓଭନ, ସିଆରଏମ କମ୍ପ୍ଲେକ୍ସ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମେତ ଅପଷ୍ଟ୍ରିମ ଓ ଡାଉନଷ୍ଟ୍ରିମ ବ୍ୟବସ୍ଥା ବିଓଏଫ-୨ ଏବଂ ବିଓଏଫ-୩ କାର୍ଯ୍ୟକ୍ଷମ ହୋଇଛି। ନିର୍ଦ୍ଧାରିତ ସମୟ ଭିତରେ ସମସ୍ତ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇଛି। ଏହି ସମ୍ପ୍ରସାରଣ ପରେ ଜିନ୍ଦଲ ଷ୍ଟିଲର ଇସ୍ପାତ ଉତ୍ପାଦନ କ୍ଷମତା ୧୫.୬ ଏମଟିପିଏକୁ ବୃଦ୍ଧି ପାଇଛି, ଯେଉଁଥିରେ ରାୟଗଡ଼ ପ୍ଲାଣ୍ଟର ୩.୬ ଏମଟିପିଏ କ୍ଷମତା ମଧ୍ୟ ଅନ୍ତର୍ଭୁକ୍ତ। ଏହି ବର୍ଦ୍ଧିତ କ୍ଷମତା ଉତ୍ପାଦନ ଏବଂ ପ୍ଲାଣ୍ଟ ବ୍ୟବହାରକୁ ଆହୁରି ଉନ୍ନତ କରିବ।

**ଏପ୍ରିଲ ପହିଲାରୁ ବଦଳିବ ଅନଲାଇନ୍ ପେମେଣ୍ଟ ନିୟମ**

# ଠକେଇ ହେଲେ ବ୍ୟାଙ୍କ ସହିବ କ୍ଷତି

**ନୂଆଦିଲ୍ଲୀ,୨୪।୩(ଏଜେନ୍ସି):** ଆଜିକାଲି ପନିପରିବା ବିକ୍ରେତାଙ୍କଠାରୁ ବଡ଼ ବଡ଼ ସପିଂ ମଲ୍ ପର୍ଯ୍ୟନ୍ତ ସମସ୍ତେ ସ୍ମାର୍ଟଫୋନ୍ ବ୍ୟବହାର କରି କରୁଛନ୍ତି ପେମେଣ୍ଟ। ଡିଜିଟାଲ କାରବାର ଆମର ଦୈନନ୍ଦିନ ଜୀବନକୁ ବହୁତ ସହଜ କରିଦେଇଛି। କିନ୍ତୁ ଏହି ସୁବିଧା ସହିତ, ସାଇବର ଠକେଇ ଏବଂ ଅନଲାଇନ୍ ଠକେଇର ଭୟ ମଧ୍ୟ ବଢ଼ି ଚାଲିଛି। ଏହି ଚିନ୍ତାକୁ ଦୂର କରିବା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ବଡ଼ ପଦକ୍ଷେପ ନେଇଛି। ଆସନ୍ତା ଏପ୍ରିଲ ପହିଲାଠାରୁ ସାରା ଦେଶରେ ସମ୍ପୂର୍ଣ୍ଣ ଅନଲାଇନ୍ ପେମେଣ୍ଟ ଢାଞ୍ଚା ପରିବର୍ତ୍ତନ ହେବାକୁ ଯାଉଛି। ସାଇବର ଅପରାଧୀମାନେ ଆଉ ଆପଣଙ୍କ କଠିନ ପରିଶ୍ରମର ଟଙ୍କା ସହଜରେ ଚୋରି କରିପାରିବେନାହିଁ। ଏପ୍ରିଲ ପହିଲାରୁ ଅନଲାଇନ୍ ପେମେଣ୍ଟ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବାକୁ ଯାଉଛି। ଡିଜିଟାଲ ଠକେଇକୁ ରୋକିବା ପାଇଁ ରିଜର୍ଭ ବ୍ୟାଙ୍କ ନୂତନ ନିୟମ ପ୍ରଣୟନ କରିଛି। ଏବେ, ପେମେଣ୍ଟ ପାଇଁ କେବଳ ଓଟିପି ନୁହେଁ, ବରଂ ନୂତନ ସୁରକ୍ଷା ବ୍ୟବସ୍ଥା ଆବଶ୍ୟକ ହେବ। ଏଥିରେ ସାଧାରଣ ଲୋକଙ୍କ ପାଇଁ ସବୁଠାରୁ ବଡ଼ ଆଶ୍ୱସ୍ତି ହେଉଛି ଯେ ସିଷ୍ଟମରେ ହୋଇଥିବା ତ୍ରୁଟି ଯୋଗୁଁ ଠକେଇ ହେଲେ ଗ୍ରାହକ ନୁହେଁ, ବ୍ୟାଙ୍କ ସହିବ କ୍ଷତି।

ରିଜର୍ଭ ବ୍ୟାଙ୍କର ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ଯେ କୌଣସି ଅନଲାଇନ୍ କାରବାର ସମାପ୍ତ କରିବା ପାଇଁ ବର୍ତ୍ତମାନ ଦୁଇ-କାରକ ପ୍ରମାଣୀକରଣ (୨ଏଫ୍‌ଏ) ବାଧ୍ୟତାମୂଳକ ହେବ। ସରଳ ଭାଷାରେ କହିବାକୁ ଗଲେ, ପେମେଣ୍ଟ ନିଶ୍ଚିତ କରିବା ପାଇଁ ଆପଣଙ୍କୁ ଅତି କମ୍‌ରେ ଦୁଇଟି ସୁରକ୍ଷା ପଦକ୍ଷେପ ଦେଇ ଯିବାକୁ ପଡିବ। ଆପଣ ଏକ ପାସୱାର୍ଡ, ପିନ୍, ଓଟିପି କିମ୍ବା ବାୟୋମେଟ୍ରିକ୍ସ (ଯେପରିକି ଫିଙ୍ଗରପ୍ରିଣ୍ଟ ଏବଂ ଫେସ୍ ଆଇଡି) ବ୍ୟବହାର କରିପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପଦ୍ଧତିଗୁଡ଼ିକ ମଧ୍ୟରୁ ଗୋଟିଏ ଗତିଶୀଳ ହେବା ଆବଶ୍ୟକ, ଅର୍ଥାତ୍ ଏକ ପାସୱାର୍ଡ କିମ୍ବା କୋଡ୍ ଯାହା ପ୍ରତ୍ୟେକ ଥର ନୂଆ। ଏହି ନୂତନ ସିଷ୍ଟମ ନିଶ୍ଚିତ କରିବ ଯେ



ଯଦି କୌଣସି ଠକ ଆପଣଙ୍କର କିଛି ସୂଚନା ଧରି ପାଏ, ତେବେ ସେମାନେ ଆପଣଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ପାରିବେନାହିଁ।

ବର୍ତ୍ତମାନ ପର୍ଯ୍ୟନ୍ତ, ଆମର ସିଷ୍ଟମ ମୁଖ୍ୟତଃ ଓଟିପି ଉପରେ ନିର୍ଭର କରୁଥିଲା। କିନ୍ତୁ ପ୍ରଯୁକ୍ତିର ଏହି ଯୁଗରେ, ହ୍ୟାକର୍ସ ଓଟିପି ଚୋରି କରିବା ପାଇଁ ଅନେକ ନୂତନ ଏବଂ ବିପଜ୍ଜନକ ଉପାୟ ବାହାର କରିଛନ୍ତି। ଏବେ, ଆପଣଙ୍କ ସଞ୍ଚୟକୁ ଗୋଟିଏ ମେସେଜର ଦୟାରେ ଛାଡି ଦିଆଯାଇପାରିବନାହିଁ। ଏହି ବିପଦକୁ ପୂର୍ବାନୁମାନ କରି କେନ୍ଦ୍ରୀୟ ବ୍ୟାଙ୍କ ଏକ ଅଧିକ ଦୃଢ଼ ଏବଂ ସୁରକ୍ଷିତ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। ଏହି ନୂତନ ନିର୍ଦ୍ଦେଶାବଳୀର ସବୁଠାରୁ ବଡ଼ ଲାଭ ସାଧାରଣ ଗ୍ରାହକଙ୍କୁ ମିଳିବ। ଯଦି କୌଣସି କାରବାର ସମୟରେ ସ୍ଥିର କରାଯାଇଥିବା ସୁରକ୍ଷା ନିୟମରେ କୌଣସି ଉଲ୍ଲଂଘନ ହୁଏ ଏବଂ ଜଣେ ଗ୍ରାହକ ଠକେଇର ଶିକାର ହୁଅନ୍ତି, ତେବେ ବ୍ୟାଙ୍କ କିମ୍ବା ପେମେଣ୍ଟ କମ୍ପାନୀ (ଫିନଟେକ୍) ସିଧାସଳଖ ଦାୟୀ ରହିବେ। ଏପରି ପରିସ୍ଥିତିରେ, ଗ୍ରାହକ କୌଣସି ଆର୍ଥିକ କ୍ଷତି ସହିବେ ନାହିଁ; ବରଂ, ସମ୍ପୃକ୍ତ ସଂସ୍ଥାକୁ ସମ୍ପୂର୍ଣ୍ଣ ପରିମାଣ ଫେରସ୍ତ କରିବାକୁ ପଡିବ। ଏହି କଠୋର ନିୟମ ବ୍ୟାଙ୍କ ଏବଂ ପେମେଣ୍ଟ କମ୍ପାନୀଗୁଡ଼ିକ ଉପରେ ସେମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଚାପ ପକାଇବ। କଠୋର ସୁରକ୍ଷା ସହିତ, ସାଧାରଣ ସୁବିଧାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବିଚାର କରାଯାଇଛି। ରିଜର୍ଭ ବ୍ୟାଙ୍କ 'ବିପଦ-ଆଧାରିତ ପ୍ରମାଣୀକରଣ' ପ୍ରଚଳନ କରିଛି। ଏହାର ସରଳ ଅର୍ଥ ହେଉଛି ଯେ ପ୍ରତ୍ୟେକ କାରବାର ସମାନ କଠୋରତା ଅଧୀନରେ ରହିବ ନାହିଁ। ଯଦି ଆପଣ ଛୋଟ, ଦୈନନ୍ଦିନ ଦେୟ କରୁଛନ୍ତି, ତେବେ କମ୍ ଯାଞ୍ଚ ଯଥେଷ୍ଟ ହେବ। ତଥାପି, ଯଦି ପରିମାଣ ବଡ଼ ହୁଏ କିମ୍ବା କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ ହୁଏ, ତେବେ ସିଷ୍ଟମକୁ ଅତିରିକ୍ତ ସୁରକ୍ଷା ଯାଞ୍ଚ ଆବଶ୍ୟକ ହେବ। ଏହା ବ୍ୟତୀତ, ଏହି ନିୟମ କେବଳ ଭାରତ ପାଇଁ ସୀମିତ ରହିବ ନାହିଁ। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଏହାକୁ ଆନ୍ତର୍ଜାତୀୟ ଅନଲାଇନ୍ କାରବାର ପାଇଁ ମଧ୍ୟ କାର୍ଯ୍ୟକାରୀ କରାଯିବ, ଯାହାଦ୍ୱାରା ବିଦେଶରେ ପେମେଣ୍ଟ ସମ୍ପୂର୍ଣ୍ଣ ସୁରକ୍ଷିତ ହେବ।

# ଆଇପିଏଲ୍-୧୯ ର ବାଉଣ୍ଡାରୀ ହିଟର୍

ନୂଆଦିଲ୍ଲୀ,୨୪।୩(ଏଜେନ୍ସି)

ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) ରେ ଗତ କିଛି ବର୍ଷ ହେଲା ବାଉଣ୍ଡାରୀ ଉତ୍ସବ ଲାଗି ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ୨୦୨୪ରେ ପ୍ରତ୍ୟେକ ୫ଟି ବଲ୍‌ରେ ଗୋଟିଏ ବାଉଣ୍ଡାରୀ ଦେଖିବାକୁ ମିଳିଥିଲା। ୨୦୨୫ରେ ଏହା ସାମାନ୍ୟ ବୃଦ୍ଧିପାଇ ପ୍ରତି ୪.୬୭ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ହେଲା। ଆଇପିଏଲ୍ ଇତିହାସରେ ଏହା ରେକର୍ଡ କରିଥିଲା। ଏହି ବର୍ଷ ମଧ୍ୟ ୩୫୦୦ରୁ ଅଧିକ ବାଉଣ୍ଡାରୀ ମରାଯିବା ଫଳରେ ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରିଗଲା। ଚଳିତବର୍ଷ ୬ଜଣ ଏପରି ବ୍ୟାଟର ଅଛନ୍ତି ଯେଉଁମାନେ ଏହି ରେକର୍ଡ ଅତିକ୍ରମ କରିବାର ଦକ୍ଷତା ରଖିଛନ୍ତି। ଏମାନେ ଯଦି ସଫଳ ହୁଅନ୍ତି, ତେବେ ବାଉଣ୍ଡାରୀ ହେବାରେ ପୂର୍ବର ସମସ୍ତ ରେକର୍ଡ ଯେ ଭାଙ୍ଗିବ ଏହା ନିଃସନ୍ଦେହରେ କୁହାଯାଇପାରେ।

ବାଉଣ୍ଡାରୀ ହେବାର ପ୍ରମୁଖ କାରଣ ମଧ୍ୟରେ ରହିଛି ଆଇପିଏଲ୍‌ର ସବ୍ ରୁଲ୍। ଏହି ନିୟମ ଯୋଗୁଁ ଟିମ୍‌ର ଟପ୍ ଅର୍ଡର ବ୍ୟାଟର ପ୍ରଥମ ବଲ୍‌ଠାରୁ ଆକ୍ରମଣାତ୍ମକ ବ୍ୟାଟିଂ କରୁଛନ୍ତି। ଗତ କିଛି ସିଜନରେ ଅଭିଷେକ ଶର୍ମା, ନିକୋଲସ ପୂରନ, ଟ୍ରାଭିସ ହେଡ୍ ଓ ଫିଲ ସଲ୍ଟ ପ୍ରତ୍ୟେକ ୪ଟି ବଲ୍‌ରେ ଗୋଟିଏ ବାଉଣ୍ଡାରୀ ମାରିଛନ୍ତି। ପ୍ରଥମ ୩ଜଣଙ୍କ ମଧ୍ୟରେ ଏମାନେ ବ୍ୟାଟିଂ କରିବାକୁ ଆସୁଥିବାରୁ ସେମାନଙ୍କୁ ଅଧିକ ବଲ ଖେଳିବାକୁ ସୁଯୋଗ ମିଳୁଛି ଓ ଅଧିକ ବାଉଣ୍ଡାରୀ ହେଉଛି। କହିବାକୁ ଗଲେ ଏମାନେ ନିଜ ଇଚ୍ଛାରେ ବାଉଣ୍ଡାରୀ ମାରୁଛନ୍ତି। ଏମାନଙ୍କ ପାୱାର ହିଟିଂ ଯଦି ଏପରି ତିଷ୍ଠି ରହେ, ତେବେ ୨୦୨୬ରେ ନିଶ୍ଚିତଭାବେ ରେକର୍ଡ ପ୍ରତିଷ୍ଠା ହେବ। ସମସ୍ତ ପ୍ରକାର ଜାତୀୟ, ଅନ୍ତର୍ଜାତୀୟ ଓ ଫ୍ରାଞ୍ଚାଇଜ୍ ଲିଗ୍ ଟି-୨୦ କ୍ରିକେଟରେ ୨୦୨୫ ଜୁନ୍‌ମାସରୁ ଏଯାଏ ତଥ୍ୟକୁ ବିଶ୍ଲେଷଣ କରିବା ପରେ ଏହି ବ୍ୟାଟରମାନ ୨୦୨୬ରେ ସେମାନଙ୍କ ଜଲୱା ଦେଖାଇବେ। ପ୍ରତି ବଲରେ ବାଉଣ୍ଡାରୀ ପ୍ରତିଶତ ଏଥର ଅଧିକ ହେବ। ଯିଏ ଯେଉଁ ଫ୍ରାଞ୍ଚାଇଜ୍‌ରେ ଖେଳନ୍ତୁ ନା କାହିଁକି ବାଉଣ୍ଡାରୀ ହିଟ୍ କରିବା ଏକ ସଉକରେ ପରିଣତ ହୋଇଛି। ଏହି ସମୟ ମଧ୍ୟରେ ସିଏସ୍‌କେ ସର୍ଫରାଜ ଖାନ୍‌ଙ୍କ ବାଉଣ୍ଡାରୀ ହିଟିଂ ପ୍ରତିଶତ ସବୁଠାରୁ ଆଗରେ ରହିଛି। ସେ ପ୍ରତି ୨.୮୯ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ମାରିଛନ୍ତି। ସନ୍‌ରାଇଜର୍ସର ଅଭିଷେକ ଶର୍ମା ପ୍ରତି ୨.୯୯ଟି ବଲ୍‌ରେ, ଇଶାନ କିଶାନ ପ୍ରତି ୩ଟି ବଲ୍‌ରେ ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ ପ୍ରତି ୩.୦୩ଟି ବଲ୍‌ରେ, କେକେଆର୍‌ର ଫିନ୍ ଆଲେନ ପ୍ରତି ୩.୩୨ ବଲ୍‌ରେ, ସନ୍‌ରାଇଜର୍ସର ସଲିଲ ଅରୋରା ପ୍ରତି ୩.୫୩ ବଲ୍‌ରେ ଗୋଟିଏ ଲେଖାଏଁ ବାଉଣ୍ଡାରୀ ହିଟ୍ କରିଛନ୍ତି। ଚଳିତ ଆଇପିଏଲ୍‌ରେ ଏପରି ୬ଜଣ ବ୍ୟାଟର ଟପ୍-୩ରେ ଖେଳିବେ। ଏଭଳି ଫର୍ମ ବଜାୟ ରହିଲେ ଏଥର ସେମାନଙ୍କ ଟିମ୍‌କୁ ବେଶ ଫାଇଦା ମିଳିବା ସହ ଆଇପିଏଲ୍‌ର ରେକର୍ଡ ସହ ରୋମାଞ୍ଚ ବୃଦ୍ଧିପାଇବ।



ଅଭିଷେକ ଶର୍ମା | ଇଶାନ କିଶାନ | ବୈଭବ ସୂର୍ଯ୍ୟବଂଶୀ | ଫିନ୍ ଆଲେନ୍ | ସଞ୍ଜୁ ସାମସନ | ସିମରନ ହେଟ୍‌ମାୟର

**ଅଭିଷେକ ଶର୍ମା (ସନ୍‌ରାଇଜର୍ସ)**: ୨୦୨୫ ଜୁନ୍ ମାସରୁ ତଥ୍ୟକୁ ବିଶ୍ଲେଷଣ କଲେ ଦେଖିବାକୁ ମିଳିଛି ଯେ ଅଭିଷେକ ଶର୍ମା ଏହି ସମୟରେ ପ୍ରତି ୨.୯୯ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ହିଟ୍ କରିଛନ୍ତି। ଏହି ସମୟରେ ଯେଉଁ ୫୭ଜଣ ବ୍ୟାଟର ସମସ୍ତ ପ୍ରକାର କ୍ରିକେଟରେ ୧୦୦ କିମ୍ବା ତା'ଠାରୁ ଅଧିକ ବାଉଣ୍ଡାରୀ ମାରିଛନ୍ତି ସେମାନଙ୍କ ମଧ୍ୟରେ ଅଭିଷେକ ପ୍ରଥମରେ ରହିଛନ୍ତି। ଅଫ୍‌ସାଇଡ୍‌ରେ ସେ ଜଣେ ଟାଣୁଆ ଖେଳାଳି ଭାବେ ପରିଚିତ। ସେ ସ୍କୋର କରିଥିବା ୫୦ଶତକଡ଼ା ରନ୍ ଅଫ୍ ସାଇଡ୍‌ରୁ ଆସିଛି। ଶୀର୍ଷ ଦଳ ବିପକ୍ଷରେ ସେ ପ୍ରତି ୨.୬୪ ବଲ୍‌ରେ ଅଫ୍‌ସାଇଡରୁ ବାଉଣ୍ଡାରୀ ସଂଗ୍ରହ କରିଛନ୍ତି। ଅଭିଷେକଙ୍କ ପଛକୁ କେବଳ ଅଷ୍ଟ୍ରେଲିଆର ଜୋଶ ଇଂଲିଶ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**ଇଶାନ କିଶାନ (ସନ୍‌ରାଇଜର୍ସ)**: ଜୁନ୍ ୨୦୨୫ରୁ ୨୭ଜଣ ବ୍ୟାଟର ଟି-୨୦ରେ ସଂଗ୍ରହ କରିଥିବା ୧୦୦ ରନ୍ ମଧ୍ୟରୁ ଇଶାନ କିଶାନଙ୍କ ଷ୍ଟ୍ରାଇକ୍ ରେଟ୍ ସର୍ବାଧିକ। ସେ ଏହି ରନ୍ ୨୦୨.୧୨ ହାରରେ ସଂଗ୍ରହ କରିଛନ୍ତି। ୨୦୦ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ କେବଳ ଅଭିଷେକ ଓ ଆଲେନ୍ ଏହି ସମୟରେ ରନ୍ ସଂଗ୍ରହ କରିଛନ୍ତି। ଲେଗ୍ ସାଇଡ୍‌ରେ ଇଶାନ ଟାଣୁଆ ଖେଳାଳି ହୋଇଥିଲାବେଳେ ସେ ୬୯.୧୭ ହାରରେ ଏହି ସାଇଡ୍‌ରୁ ରନ୍ ସଂଗ୍ରହ କରିଛନ୍ତି। ଲେଗ୍ ସାଇଡ୍‌କୁ ସେ ୧୩୫ଟି ବଲ ହିଟ୍ କରିଥିଲାବେଳେ ଏହା ମଧ୍ୟରେ ରହିଛି ୬୧ ବାଉଣ୍ଡାରୀ। ଏହା ଫଳରେ ସେ ପ୍ରତି ୨.୨୭ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ଲେଗ୍‌ସାଇଡ୍‌ରେ ହିଟ୍ କରିଛନ୍ତି।

**ବୈଭବ ସୂର୍ଯ୍ୟବଂଶୀ (ରୟାଲ୍ସ)**: ରାଜସ୍ଥାନ ରୟାଲ୍ସର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଗତ ୧୦ଟି ଇନିଂସରେ ସର୍ବାଧିକ ୪୩୬ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ରେଟ୍ ରହିଛି ୨୦୨.୭୯ ଓ ସେ ପ୍ରତି ୩.୦୩ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ଓ ପ୍ରତି ୫.୯୭ ବଲ୍‌ରେ ଗୋଟିଏ ଛକା ମାରିଛନ୍ତି। ଚଳିତ ଆଇପିଏଲ୍‌ରେ ସୂର୍ଯ୍ୟବଂଶୀଙ୍କ ସମେତ ୩ଜଣ ବ୍ୟାଟର ଗତ ୧୦ଟି ଇନିଂସରେ ପ୍ରତି ୬ଟି ବଲ୍‌ରେ ହାରାହାରି ଗୋଟିଏ ଛକା ମାରିବାରେ ସମର୍ଥ ହୋଇଛନ୍ତି। ସୂର୍ଯ୍ୟବଂଶୀ ପେସ୍ ବୋଲିଂ ବିପକ୍ଷରେ ୨୨୧.୧୨ ହାରରେ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ସେ ପେସ୍ ବୋଲରଙ୍କ ବିପକ୍ଷରେ ୭୧ଟି ବଲ୍ ଖେଳି ୨୭ଟି ବାଉଣ୍ଡାରୀ ମାରିଛନ୍ତି। ଏହା ମଧ୍ୟରେ ୧୬ଟି ଛକା ରହିଛି।

**ଫିନ୍ ଆଲେନ୍ (ନାଇଟ୍ ରାଇଡର୍ସ)**: ଭାରତରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଦ୍ରୁତତମ ଶତକ ହାସଲ କରିଥିବା ନ୍ୟୁଜିଲାଣ୍ଡ/କୋଲକାତା ନାଇଟ୍ ରାଇଡର୍ସର ଫିନ୍ ଆଲେନ୍ ଜୁନ୍ ୨୦୨୫ରୁ ଏଯାଏ ୨୦୦.୧୭ ଷ୍ଟ୍ରାଇକ୍‌ରେଟ୍‌ରେ ସବୁଠାରୁ ଅଧିକ ୧୧୬୭ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ସେ ସର୍ବାଧିକ ୯୯ଟି ଛକା ମାରିଛନ୍ତି। ପ୍ରତି ୫.୯୩ ବଲ୍‌ରେ ଛକା ରହିଛି। ଲେଗ୍‌ସାଇଡ୍‌ରେ ଜଣେ ଟାଣୁଆ ଖେଳାଳି ଆଲେନ୍ ଏହି ସମୟରେ ପ୍ରତି ୩.୬୮ ବଲ୍‌ରେ ଛକା ମାରିଛନ୍ତି।

**ସଞ୍ଜୁ ସାମସନ (ସିଏସ୍‌କେ)**: ଟି-୨୦ ବିଶ୍ୱକପ୍‌ରେ ସଞ୍ଜୁ ସାମସନଙ୍କ ବ୍ୟାଟିଂ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନରେ ରଖିଛି। ସେ ପ୍ରତି ୪.୧୪ ବଲ୍‌ରେ ବାଉଣ୍ଡାରୀ ମାରିଛନ୍ତି। ଏହା ମଧ୍ୟରେ ୩୫ଟି ଛକା ରହିଛି। ଉଭୟ ଅଫ୍ ଓ ଲେଗ୍ ସାଇଡ୍‌ରେ ସେ ଷ୍ଟ୍ରୋକ୍ ଖେଳିଥାନ୍ତି। ଅଫ୍ ସାଇଡ୍‌ରେ ପ୍ରତି ୨.୫୯ ବଲ୍‌ରେ ବାଉଣ୍ଡାରୀ ମାରିଛନ୍ତି। ବିଶ୍ୱକପ୍‌ରେ ୩.୪୫ଟି ବଲ୍‌ରେ ଗୋଟିଏ ବାଉଣ୍ଡାରୀ ଥିଲା।

**ସିମରନ ହେଟ୍‌ମାୟର (ରୟାଲ୍ସ)**: ସାମସନ ସିଏସ୍‌କେକୁ ଯିବା ପରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ୱେଷ୍ଟଇଣ୍ଡିଆନ୍ ସିମରନ ହେଟମାୟରଙ୍କ ବ୍ୟାଟିଂ ପୋଜିସନରେ ଉନ୍ନତି ହେବ। ସେ ନଂ-୩ରେ ବ୍ୟାଟିଂ କରିବେ, ଯାହା ଫଳରେ କିଛି ବଲ ଖେଳିବାକୁ ସୁଯୋଗ ପାଇବେ। ନଂ-୩ ପୋଜିସନରେ ସେ ଜୁନ୍ ୨୦୨୫ରୁ ବ୍ୟାଟିଂ କରି ୧୨ଟି ଇନିଂସରେ ୧୮୦ ଷ୍ଟ୍ରାଇକ୍‌ରେଟ୍ ଓ ୪୦.୮୦ ହାରରେ ରନ୍ ସଂଗ୍ରହ କରିଛନ୍ତି। ଆଇପିଏଲ୍ ୨୦୨୫ ପରେ ସେ ୫୧ଟି ଇନିଂସରେ ୧୦୫ଟି ଛକା ମାରିଛନ୍ତି। ଏହାର ଅର୍ଥ ପ୍ରତି ଇନିଂସରେ ୨ଟି ଲେଖାଏଁ ଛକା ରହିଛି। ସ୍ପିନରଙ୍କୁ ମିଡଲ ଅର୍ଡରରେ ଉଚିତ ମୁକାବିଲା କରୁଥିବା ହେଟ୍‌ମାୟର ଏହି ଆଇପିଏଲ୍‌ରେ କିଛି ନୂଆ ରେକର୍ଡ କରିବେ ବୋଲି ଆଶା କରାଯାଉଛି।

## ଆଶଙ୍କାରେ ଆଇପିଏଲ୍

ନୂଆଦିଲ୍ଲୀ,୨୪।୩(ଏଜେନ୍ସି): ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ଯୋଗୁଁ ବିଶ୍ୱରେ ଶକ୍ତିସଂକଟ ସୃଷ୍ଟି ହେବାକୁ ଯାଉଛି। ଇଣ୍ଟରନ୍ୟାସନାଲ ଏନର୍ଜି ଏଜେନ୍ସି ଏ କଥା ସ୍ପଷ୍ଟ କରିବା ପରେ ଏବେ ବିଶ୍ୱରେ ଚହଳ ସୃଷ୍ଟି ହୋଇଛି। ଭାରତରେ ମଧ୍ୟ ଏହାର ପ୍ରଭାବ ପଡ଼ିବାକୁ ଯାଉଛି। ଯାହା ଫଳରେ କୋଭିଡ୍ ପରି ସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ଇରାନ ବନାମ ଆମେରିକା-ଇସ୍ରାଏଲ ଯୁଦ୍ଧ ସାମୟିକ ବିରତି ରହିଛି। ଏବେଠାରୁ ଯୁଦ୍ଧ ବନ୍ଦ ହେଲେ ମଧ୍ୟ ଭାରତକୁ ସହଜରେ ତୈଳ ଓ ଇନ୍ଧନ ଗ୍ୟାସ ଯୋଗାଣ ସହଜ ହେବ ନାହିଁ। ଫଳରେ ଶକ୍ତି ସଂକଟ ସୃଷ୍ଟି ହେବ ଓ ଏଥିଲାଗି ସତର୍କ ରହିବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ସୂଚନା ଦେବା ପରେ ଆତଙ୍କ ଖେଳିଯାଇଛି। ଭାରତରେ ମାର୍ଚ୍ଚ ୨୮ରୁ ଆଇପିଏଲ୍ ଆରମ୍ଭ ହେବାକୁ ଯାଉଛି। ମ୍ୟାଚ୍ ଆୟୋଜନ ସକାଶେ ପ୍ରତିଦିନ ହଜାର ହଜାର ଲିଟର ଡିଜେଲ ଓ ପେଟ୍ରୋଲର ଆବଶ୍ୟକତ। ରହିଛି। ସାମ୍ପ୍ରତିକ ପରିସ୍ଥିତିରେ ମ୍ୟାଚ୍ ଲାଗି ଏହି ଇନ୍ଧନ ଯୋଗାଇବା କଷ୍ଟକର ମନେହେଉଛି। ଏଭଳି ସ୍ଥିତିରେ ଆଇପିଏଲ ଆୟୋଜନକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ମୁକାବିଲା କରିବା ଏତେଟା ସହଜ ହେବ ନାହିଁ ବୋଲି ଜଣେ ଫ୍ରାଞ୍ଚାଇଜ୍ ମାଲିକ କହିଛନ୍ତି। ପରୋକ୍ଷରେ ସେ ଚଳିତବର୍ଷର ଆଇପିଏଲ୍ ବନ୍ଦ ହୋଇଯାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

## ୧୬,୭୦୦ କୋଟିରେ ବିକ୍ରି ହେଲା ଆର୍‌ସିବି

ବେଙ୍ଗାଲୁରୁ,୨୪।୩(ଏଜେନ୍ସି): ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ର ମାଲିକାନା ବଦଳିଛି। ଆଇପିଏଲ୍‌ର ଏହି ଚାମ୍ପିଅନ ଟିମ୍ ୧.୭୮ ମିଲିଅନ ବା ପାଖାପାଖି ୧୬,୭୦୬ କୋଟି ଟଙ୍କାରେ ବିକ୍ରି ହୋଇଯାଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍, ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍, ବୋଲ୍ଟ ଭେଞ୍ଚର୍ସ, ବିଏକ୍ସପିଇ ବ୍ଲାକ୍‌ଷ୍ଟୋନ୍ ଏହାର ନୂଆ ମାଲିକ ହେବେ। ଆର୍ଯ୍ୟମାନ ବିକ୍ରମ ବିର୍ଲା ଏହାର ନୂଆ ଅଧ୍ୟକ୍ଷ ଓ ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍‌ର ସତ୍ୟନ ଗଜୱାନି ଭାଇସ୍ ଚେୟାରମ୍ୟାନ୍ ହେବେ। ଦୀର୍ଘ ବର୍ଷ ପରେ ୟୁକେ-ଡିଆଜିଓ ଓ ଏହାର ସବ୍‌ସିଡିଆରୀ କମ୍ପାନୀ ୟୁନାଇଟେଡ୍ ସ୍ପିରିଟ୍‌ସ ଲିଃର ମାଲିକାନା ଶେଷ ହୋଇଛି। ଉଭୟ ପୁରୁଷ ଓ ମହିଳା ଦଳର ମାଲିକାନା ଏହି ନୂଆ କନ୍‌ସୋର୍ଟିୟମ୍ ନିକଟରେ ରହିବ। ଏହାର ୧୦୦ ପ୍ରତିଶତ ଅଂଶଧନ ଏହି କନ୍‌ସୋର୍ଟିୟମ ନିକଟରେ ରହିବ।

## ରାଜସ୍ଥାନର ନୂଆ ମାଲିକ କାଲ ସୋମାନି

ଜୟପୁର,୨୪।୩(ଏଜେନ୍ସି): ଆମେରିକାର ବ୍ୟବସାୟୀ କାଲ ସୋମାନି ଆଇପିଏଲ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସର ନୂଆ ମାଲିକ ହେବେ। ରବ୍ ୱାଲଟନ୍ ୱାଲମାର୍ଟ ଓ ହାମ୍ପ ପରିବାର ସମର୍ଥିତ ସୋମାନି ରୟାଲ୍ସର ୧୦୦ ଭାଗ ସେୟାର କିଣିଛନ୍ତି। ଏହି ପରିବାର ନିୟନ୍ତ୍ରଣରେ ଫୋର୍ଡ କମ୍ପାନୀ ରହିଛି। ସୋମାନି ଆମେରିକାର ଟେକ୍ନୋଲୋଜି ସେକ୍ଟରରେ ଜଣେ ଜଣାଶୁଣା ବ୍ୟବସାୟୀ ଓ ୨୦୨୧ରୁ ସେ ରୟାଲ୍ସ ଟିମ୍ ସହ ଜଡ଼ିତ। ଏହି ଫ୍ରାଞ୍ଚାଇଜ୍‌କୁ ସେ ୧.୬୩ ବିଲିଅନ୍ ଡଲାର ବା ୧୫,୩୦୦ କୋଟି ଟଙ୍କାରେ ମାଲିକାନା ହାସଲ କରିଛନ୍ତି। ଏହା ଫଳରେ ରାଜସ୍ଥାନ ରୟାଲ୍ସ ଆଇପିଏଲ୍‌ର ସବୁଠୁ ଦାମି ଟିମ୍‌ରେ ପରିଣତ ହୋଇଛି। ୨୦୨୬ ଆଇପିଏଲ୍ ପରେ ସୋମାନି ଏହି ଫ୍ରାଞ୍ଚାଇଜ୍‌କୁ ଅକ୍ତିଆର କରିବେ।



### ଜାତୀୟ ଇନଡୋର ଆଥ୍ଲେଟିକ୍ସ ଉଦ୍‌ଘାଟିତ : ବାରାନିକା ଜାତୀୟ ରେକର୍ଡ

## ବ୍ୟକ୍ତିଗତ ଶ୍ରେଷ୍ଠ ସହ ଓଡ଼ିଶାର ସରୁନ୍‌ଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୪।୩ (ସମିସ): ଭାରତର ସର୍ବପ୍ରଥମ ଜାତୀୟ ଇନଡୋର ଆଥ୍ଲେଟିକ୍ସ ଚାମ୍ପିଅନସିପ୍ ମଙ୍ଗଳବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଆଥ୍ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇ ଦିବସୀୟ ଦୌଡ଼କୁଦ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୬ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି।

କଳାହାଣ୍ଡିର ୨୬ ବର୍ଷୀୟ ସରୁନ ପାୟାସିଂ ପୁରୁଷ ଲଙ୍ଗଜମ୍ପରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସରୁନ ୭.୮୦ ମିଟର ଲମ୍ବ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସରୁନଙ୍କ ଏହା ମଧ୍ୟ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି। ଏହି ଇଭେଣ୍ଟରେ ଜେଏସଡବ୍ଲ୍ୟୁର ପ୍ରବୀଣ ଚିତ୍ରାଭେଲ (୭.୭୮ମିଟର) ଓ ରେଳବାଇ କ୍ରୀଡ଼ାର ପି. ଡେଭିଡ୍ (୭.୬୯) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାତେଇଥିଲେ। ପ୍ରଥମ ଦିବସରେ ଅନ୍ୟତମ ଓଡ଼ିଆ ଆଥ୍ଲେଟ୍ ଓମକାର ପ୍ରସାଦ ନନ୍ଦ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଓମ୍‌କାର ୨୦ ବର୍ଷରୁ କମ୍ ସଟ୍ ପୁଟ୍ ଥ୍ରୋ'ରେ ୧୭.୭୭ ମିଟର ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ମହିଳା ୬୦ ମିଟର ହର୍ଡଲ୍ସ କବିତା ଟପ୍ପୋ (୮.୪୦ ସେକେଣ୍ଡ), ମହିଳା ୮୦୦ ମିଟର ରେସରେ ଲକ୍ଷ୍ମୀପ୍ରିୟା କିଶାନ (୨ ମିନିଟ୍ ୧୩.୨୦ ସେକେଣ୍ଡ) ଓ ମହିଳା ଲଙ୍ଗଜମ୍ପରେ ମନୀଷା ମେରେଲ (୬.୦୪ ମିଟର) ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଶାକୁ ଦିବସର ଏକମାତ୍ର କାଂସ୍ୟ ପଦକ ସୁସ୍ମିତା ଟିଗା ଦେଇଥିଲେ। ସେ ମହିଳା ୩୦୦୦ ମିଟର ରେସ୍‌କୁ ୧୦ ମିନିଟ୍ ୨୨.୩୦ ସେକେଣ୍ଡରେ ଫିନିଶ କରି ୩ୟ ସ୍ଥାନରେ ରହିଥିଲେ। ତାମିଲନାଡୁର ବାରାନିକା ଏଲାଙ୍ଗୋଭାନ ମହିଳା ପୋଲ୍ ଭୋଲ୍ଟରେ ୪.୨୨ ମିଟର ଉଚ୍ଚକୁ ଡେଇଁ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## ଆଇପିଏଲ୍‌ରୁ ଓହରିଲେ ବେନ୍ ଡକେଟ୍

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ଗୋଟିଏ ସପ୍ତାହରୁ କମ୍ ସମୟ ବାକି ଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ଦଳକୁ ଝଟ୍‌କା ଲାଗିଛି। ଗତ ଖେଳାଳି ନିଲାମୀରେ ଦିଲ୍ଲୀ ଫ୍ରାଞ୍ଚାଇଜ ତାଙ୍କୁ ୨ କୋଟି ଟଙ୍କାରେ କ୍ରୟ କରିଥିଲା। ଶେଷ ମୁହୂର୍ତ୍ତରେ ଓହରିଯିବା ନିଷ୍ପତ୍ତି ଏବେ ଡକେଟ୍‌ଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଆଇପିଏଲ୍‌ର ଆଗାମୀ ଦୁଇଟି ସିଜନରେ ସେ ନାମ ପଞ୍ଜୀକୃତ କରିପାରିବେ ନାହିଁ।

### ଏଥର ଖେଳିବେନି ଯଶ୍ ଦୟାଲ

ବେଙ୍ଗାଲୁରୁ : ଉତ୍ତରପ୍ରଦେଶର ବାମହାତୀ ଫାଷ୍ଟ ବୋଲର ଯଶ ଦୟାଲ ଚଳିତ ବର୍ଷ ଆର୍‌ସିବି ପକ୍ଷରୁ ଆଇପିଏଲ୍ ଖେଳିବେନି ବୋଲି ସ୍ପଷ୍ଟ କରିଛି ମ୍ୟାନେଜମେଣ୍ଟ। ଧର୍ଷଣ ଅଭିଯୋଗରୁ ମୁକୁଳିବାକୁ ସଂଘର୍ଷ କରୁଥିବା ଦୟାଲଙ୍କ ଅନୁପସ୍ଥିତି ବେଙ୍ଗାଲୁରୁକୁ ଅଡୁଆରେ ପକାଇଛି। ଜ୍ୟାକବ ଡଫି, ନୁୱାନ ଥୁସାରା ଓ ରୋମାରିଓ ସେଫର୍ଡଙ୍କ ସହ ଭୁବନେଶ୍ୱର କୁମାର ଦଳରେ ରହିଛନ୍ତି।

### ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍

## ଅନୁଷ୍କା ନୂଆ ମୁହଁ; ସ୍ନେହ, ଅମନଜୋତ୍ ଆଉଟ୍

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ଟି-୨୦ ସିରିଜ ଲାଗି ମଙ୍ଗଳବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ନୂଆ ମୁହଁ ଭାବେ ଅନୁଷ୍କା ଶର୍ମା ସ୍ଥାନ ପାଇଛନ୍ତି। ସେହିଭଳି କାଶଭୀ ଗୌତମଙ୍କୁ ପ୍ରଥମଥର ଲାଗି ଟି-୨୦ରେ ସୁଯୋଗ ମିଳିଛି। ତେବେ ଦୁଇ ଅଲ୍‌ରାଉଣ୍ଡର ସ୍ନେହ ରାଣା ଓ ଅମନଜୋତ୍ କୌରଙ୍କୁ ଘୋଷିତ ଦଳରୁ ବାଦ୍ ଦିଆଯାଇଛି। ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁ ଥିବା ୫ଟି ଯାକ ଟି-୨୦ ମ୍ୟାଚ୍ ଯଥାକ୍ରମେ ଏପ୍ରିଲ ୧୭, ୧୯, ୨୨, ୨୫ ଓ ୨୭ ତାରିଖରେ ଖେଳାଯିବ। ପ୍ରଥମ ୨ଟି ଡର୍ବାନରେ ଏବଂ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଜୋହାନ୍ସବର୍ଗରେ ଅନୁଷ୍ଠିତ ହେବ। ଶେଷ ତଥା ୫ମ ମ୍ୟାଚଟି ବେନୋନିରେ ଆୟୋଜିତ ହେବ। ଜୁନ୍-ଜୁଲାଇରେ ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ସିରିଜ ଭାରତର ପ୍ରସ୍ତୁତିରେ ସହାୟକ ହେବ।



**ଘୋଷିତ ଭାରତୀୟ ମହିଳା ଟି-୨୦ ଦଳ**: ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ, ଉମା ଛେତ୍ରୀ (ଉଭୟ ୱିକେଟ୍‌କିପର), ଅରୁନ୍ଧତୀ ରେଡ୍ଡୀ, ରେଣୁକା ଠାକୁର, କ୍ରାନ୍ତି ଗୌଡ଼ା, ଶ୍ରୀଚରଣୀ, ଶ୍ରେୟଙ୍କା ପାଟିଲ, କାଶଭୀ ଗୌତମ, ଭାରତୀ ଫୁଲମଣି, ଅନୁଷ୍କା ଶର୍ମା।

## ଏଡ୍‌ୱାର୍ଡ୍ସଙ୍କ ସ୍ଥାନରେ ପେନ୍

ହାଇଦ୍ରାବାଦ୍,୨୪।୩(ଏଜେନ୍ସି): ଆହତ ଯୋଗୁ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଥିବା ଜ୍ୟାକ୍ ଏଡ୍‌ୱାର୍ଡ୍ସଙ୍କ ସ୍ଥାନରେ ଡେଭିଡ ପେନ୍‌ଙ୍କୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଦଳରେ ସାମିଲ କରିଛି। ୩୫ ବର୍ଷୀୟ ବାମହାତୀ ଫାଷ୍ଟ ବୋଲର ପ୍ରଥମଶ୍ରେଣୀ କ୍ରିକେଟ ଛାଡ଼ିବା ପରେ ଏବେ ବିବିଏଲ୍ ପକ୍ଷରୁ ଖେଳି ଚାମ୍ପିଅନ ହୋଇଛନ୍ତି। ଏଯାଏ ସେ ୨୦୩ଟି ଟି-୨୦ ମ୍ୟାଚ୍‌ରୁ ୩୦୪ଟି ୱିକେଟ ଅକ୍ତିଆର କରିଛନ୍ତି।

## ସିଏସ୍‌କେରେ ସ୍ପେନ୍‌ସର ଜନସନ

ଚେନ୍ନଇ,୨୪।୩(ଏଜେନ୍ସି): ଅଷ୍ଟ୍ରେଲିଆର ବାମହାତୀ ଫାଷ୍ଟ ବୋଲର ସ୍ପେନ୍‌ସର ଜନ୍‌ସନ ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ) ଟିମ୍‌ରେ ଯୋଗଦେଇଛନ୍ତି। ସେ ଆହତ ହୋଇ ଦଳରୁ ବାଦ୍ ପଡ଼ିଥିବା ଫାଷ୍ଟ ବୋଲର ନାଥାନ ଏଲିସ୍‌ଙ୍କ ସ୍ଥାନରେ ଖେଳିବେ। ଏଲିସ୍‌ଙ୍କୁ ୨୦ କୋଟି ଟଙ୍କାରେ ସିଏସ୍‌କେ କିଣିଥିଲା। ଜନ୍‌ସନ ନିକଟରେ ବ୍ୟକ୍ତିଗତ କାରଣ ଦର୍ଶାଇ ପାକିସ୍ତାନ ସୁପର ଲିଗ୍‌ରୁ ଓହରିଯାଇଥିଲେ।

### ଏଲ୍‌ଏଲ୍‌ସିସି କପ୍ କ୍ରିକେଟ

## ସେମିରେ ସହିଦ୍ ସ୍ପୋର୍ଟିଂ

ଭୁବନେଶ୍ୱର,୨୪।୩(ସମିସ): ପୁଣିଥରେ ଚମକିଛନ୍ତି ଆର୍ଯ୍ୟ ମୋରେ ଓ ସୁରଜ୍ ଧଳ। ଏମାନଙ୍କ ଦମ୍‌ଦାର ବ୍ୟାଟିଂ ଯୋଗୁଁ ସହିଦ୍ ସ୍ପୋର୍ଟିଂ ୯ ୱିକେଟରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ୧୪ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଆର୍ଯ୍ୟ ୯୧ବଲ୍‌ରୁ ୨୭ ଚୌକା ସହ ୧୧୬ ରନ୍ କରି ଦଳକୁ ଜିତାଇବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ବିବିସିଏ ବିପକ୍ଷ କ୍ୱାର୍ଟର ଫାଇନାଲରେ ଆର୍ଯ୍ୟ ୪୨ ଓ ସୁରଜ ୪୪ ରନ୍‌ର ଇନିଂସ ଖେଳିଥିଲେ। ପ୍ରଗତି ସ୍ପୋର୍ଟିଂ ପ୍ରଦତ୍ତ ୨୦୭ ରନ୍‌ର ବିଜୟ ଲକ୍ଷ୍ୟକୁ ସହିଦ୍ ସ୍ପୋର୍ଟିଂ ୩୨.୨ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ହାସଲ କରିନେଇଥିଲା। ଆର୍ଯ୍ୟଙ୍କ ବ୍ୟତୀତ ସୁରଜ ୭୨ ବଲ୍‌ର ସମ୍ମୁଖୀନ ହୋଇ ୧୫ ଚୌକା ସହ ୬୧ ରନ୍ କରିଥିଲେ। ପୂର୍ବରୁ ନମନ ଶତପଥୀ ୭୧ ବଲ୍‌ରୁ ୨୦ ଚୌକା ସହ ୮୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୩୫ ଓଭରରେ ୪ ୱିକେଟ ହରାଇ ୨୦୬ ରନ୍‌ର ବିରାଟ ସ୍କୋର କରିଥିଲା। କିନ୍ତୁ ଆର୍ଯ୍ୟ ଓ ସୁରଜଙ୍କ ଲାଗି ଏହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଆସନ୍ତାକାଲି ଆୟୋଜକ ଏଲଏଲସିସି ସହ କଟକର ସୋଲା କ୍ଲବ୍ ତୃତୀୟ କ୍ୱାର୍ଟର ଫାଇନାଲରେ ମୁକାବିଲା କରିବ। ଆଜିର ମ୍ୟାଚରେ ୱାର୍ଡ ନଂ-୩୮ର କର୍ପୋରେଟର ପ୍ରିୟଦର୍ଶିନୀ ଜେନା ଓ ରଶ୍ମିରଞ୍ଜନ ବେହେରା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।




### ୩୩ ବଲ୍‌ରେ ଆଦିତ୍ୟ ରାଉତଙ୍କ ଶତକ

## ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

ଭୁବନେଶ୍ୱର, ୨୪।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍‌ରେ ଫେଜ୍-୨'ର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଆଦିତ୍ୟ ରାଉତଙ୍କ ବିସ୍ଫୋରକ ଶତକୀୟ ପାଳି ବଳରେ ରାଇଜିଂ ଷ୍ଟୁଡେଣ୍ଟ ୪ ୱିକେଟ୍‌ରେ ବାରବାଟୀ କଲଚ୍ୟୁରାଲ ୟୁନିୟନକୁ ପରାସ୍ତ କରିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଲଚ୍ୟୁରାଲ ୟୁନିୟନ ୫୦ ଓଭରରେ ୮ ୱିକେଟ ହରାଇ ୨୫୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜସ୍ମିତ ନଇନ ୭୦ ବଲରେ ୧୧୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ସୌମ୍ୟ ଲେଙ୍କା ଓ କ୍ରିଷ୍ଣା ପଲାଇଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୨୯.୧ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିସ୍ଫୋରକ ବ୍ୟାଟିଂ କରିଥିବା ଆଦିତ୍ୟ ୩୩ ବଲରେ ଶତକ ପୂରଣ କରିଥିଲେ। ସେ ୩୮ ବଲରେ ୧୧୮ ରନ କରି ରିଟାୟର୍ଡ ନେଇଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ଆଦିତ୍ୟଙ୍କୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

**ଓସିଏ କ୍ଲବ୍ କ୍ରିକେଟ**

ଦିବସରେ ଅନୁଷ୍ଠିତ ଅନ୍ୟ ୩ଟି ମ୍ୟାଚରେ ଓଜିପି କ୍ଲବ ୨୮୮ ରନର ବିଶାଳ ବ୍ୟବଧାନରେ ଟାଉନ କ୍ଲବକୁ ମାତ୍ ଦେଇଛି। ଓଜିପିର ସର୍ବେଶ ପାଟିଲ ୧୭୬, ପାନକଳ ଶଶାଙ୍କ ୧୧୬ ରନ କରିଥିଲେ। ଫଳରେ ଓଜିପି ୪ ୱିକେଟରେ ୪୩୦ ରନ କରିଥିଲା। ଜବାବରେ ଟାଉନ କ୍ଲବ ୧୪୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ ଜୁଭେନାଇଲ୍ କ୍ଲବ ୧୦ ୱିକେଟରେ ରୟାଲ୍ କ୍ଲବକୁ ଏବଂ ସନସାଇନ ଗ୍ରାଉଣ୍ଡରେ ମଙ୍ଗଳା କ୍ଲବ ୧୮୬ ରନରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି। ମଙ୍ଗଳା କ୍ଲବର ମୁକେଶ କୁମାର (୩୦ ରନ ଓ ୪ଟି ୱିକେଟ) ଏବଂ ଜୁଭେନାଇଲର ତାରୀଣ ଶ (୭ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS